

ସ୍କ୍ରିପ୍ଟ ଛାଡ଼ିନାହାନ୍ତି ପ୍ରକାଶ ରାଜ

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-227 ◆THURSDAY ◆12 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୨୭ ◆ଗୁରୁବାର ◆୧୨ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଖାତାର ହେବ ଡିଜିଟାଲ ମୂଲ୍ୟାୟନ

### ସ୍କାନିଂ ପରେ ଅପ୍‌ଲୋଡ୍ ହେବ ୩୨ କୋଟି ପୃଷ୍ଠାର ଉତ୍ତର ଖାତା

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଚଳିତ ଥର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ୧୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାକୁ 'ଅନ୍ ସ୍କ୍ରିନ୍ ମାର୍କିଂ ସିଷ୍ଟମ'ରେ ଯାଞ୍ଚ କରାଯିବ। ଏହି ପରୀକ୍ଷା ଆସନ୍ତା ୧୭ ତାରିଖରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲିବ। ଏହାପରେ ଖାତା ଯାଞ୍ଚ ଆରମ୍ଭ ହେବ। ଏଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଉତ୍ତର ପୃଷ୍ଠାକୁ ସ୍କାନ କରି ସିଷ୍ଟମରେ ଅପଲୋଡ କରାଯିବ। ପ୍ରାୟ କୋଟିଏ କପିର ୩୨ କୋଟି ପୃଷ୍ଠା ସ୍କାନ କରି ଅପଲୋଡ୍ ହେବ। ପରୀକ୍ଷକ ଏହି ଡିଜିଟାଲ କପିକୁ ଯାଞ୍ଚ କରି ନମ୍ବର ଦେବେ। ଅନ୍ୟପକ୍ଷରେ ସିବିଏସଇ ଦଶମ ଶ୍ରେଣୀ ଖାତାର ଯାଞ୍ଚ ପୂର୍ବଭଳି କାଗଜରେ ହେବ। ସିବିଏସଇର ପରୀକ୍ଷା ନିୟନ୍ତ୍ରକ ସଂଯମ ଭରଦ୍ୱାଜ କହିଛନ୍ତି ଯେ ଏହି ନୂଆ ବ୍ୟବସ୍ଥାରେ ଉତ୍ତର ଖାତାର ପରିବହନରେ ଲାଗୁଥିବା ସମୟ ଏବଂ ଖର୍ଚ୍ଚ ବଞ୍ଚିବ। ଶିକ୍ଷକ ନିଜ ସ୍କୁଲରେ ରହି ଖାତାର ମୂଲ୍ୟାଙ୍କନ କରିବେ। ଏହାଦ୍ୱାରା ଶିକ୍ଷକଙ୍କ ନିୟମିତ ଶିକ୍ଷା ପ୍ରଭାବିତ ହେବ ନାହିଁ। ମୂଲ୍ୟାଙ୍କନ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

**୧୭ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ବୋର୍ଡ ପରୀକ୍ଷା**

ସୂଚନା ଅନୁଯାୟୀ, ପିଲା ପରୀକ୍ଷା କେନ୍ଦ୍ରରେ ପୂର୍ବଭଳି ଖାତାରେ ଉତ୍ତର ଲେଖିବେ। ପରୀକ୍ଷା ଅଫଲାଇନରେ ହିଁ ହେବ। ବୋର୍ଡ ▶ପୃଷ୍ଠା-୭

## ପିଶାଚ ଶିକ୍ଷକ: ୯ଟି ଦେଶର ୮୯ ନାବାଳକଙ୍କୁ ଦୁଷ୍କର୍ମ

### ଘରୁ ମିଳିଲା ଯୌନ ଶୋଷଣର ଦସ୍ତାବିଜ୍, ଫଟୋ ଓ ଭିଡିଓ ଡ୍ରାଇଭ୍

■ ପ୍ୟାରିସ, ୧୧।୨ (ଏଜେନ୍ସି): ଫ୍ରାନ୍ସର ଜଣେ ୭୯ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକଙ୍କ ବିରୋଧରେ ୧୯୬୭ରୁ ୨୦୨୨ ପର୍ଯ୍ୟନ୍ତ ୮୯ ଜଣ ନାବାଳକଙ୍କୁ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫ୍ରାନ୍ସର ଗ୍ରେନୋବଲ ସହରର ପ୍ରସିକ୍ୟୁଟର ଏଟିଏନ୍ ମାଣ୍ଟୋ ମଙ୍ଗଳବାର ଦିନ ଏହି ମାମଲାକୁ ସାର୍ବଜନୀନ କରିବା ସହ ପୀଡ଼ିତମାନଙ୍କୁ ଆଗକୁ ଆସିବାକୁ ଅପିଲ କରିଛନ୍ତି। ଅଭିଯୁକ୍ତର ନାମ ହେଉଛି ଜ୍ୟାକ୍ ଲେଭୁଗ୍ଲ। ସେ ୧୯୬୭ରୁ ୨୦୨୨ ମଧ୍ୟରେ ଭାରତ, ଜର୍ମାନୀ, ସ୍ୱିଜରଲାଣ୍ଡ, ମରକ୍କୋ, ନାଇଜର, ଆଲ୍‌ଜେରିଆ, ଫିଲିପାଇନ୍ସ ଓ ଫ୍ରାନ୍ସର ନାବାଳକଙ୍କ ସହ ଯୌନ ଅପରାଧ କରିଥିଲେ। ସେ ଜଣେ ଫରାସୀ ଭାଷା ଶିକ୍ଷକ ଓ ଗୁମ୍ଫା ଅଧ୍ୟୟନ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପୀଡିତମାନଙ୍କ ବୟସ ୧୩ରୁ ୧୭ ବର୍ଷ ମଧ୍ୟରେ ଥିଲା ବୋଲି କୁହାଯାଇଛି।

ଏହି ଘଟଣା ସେତେବେଳେ ସାମ୍ନାକୁ ଆସିଲା, ଯେତେବେଳେ ଅଭିଯୁକ୍ତଙ୍କ ପୁତୁରା ତାଙ୍କ ଉପରେ ସନ୍ଦେହ କରି ତାଙ୍କ ରୁମ୍ ତଲାସୀ କରିଥିଲେ। ସେଠାରୁ ଏକ ୟୁଏସ୍‌ବି ଡ୍ରାଇଭ ମିଳିଥିଲା, ଯେଉଁଥିରେ ନାବାଳକଙ୍କ ସହ ଯୌନ ସମ୍ପର୍କର ଅନେକ ଫଟୋ ଓ ତଥ୍ୟ ଲିଖିତ ଆକାରରେ ଥିଲା। ତଦନ୍ତକାରୀମାନେ ସେହି ଦସ୍ତାବିଜ୍ ପଢ଼ି ୮୯ ଜଣ ପୀଡ଼ିତଙ୍କୁ ଚିହ୍ନଟ କରିଛନ୍ତି। ଅଭିଯୁକ୍ତ ତଦନ୍ତ ସମୟରେ ସ୍ୱୀକାର କରିଛନ୍ତି ଯେ, ୧୯୭୦ରେ ସେ ନିଜର କର୍କଟ ▶ପୃଷ୍ଠା-୭

# ଲୋକସଭାରେ ରାହୁଲ-ରିଜିଜୁ ମୁହାଁମୁହିଁ

## ଟ୍ରମ୍ପଙ୍କ ଆଗରେ ଭାରତର ସ୍ୱାର୍ଥକୁ ସମର୍ପଣ କରିଛନ୍ତି ସରକାର: ରାହୁଲ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଯାଉଥିବା ବାଣିଜ୍ୟ ଚୁକ୍ତିକୁ ନେଇ ଆଜି ଲୋକସଭାରେ ମୁହାଁମୁହିଁ ହୋଇଛନ୍ତି ସରକାର ଏବଂ ବିରୋଧୀ ଦଳ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହି ପ୍ରସ୍ତାବିତ ଚୁକ୍ତି ନେଇ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଅଭିଯୋଗ କରିଛନ୍ତି ଯେ ମୋଦୀ ସରକାର ଟ୍ରମ୍ପ ଆଗରେ ଭାରତର ସ୍ୱାର୍ଥକୁ ସମର୍ପି ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏଭଳି ଅଭିଯୋଗକୁ ଖଣ୍ଡନ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାହୁଲଙ୍କୁ ଚାଲେଞ୍ଜ କରିଛନ୍ତି ଯେ ସେ ଯାହା କହୁଛନ୍ତି ତଥ୍ୟ ପ୍ରମାଣ ଦେଇ କୁହନ୍ତୁ। ଗୋଟିଏ କଥାକୁ ବାରମ୍ବାର ଦୋହରାଇଲେ ଏହା ସତ ହୋଇଯିବ ନାହିଁ।

ଆଲୋଚନା ଆରମ୍ଭ କରି ରାହୁଲ ଅଭିଯୋଗ କରିଥିଲେ ଯେ ବାଣିଜ୍ୟ ଚୁକ୍ତି ଜରିଆରେ ସରକାର ଭାରତ ମାତାଙ୍କୁ ବିକିଦେଇଛନ୍ତି। 'ଆପଣମାନେ ଭାରତକୁ ବିକି ଦେଇଛନ୍ତି। ଆପଣ ଆମର ଭାରତ ମାତାକୁ ବିକିଦେଇଛନ୍ତି। ଏହା ଲଜ୍ଜାଜନକ ନୁହେଁ କି?' ବୋଲି ସେ ପ୍ରଶ୍ନ କରିଥିଲେ। ଏଭଳି ଚୁକ୍ତି କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରାଯାଇଛି। ଭାରତର ଶକ୍ତି ନିରାପତ୍ତାକୁ ଆମେରିକା ହାତରେ ଟେକି ଦିଆଯାଇଛି। ଭାରତ ତେଲ କାହାଠୁ କିଣିବ, ତାହା ଆମେରିକା ସ୍ଥିର କରିବ। ସେହିଭଳି ଭାରତୀୟ ଚାଷୀମାନଙ୍କ ସ୍ୱାର୍ଥ ସହିତ ମଧ୍ୟ ସାଲିସ କରାଯାଇଛି। ଏବେ ଆମରିକାର କୃଷି ସାମଗ୍ରୀ ଭାରତ ବଜାରରେ ଛାଇଯିବ। ଏହା ଆମର କୋଟି କୋଟି ଚାଷୀଙ୍କ ଜୀବିକା ପ୍ରତି ବିଦ ସୃଷ୍ଟି କରିଛି। ଭାରତର ବୟନ ଶିଳ୍ପକୁ ମଧ୍ୟ ଶେଷ କରିଦିଆଯାଇଛି। ଯୁଦ୍ଧର ଯୁଗ ଶେଷ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କହୁଛନ୍ତି। କିନ୍ତୁ ସତ କଥା ହେଉଛି ଯେ ଆମେ ଯୁଦ୍ଧର ଯୁଗ ଭିତରକୁ ପ୍ରବେଶ କରିବାକୁ ଯାଉଛୁ। ବିପଜ୍ଜନକ ବିଶ୍ୱରେ ଆମକୁ ଆମର ସାମର୍ଥ୍ୟ ବିଷୟରେ ଅବଗତ ହେବାକୁ ପଡ଼ିବ। ଆମ ଦେଶବାସୀ ହେଉଛନ୍ତି ଆମର ପ୍ରକୃତ ଶକ୍ତି। ତେଣୁ ସେମାନଙ୍କର ସୁରକ୍ଷା, ଖାଦ୍ୟ ଓ ଶକ୍ତିର ସୁରକ୍ଷାର ଜରୁରୀ ବୋଲି ରାହୁଲ କହିଥିଲେ। ସେ ଆହୁରି ଅଭିଯୋଗ କରିଥିଲେ ଯେ ବିଜେପିର ଆର୍ଥିକ ଢାଞ୍ଚାକୁ ସୁରକ୍ଷା ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ୧୪୦ କୋଟି ଭାରତୀୟଙ୍କ ଭବିଷ୍ୟତକୁ ସମର୍ପଣ ▶ପୃଷ୍ଠା-୭



ରାହୁଲଙ୍କ ବିରୋଧରେ ସ୍ୱାଧିକାର ନୋଟିସ ଦେବେ ସରକାର

### ଶ୍ରମ ସଂହିତାକୁ ବିରୋଧ

# ଆଜି ଭାରତ ବନ୍ଦ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଦେଶର ୧୦ ଶ୍ରମିକ ସଂଗଠନ (ଟ୍ରେଡ୍ ୟୁନିଅନ) ପକ୍ଷରୁ ଗୁରୁବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ ସଂହିତା , ବିହନ ବିଲ୍ ୨୦୨୫, ବିଜୁଳି ସଂଶୋଧନ ବିଲ୍ ୨୦୨୫ ଏବଂ ବିଭି-ଜିରାମ୍‌ଜୀ ଆଇନ ଆଦିର ରଦ୍ଦ ଦାବି କରି ସାରା ଦେଶରେ ଶ୍ରମିକମାନେ ଧର୍ମଘଟ କରିବେ। ଶ୍ରମିକ ସଂଗଠନର କହିବାନୁଯାୟୀ, ଏହି ନୂଆ ଶ୍ରମ ସଂହିତା ୨୯ ପୁରୁଣା ଶ୍ରମ ଆଇନକୁ ବଦଳାଇବ, ଯାହା ଶ୍ରମିକଙ୍କ ଅଧିକାରକୁ ହ୍ରାସ କରିବ। ଏହା ଟ୍ରେଡ୍ ୟୁନିଅନଗୁଡ଼ିକର ପଞ୍ଜୀକରଣରେ ସମସ୍ୟା ଆଣିବ।

ଏହି ଧର୍ମଘଟରେ ସିଟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି, ଟିୟୁସିସି, ସେବା, ଏଆଇସିସିଟିୟୁ ଏବଂ ୟୁଟିୟୁସି ଭଳି ଶ୍ରମିକ ସଂଗଠନଗୁଡିକ ସାମିଲ ହୋଇଛନ୍ତି। ଏଥିଯୋଗୁଁ ଖଣି ଏବଂ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ ପ୍ରଭାବିତ ହେବ। ଧର୍ମଘଟରେ ସାରା ଦେଶରେ ପ୍ରାୟ ୩୦ କୋଟି ଶ୍ରମିକ ସାମିଲ ହେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ନବ ନିର୍ମାଣ କୃଷକ ସଂଗଠନ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ କରିଛି। ଧର୍ମଘଟରେ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ହେବେ। ବ୍ୟାଙ୍କ କର୍ମଚାରୀମାନେ ଦୀର୍ଘ ଦିନ ଧରି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ୫ ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଛନ୍ତି।

ଦେଶର ପ୍ରମୁଖ ବ୍ୟାଙ୍କ ସଂଗଠନ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏସନ୍ (ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ (ଏଆଇବିଓଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ବେଫି) ଧର୍ମଘଟ କରିବାକୁ ଘୋଷଣା କରିଛନ୍ତି। ଧର୍ମଘଟ ଯୋଗୁଁ ବ୍ୟାଙ୍କରେ ନଗଦ କାରବାର ଏବଂ ଚେକ୍ କ୍ଲିୟରାନ୍ସ ଭଳି କାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି।

### ଟି-୨୦ ବିଶ୍ୱକପ୍‌ରେ ବିରଳ ମ୍ୟାଚ୍

## ରୋମାଞ୍ଚ ଭରିଦେଲା ଡବଲ୍ ସୁପର ଓଭର



■ ଅହମ୍ମଦାବାଦ, ୧୧।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଇତିହାସର ସର୍ବଶ୍ରେଷ୍ଠ ରୋମାଞ୍ଚକ ଓ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ବୁଧବାର ଦେଖିବାକୁ ମିଳିଥିଲା। ଏଠାରେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସୁପର ଓଭରରେ ୪ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଗତ ସଂସ୍କରଣର ଉପବିଜେତା ତଥା ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ଦକ୍ଷିଣ ଆଫ୍ରିକାକୁ ଏହି ମ୍ୟାଚ୍ ଜିତିବା ପାଇଁ ନାକେଦମ କରିଥିଲା ୧୦ମ ମାନ୍ୟତା ଦଳ ଆଫଗାନିସ୍ତାନ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ୧୮୭ ରନ କରିଥିଲା। ଜବାବରେ ଆଫଗାନିସ୍ତାନ ୨ଟି ବଲ୍ ବଳକା ଥାଇ ସମାନ ୧୮୭ ରନରେ ସୀମିତ ରହିଥିଲା। ▶ପୃଷ୍ଠା-୭

## ଆମେରିକାରୁ ଅଶୋଧିତ ତୈଳ କିଣିବେ ରାଷ୍ଟ୍ରାୟତ୍ତ କମ୍ପାନୀ

### ସରକାର ଜାରି କଲେ ନିର୍ଦ୍ଦେଶନାମା

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଦେଶର ରାଷ୍ଟ୍ରାୟତ୍ତ ତୈଳ ବିଶୋଧନାଗାରଗୁଡ଼ିକୁ ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ଅଶୋଧିତ ତେଲ କିଣିବା ଉପରେ ଭାରତ ସରକାର ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ସରକାର ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକୁ ରୁଷ ପରିବର୍ତ୍ତେ ଆମେରିକାରୁ ତେଲ କିଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ଆମେରିକା ସହିତ ସମ୍ପ୍ରତି ବାଣିଜ୍ୟ ଚୁକ୍ତି ପରେ ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ମାର୍କିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବାଣିଜ୍ୟ ଚୁକ୍ତିର ଅଂଶ ଭାବରେ ରୁଷୀୟ ଅଶୋଧିତ ତେଲ କ୍ରୟ ବନ୍ଦ କରିବାକୁ ରାଜି ହୋଇଥିବା ସୂଚନା ଦେଇଥିଲେ। ଯଦିଓ ଭାରତ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସାର୍ବଜନୀନ ପ୍ରତିକ୍ରିୟା ଦିଆଯାଇ ନାହିଁ, ତଥାପି ଟ୍ରମ୍ପଙ୍କ ଦାବିକୁ ବି ଭାରତ ସରକାର ଖଣ୍ଡନ କରିନାହାନ୍ତି। ବିଶେଷଜ୍ଞଙ୍କ ମତରେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ପାଇଁ ଆମେରିକୀୟ ଏବଂ ଭେନେଜୁଏଲାର ତେଲ ବଡ଼ ପରିମାଣରେ ଆମଦାନୀ କରିବା ସହଜ ନୁହେଁ। ବିଶୋଧନ କ୍ଷମତା ଏବଂ ମୂଲ୍ୟ ଏବଂ ପରିବହନ ଏଥିରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ରହିଛି। ଭାରତର ଅଧିକାଂଶ ରିଫାଇନାରୀ ମଧ୍ୟମ ଅଶୋଧିତ ତୈଳ ପାଇଁ ଡିଜାଇନ୍ କରାଯାଇଛି, ଯେତେବେଳେ ଆମେରିକୀୟ ତୈଳ ହାଲୁକା ଓ ଏଥିରେ ସଲଫର ପରିମାଣ କମ୍ ଅଛି। ଏହି ତେଲ ପ୍ରକ୍ରିୟାକରଣ ଭାରତୀୟ ୟୁନିଟ୍ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ନୁହେଁ। ଅନ୍ୟପକ୍ଷରେ ଭାରତ ଆମେରିକାଠାରୁ ଦୂରତା ମଧ୍ୟ ଅନେକ । ବର୍ଦ୍ଧିତ ପରିବହନ ହାର ସେଠାରୁ ତୈଳ ଆମଦାନୀକୁ ମହଙ୍ଗା କରିବାର ଆଶଙ୍କା ରହିଛି। ତୁଳନାତ୍ମକ ଭାବରେ କାଜାଖସ୍ତାନ ଏବଂ ପଶ୍ଚିମ ଆଫ୍ରିକାରୁ ତୈଳ ଆମଦାନୀ ଶସ୍ତା ହେଉଛି। ତଥାପି ସରକାରୀ ନିର୍ଦ୍ଦେଶ ଅନୁସାରେ ଆଇଓସିଏଲ୍, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ଭଳି ▶ପୃଷ୍ଠା-୭

## କିନ୍ନର ହତ୍ୟା ଅଭିଯୁକ୍ତ କ୍ରିଷ୍ଣାକୁ ଏନ୍‌କାଉଣ୍ଟର



■ ପିପିଲି/କଟକ, ୧୧।୨ (ସମିସ): ପିପିଲି ଉତ୍ତରା ଛକ ସିଫା ଗେଟ୍ ନିକଟରେ କିନ୍ନର ଅଞ୍ଜଳି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା କାଣ୍ଡି (୨୫)କୁ ବୁଧବାର ସନ୍ଧ୍ୟାରେ ଏନ୍‌କାଉଣ୍ଟର କରିଛି ପିପିଲି ପୁଲିସ। ପ୍ରକାଶ ଥାଉକି, ଗତ ୧ ତାରିଖରେ ପିପିଲି ସିଫା ନିକଟରେ କିନ୍ନର ଅଞ୍ଜଳିଙ୍କୁ ଅତି ବୀଭତ୍ସ ଭାବରେ ହତ୍ୟା କରାଯାଇଥିଲା। ଏ ସଂକ୍ରାନ୍ତରେ ପିପିଲି ଥାନାରେ ୭୩/୨୬ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିଲା ପୁରୀ ପୁଲିସର ସ୍ପେଶାଲ ସ୍କ୍ୱାଡ୍। ଅଞ୍ଜଳିଙ୍କ ମୋବାଇଲ୍ କଲ୍‌କୁ ଆଧାର କରି କୋଣାର୍କ ଅଞ୍ଚଳର ଗଡ଼ରୁଷ୍ମାର କ୍ରିଷ୍ଣା କାଣ୍ଡି (୨୫)କୁ ସନ୍ଦେହ ଘେରକୁ ଆଣିଥିଲା। ସେହିଦିନଠାରୁ ପୁରୀ ପୁଲିସ ତା'ର ଗତିବିଧି ଉପରେ ନଜର ରଖିଥିଲା। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ କୋଣାର୍କରୁ ଭୁବନେଶ୍ୱର ଯାଉଥିବା ପିପିଲି ପୁଲିସ ସୁରାକ୍ ପାଇଥିଲା। ପିପିଲି ଓଭରବ୍ରିଜ୍ ନିକଟରେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ମରିଗଲା ରାଜ୍ୟର ମେଟ୍ରୋ ଆଶା

## ନିଜେ କଲେନାହିଁ କି କେନ୍ଦ୍ରକୁ ପ୍ରସ୍ତାବ ଦେଲେନାହିଁ

■ ଭୁବନେଶ୍ୱର, ୧୧।୨ (ସମିସ): ସମଗ୍ର ଦେଶରେ ମେଟ୍ରୋ ରେଳ ନେଟୱାର୍କ ବଢ଼ିବାରେ ଲାଗିଛି। ଖୁବଶୀଘ୍ର କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ଭାଇଜାଗ ମେଟ୍ରୋ ରେଳ ପ୍ରକଳ୍ପର ସଂଶୋଧିତ ଡିପିଆରକୁ ଅନୁମୋଦନ ଦେବାକୁ ଯାଉଛନ୍ତି। ଏହି ପ୍ରକଳ୍ପ ପାଇଁ ୧୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ କେନ୍ଦ୍ର ସରକାର ୨୦ ପ୍ରତିଶତ ଅର୍ଥ ବହନ କରିବେ। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଏଯାବତ୍ ଦେଶର ୨୬ଟି ସହରକୁ ମେଟ୍ରୋ ରେଳ ସମ୍ପ୍ରସାରିତ ହେଲାଣି। ମାତ୍ର ସମାନ ସମୟରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ପୂର୍ବରୁ ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ିଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବର୍ତ୍ତମାନ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଏକପ୍ରକାର ମରିଗଲାଣି। ଠିକା ପାଇଥିବା କମ୍ପାନୀ ରାଜ୍ୟରୁ ନିଜର କ୍ୟାମ୍ପ ବି ଉଠାଇ ଚାଲିଗଲାଣି । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରୁଛନ୍ତି।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ କରିଡର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୯୫୨ କୋଟି ଟଙ୍କା ଖର୍ଚ୍ଚ କରିବେ। ପୂର୍ବରୁ ଏହି ରୁଟ୍ ଦେଇ ମେଟ୍ରୋ ଚଳାଚଳ କରିବା ପାଇଁ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇଥିଲା। ମାତ୍ର ନୂଆ ସରକାର ଏହି ରୁଟ୍ ଦେଇ ମେଟ୍ରୋ ସେବା ପରିବର୍ତ୍ତେ ଏଲିଭେଟେଡ କରିଡର କରିବାକୁ ନିଷ୍ପତ୍ତି ନେବା ପରେ ନିକଟ ଭବିଷ୍ୟତରେ ଭୁବନେଶ୍ୱରରେ ମେଟ୍ରୋ ଗଡ଼ିବ ନାହିଁ, ତାହା ଆପାତତଃ ନିଶ୍ଚିତ ହୋଇସାରିଛି। ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟର ଭୁବନେଶ୍ୱରଠାରୁ ▶ପୃଷ୍ଠା-୭

**ଓଡ଼ିଶାକୁ ଛାଡ଼ି ସାରା ଦେଶରେ ମେଟ୍ରୋ ପାଇଁ ଆଗ୍ରହ**

**ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱର ପଛୁଆ: ବିଶେଷଜ୍ଞ**



# ସାତକୋଶିଆ ବିସ୍ଥାପନ ପ୍ରକ୍ରିୟାରେ ଓଏଚ୍ଆରସିର ଅଙ୍କୁଶ

- ବିସ୍ଥାପନ କାର୍ଯ୍ୟକ୍ରମରେ ଜାଲିଆତି, ଅନିୟମିତତାର ତଦନ୍ତ ନିର୍ଦ୍ଦେଶ
- ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ




ଅନୁଗୋଳ,୧୧।୨(ସମିସ)

ଅନୁଗୋଳ ଜିଲ୍ଲା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନାରେ ୨୦୧୮ ରୁ ବିସ୍ଥାପନ ଆରମ୍ଭ ହୋଇଥିଲା। ପ୍ରଥମେ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର ଏରିଆରୁ ୭୮ ପରିବାରକୁ ବିସ୍ଥାପନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୨୨ରୁ କୋର ଏରିଆ ବାହାର ଗ୍ରାମ ଏପରିକି ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଏରିଆର ବାହାର ଗ୍ରାମକୁ ପର୍ଯ୍ୟାୟକ୍ରମେ ବେଆଇନ୍ ଭାବେ ବିସ୍ଥାପନ କରାଯାଇଥିଲା। କଟରଙ୍ଗ, ଟୁଲୁକା, ଭୂର୍କୁଣ୍ଡି, ଅଶନବାହାଳ ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପନ କରାଯାଇଥିବା ବେଳେ ଗୋପାଳପୁର, ଟିକରପଡ଼ା ଗ୍ରାମରୁ ଅଧା ଲୋକଙ୍କୁ ଉଠାଇବାରେ ବନ ବିଭାଗ ସକ୍ଷମ ହୋଇଥିଲା। ପୁରୁଣାକୋଟ, ଛୋଟକେଇ, ସାଲର, ମଝିପଡ଼ା ଗ୍ରାମକୁ ଉଠାଇବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସାତକୋଶିଆ ଅଞ୍ଚଳର ଗ୍ରାମବାସୀ ବନ ବିଭାଗର ବେଆଇନ୍ ବିସ୍ଥାପନ ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣି ନ ଥଲେ। ଗାଁରେ ଭୂମିହୀନ, ଗରିବ, ଘର ନ ଥିବା ଲୋକଙ୍କୁ ଉସୁକାଇ ଏବଂ ୨୦ ଲକ୍ଷ ପ୍ୟାକେଜ୍‌ର ପ୍ରଲୋଭନ ଦେଖାଇ ବନ ବିଭାଗ ଗାଁଗୁଡ଼ିକୁ ବିଭାଜନ ନୀତିରେ ଦୁଇଭାଗ କରିଥିଲା। ଗାଁ ବିସ୍ଥାପନ ସପକ୍ଷବାଦୀ ଓ ବିପକ୍ଷବାଦୀ କରାଇ ପୂର୍ବତନ ଡିଏଫଓ ସରୋଜ କୁମାର ପଣ୍ଡା ବିସ୍ଥାପନ କରିବାରେ ସଫଳ ହୋଇଥିଲେ। ଏପରିକି ଯେଉଁମାନେ ବିସ୍ଥାପନକୁ ବିରୋଧ କରିଥିଲେ ସେମାନଙ୍କୁ କ୍ଷତିପୂରଣ ମଧ୍ୟ ପ୍ରଦାନ କରି ନ ଥିଲେ। ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନା କେବଳ ବ୍ୟାଘ୍ର ପ୍ରକଳ୍ପର କୋର ଏରିଆରୁ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ କୋର ଏରିଆ ବାହାରୁ ବେଆଇନ୍ ଭାବେ ଗ୍ରାମଗୁଡ଼ିକୁ ଉଠାଯାଇଥିଲା। ସରକାରୀ ନୀତିନିୟମ ଓ ଗାଇଡଲାଇନ୍‌କୁ ଉପେକ୍ଷା କରି ମନଇଚ୍ଛା ସର୍ଭେ କରାଯାଇ ସପକ୍ଷବାଦୀଙ୍କୁ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଭୂର୍କୁଣ୍ଡି ଗ୍ରାମରେ ଆଦୌ ଗ୍ରାମସଭା ହୋଇ ନ ଥିବା ବେଳେ ଗ୍ରାମବାସୀଙ୍କୁ ଜୋରଜବରଦସ୍ତ ଧମକାଇ ବାସଚ୍ୟୁତ କରାଯାଇଥିଲା। ଏପରିକି ଗ୍ରାମବାସୀଙ୍କର ଜଙ୍ଗଲ ଜମି ସ୍ୱତ୍ୱର କୌଣସି କ୍ଷତିପୂରଣ ଦିଆଯାଇନାହିଁ। ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ପ୍ରୋଟକଲର ରହିଥିବା ୨ ପ୍ରକାରର କ୍ଷତିପୂରଣ ବ୍ୟବସ୍ଥା ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଅବଗତ କରାଯାଇ ନ ଥିଲା। ଭୂମିହୀନ, ଘର ନ ଥିବା ଏବଂ ଭଲ ଘର ନ ଥିବା ଲୋକମାନଙ୍କୁ ୨୦ ଲକ୍ଷ ଦେଇ ଉଠିଯିବାକୁ ବାଧ୍ୟ କରାଯାଇଥିଲା। ଗ୍ରାମ ବିସ୍ଥାପନ ନେଇ ଗାଁରେ କୋକୁଆ ଭୟ ସୃଷ୍ଟି କରାଯାଇ ଜୋରଜବରଦସ୍ତ କରାଯାଇଥିଲା। ଲୁଚାଛପାରେ ବିସ୍ଥାପନ ପରିବାର ତାଲିକା ହୋଇଥିଲା। ଟୁଲୁକା ଗ୍ରାମବାସୀ ବିସ୍ଥାପନକୁ ଦୃଢ଼ ବିରୋଧ କରି ଗ୍ରାମସଭାରୁ ଉଠି ଯାଇଥିଲେ ସୁଦ୍ଧା ଗ୍ରାମକୁ କଳେବଳେ ବିସ୍ଥାପନ କରାଯାଇଥିଲା। ଅନ୍ୟପକ୍ଷରେ ଏହି ସବୁ ଅଞ୍ଚଳରେ ଅଧିକାଂଶ ଆଦିବାସୀ ଓ ହରିଜନ ପରିବାର ରହିଥିବା ବେଳେ ସେମାନଙ୍କ ସରଳତା ସହ ବିଶ୍ୱାସଘାତକତା କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ୍-୨୦୦୬ର ଥିବା ବ୍ୟବସ୍ଥାରେ ଉଭୟ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ଦିଆ ନ ଯାଇ ଗ୍ରାମଗୁଡ଼ିକୁ ବେଆଇନ୍ ଭାବେ ବିସ୍ଥାପନ କରାଯାଇଥିଲା। ଟୁଲୁକା, ଭୂର୍କୁଣ୍ଡି, ଅଶନବାହଳ ଗ୍ରାମବାସୀ ବିସ୍ଥାପନରେ ସଠିକ୍ ସର୍ଭେ ହୋଇ ନ ଥିବା ଏପରିକି ଘରଦ୍ୱାର, ଜମି, ଗୁହାଳର କୌଣସି ସର୍ଭେ ହୋଇ କ୍ଷତିପୂରଣ ଦିଆଯାଇ ନ ଥିବା ସହ ଥଇଥାନ ଓ ପୁନର୍ବସତି ସଠିକ ହୋଇ ନ ଥିବା ନେଇ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ନିକଟରେ ମାମଲା ରୁଜୁ କରିଥିଲେ। ଗୋପାଳପୁର ଗ୍ରାମବାସୀ ବେଆଇନ୍ ବିସ୍ଥାପନ ନେଇ ୩ଟି ମାମଲା ରୁଜୁ କରିଥିବା ବେଳେ ୩୦ରୁ ଅଧିକ ବିସ୍ଥାପିତ ପରିବାର କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରିଥିଲେ। ଓଡ଼ିଶା ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ଗତ ୯ ତାରିଖ ୩୭ଟି ମାମଲାର ବିଚାର କରିଥିବା ଜଣାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୂଳକ ଶୁଣାଣିରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟଜୀବ) ଓଡ଼ିଶା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁଗୋଳ, ଜିଲ୍ଲାପାଳ ଅନୁଗୋଳ ଏବଂ ଡିଏଫଓ ସାତକୋଶିଆ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। ଗ୍ରାମବାସୀ ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ପ୍ରସନ୍ନ କୁମାର ବେହେରା ମକଦ୍ଦମା ପରିଚାଳନା କରିଥିଲେ। ଉଭୟ ପକ୍ଷଙ୍କ ସାକ୍ଷ୍ୟ ପ୍ରମାଣ ଓ ବିସ୍ଥାପନ ସମ୍ବନ୍ଧୀୟ କାଗଜପତ୍ର ଆୟୋଗଙ୍କ ନିକଟରେ ଦାଖଲ କରାଯାଇଥିଲା। ଜିଲ୍ଲାସ୍ତରୀୟ କମିଟିର ରଜୋଲ୍ୟୁସନ ସହିତ ସର୍ଭେ ତାଲିକା ସମସ୍ତ କାର୍ଯ୍ୟଧାରାରେ ବ୍ୟାପକ ଅନିୟମିତତା ଓ ଗାଇଡଲାଇନ ଆଧାରରେ ନ ହୋଇ ହଙ୍କାପିଟା ବଳଦିଆ ପଦ୍ଧତିରେ କରାଯାଇଥିଲା। ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ପୂଜାରୀ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ବନ ବିଭାଗର ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ, ଆଇନ ବିଭାଗ ସଚିବ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ସହିତ ଜଣେ ପାରଦର୍ଶିତାପୂର୍ଣ୍ଣ ବିଶେଷଜ୍ଞ ରହିବାକୁ ନିର୍ଦ୍ଦେଶ ରହିଛି। ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା କମିଟି ଅଧ୍ୟକ୍ଷ ସ୍ଥିରୀକୃତ ହେବେ। ଏହି ଉଚ୍ଚସ୍ତରୀୟ ତଦନ୍ତ କମିଟି ୬ ସପ୍ତାହ ମଧ୍ୟରେ ଗଠନ ହେବା ସହ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି। ଅନୁରୂପ ଭାବେ ଯେଉଁ ଅଧିକାରୀ ବିସ୍ଥାପନ ପ୍ରକ୍ରିୟାରେ ଅନିୟମିତତା ଓ ବେଆଇନ କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତଥା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି। ତତ୍କାଳୀନ ସାତକୋଶିଆ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ବିସ୍ଥାପନ କମିଟିର ସଭ୍ୟ ସମ୍ପାଦକ ଥିବା ବେଳେ ଜାଣିଶୁଣି ବିସ୍ଥାପନରେ ବ୍ୟାପକ ଅନିୟମିତତା, ଜାଲିଆତି, ବେଆଇନ କାର୍ଯ୍ୟ କରିଥିବା ଏବଂ ଜିଦଖୋର୍ ରହି ଜୋରଜବରଦସ୍ତ ବିସ୍ଥାପନ କରିଥିବା ସହ ବିସ୍ଥାପନ ବିରୋଧୀ ପରିବାରକୁ କ୍ଷତିପୂରଣ ଦେଇ ନ ଥିବା ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ସଭାପତି ନବକିଶୋର ବିଶୋଇ ପ୍ରକାଶ କରିଛନ୍ତି। ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ସାତକୋଶିଆ ବିସ୍ଥାପନର ୩୭ ମାମଲାର ବିଚାର କାରାଯାଇଥିବା ଏବଂ ବିସ୍ଥାପନକୁ ସ୍ଥଗିତ ରଖାଯିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିବାକୁ ଅଞ୍ଚଳବାସୀ ନ୍ୟାୟ ପାଇଥିବା ସେ ପ୍ରକାଶ କରିଛନ୍ତି। ଅଭୟାରଣ୍ୟବାସୀଙ୍କ ପକ୍ଷରୁ ଆଗକୁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠିତ ହେବା ପରେ ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଦୋଳ ସାସମଲ, ଭରତ କୁମାର ଜାନୀ, ନୀଳକଣ୍ଠ ସାହୁ, ଅନ୍ତର ସାମଲ, ଜୟରାମ ସାହୁ, ଫକୀର ଜାନୀ, ମଙ୍ଗୁଲୁ ପଧାନ, ତ୍ରିନାଥ ସାହୁ, ପ୍ରଫୁଲ୍ଲ ଦେହୁରୀ, ବରୁଣ ବିଶୋଇ, ପ୍ରଭାକର ପୃଷ୍ଟି, ନରେନ୍ଦ୍ର ମହାକୁଡ଼, ନିରଞ୍ଜନ ଦେହୁରୀ, ଅକ୍ଷୟ କୁମାର ପୃଷ୍ଟି, ଶିବରାମ ସାହୁ, ପବିତ୍ର ନାୟକ ପ୍ରମୁଖ ଅଭିଯୋଗକାରୀ ପ୍ରକାଶ କରିଛନ୍ତି।

# ଅନୁଗୋଳ ଜିଲ୍ଲା ବିଜେଡିର ବିଶାଳ ପ୍ରତିବାଦ




ଅନୁଗୋଳ,୧୧।୨(ସମିସ): ବିଜେପି ସରକାରରେ ଖଣିଜ ଚୋରି, ଆଇନଶୃଙ୍ଖଳାର ଅବନତି, ଚାଷୀବିରୋଧୀ ନୀତି, ଧାନକ୍ରୟରେ ଅନିୟମିତତା ଓ ନାରୀ ନିର୍ଯାତନା ବିରୋଧରେ ବୁଧବାର ଅନୁଗୋଳ ଜିଲ୍ଲା ବିଜେଡି ପକ୍ଷରୁ ବିଶାଳ ପ୍ରତିବାଦ ଆୟୋଜିତ ହୋଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଅନୁଗୋଳ ବିଜୁ ମୈଦାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଦଳର ଉପସଭାପତି ପ୍ରତାପ ଜେନା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ମୁକେଶ ପାଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଓ ପୂର୍ବତନ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆଙ୍କ ସହ ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ମ୍ୟୁନିସିପାଲିଟି ଅଧ୍ୟକ୍ଷ, ଜନପ୍ରତିନିଧି, ପଦାଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀରୁ ଆସିଥିବା ଚାଷୀ, ଯୁବକ-ଯୁବତୀ, ଛାତ୍ରଛାତ୍ରୀ ଓ ବେରୋଜଗାର ଭାଇଭଉଣୀମାନେ ବହୁ ସଂଖ୍ୟାରେ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ବିଜୁ ମୈଦାନରୁ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ତଥା ଅନୁଗୋଳ ଜିଲ୍ଲାର ହିତରକ୍ଷା ସହ ସାଧାରଣ ଲୋକଙ୍କ ଅଧିକାର ସୁରକ୍ଷା ପାଇଁ ସଂଘର୍ଷ ଜାରି ରହିବ ବୋଲି ବିଜେଡି ନେତାମାନେ ପ୍ରକାଶ କରିଛନ୍ତି।

# ଶ୍ରମିକ ସଂଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା




ତାଳଚେର,୧୧।୨(ସମିସ): ତାଳଚେର କୋଇଲା ଖଣି ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମ ଆଇନକୁ ବିରୋଧ କରି ହିଙ୍ଗୁଳା ଜିଏମ ଅଫିସ୍‌ଠାରୁ ଲିଙ୍ଗରାଜ ଜିଏମ ଅଫିସ୍ ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା କରାଯାଇଛି। ଏହି ବାଇକ ଶୋଭାଯାତ୍ରା ଗୁରୁବା ୪ଟି ଶ୍ରମ କୋଡ୍ ଏବଂ ଅନ୍ୟାନ୍ୟ ଦାବିରେ ହେବାକୁ ଥିବା ଭାରତବନ୍ଦ ସପକ୍ଷରେ ସଚେତନତା ପାଇଁ ଆୟୋଜିତ ହୋଇଛି।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ଅନୁଗୋଳ,୧୧।୨(ସମିସ): ଏକ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ରାଜଲକ୍ଷ୍ମୀ ପଟ୍ଟନାୟକ ଅପରାଧୀ ପୁରୁଣାକୋଟ ଥାନା ଅଞ୍ଚଳର ଶ୍ରୀଧର ମୁଣ୍ଡାଙ୍କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି। ସରକାରୀ ଅଭିଯୋଜକ ପ୍ରଶାନ୍ତ କୁମାର ମଲ୍ଲିକ ଓ ଅତିରିକ୍ତ ସରକାରୀ ଅଭିଯୋଜକ ଅରୁଣ କୁମାର ସାମଲ ଏହି ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଶ୍ରୀଧର ମୁଣ୍ଡା ୨୦୨୪ ଜାନୁଆରୀ ୨୫ରେ ନିଜ ସ୍ତ୍ରୀ ସସ୍ମିତା ମୁଣ୍ଡାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସେବେଠାରୁ ଶ୍ରୀଧର ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲା।

# ୧୦କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ତାଳଚେର,୧୧।୨(ସମିସ): ତାଳଚେର ଅବକାରୀ ବିଭାଗ ଟାଉନଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ନିକଟରେ ଅତର୍କିତ ଚଢ଼ଉ କରି ୧୦କେଜି ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଠମଲ୍ଲିକ ଗ୍ରାମର ଗଜେନ୍ଦ୍ର ପାତ୍ର (୨୯)। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ କୌଣସି ସୂତ୍ରରୁ ଖବର ପାଇ ତାଳଚେର ଟିମ୍ ସହ ବସଷ୍ଟାଣ୍ଡଠାରେ ଚଢ଼ଉ କରିଥିଲେ। ଚଢ଼ଉରେ ଏସଆଇ ମାନସ ପ୍ରଧାନ, ସରୋଜ ସାହୁ, ପୁପୁନା ପ୍ରଧାନ ସାମିଲ ଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏହି ଗଞ୍ଜେଇ ଆଠମଲ୍ଲିକରୁ କେନ୍ଦୁଝରକୁ ଚାଲାଣ କରାଯାଉଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# କାର ଧକ୍କାରେ ସ୍କୁଟି ଚାଳକ ଆହତ

ଛେଣ୍ଡିପଦା,୧୧।୨(ସମିସ): ଛେଣ୍ଡିପଦା-ଅନୁଗୋଳ ୬୩ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା ତାରିଣୀ ପୀଠ ନିକଟରେ ସ୍କୁଟିକୁ ପଛରୁ କାର୍ ଧକ୍କା ଦେବାରୁ ସ୍କୁଟି ଚାଳକ ଆହତ ହୋଇଛନ୍ତି। ଆହତ ସ୍କୁଟି ଚାଳକ ହେଲେ ସାଇକଲ ମିସ୍ତ୍ରି କୈଳାସ ପାଣିଗ୍ରାହୀ। କୈଳାସ ସ୍କୁଟି ଧରି ଠିଆ ହୋଇଥିବା ବେଳେ ସିଙ୍ଗରେନି କୋଇଲା ଖଣିରେ କାର୍ଯ୍ୟ କରୁଥିବା ସିକ୍ୟୁରିଟି କର୍ମଚାରୀ ଜିତେନ୍ଦ୍ର ଦେହୁରୀ କାର ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ଠିଆ ହୋଇଥିବା ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ସ୍କୁଟି ଉପରେ ବସିଥିବା କୈଳାସ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଅତ୍ୟଧିକ ମଦ୍ୟପାନ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଅନୁଗୋଳରେ ଓଡ଼ିଶାର ତୃତୀୟ ହିରୋ ପ୍ରେମିଆ ସୋ'ରୁମ୍ ଉଦଘାଟିତ



ଅନୁଗୋଳ,୧୧।୨(ସମିସ): ଅନୁଗୋଳରେ ବୁଧବାର ଓଡ଼ିଶାର ତୃତୀୟ ହିରୋ ପ୍ରେମିଆ ସୋ'ରୁମ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ମୃଦୁଳା ଠାକୁର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ହିରୋ କମ୍ପାନୀର ପୂର୍ବ ଭାରତ ପ୍ରମୁଖ ଲକ୍ଷ୍ମୀସା ନେଲୁରୁୟା ଉପସ୍ଥିତ ଥିଲେ। ହିରୋ କମ୍ପାନୀର ସମସ୍ତ ପ୍ରିମିୟମ ଗାଡ଼ି ଏଠାରେ ବିକ୍ରୟ ହେବ। ପାର୍ବତୀ ମୋଟର୍ସ ତରଫରୁ ଖୋଲାଯାଇଥିବା ଏହି ସୋ'ରୁମ ଆଗକୁ ସମସ୍ତଙ୍କ ଦ୍ୱାରା ଆଦୃତ ହେବ ବୋଲି ସତ୍ତ୍ୱାଧିକାରୀ ଅଶୋକ ମାଣ୍ଡୋଠିଆ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ।

# ମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ; ସ୍ୱତନ୍ତ୍ର ସମୀକ୍ଷା ବୈଠକ



ଅନୁଗୋଳ,୧୧।୨(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ବୁଧବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ପାନୀୟ ଜଳ ସମସ୍ୟାକୁ ପ୍ରାଧାନ୍ୟ ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ନଳକୂପ ସମ୍ବନ୍ଧୀୟ ସମସ୍ୟା ଯଥାଶୀଘ୍ର ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀଙ୍କ ଯୋଗ୍ୟତା ସଠିକ ଭାବେ ଯାଞ୍ଚ କରିବାକୁ ବିଡିଓଙ୍କୁ କହିଥିଲେ।

ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଅନୁମୋଦିତ ସମସ୍ତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମାପ୍ତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିବି-ଜି-ରାମ-ଜି ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଯଯାତି କେଶରୀ ପଟ୍ଟନାୟକ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ଦିଲେଶ୍ୱର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ସମସ୍ତ ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଟଙ୍କା ହଡ଼ପ ଘଟଣା

# କିରାଣି ସୁବ୍ରତ ବେହେରାଙ୍କ ଘରେ ଭିଜିଲାନ୍ସ ଚଢ଼ଉ



ଅନୁଗୋଳ,୧୧।୨(ସମିସ): କର୍ମଚାରୀଙ୍କ ଦରମା ଟଙ୍କା ହେରାଫେରି ଘଟଣାରେ ଦୀର୍ଘଦିନ ହେବ ଚର୍ଚ୍ଚାରେ ଥିବା ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କନିଷ୍ଠ କିରାଣି ସୁବ୍ରତ ବେହେରାଙ୍କୁ ଭିଜିଲାନ୍ସ ପଚରା ଉଚରା ପରେ ଆରମ୍ଭ କରିଛି ଖାନତଲାସୀ। ତିନିମାସ ଲୁଚକାଳି ଖେଳ ପରେ ଧାରାପଡ଼ିଛନ୍ତି ସୁବ୍ରତ। ଏହି ଘଟଣାରେ ଅନ୍ୟ ମେଡିକାଲ କର୍ମଚାରୀ ଓ ଡାକ୍ତର ସମ୍ପୃକ୍ତ ଥିବା ସୂଚନା ମିଳିଛି। ବୁଧବାର କଟକ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକକାଳୀନ ସୁବ୍ରତଙ୍କ ୫ ଠିକଣାରେ ଚଢ଼ଉ କରାଯାଇଛି। ଭିଜିଲାନ୍ସ ସୂଚନା ମୁତାବକ ଅନୁଗୋଳ ସହର ହାକିମପଡ଼ାରେ ଥିବା ସୁବ୍ରତଙ୍କ ତିନି ମହଲା ବିଶିଷ୍ଟ ଆବାସିକ କୋଠା, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳର ବାଉଁଶ ପୋଖରୀରେ ତାଙ୍କ ପୈତୃକ ଘର, ଭୁବନେଶ୍ୱର ଶ୍ରୀବିହାରରେ ତାଙ୍କ ସମ୍ପର୍କୀୟ ଭାଇଙ୍କ ଆବାସିକ ଘର ଓ ନାଲକୋ ଥାନା ଅଞ୍ଚଳରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ଓ ସିଡିଏମଓଙ୍କ ଅଫିସରେ ଥିବା ତାଙ୍କ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ୨.୩୮ କୋଟି ସରକାରୀ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଆଧାରରେ ମଙ୍ଗଳବାର ଭିଜିଲାନ୍ସ ଟିମ୍ ସୁବ୍ରତଙ୍କୁ ଉଠାଇ ନେଇଥିଲା। ପଚରାଉଚରା ପରେ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ମାମଲା ରଜୁ କରାଯାଇଛି। ଚଢ଼ଉରେ ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୧୪ ଜଣ ଏଏସଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

ଛଅ ମାସ ବିତିଲା

# ଗଣେଶ ପୂଜା ପୁରସ୍କାର ଦିଆଯାଇ ନ ଥିବାରୁ ଉଦବେଗ

ତାଳଚେର,୧୧।୨(ସମିସ): ୨୦୨୫ ଗଣେଶ ପୂଜାକୁ ୬ ମାସ ବିତିଯିବା ପରେ ମଧ୍ୟ ଆଜି ଯାଏଁ ପୁରସ୍କାର ବିତରଣ କରାଯାଇ ନ ଥିବାରୁ ପୂଜା କମିଟିଗୁଡ଼ିକ ମଧ୍ୟରେ ଉଦବେଗ ପ୍ରକଶ ପାଇଛି। ତାଳଚେର ଗଣେଶ ପୂଜା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ତେବେ ୨୦୨୫ ବର୍ଷର ପୁରସ୍କାର ଓ ଆୟବ୍ୟୟ ହିସାବ ଏପର୍ଯ୍ୟନ୍ତ ଦିଆଯାଇ ନ ଥିବାରୁ ପୂଜା କମିଟି ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ପ୍ରଭୁ ଗଜାନନଙ୍କ ଆଣ୍ଠାଲଡୁ ତିଆରିଠାରୁ ଆରମ୍ଭ କରି ଲଡୁ ନିଲାମ ପର୍ଯ୍ୟନ୍ତ ସବୁଥିରେ ବିଭ୍ରାଟ ଦେଖିବାକୁ ମିଳିଥିଲା। ପ୍ରଭୁଙ୍କ ଆଣ୍ଠାଲଡୁ ନିଲାମରେ ଏମିତି ବିଭ୍ରାଟ ହୋଇଥିଲା ଯେ ଦୁଇ ଦୁଇଥର ନିଲାମ କରିବାକୁ ପଡ଼ିଥିଲା। ଏହି ବିଭ୍ରାଟ ଯୋଗୁଁ କେନ୍ଦ୍ରୀୟ ପୂଜା କମିଟି ସଭାପତି ତାଙ୍କ ପଦରୁ ଉସ୍ତଫା ମଧ୍ୟ ଦେଇଥିଲେ। ତାଳଚେର ଅଞ୍ଚଳରେ ଶହେରୁ ଅଧିକ ମେଢ଼ ପୂଜା ପାଉଥିବା ବେଳ ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା, ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି ମନୋହରି ଇତ୍ୟାଦି ପ୍ରସିଦ୍ଧି ଲାଭ କରିଥାଏ। ତାଳଚେର ଗଣେଶପୂଜା ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରରୁ ଦର୍ଶକ ଏଠାକୁ ଛୁଟିଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା ସହିତ ଟ୍ରାଫିକ, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଏ। ସେହିଭଳି ମୂର୍ତ୍ତି ପ୍ରଦର୍ଶନ, ଶାନ୍ତିଶୃଙ୍ଖଳା ଓ ପଟୁଆର ପାଇଁ କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ଏହାକୁ ତର୍ଜମା କରାଯାଇ ପୁରସ୍କର ନିର୍ଦ୍ଧାରଣ କରାଯାଇଥାଏ। ପ୍ରାୟତଃ ପ୍ରତିବର୍ଷ ପୂଜାର ଦୁଇରୁ ତିନିମାସ ପରେ କୃତୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଏ। ସେହିପରି ୨୦୨୪ ବର୍ଷର ଗଣେଶ ପୂଜା ପୁରସ୍କାର ବିଳମ୍ବରେ ଦିଆଯାଇଥିବା ବେଳେ ପୁଣି ତା'ର ପୁନରାବୃତ୍ତି ଦେଖିବାକୁ ମିଳିଛି। ୨୦୨୫ ବର୍ଷର ପୁରସ୍କାର ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିବାରୁ କମିଟି ମଧ୍ୟରେ ଏହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ତୁରନ୍ତ ପୁରସ୍କାର ବିତରଣ ସହ ଆୟବ୍ୟୟ ହିସାବ ପ୍ରଦାନ କରିବାକୁ ଦାବି ହେଉଛି।

ଅଫିମ ଚାଷ ଉପରେ 'ଅପରେସନ ପ୍ରହାର'

# ୫ କୋଟିରୁ ଅଧିକ ଟଙ୍କାର ଅଫିମ ଚାଷ ନଷ୍ଟ, ୧୩ ଗିରଫ



ଅନୁଗୋଳ,୧୧।୨(ସମିସ): ଅନୁଗୋଳ ଜିଲ୍ଲା ପୁରୁଣାକୋଟ ଥାନା ଟାକରସିଙ୍ଗା ଗ୍ରାମରେ ଚାଲିଥିବା ବ୍ୟାପକ ବେଆଇନ ଅଫିମ ଚାଷ ଉପରେ ପୁଲିସ ବଡ଼ ଧରଣର ଚଢ଼ଉ କରିଛି। "ଅପରେସନ ପ୍ରହାର' ମାଧ୍ୟମରେ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅନୁଗୋଳ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍, ଜିଲ୍ଲା ପୁଲିସ ବଳ ଏବଂ ପୁରୁଣାକୋଟ ଥାନା କର୍ମଚାରୀମାନେ ମିଳିତ ଭାବେ ଏହି ଅପରେସନ ପରିଚାଳନା କରିଥିଲେ। ପ୍ରାୟ ୩.୩୧ ଏକର ପରିମିତ ଜମିର ୩୩ଟି ଭିନ୍ନ ଭିନ୍ନ ସ୍ଥାନରେ ହୋଇଥିବା ଅଫିମ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ପ୍ରାୟ ୫ ଲକ୍ଷ ଅଫିମ ଗଛକୁ ଓପାଡ଼ି ନଷ୍ଟ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୫ କୋଟିରୁ ଅଧିକ ଟଙ୍କା ହେବ। ଚଢ଼ଉ ସମୟରେ ପୁଲିସ ପ୍ରାୟ ୬ ଲକ୍ଷ ଟଙ୍କାର ଏକ କିଲୋଗ୍ରାମ ପ୍ରକ୍ରିୟାକୃତ ଅଫିମ ସମେତ ଚାଷ କାର୍ଯ୍ୟରେ ବ୍ୟବହୃତ ୪ଟି ୱାଟର ପମ୍ପ ଓ ପାଇପ୍ ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ୬ ମହିଳାଙ୍କ ସମେତ ମୋଟ ୧୩ ଜଣଙ୍କୁ ଗିରଫ କରିଛି। ଏ ନେଇ ପୁରୁଣାକୋଟ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଏସଆଇ ଲଳିତ ମୋହନ ବିଶ୍ୱାଳ ମାମଲାର ତଦନ୍ତ କରୁଛନ୍ତି। ଇନ୍ସପେକ୍ଟର ଅୟସକାନ୍ତ ଜେନା, ଧୀରେଶ କୁମାର ଦାସ, ବିଭୁଦତ୍ତ ରାଉତରାୟ, ମନୋଜ କୁମାର ପ୍ରଧାନ ଏବଂ ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢ଼ଉରେ ସାମିଲ ହୋଇଥିଲେ। ଏହି ଘଟଣାରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି।



## ପାର୍କରୁ ଗଛ ଭାଙ୍ଗିଦେଲେ ଦୁର୍ବୃତ୍ତ



ବଲାଙ୍ଗିର,୧୧।୨(ସମିସ): ବଲାଙ୍ଗିର ପୌରପରିଷଦ ନିକଟ ରାଜେନ୍ଦ୍ର ପାର୍କରେ ଥିବା ସୌଖିନ ଗଛକୁ ଦୁର୍ବୃତ୍ତ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଏହା ଜଣାପଡିବା ପରେ ଥାନାରେ ଅଭିଯୋଗ କରାଯାଇଛି। ସକାଳୁ ପୌରାଧ୍ୟକ୍ଷା ଲିକା ସାହୁ ପରିଦର୍ଶନ କରି ଏହିଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। କିଛି ବର୍ଷ ପୂର୍ବରୁ ଏହି ପାର୍କରେ ସୌନ୍ଦର୍ଯ୍ୟକରଣ କାମ କରାଯାଇଥିଲା। ବହୁ ଗଛ ସହ ଅନେକ ନୂତନ ସାମଗ୍ରୀ ମଧ୍ୟ ଲଗାଯାଇଥିଲା। ତେବେ ମଙ୍ଗଳବାର ରାତିରେ କେହି ପାର୍କ ପାଚେରୀ ଡେଇଁ ଭିତରେ ପଶିବା ସହ ସେଠାରେ ଥିବା ଗଛଗୁଡିକୁ ଭାଙ୍ଗି ଦେଇଥିବା ବୁଧବାର ସକାଳୁ ଦେଖିବାକୁ ମିଳିଥିଲା। ପାର୍କରେ ସିସିଟିଭି କ୍ୟାମେରା ଲାଗି ନ ଥିବାରୁ କିଏ ଭାଙ୍ଗିଛି ତାହା ସ୍ପଷ୍ଟ ହୋଇନାହିଁ। ଜଗୁଆଳିଙ୍କ କହିବା ଅନୁସାରେ ନିୟମିତ ରାତିରେ କିଛି ଅସାମାଜିକ ଯୁବକ ଏହି ପାର୍କ କଡରେ ନିଶା ସେବନ କରୁଛନ୍ତି। ଏଣୁ ଏହା ସେମାନଙ୍କ କାମ ହୋଇଥାଇପାରେ। ତେବେ ଏନେଇ ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ପାର୍କର ସୁରକ୍ଷା ବ୍ୟବସ୍ଥା ଢିଲା ରହିଛି। ଏଣୁ ଯୁବକମାନେ ଏହିଭଳି କାର୍ଯ୍ୟ କରିବାକୁ ସାହସ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସଂଧ୍ୟାରେ ପ୍ରେମୀ ଯୁଗଳଙ୍କ ଅଧିକ ଭିଡ ହେଉଛି। ଏହାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ପାର୍କରେ ସିସିଟିଭି ବ୍ୟବସ୍ଥା କରିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ଦାବି ହୋଇଛି।

# ଟାର୍ଗେଟ ପ୍ରଦାନରେ ନିର୍ଦ୍ଦିଷ୍ଟ ମିଲ୍‌କୁ ଅନୁକମ୍ପା

ବଲାଙ୍ଗିର,୧୧।୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଧାନକିଣା ବ୍ୟବସ୍ଥାରେ ଅନିୟନମିତତା ଚାଲିଛି। ଏହାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଧାନକିଣାରେ ସ୍ୱଚ୍ଛତାକୁ ନେଇ ବିରୋଧୀ ବିଜେଡି କିଛି ଦିନ ତଳେ ଆନ୍ଦୋଳନ କରିଥିଲା। ଏହି ସମୟରେ ପ୍ରାୟ ସମସ୍ତ ନେତା ବଲାଙ୍ଗିର ଜିଲ୍ଲା ବିଜେପିର ମୁଣ୍ଡିଆଳ ନେତା ଓ ମିଲର ମଧ୍ୟରେ ଥିବା ଭିତିରି ବୁଝାମଣା କଥା ଉଠାଇଥିଲେ। ଏବେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଜିଲ୍ଲାର ଚାଷୀମାନେ ଟାର୍ଗେଟ ପୂରିଯାଉଥିବାରୁ ଧାନ ବିକି ପାରୁ ନ ଥିବା ଅଭିଯୋଗ ହୋଇଆସୁଛି; କିନ୍ତୁ ଜିଲ୍ଲାରେ ଏଭଳି ଏକ ମିଲ୍ ରହିଛି ଯିଏ କି ପ୍ରତିବର୍ଷ ଧାନକିଣା ଟାର୍ଗେଟ ପୂରଣ କରିପାରୁନି। ଅଥଚ ବର୍ଷକୁ ବର୍ଷ ତା' ଟାର୍ଗେଟ ବହୁ ପରିମାଣରେ ବଢାଇ ଦିଆଯାଉଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି। ଗୋଟିଏ ପଟେ ଟାର୍ଗେଟ ଅଭାବରୁ ଚାଷୀ ଧାନ ବିକିପାରୁନି। ଅନ୍ୟପଟେ ମିଲରକୁ ଦିଆଯାଇଥିବା ଟାର୍ଗେଟ ପୂରଣ କରିପାରୁ ନ ଥିବା ସତ୍ତ୍ୱେ ଟାର୍ଗେଟ ବୃଦ୍ଧି କରାଯାଉଛି। ସଂପୃକ୍ତ ମିଲର ବିଜେପି ମୁଣ୍ଡିଆଳ ନେତାଙ୍କ ପାଖ ଲୋକ ହୋଇଥିବାରୁ ବିଭାଗୀୟ ଅଧିକାରୀ ଏନେଇ କୌଣସି ପଦକ୍ଷେପ ନେଇପାରୁ ନ ଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ଧାନକିଣା ଟାର୍ଗେଟ ବଣ୍ଟନକୁ ନେଇ ବିଭିନ୍ନ ସମୟରେ ବିବାଦ ଦେଖାଦେଇଥାଏ। ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ କିଛି ମିଲରକୁ ଜାଣିଶୁଣି ଅଧିକ ଟାର୍ଗେଟ ଦିଆଯାଉଛି। ଆଉ କିଛି ମିଲରକୁ ଉଦ୍ଦେଶ୍ୟମୂଳକ ଭାବେ କମ୍ ଟାର୍ଗେଟ ଦିଆଯାଇଥାଏ।

■ ଶତ ପ୍ରତିଶତ ଧାନ ନ କିଣି ବି ବଢୁଛି ଟାର୍ଗେଟ
■ ଚାଷୀ ବେଳକୁ ଟାର୍ଗେଟ ନାହିଁ, ମିଲର ପାଖରେ ବଳକା

ଅଥଚ ଏହି ଟାର୍ଗେଟ ବଣ୍ଟନ କରିବା ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ ରହିଛି; କିନ୍ତୁ ଜିଲ୍ଲାରେ ତାକୁ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ଖରିଫ ସମୟରେ ଏହିଭଳି ମନଇଚ୍ଛା ଟାର୍ଗେଟ ବଣ୍ଟନକୁ ନେଇ ମିଲରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଉଦାହରଣ ଭାବେ ଆଗଲପୁର ବ୍ଲକରେ ଥିବା ଅଶୋକ ଫୁଡ ପ୍ରଡକ୍ଟସକୁ ନିଆଯାଇପାରେ। ଏହି ମିଲ୍ ୨୦୨୧-୨୨ ଖରିଫ ବର୍ଷ ୩୫ ହଜାର ୯୭୧ କ୍ୱିଣ୍ଟାଲ ଧାନ କିଣିଥିଲା। ୨୦୨୨-୨୩ ଖରିଫରେ ୪୧ ହଜାର ୯୯୦ କ୍ୱିଣ୍ଟାଲ ଧାନ କିଣିଥିଲା। ୨୦୨୩-୨୪ ଖରିଫରେ ଯୋଗାଣ ବିଭାଗ ପକ୍ଷରୁ ମିଲ୍‌କୁ ୪୪ ହଜାର ୨୦୦ କ୍ୱିଣ୍ଟାଲ ଧାନ କିଣା ଲାଗି ଟାର୍ଗେଟ ଦିଆଯାଇଥଲା। ସବୁତକ ଧାନ ନ କିଣି ମିଲର ୩୬ ହଜାର ୩୪୪ କ୍ୱିଣ୍ଟାଲ ଧାନ କିଣିଥିଲେ। ସେହିପରି ୨୦୨୪-୨୫ରେ ପୂର୍ବବର୍ଷ ଧାନକିଣା ସ୍ଥିତିକୁ ଯାଞ୍ଚ ନ କରି ପୁଣି ଯୋଗାଣ ବିଭାଗ ଧାନକିଣା ଟାର୍ଗେଟକୁ ୪୪ ହଜାର୨୦୦ କ୍ୱିଣ୍ଟାଲରୁ ବଢାଇ ୫୫ ହଜାର କ୍ୱିଣ୍ଟାଲ କରିଥିଲା। ଗତ ବର୍ଷ ମଧ୍ୟ ସଂପୃକ୍ତ ମିଲର ସବୁତକ ଧାନ ନ କିଣି ମାତ୍ର ୪୮ ହଜାର ୮୦୬ କ୍ୱିଣ୍ଟାଲ କିଣିଥିଲା। ଏହି ସ୍ଥିତିକୁ ମଧ୍ୟ ବିଭାଗ ଯାଞ୍ଚ ନ କରି ପୁଣି ତାଙ୍କ ଟାର୍ଗେଟକୁ ୫୫ ହଜାରରୁ ବଢାଇ ୭୨ ହଜାର କ୍ୱିଣ୍ଟାଲ କରିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ସେ ୬୫ ହଜାର ୬୮୫ କ୍ୱିଣ୍ଟାଲ ଧାନ କିଣିଥିବା ବେଳେ ଚଳିତ ବର୍ଷ ଧାନକିଣା ସ୍ଥିତିକୁ ଦେଖିଲେ ମିଲରଙ୍କ ଚଳିତ ବର୍ଷ ବି ଧାନକିଣା ଟାର୍ଗେଟ ପୂରଣ କରିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଜିଲ୍ଲାରେ ଏହିଭଳି ସ୍ଥିତି ଅନେକ ମିଲରଙ୍କ ରହିଛି; କିନ୍ତୁ ଯୋଗାଣ ବିଭାଗ ନର୍ଦ୍ଦିଷ୍ଟ କିଛି ମିଲରଙ୍କୁ ଅନୁକମ୍ପା ଦେଖାଇ ଏହିଭଳି ଟାର୍ଗେଟ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି; କିନ୍ତୁ କାହିଁକିବୋଲି ପ୍ରଶ୍ନ ଉଠୁଛି। କାହିଁକି ସଂପୃକ୍ତ ମିଲରଙ୍କୁ ଟାର୍ଗେଟ ଦିଆଯିବା ସମୟରେ ମିଲିଂ କ୍ଷମତା, ଗୋଦାମ କ୍ଷମତା ସହ ପୂର୍ବ ବର୍ଷ ଧାନକିଣା ସ୍ଥିତିକୁ ଯାଞ୍ଚ କରାଯାଉନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ। ଏପରିକି ଧାନକିଣା ପୂର୍ବରୁ ମିଲଗୁଡ଼ିକର ଯେଉଁ ଯାଞ୍ଚ କରାଯିବା କଥା ତାହା ମଧ୍ୟ ବଲାଙ୍ଗିର ଜିଲ୍ଲାରେ କରାଯାଉ ନ ଥିବାରୁ ମିଲରମାନେ ଟ୍ୟାଗିଂ କରିବା ପୂର୍ବରୁ ଗୋଦାମ ଧାନରେ ଭର୍ତ୍ତି କରି ରଖୁଥିବା ଅଭିଯୋଗ ଆସିଥାଏ। ତେବେ ଆଗଲପୁର ବ୍ଲକରେ ଥିବା ଏହି ମିଲ୍ ଜିଲ୍ଲାର ବିଜେପି ମୁଣ୍ଡିଆଳ ନେତାଙ୍କ ପାଖ ଲୋକ ହୋଇଥିବାରୁ ତାଙ୍କୁ ଟାର୍ଗେଟ ଦିଆଯିବା ସମୟରେ ପୂର୍ବ ବର୍ଷ ସ୍ଥିତି ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ ଟାର୍ଗେଟ ବଣ୍ଟନ ସମୟରେ ମିଲିଂ କ୍ଷମତା, ଗୋଦାମ କ୍ଷମତା ସହ ପୂର୍ବବର୍ଷ ଧାନକିଣା ସ୍ଥିତିକୁ ମଧ୍ୟ ଯାଞ୍ଚ କରାଯିବା କଥା। ଯଦି ସଂପୃକ୍ତ ମିଲରକୁ ଏହିଭଳି ଅନୁକମ୍ପା ଦିଆଯାଇଥିବା ଅଭିଯୋଗ ରହିଛି ତେବେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଅଭିଯୋଗ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ତେବେ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯେଉଁ ମିଲରକୁ ଯେତେ ଟାର୍ଗେଟ ଦିଆଯାଉଛି ଶତ ପ୍ରତିଶତ ଧାନକିଣା ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଗୋଟିଏ ସ୍ଥାନରେ ଔଷଧ ହୋଲ୍‌ସେଲିଂ, ରିଟେଲିଂକୁ ନେଇ ବିବାଦ

ବଲାଙ୍ଗିର,୧୧।୨(ସମିସ): ବଲାଙ୍ଗିର ଟିକ୍ରାପଡା ଅଞ୍ଚଳରେ ଥିବା ଔଷଧ ହୋଲସେଲିଂ ତଥା ରିଟେଲିଂ ଦୋକାନକୁ ନେଇ ବିବାଦ ଦେଖା ଦେଇଛି। ଗୋଟିଏ ସ୍ଥାନରେ ହୋଲସେଲିଂ ଓ ରିଟେଲିଂ ଦୋକାନକୁ ନେଇ ସ୍ଥାନୀୟ ଔଷଧ ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବୁଧବାର ବଲାଙ୍ଗିର ସହରରେ ଥିବା ସମସ୍ତ ଔଷଧ ଦୋକାନୀ ଟିକ୍ରାପଡାରେ ଥିବା କ୍ରିଷ୍ଣା ମେଡିକାଲ ଏଜେନ୍ସିକୁ ଯାଇ ହୋଲସେଲିଂ ପଏଣ୍ଟରେ ରିଟେଲ କାଉଣ୍ଟରରୁ ଔଷଧ ବିକ୍ରି କରିବାକୁ ମନା କରିଥିଲେ। ଏ ନେଇ ଔଷଧ ଦୋକାନୀମାନେ ଡ୍ରଗ୍ସ ନୀରିକ୍ଷକଙ୍କ ପାଖରେ ମଧ୍ୟ ଦାବି କରିଥିଲେ। ପରେ ଡ୍ରଗ୍ସ ନୀରିକ୍ଷକ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଔଷଧ ଦୋକାନୀମାନଙ୍କ ଅଭିଯୋଗକ୍ରମେ ଏହି ବ୍ୟବସାୟିକ ପ୍ରତିଷ୍ଠାନଟି ହୋଲସେଲିଂ କରୁଥିବା ବେଳେ ସେହି ସ୍ଥାନରେ କିଭଳି ଭାବେ ରିଟେଲିଂ କାଉଣ୍ଟର କରିଛି। ଏପରିକି ମନଇଚ୍ଛା ରିହାତିରେ ଔଷଧ ବିକ୍ରି କରୁଥିବାରୁ ତାହାର ମାନକୁ ନେଇ ମଧ୍ୟ ପ୍ରଶ୍ନ ରହିଛି। ନିୟମାନୁସାରେ ହୋଲସେଲିଂ ପଏଣ୍ଟରେ ରିଟେଲ କାଉଣ୍ଟର କରାଯିବା କଥା ନୁହଁ। ଏନେଇ ଡ୍ରଗ୍ସ ନୀରିକ୍ଷକଙ୍କ କହିବା ଅନୁସାରେ ବ୍ୟବସାୟୀଙ୍କ ପାଖରେ ଉଭୟ ଅନୁମତି ରହିଛି। ତଥାପି ତାଙ୍କର କାଗଜପତ୍ର ଯାଞ୍ଚ କରାଯାଇଛି। ତେବେ କ୍ରିଷ୍ଣା ମେଡିକାଲ ଏଜେନ୍ସି ନାମକ ଗୋଟିଏ ସ୍ଥାନରେ ହିଁ ଉଭୟ ହୋଲସେଲିଂ ଓ ରିଟେଲିଂ କରାଯାଉଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୋକାନୀମାନେ ଦାବି କରିଛନ୍ତି। ନ ଚେତ ଆନ୍ଦୋଳନ ଚେତବାନୀ ଦେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ପତ୍ନୀ ବିୟୋଗ

ବଲାଙ୍ଗିର,୧୧।୨(ସମିସ): ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ସ୍ତ୍ରୀ ଶୋଭାଗିନୀ ବେହେରାଙ୍କ ୭୫ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। କିଛି ମାସ ହେଲା ସେ କର୍କଟ ରୋଗରେ ଆକ୍ରାନ୍ତ



ହୋଇ ଚିକିତ୍ସାଧୀନ ଥିଲେ। ରାଜ୍ୟ ବାହାରେ ତାଙ୍କ ଚିକିତ୍ସା କରାଯାଉଥିଲା। ୨ ମାସ ହେଲା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଭର୍ତ୍ତି ହୋଇଥିଲେ; ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ଆସି ନ ଥଲା। ବୁଧବାର ସକାଳ ପ୍ରାୟ ୧୦ଟାରେ ତାଙ୍କର ଦେହାନ୍ତ ହୋଇଥଲା। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି। ତାଙ୍କ ବଡ ପୁଅ ବଲାଙ୍ଗିର ଜିଲ୍ଲା ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା ମୁଖାଗ୍ନି ଦେଇଥିଲେ।

## କର୍କଟ ରୋଗ ସଚେତନତା ଶିବିର



ବଲାଙ୍ଗିର,୧୧।୨(ସମିସ): ଗୋପାଳଜୀ ମନ୍ଦିରରେ ବଲାଙ୍ଗିରର ଅଗ୍ରଣୀ ମହିଳା ଅନୁଷ୍ଠାନ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ଆଦର୍ଶ ଗୃହିଣୀ ନନ୍ଦିନୀ ଗୁରୁଙ୍କ ସ୍ମୃତିରେ ଏକ କର୍କଟ ରୋଗର ନିରାକରଣର ସଚେତନତା ଶିବିର ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡ. ପ୍ରେମାନନ୍ଦ ମହାନ୍ତି ମୁଖ୍ୟବକ୍ତା ଓ ଉପଦେଷ୍ଟା ମଦନ ମୋହନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ଗିରିଜା ଶଙ୍କର ରଥ ଯୋଗ ଦେଇଥିଲେ। ମାଳତି ଉଦ୍‌ଗାତା ସଭାପତିତ୍ୱ କରିଥିଲେ। ସଂପାଦିକା କସ୍ତୁରୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜଶ୍ରୀ ତ୍ରିପାଠୀ, ଆରତୀ ମିଶ୍ର, ନିହାରିକା ମିଶ୍ର, ରଶ୍ମି ପାତ୍ର, ଶୋଭିନି ମହାଲିଙ୍ଗ, ବୀଣାପାଣି ଆଚାର୍ଯ୍ୟ ଓ ନିରୁପମା ମିଶ୍ର ସହଯୋଗ କରିଥିଲେ। କୁମୁଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଦିନକରେ ପିଚୁ ଉଠିଗଲା

ସଇଁତଲା, ୧୧।୨(ସମିସ): ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମହା ଦୁର୍ନୀତି ହୋଇଥିବା ସାଙ୍ଘାତିକ ଅଭିଯୋଗ ଆସିଛି। ପିଚୁ ହେବାର ଦିନକରେ ଉଠି ଯାଉଛି। ସଇନ୍ତଲା ବ୍ଲକ୍ ଆମ୍ବପାଲିରୁ କନ୍ଦାମୁଣ୍ଡା ପର୍ଯ୍ୟନ୍ତ (ଭାୟା-ଖାରିବାହାଲ) ପିଚୁ ରାସ୍ତା କାମରେ ଏହା ଦେଖିବାକୁ ମିଳଇଛି। କାମରେ ବ୍ୟାପକ ଅନିୟମିତତ ହୋଇଥିବା ଅଭିଯୋଗ ଉଠିଛି। କାମ ଶେଷ ହୋଇନି; ହେଲେ ପିଚୁ ଉଠି ଯାଉଛି। ଖାରିବାହାଲ ଗ୍ରାମବାସୀଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି।



ଆମ୍ବପାଲିରୁ ଖାରିବାହାଲ ଦେଇ କନ୍ଦାମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୨.୫ କିଲୋମିଟର ରାସ୍ତା ପିଚୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଅନୁମୋଦନ ମିଳିଛି। ଏଥିଲାଗି ୨ କୋଟି ୪୨ ଲକ୍ଷ ୨୯ ହଜାର ଟଙ୍କା ମଞ୍ଜୁର ହୋଇଛି। ୨୯।୧।୨୦୨୫ରୁ କାମ ଆରମ୍ଭ ହୋଇଛି। ୨୭।୭।୨୦୨୬ ମଧ୍ୟରେ କାମ ଶେଷ କରିବାକୁ ସମୟ ସୀମା ରହିଛି। ବଙ୍ଗୋମୁଣ୍ଡା ଅଞ୍ଚଳର ଠିକାଦାର କମଳା ଅଗ୍ରୱାଲଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା କାମର ଠିକା ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଠିକା ସଂସ୍ଥା ରାସ୍ତା ନିର୍ମାଣ କାମରେ ଅନିୟମିତତା କରିଛି। ନିର୍ଦ୍ଧାରିତ ମାନକ ଅନୁସାରେ ବେସ୍ କୋର୍ସ ଓ ସବ୍-ବେସ୍ କୋର୍ସ ଠିକ୍ ଭାବରେ ପ୍ରସ୍ତୁତ ହୋଇନି। ତରବରିଆ ଭାବେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ପିଚୁ କାମ କରାଯାଇଛି। ଏଣୁ ପିଚୁ ପଡିବାର ମାତ୍ର ଦିନକ ପରେ ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯାଉଛି। ଗ୍ରାମବାସୀ କହିଛନ୍ତି ଯେ, ଏହି ରାସ୍ତା ଉପରେ ଆମ୍ବପାଲି, ଖାରିବାହାଲ ଓ କନ୍ଦାମୁଣ୍ଡା ସହ ଆଖପାଖର ଅନେକ ଗାଁର ଲୋକ ନିର୍ଭର କରନ୍ତି। ବର୍ଷା ଦିନେ ଏହି ରାସ୍ତିରେ ଯିବା ଆସିବା ସମ୍ଭବ ହେଉନି। ଏତେ ଟଙ୍କା ବ୍ୟୟ ହେଉଥିବା ସତ୍ତ୍ୱେ ଯଦି ରାସ୍ତା ଦୁଇ-ଚାରି ଦିନ ମଧ୍ୟରେ ନଷ୍ଟ ହୋଇଯାଏ ତେବେ ଏହା ସରକାରୀ ଅର୍ଥର ଦୁର୍ବ୍ୟବହାର ବୋଲି ଧରିବାକୁ ହେବ। ତେବେ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀ ମାଣିକ୍ୟ କୁମ୍ଭାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପିଚୁ ସମ୍ପୂର୍ଣ୍ଣ ଭାବେ ସେଟ୍ ହେବା ପାଇଁ ପ୍ରାୟ ଗୋଟିଏ ମାସ ସମୟ ଲାଗିଥାଏ। ଅନ୍ୟପକ୍ଷେ ଗ୍ରାମବାସୀଙ୍କ ମତରେ, ପିଚୁ ସେଟ୍ ହେବା ପୂର୍ବରୁ ଯଦି ପିଚୁ ଖୋଲିଯାଉଛି ତେବେ ଏହା ସ୍ପଷ୍ଟ ଭାବେ ନିମ୍ନମାନର କାମ ହୋଇଥିବା ପ୍ରମାଣିତ ହୋଇଛି। ଏବେ ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପରି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଯଦି ଏଭଳି ଦୁର୍ନୀତି ଓ ଅବହେଳା ହୁଏ ତେବେ ଗ୍ରାମାଞ୍ଚଳର ଉନ୍ନତି କିପରି ସମ୍ଭବ। ପ୍ରଶାସନ ଏହା ଉପରେ କି ପଦକ୍ଷେପ ନେଉଛି ସେଥିପାଇଁ ଏବେ ସମସ୍ତଙ୍କ ନଜର ରହିଛି।

## ଅବସରପ୍ରାପ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଗଠିତ



ବଲାଙ୍ଗିର,୧୧।୨(ସମିସ): ଶାନ୍ତିପଡାରେ ଅବସରପ୍ରାପ୍ତ ଆରଆଇ, ଏଆରଆଇମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରପ୍ରାପ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଗଠିତ ହୋଇଛି। ଓଡିଶା ରାଜ୍ୟ ଅବସରପ୍ରାପ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବଲାଙ୍ଗିର ଜିଲ୍ଲା ସଂଗଠନ ଶାଖା ନିର୍ବାଚନ ହୋଇଛି। ଦେବରାଜ ବାଗ ସଭାପତି, ପଞ୍ଚାନନ ବେଦବାକ ଉପ-ସଭାପତି, ଆଦିକନ୍ଦ ସ୍ୱାଇଁ ସଂପାଦକ, ନବକିଶୋର ପଧାନ ସହ-ସଂପାଦକ, ଶଙ୍କର୍ଷଣ ମିଶ୍ର କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଂଘର ସଂଗଠନ ସଂପାଦକ ସିଦ୍ଧେଶ୍ୱର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଚନ୍ଦ୍ର ନାଏକ, ରମେଶ ଚନ୍ଦ୍ର ଥନାପତି, ରମେଶ ଚନ୍ଦ୍ର ମିଶ୍ର, ବଂଶୀଧର ବାରିକ, ଭୋଲା ନନ୍ଦ, ବନମାଳି ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ସଇଁତଲା,୧୧।୨(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ୍ ବିବିନା ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି। ୧୦ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ କାମରେ ମାତ୍ର ୩୦୦୦୦ ଟଙ୍କା କାମ କରାଯାଇଛି; ହେଲେ ୩୨୦୦୦୦ ଟଙ୍କା ଉଠିଛି। ସଇଁତଲାରେ ୯ ତାରିଖ ଦିନ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ସମ୍ପୃକ୍ତ ପିଇଓ, ଏଡିଓ, ଗାଁ ସାଥୀ ଓ ସରପଞ୍ଚଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

## ନୂତନ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର




ଲୋଇସିଂହା,୧୧।୨(ସମିସ): ଲୋଇସିଂହା ମହାବିଦ୍ୟାଳୟରେ "ଜାତୀୟ ଶିକ୍ଷାନୀତି -୨୦୨୦' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ।

ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଜଗମୋହନ ଦର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ର ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଶାନ୍ତିପ୍ରିୟା ହୋତା ସଭା ପରିଚାଳନା କରିବା ସହ ନୂତନ ଶିକ୍ଷାନୀତିର ସାମ୍ପ୍ରତିକ ଉପାଦେୟତା ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକ ଗୀତାଞ୍ଜଳି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀମାନେ ଶିକ୍ଷାନୀତି ଉପରେ ପ୍ରବନ୍ଧ ପାଠ କରିବା ସହ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

### ଉପରଝରରେ ଜଳନ୍ଧର ଦରବାର ଉଦ୍‌ଘାଟିତ

# ସରକାରଙ୍କ ମିଛ ପ୍ରତିଶ୍ରୁତିରେ ଲୋକେ ଭାସି ନ ଯାଆନ୍ତୁ

ବଲାଙ୍ଗିର/ଦେଓଗାଁ, ୧୧।୨(ସମିସ): ବଲାଙ୍ଗିର ଜିଲ୍ଲା ଉପରଝରର ଓ ଏହି ଆଖପାଖ ଅଞ୍ଚଳ ଏକ ପ୍ରଧାନ ଅଞ୍ଚଳ। ଏଠାରେ ଅନେକ ଚାଷୀ ତାଙ୍କ ଜମିରେ ଅର୍ଥ ଲାଭକାରୀ ଫସଲ ଉତ୍ପାଦନ କରନ୍ତି। ଚାଷୀଙ୍କ ଚାଷ ଦ୍ୱାରା ହିଁ ଏ ଅଞ୍ଚଳର ପ୍ରତ୍ୟେକ ଲୋକଙ୍କ ସର୍ବାଙ୍ଗିନ ବିକାଶ ହୋଇଥାଏ; କିନ୍ତୁ ବର୍ତ୍ତମାନ ଅଞ୍ଚଳର ଚାଷୀ ଭଲ ଅମଳ କରୁଥିଲେ ହେଁ ଖୁସିରେ ନାହାନ୍ତି। ଯାହା କିଛି ଉତ୍ପାଦନ କରୁଛନ୍ତି ତାର ଆଉ ସେମାନେ ଉଚିତ ଦାମ୍ ପାଉ ନାହାନ୍ତି। ଧାନର ଉନ୍‌ପୁଟ ସବସିଡି ସରକାର ଘୋଷଣା କରିଥିଲେ ହେଁ କଟନି ଛଟନି ଏବଂ ଟୋକନ ତଥା ଧାନ ବିକ୍ରି ସମସ୍ୟା ଲାଗି



ରହୁଥିବାରୁ ଚାଷୀ ଘୋର ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଏଣୁ ଏ ଅଞ୍ଚଳର ଚାଷୀ ଯେ ପର୍ଯ୍ୟନ୍ତ ଏକତା ସୂତ୍ରରେ ବାନ୍ଧି ହୋଇ କୃଷକର ସ୍ୱାର୍ଥ ରକ୍ଷା ପାଇଁ ଲଢେଇ ନ କରିବେ ସେ ପର୍ଯ୍ୟନ୍ତ ଚାଷୀଙ୍କ ସମସ୍ୟା ଦୂର ହୋଇ ପାରିବ ନାହିଁ। ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଲୋକେ ଆଉ ଭାସି ଯାଆନ୍ତୁ ନାହିଁ। ଯେ ପ୍ରକୃତରେ ଅଞ୍ଚଳ ପାଇଁ ଲୋକଙ୍କ ପାଇଁ କାମ କରୁଛନ୍ତି, ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ସୁବ୍ୟବସ୍ଥା ପାଇଁ ସହଯୋଗର ହାତ ବଢାଉଛନ୍ତି ସେଭଳି ନେତୃତ୍ୱଙ୍କୁ ସହଯୋଗର ହାତ ବଢାନ୍ତୁ। ଦେଓଗାଁ ବ୍ଲକ ଉପରଝରରେ ଆୟୋଜିତ ଜଳନ୍ଧର ଦରବାରର ଉଦ୍‌ଘାଟନ ଅବସରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସଂପାଦକ ଦିନେଶ ପ୍ରଧାନ, ନେହେରୁ ବିଶ୍ୱାଲ, କୁଞ୍ଜବିହାରି ମିଶ୍ର, ଈଶ୍ୱର ପ୍ରଧାନ, ସଂଜିବ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥଲେ। ଗ୍ରାମ୍ୟ କମିଟି ସଭାପତି ଉତ୍ତମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କବି ରାଜୀବ ଲୋଚନ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ରମେଶ ମହାପାତ୍ର, ଉଜ୍ଜଳ ପ୍ରଧାନ, ଅଜିଲ ବିଶ୍ୱାଳ, ରାଜା ପ୍ରଧାନ, ଯୁବରାଜ ମାଝି, ବନମାଳି ଭୁଏ ପ୍ରମୁଖ ଜଳନ୍ଧର ଦରବାର ତଥା ପାରାୟଣ ଉତ୍ସବର ଆୟୋଜନ ପାଇଁ ପ୍ରମୁଖ ଭୂମିକାରେ ଅଛନ୍ତି।



# ମଣ୍ଡିରେ ଚାଷୀଙ୍କୁ ଶୋଷଣ ଅଭିଯୋଗ

କବାଟବନ୍ଧ, ୧୧।୨(ସମିସ)



ଧର୍ମଶାଳା ବ୍ଲକର ବିଭିନ୍ନ ସମବାୟ ସମିତିରେ ଧାନ କିଣା ପାଇଁ ଖୋଲିଥିବା ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଚାଷୀମାନଙ୍କ ଠାରୁ ଖର୍ଚ୍ଚ ବାବଦରେ ଟଙ୍କା ଆଦାୟ କରାଯାଉଥିଲେ ମଧ ଚାଷୀମାନେ ଏନେଇ ମୁହଁ ଖୋଲୁନାହାଁନ୍ତି। ପ୍ରଥମତଃ ମଣ୍ଡିକୁ ଠିକ୍ ସମୟରେ ଗାଡ଼ି ଆସୁ ନଥିବାରୁ ଚାଷୀ ମାନେ ଧାନ ଦେଇ ପାରୁନାହାଁନ୍ତି। ଅନ୍ୟ ପକ୍ଷରେ ଟଙ୍କା ନ ଦେଲେ କିମ୍ବା ସେ ସମ୍ବନ୍ଧରେ ଅଭିଯୋଗ କଲେ କାଳେ ଧାନ ମଣ୍ଡିରେ ଦେବାକୁ ଅସୁବିଧା ସୃଷ୍ଟି ହେବ ସେଥିପାଇଁ ଆଶଙ୍କାରେ ରହିଛନ୍ତି। ବ୍ଲକର ମଧୁସୂଦନପୁର ସେବା ସମବାୟ ସମିତି, ରେଖିଦେଇପୁର ସେବା ସମବାୟ ସମିତି, ତାଳଜଙ୍ଗ ଏବଂ ଏଣ୍ଡଲବାରେ ହେଉଥିବା ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସରକାର ମଣ୍ଡି ସୁପରିଚାଳନା ତଥା ଚାଷୀମାନେ କେମିତି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେଥିପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ମାତ୍ର କିଛି ଅସାଧୁ ଅଫିସର ଏବଂ କର୍ମଚାରୀମାନଙ୍କ ପାଇଁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଧୁସୂଦନପୁର, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା ଆଦି ଧାନ ମଣ୍ଡି ହେଉଥିବା ସ୍ଥାନରେ ଭିତ୍ତିଭୂମି ନ ଥିବା ଅଭିଯୋଗ ହେଉଛି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଏହି ମଣ୍ଡି ଗୁଡ଼ିକରେ ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ମଧ ନାହିଁ। ଚାଷୀ ମାନେ ବସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ବାଧ ହୋଇ ଚାଷୀମାନେ ଖରାରେ ବସିବା ସହିତ ହଇରାଣ ହେଉଛନ୍ତି। ଅନେକ ମଣ୍ଡିରେ ନାମକୁ ମାତ୍ର ସିସିଟିଭି; କିନ୍ତୁ ତାହା କାର୍ଯ୍ୟକ୍ଷମ ହେଉନାହିଁ। ପୂର୍ବ ବର୍ଷ ମଣ୍ଡିରୁ ଧାନ ଚୋରି ଭଳି ଏକ ସଙ୍ଗୀନ ଅଭିଯୋଗ ମଧ ହୋଇଥିଲା। ଜଣେ ଜଣେ ସମବାୟ ସମିତିର ସମ୍ପାଦକ ଏକାଧିକ ମଣ୍ଡି ଦାୟିତ୍ୱରେ ଥିବାରୁ ଏହି ଅବ୍ୟବସ୍ଥା ଦେଖା ଦେଉଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ କୌଣସି ମଣ୍ଡି ପରିଦର୍ଶନ ନ କରିବା କାରଣରୁ ଏଭଳି ସ୍ଥିତି ଦେଖା ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆହୁରି ମଧ ଖର୍ଚ୍ଚ ବାବଦକୁ ୪୦ରୁ ୭୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରା ଯାଉଥିବା ଅଭିଯୋଗ ହେଉଛି। ଫଳରେ ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, ରେଖିଦେଇପୁର, କବାଟବନ୍ଧ, ତାଳଜଙ୍ଗ, ଏଣ୍ଡଲବା, ଅଞ୍ଜିରା, ଚକ୍ରଧରପୁର ଆଦି ଅଞ୍ଚଳର ଚାଷୀଙ୍କ ପାଇଁ ଏହା ବଡ଼ ଚିନ୍ତାର ବିଷୟ ହୋଇଛି। ଆବଶ୍ୟକୀୟ ଭିତ୍ତିଭୂମି ତଥା ସିସିଟିଭି, ଚାଷୀମାନଙ୍କ ବସିବା ସୁବିଧା, ଆଲୋକୀକରଣ ବ୍ୟବସ୍ଥା ସହ ଅନ୍ୟାନ୍ୟ କୌଣସି ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ମଧ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ ସିଏସ୍‌ଓ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

## ଏସ୍‌ବିଆଇର ନୂଆ ଆଉଟ୍‌ଲେଟ୍ ଉଦଘାଟିତ



ଯାଜପୁର, ୧୧।୨(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ଅଫିସ ପରିସରରେ ଥିବା ଆମ ବ୍ୟାଙ୍କ୍ ଗୃହରେ ଗତ ରବିବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନୂତନ ସିଏସପି ପ୍ଲସ (ବିଏଲଏସ ସହଯୋଗରେ) ଆଉଟ୍‌ଲେଟ୍ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଏଲ୍‌ଏସ୍ ଇଣ୍ଡିଆର ଆଞ୍ଚଳିକ ପ୍ରମୁଖ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଗ୍ରାହକ ସେବା କେନ୍ଦ୍ରକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏଲଏସ ଏସବିଆଇର ଓଡ଼ିଶା ମୁଖ୍ୟ ରାଜାରାଓ ଆଚାରୀ, ଯାଜପୁର ଜିଲ୍ଲା ମୁଖ୍ୟ ପ୍ରବୀଣ କୁମାର ପଣ୍ଡା, ଖଣ୍ଡରା ସରପଞ୍ଚ କୁଞ୍ଜ ବିହାରୀ ଦାସ, ଗ୍ରାମ ମୁଖ୍ୟ ଆନନ୍ଦ ଚନ୍ଦ୍ର ମହଲା, ସ୍ୱୟଂ ସହାୟକ ଗୋଷ୍ଠୀ ସିଆରପି ଗୀତା ଦାସ, ଏମ୍‌ବିକେ ଅରୁଣିମା ଦେବତା, ବ୍ୟାଙ୍କମିତ୍ର ମମତା ପାଣିଗ୍ରାହୀ, ସିଆର୍‌ପି ମଞ୍ଜୁ ଗେଡ଼ି, ସିଏସପି ପ୍ଲସ ସତ୍ତ୍ୱାଧିକାରୀ ଅଶୋକ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସତ୍ତ୍ୱାଧିକାରୀ ଶ୍ରୀ ସେଠୀ ଏସ୍‌ବିଆଇ ବିଏଲଏସ ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ବ୍ୟାଙ୍କ ସେବା ସ୍ଥାନୀୟ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ; ସ୍ୱାମୀ ଅଟକ



ବିଞ୍ଝାରପୁର/ସିଂହପୁର, ୧୧।୨(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତର ୧୫ନଂ. ୱାର୍ଡର ଦୀନବନ୍ଧୁ ସାମଲଙ୍କ ସ୍ତ୍ରୀ କୁନିତା (୩୮)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ତାଙ୍କ ଘର ପଛପଟ ବାଡ଼ିରେ ପଡ଼ିଥିବା ବୁଧବାର ସକାଳେ ଦେଖିବାକୁ ମିଳିଥିଲା। ଏହି ଘଟଣାର ଖବରପାଇ ମୃତ କୁନିତାଙ୍କ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହିତ କୁନିତାଙ୍କୁ ଶାଶୁଘର ଲୋକେ ସ୍ୱାମୀ, ଦିଅର, ଶାଶୂ, ଶଶୁର ମିଳିମିଶି ମାରିଦେଇଛନ୍ତି ବୋଲି ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ କୁନିତାଙ୍କ ବାପଘର ପକ୍ଷରୁ ଅଭିଯୋଗପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି କୁନିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାକୁ ନେଇ ପୁଲିସ ଏକ ମାମଲା ନଂ. ୭୮/୨୬ ରୁଜ କରିବା ସହିତ ଜଣକୁ ଥାନାରେ କୁନିତାଙ୍କ ସ୍ୱାମୀ ଦୀନବନ୍ଧୁଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରି ତଦନ୍ତ କରୁଥିବା ଜଣାପଡ଼ିଛି। ମୃତ କୁନିତାଙ୍କ ଭାଉଜଙ୍କ ଅଭିଯୋଗ ଅନୁଯାୟୀ କୁନିତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ଅଞ୍ଚଳରେ ଥିବା ବେଳେ ୨୦୧୦ ମସିହାରେ କୁନିତାଙ୍କର ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତର ଦ୍ୱାରିକା ସାମଲଙ୍କ ପୁଅ ଦୀନବନ୍ଧୁ ସାମଲଙ୍କ ସହିତ ବୈଦିକମତେ ବିବାହ କରାଯାଇଥିଲା। ବିବାହ ପରେ କିଛି ବର୍ଷ ପରେ ଶଶୁରଘର ଲୋକେ କୁନିତାଙ୍କୁ ବାପଘର ଅଧିକ ଟଙ୍କା ଆଣିବା ପାଇଁ ଚାପ ପକାଇବା ସହିତ ଶାରୀରିକ, ମାନସିକ ଯନ୍ତ୍ରଣା ଦେବା ସହିତ ମାଡ ମାରୁଥିଲେ। ସ୍ୱାମୀ ଦୀନବନ୍ଧୁ ଏକ ଦୋକାନ ଖୋଲିବା ପାଇଁ କୁନିତାଙ୍କୁ ବାପା-ଭାଇଙ୍କଠାରୁ ୫୦ ହଜାର ଟଙ୍କା ଆଣିଦେବାକୁ ବାଧ କରୁଥିଲେ। ସେଥିରେ କୁନିତା ରାଜି ନ ହେବାରୁ କୁନିତାଙ୍କୁ ଶାଶୂଘର ଲୋକେ ମିଳିମିଶି ମଙ୍ଗଳବାର ବିଳମ୍ବିତ ରାତିରେ କିରାସିନ ଢାଳି ନିଆଁ ଲଗାଇ ମାରି ଦେଇ ଅର୍ଦ୍ଧଦଗ୍ଧ ମୃତଦେହକୁ ନିକଟସ୍ଥ ବାଡ଼ିରେ ପକାଇଥିବା ଭାଉଜ ତପସ୍ୱିନୀ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଞ୍ଝାରପୁର ଅତିରିକ୍ତ ଥାନାଧିକାରୀ ପାର୍ବତୀ ମଲ୍ଲିକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ମୃତ କୁନିତାଙ୍କ ବ୍ୟବଚ୍ଛେଦ ରିର୍ପୋଟ ଓ ସାଇଣ୍ଟିଫିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଅନାବାଦୀ ଜମି ହଡ଼ପ୍ ଅଭିଯୋଗ



ପ୍ରୀତିପୁର, ୧୧।୨(ସମିସ): ଟିଣା ଗ୍ରାମର ଅନାବାଦୀ ଜମିକୁ ତଞ୍ଚକତା କରି ନିଜ ହେପାଜତକୁ ନେଇ ବେଆଇନ ଭାବେ ନିର୍ମିତ ସ୍ଥାୟୀ ଘର ନିର୍ମାଣ ଉପରେ ରୋକ ଲଗାଇଛନ୍ତି ସିଭିଲ ଜଜ୍। ବିଞ୍ଝାରପୁର ବ୍ଲକର ଟିଣା ଗ୍ରାମ ପଞ୍ଚାୟତରେ ୧୯୨୮ ମସିହା ବନ୍ଦୋବସ୍ତ ସମୟରେ ମୌଜା-ଟିଣା, ସାବକ ଖାତା ନଂ-୨୭୮ ରକବା-୧.୪୪ ଅନାବାଦୀ ଜମି ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିଲା। ଗୋରୁଗାଈ, ଛେଳି ମେଣ୍ଢା ଚରିବା ଆଦି କାମ ଏହି ଅନାବାଦୀ ଜମିକୁ ଲୋକେ ବ୍ୟବହାର କରୁଥିଲେ। କିନ୍ତୁ ସମୟକ୍ରମେ ନୂତନ ବନ୍ଦୋବସ୍ତ ହାଲ୍ ପ୍ଲଟ ନଂ-୧୧୬, ୧୪୮, ୧୪୯, ୧୫୧ ଭାବେ ଚାରୋଟି ନୂଆ ଅନାବାଦୀ ପ୍ଲଟ ହୋଇଥିଲା। କିନ୍ତୁ କିଛି କ୍ଷମତା ଲିପ୍ସୁ ଓ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ମୂଲ୍ୟବାନ ଅନାବାଦୀ ସମ୍ପତ୍ତିକୁ ହାତେଇବାକୁ ତହସିଲଦାର ଅଫିସ ସହିତ ଯୋଗାଯୋଗ କରି ଅଧିକାରୀଙ୍କୁ ଲାଞ୍ଚ ଦେଇ ଉକ୍ତ ସରକାରୀ ସମ୍ପତ୍ତିକୁ ପ୍ରାୟ ୧୧ ଜଣ ନିଜ ନାମରେ କରିନେଇ ନିଜେ ଭୋଗ ଦଖଲ କରୁଛନ୍ତି। ଏହା ଦ୍ୱାରା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାର ଆଦିକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏଥିରେ କୌଣସି ସୁଫଳ ନମିଳିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରୁ ଯଦୁମଣି ନାୟକ, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ବିଚିତ୍ରା ନନ୍ଦ ପଣ୍ଡା ଓ ଅମିତା ନାୟକ ପ୍ରମୁଖ ଜୁନିଅର ଡିଭିଜନ, ସିଭିଲ ଜଜଙ୍କ ନିକଟରେ କେଶ ଦାୟର କରିଥିଲେ। ଯାହାର କେଶ ନଂ-ଆଇ. ଏ.-୨୦୭/୨୫ ଅଟେ। କୋର୍ଟ ସମସ୍ତ କାଗଜପତ୍ର ତନଖି କରି ଓ ଦୁଇପକ୍ଷଙ୍କ ଯୁକ୍ତିକୁ ଶୁଣାଣି କରି ଉକ୍ତ ବିବାଦମାନ ଅନାବାଦୀ ସମ୍ପତ୍ତି ଉପରେ କୌଣସି ସ୍ଥାୟୀ କାମ ନକରିବାକୁ ଅନିର୍ଦ୍ଦିଷ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେଶର ଫଇସଲା ନ ହେଲା ପର୍ଯ୍ୟନ୍ତ ଉକ୍ତ ସମ୍ପତ୍ତି ଉପରେ ସ୍ଥିତାବସ୍ଥା ବଜାଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

## କୁଆଖିଆରେ ନୂଆ ଥାନା ଅଧିକାରୀ



ରସୁଲପୁର, ୧୧।୨(ସମିସ): କୁଆଖିଆ ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ନୂତନ ଥାନା ଅଧିକାରୀ ଭାବରେ ସୁଶାନ୍ତ କୁମାର ସେଠୀ ଯୋଗଦେଇଛନ୍ତି। ୨୦୨୫ ବର୍ଷରେ ସବଇନ୍ସପେକ୍ଟର ପଦବୀରୁ ଇନ୍ସପେକ୍ଟର ପଦବୀକୁ ପଦନ୍ନୋତି ପାଇଥିଲେ। ଯାଜପୁର ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଥିଲେ। ସେ ତାଙ୍କ କାର୍ଯ୍ୟକାଳ ସମୟରେ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅଧୀନସ୍ଥ ବ୍ରହ୍ମବରଦା, ମଙ୍ଗଳପୁର, ବିଞ୍ଝାରପୁର, ଯାଜପୁରରୋଡ୍ ଆଦର୍ଶ ଥାନାରେ ସବଇନ୍ସପେକ୍ଟର ଭାବରେ କାର୍ଯ୍ୟକରି ସଫଳତା ଅର୍ଜନ କରିଥିଲେ। କୁଆଖିଆ ଥାନାର ପୂର୍ବରୁ ଥିବା ଅଧିକାରୀ ଚିନ୍ମୟୀ ସାହୁଙ୍କୁ ବରୀ ଥାନାକୁ ବଦଳି କରାଯାଇଛି।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର



ବ୍ରହ୍ମବରଦା, ୧୧।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଦୀର୍ଘ ଆଠଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଯାପନ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ଡ. ମହେଶ୍ୱର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମବରଦା ପଞ୍ଚାୟତର ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଶିକ୍ଷାବିତ୍ ଆଲ୍ଲାଉଦ୍ଦିନ ଖାଁ, ସମାଜସେବୀ ପ୍ରଦୀପ ଦାସ, ଅମୂଲ୍ୟ ରାଉତ, ପ୍ରଫୁଲ୍ଲ ଗିରି ଯୋଗଦେଇଥିଲେ। ଅତିଥି ପରିଚୟ ସହ କାର୍ଯ୍ୟକ୍ରମକୁ ଡ. ରଶ୍ମୀକାନ୍ତ ଦାଶ ସଞ୍ଚାଳନ କରିଥିବାବେଳେ ଅଧାପକ ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ଅଧାପକ ସୌଭାଗ୍ୟକୁମାର ସାହୁ, ସୂର୍ଯ୍ୟକାନ୍ତ ରାଉତ, ଶିବପ୍ରସାଦ ସାହୁ, ବାବୁଲା ରଣା, ବିନୟ କୁମାର ରାଉତ, ଧର୍ମେନ୍ଦ୍ର ମହାନ୍ତି, କୁଞ୍ଜବିହାରୀ ମହାନ୍ତି, ଅଧାପିକା ଜୟଶ୍ରୀ ନାୟକ, ରଶ୍ମିତା ସାମଲ, ସାଗରିକା ଦାଶ, ସଞ୍ଜିତା ପରୱିନ, ଅକ୍ତର ଅଲି, ସୁନିଲ ଓଝା, ରାମଚନ୍ଦ୍ର ମଲିକ, ଦୁଃଶାସନ ବେହେରା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଖେଳ ଶିକ୍ଷକ ବିବେକାନନ୍ଦ ଜେନା ଆଠଦିନର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇବା ସହ ଧନ୍ୟବାଦ ଦେଇଥିଲେ। ଟ୍ରେନର ମୋନାଲିସା ଓଝା ଓ ପୁରାତନ ଛାତ୍ରୀ ଆକାଂକ୍ଷା ନାୟକ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା



ମଙ୍ଗଳପୁର, ୧୧।୨(ସମିସ): ଦଶରଥପୁର ବ୍ଲକର ମା' କୁଆଁସ ମଙ୍ଗଳା ପୀଠରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଦଶରଥପୁର ବ୍ଲକ ଶାଖା ସଂଗଠନର ପୂର୍ବତନ ବ୍ଲକ ସଭାପତି ତଥା ପୂର୍ଣ୍ଣଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରାୟ ଓ ବ୍ଲକର ସମ୍ପାଦକ ତଥା ସିଦ୍ଧେଶ୍ୱର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାଣିଗ୍ରାହୀଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପଦେଷ୍ଟା କମଳାକାନ୍ତ ସନ୍ଧିବିଗ୍ରହ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର, ଜିଲ୍ଲା ସଭାପତି ବିଜୟ ନାୟକ, ଜିଲ୍ଲା ଉପଦେଷ୍ଟା ବିଜୟ ନାୟକ, ବିଞ୍ଝାରପୁର ବ୍ଲକର ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ସୁବାସ ନାୟକ, ଧର୍ମଶାଳା ସମ୍ପାଦକ ଆର୍ତତ୍ରାଣ ସେଠୀ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ବିଆର୍‌ସିସି ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥି ମାନେ ଦୁଇ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦଶରଥପୁର ବ୍ଲକ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଡାହାଣୀ କୁପ୍ରଥା ସଚେତନତା କର୍ମଶାଳା



ଯାଜପୁର, ୧୧।୨(ସମିସ): ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଅତିଥି ରୂପେ ଯୋଗ ଦେଇ ଡାହାଣୀ କୁପ୍ରଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସାହୁ କହିଥିଲେ ଯେ ଡାହାଣୀ ପ୍ରଥା ସମାଜର ଏକ ବ୍ୟାଧି। ନିଃସହାୟ ମହିଳା ଏଥିରେ ଶିକାର ହୁଅନ୍ତି, ନିର୍ଯାତିତା ହୁଅନ୍ତି। ସେମାନଙ୍କୁ ଡାହାଣୀ ଆଖ୍ୟା ଦେଇ ସେମାନଙ୍କ ସମ୍ପତ୍ତି ହଡ଼ପ କରାଯାଏ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଏହା ହୁଏ। ଡାହାଣୀ, ତନ୍ତ୍ର ମନ୍ତ୍ର, ଚେଙ୍କ ଦେବା ଏସବୁ କୁପ୍ରଥା ଏବଂ ଅନ୍ଧ ବିଶ୍ୱାସ। ବରଂ ଶରୀରରେ ରୋଗ ହେଲେ ଡାକ୍ତରଖାନା ଯିବା ଉଚିତ ବୋଲି ସେ କହିଥିଲେ। ଏହି କର୍ମଶାଳାରେ ବିଶେଷଜ୍ଞ ଏବଂ ଆଇନଜୀବୀ ଯୋଗ ଦେଇ ଓଡ଼ିଶା ପ୍ରିଭେନସନ୍ ଅଫ୍ ୱିଚ ହଣ୍ଟିଂ ଆକ୍ଟ, ୨୦୧୩, ଭାରତୀୟ ନ୍ୟାୟ ସଂହିତାରେ ଥିବା ପ୍ରାବଧାନ, ଆଇନ କାନୁନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୁଲିସ ହେଲ୍ପ ଲାଇନ୍, ମହିଳା ହେଲ୍ପ ଲାଇନ୍- ୧୮୧, ଶିଶୁ ସହାୟତା ହେଲ୍ପ ଲାଇନ୍ - ୧୦୯୮ ସୁଭଦ୍ରା ହେଲ୍ପ ଲାଇନ୍ - ୧୪୬୭୮କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ ସୁପରଭାଇଜର, ସିଡିପିଓମାନେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବାଲିଚନ୍ଦ୍ରପୁର, ୧୧।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ବଡ଼ଚଣା ପଞ୍ଚାୟତ ସମିତିର ମିଳିତ ସହଯୋଗରେ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବଡ଼ଚଣା ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛଇ। ଏଥିରେ ୧୬୬ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକୃତ ହୋଇଥିବା ବେଳେ ଏଥି ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗର ୮୭, ଦୃଷ୍ଟିବାଧିତ ୧୩, ଶ୍ରବଣ ବାଧିତ ୩୪, ମସ୍ତିଷ୍କ ଅନଗ୍ରସର ୨୯ ଓ ଭେଷଜର ୩ ଜଣ ଅନ୍ତର୍ଭୁକ୍ତ। ତେବେ ଆଜିର ଏହି ଶିବିରରେ ୧୨ ଜଣ ଦିବ୍ୟାଙ୍ଗଙ୍କୁ ନୂତନ ହୁଇଲ ଚେୟାର, ୫ ଜଣଙ୍କୁ କାନ ମେସିନ, ୩ ଜଣଙ୍କୁ କ୍ଲଚେସ ମେସିନ ପ୍ରଦାନ କରାଯାଇଥିବା ବେଳେ ୫ ଦିବ୍ୟାଙ୍ଗଙ୍କୁ ନୂତନ ପେନସନ ଭତ୍ତା, ୫ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ସେହିପରି ୨ ଦିବ୍ୟାଙ୍ଗ ଛାତ୍ରଙ୍କୁ ବାଣିଶ୍ରୀ ଛାତ୍ର ବୃତ୍ତି ଅର୍ଥ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନ କୁମାର ଜେନାଙ୍କ ଅଧକ୍ଷତାରେ ତଥା ସମାଜସେବୀ ସୀତାନାଥ ବଳସାମନ୍ତଙ୍କ ସଞ୍ଚାଳନରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମିନତୀ ସେନାପତି ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ଯୋଗଦେଇ ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୌମ୍ୟାଶ୍ରୀ ଦାସ, ଏବିଡିଓ ଜ୍ଞାନଦା ନାୟକ, ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ରାଉତ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ଯୋଗ ଦେଇଥିଲେ।

## ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ନିବେଦନ

ଯାଜପୁର, ୧୧।୨(ସମିସ): ସମଗ୍ର ଭାରତବର୍ଷରେ ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତାକାଲି ଭାରତୀୟ ରାଷ୍ଟ୍ରୀୟ ମଜ୍‌ଦୁର ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ଗୁରୁବାର ଦିନ ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ୪ଟି ଲେବର କୋର୍ଡକୁ ପ୍ରତ୍ୟାହାର, ମନରେଗା ସ୍କିମ୍‌ର ପୁନରୁଦ୍ଧାର, ୨୦୨୫ ବିଦ୍ୟୁତ ବିଲ୍ ପ୍ରତ୍ୟାହାର, ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରୀ, ଅଙ୍ଗନବାଡ଼ି, ପାଚିକା, ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା ଦାବିରେ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି। ଏଣୁ ଓଡ଼ିଶାର ସମସ୍ତ ବ୍ୟବସାୟ ସଂଗଠନ, ବ୍ୟାଙ୍କ ଅଫିସ୍, ଗାଡ଼ି ଚଳାଚଳ ପ୍ରଭୃତି ବନ୍ଦ ରହିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ ଛାତ୍ରଯୁବକ, ଚାଷୀ, ମୂଲିଆ, ଶ୍ରମିକ ପ୍ରଭୃତି ସହଯୋଗ କରିବା ପାଇଁ ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସ ଜାତୀୟ ଉପସଭାପତି, ରାଜ୍ୟ ସଭାପତି, ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଅନୁରୋଧ କରିଥିବା ବେଳେ ଯାଜପୁର ଆଇଏନ୍‌ଟିୟୁସି ପକ୍ଷରୁ ନିରଞ୍ଜନ ପଣ୍ଡା, ମଧୁସୂଦନ ଜେନା, ରଘୁନାଥ ମାଝୀଙ୍କ ସମେତ ଜିଲ୍ଲା କଂଗ୍ରେସର ନେତୃମଣ୍ଡଳୀ ମନୋଜ ରାଉତ, ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ସୁଦୀପ୍ କର, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ବିଳାସ ରାଉତ, ଭାସ୍କର ମହାନ୍ତି, ଦିଲ୍ଲୀପ ଦାସ, ଗୋବିନ୍ଦ ସାହୁ, ନିକୁଞ୍ଜ ସାମଲ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, କନକ ରାଉତ, ହୃଷୀକେଶ ପତି ପ୍ରଭୃତି ବନ୍ଦକୁ ସଫଳ କରିବା ସହିତ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ବେଆଇନ କ୍ରସର ମାଲିକଙ୍କ ପାଇଁ ଅଡୁଆ

ଜେନାପୁର, ୧୧।୨(ସମିସ)

ଏକଦା ରାଜ୍ୟରେ ବେଆଇନ କଳା ପଥର ଉତ୍ତୋଳନ, ପରିବହନ ଓ ଶହ ଶହ କୋଟି ଟଙ୍କାର ରାଜସ୍ୱ ବାବଦରେ ଫାଇନ ହେଉ କିମ୍ବା କଳାପଥର କଳା ଟଙ୍କାକୁ ନେଇ ହତ୍ୟା ଭଳି ପ୍ରସଙ୍ଗ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ସେହି କ୍ରମେ ବାଲେଶ୍ୱର କ୍ରସର୍ ମାଲିକ ସଂଘ ୨୪-୧୧-୨୫ ତାରିଖରେ ଏକ ଲିଖିତ ଅଭିଯୋଗ ଅନୁଯାୟୀ ନିର୍ଦ୍ଧାରିତ କର୍ଯ୍ୟପ୍ରଣାଳୀ ୫୮(୮) ଲଘୁ ଖଣିଜ ସମ୍ପଦ ନିୟମ ୨୦୧୬ ଅନୁଯାୟୀ ଉତ୍ତୋଳନ ଓ ପରିବହନ କରିବା ପାଇଁ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଓଡ଼ିଶା ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ। ତା' ସହିତ ଓଡ଼ିଶାର ସମସ୍ତ ଖଣି ଉପନିର୍ଦ୍ଦେଶକ ଓ ଖଣି ଅଧିକାରୀଙ୍କୁ ଏସ୍‌ଓପି ଧାରାବାହିକ ଆଇ୪ଏମ୍‌ଏସ୍ ନିୟମ ଅନୁଯାୟୀ ସମସ୍ତ କ୍ରସର୍ ୨୦-୨-୨୦୨୬ ତାରିଖ ସୁଦ୍ଧା ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ବେଆଇନ୍ କ୍ରସରମାଲିକଙ୍କ ପାଇଁ ଅଡୁଆ ସାଜିଛି।

ମୁନାଫାଖୋର କ୍ରସର ମାଲିକମାନେ କଳାପଥର ହରିଲୁଟର ମାଧମ ସାଜିଛନ୍ତି। ପାହାଡ଼ର ଚାରିପାଖରେ କ୍ରସର ତିଆରି କରି କିଭଳି ସହଜରେ ସୁବିଧାରେ ସରକାରୀ ସମ୍ପତ୍ତିକୁ ଚୋରି କରି ନିଜର ସମ୍ପତ୍ତିକୁ ଶହେ ଗୁଣ ବୃଦ୍ଧି କରିବେ ସେଥିପାଇଁ ଯୋଜନା କରିଚାଲିଛନ୍ତି। ପାହାଡ଼ ଠାରୁ ମାତ୍ର ୫୦୦ ମିଟରରୁ ଗୋଟେ କିଲୋମିଟର ଭିତରେ କ୍ରସର ତୋଳି ବିନା ଟିପି (ଟ୍ରାଞ୍ଜିଟ ପାସ୍)ରେ ହଜାର ହଜାର ମେଟ୍ରିକ୍ ଟନ କଳା ପଥର ଚୋରାଚାଲାଣ କରୁଛନ୍ତି। ଯାହା ଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି। ଅଧାରୁ ଅଧିକ କ୍ରସର୍ ସରକାରୀ ନିୟମ ଭିତରେ ଚାଲୁ ନାହିଁ। ରାଜ୍ୟ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ତା. ୫-୫-୨୫ ରିଖ ପତ୍ର ସଂଖ୍ୟା ୪୨୦୬ ଦ୍ୱାରା ଧାରାବାହିକ କାର୍ଯ୍ୟ (ଆଇ୪ଏମ୍‌ଏସ୍) ପ୍ରଣାଳୀ ଅନୁଯାୟୀ ଷ୍ଟୋନ କ୍ରସର ପଞ୍ଜୀକରଣ ହେବା ଜରୁରୀ ବୋଲି ଚିଠିରେ ଉଲ୍ଲେଖ ହୋଇଛି। ତା' ସହିତ ସମସ୍ତ ବିଭାଗୀୟ ଅନୁମତି ଓ ନିର୍ଦ୍ଦେଶାବଳୀକୁ ମାନିବାକୁ ନିର୍ଦ୍ଦେଶ ରହିଛି। ଏତଦ୍ ନିର୍ଦ୍ଦେଶ ଅନୁସାରେ କ୍ରସର ଚାଲିବା ପାଇଁ ଖଣି ଲିଜଧାରୀଙ୍କ ସହିତ କ୍ରସର ମାଲିକ ସରକାରୀ ନିୟମ ଭିତ୍ତିରେ ଅନୁବନ୍ଧିତ ହୋଇ କୁଆଁରି ଲିଙ୍କେଜ ଜରିଆରେ କଳା ପଥର କ୍ରୟ ବିକ୍ରୟ କରିବାର ନିୟମ ରହିଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ପରିବେଶ ସୁରକ୍ଷା ପ୍ରତି କ୍ରସର ମାଲିକମାନଙ୍କ ଗୁରୁତ୍ୱ ଦେଉନାହାନ୍ତି। ପାଚେରୀ ନିର୍ମାଣ, ବୃକ୍ଷରୋପଣ, ସିସିଟିଭି, ଜଳ ସିଞ୍ଚନର ବ୍ୟବସ୍ଥା ଆବଶ୍ୟକ ସ୍ଥଳେ ଏସବୁ ନିୟମ ପାଳନ କରୁନାହାନ୍ତି। ସରକାରୀ ନିୟମକୁ ପାଦରେ ଦଳି ଲକ୍ଷ ଲକ୍ଷ ଟନ କଳାପଥର ଚୋରା ଉପାୟରେ ଆଣି ଗଚ୍ଛିତ ରଖୁଛନ୍ତି। କ୍ରସର ଚାରି ପାଖ ପାଚେରି ନିର୍ମାଣ କରୁନାହଁନ୍ତି କି ବୃକ୍ଷରୋପଣ ହେଉନାହିଁ। କ୍ରସର ଚାଲୁଥିବା ସମୟରେ ସ୍ପ୍ରିଙ୍କଲର ଜରିଆରେ ଜଳ ସିଞ୍ଚନ ହେଉନାହିଁ। ଏହାଦ୍ୱାରା କ୍ରସର୍‌ରୁ ବାହାରୁଥିବା ପଥର ଗୁଣ୍ଡ ପବନରେ ଏଣେ ତେଣେ ଉଡ଼ି ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ କ୍ରସରରେ କାମ କରୁଥିବା ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଛି। ତା'ସହିତ ଆଖ ପାଖରେ ବସବାସ କରୁଥିବା ଲୋକମାନେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ସବୁ ନିୟମକୁ ପାଳନ କରି କେତେ ଦୂର କ୍ରସର ମାଲିକମାନେ କାମ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜୁନ୍‌ରେ ଲୋକାର୍ପିତ ହେବ ରାୟପୁର-ବିଶାଖାପାଟଣା ଭାରତମାଳା ଏକ୍ସପ୍ରେସ୍ ହାଇୱେ

# ବିଶ୍ୱସ୍ତରୀୟ ଜ୍ଞାନ କୌଶଳରେ ନିର୍ମାଣ ବ୍ରିଜ୍ ଓ ଟନେଲ୍






କୋରାପୁଟ,୧୧।୨(ସମିସ):ଗ୍ରୀନ୍ ଫିଲ୍ଡ ଆକ୍ସେସ୍-କଣ୍ଟ୍ରୋଲ୍ଡ ୬ ଲେନ୍ ବିଶିଷ୍ଟ ରାୟପୁର ଠାରୁ ବିଶାଖାପାଟନ୍‌ମ୍ ଆର୍ଥିକ କରିଡର ଆସନ୍ତା ଜୁନ ମାସରେ ଲୋକାର୍ପିତ ହେବ। ଏହା ଓଡ଼ିଶାରେ ସଂଯୋଗତା ଓ ଆଞ୍ଚଳିକ ଉନ୍ନତିକୁ ତ୍ୱରାନ୍ୱିତ କରିବ ବୋଲି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ ଆର. ଭେଙ୍କେଟେଶ୍ୱରଲୁ ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲାର ୮୦ରୁ ଅଧିକ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ବୁଧବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ମୁଖ୍ୟତଃ ଦୁଇଟି ଟନେଲ ଓ ରାସ୍ତା ପରିଭ୍ରମଣ କରାଇ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ରୋଡ ଟ୍ରାନ୍ସପୋର୍ଟ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ଭାରତମାଳା ଏକ୍ସପ୍ରେସ ହାଇୱେ ବିଶ୍ୱସ୍ତରୀୟ ଜ୍ଞାନ କୌଶଳରେ ଜାତୀୟ ଓ ଅନ୍ତର୍ଜାତୀୟ ଇଞ୍ଜିନିୟରଙ୍କୁ ନେଇ ନିର୍ମାଣ କରାଯାଉଛି। ପ୍ରାୟ ୪୬୫ କିମି ଲମ୍ବା ଏହି କରିଡର ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ସଂଯୋଗ କରୁଛି। ରାୟପୁର ନିକଟସ୍ଥ ଅଭନପୁର ଠାରୁ ବିଶାଖାପଟନମ ନିକଟସ୍ଥ ସବ୍ବାବରମ୍ ପର୍ଯ୍ୟନ୍ତ ପ୍ରାୟ ୧୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପ୍ରକଳ୍ପ ସମତଳ ଅଞ୍ଚଳରେ ଘଣ୍ଟା ପ୍ରତି ୧୦୦ କିମି ଓ ପାହାଡ଼ିଆ ଅଞ୍ଚଳରେ ଘଣ୍ଟା ପ୍ରତି ୮୦ କିମି. ଗତି ପାଇଁ ଡିଜାଇନ୍ କରାଯାଇଛି, ଏହି କରିଡର ଓଡ଼ିଶାର ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ଦେଇ ଯାଉଛି। ଏହି ପ୍ରକଳ୍ପକୁ ହାଇବ୍ରିଡ୍ ଆନ୍ୟୁଇଟି ମଡେଲ ଅଧୀନରେ ୧୫ଟି ପ୍ୟାକେଜ୍ ଭାଗରେ ନିର୍ମାଣ କରାଯାଉଛି। ଛତିଶଗଡ଼ରେ ୩ଟି, ଓଡ଼ିଶାରେ ୮ଟି ଓ ଆନ୍ଧ୍ରପ୍ରଦେଶରେ ୪ଟି ପ୍ୟାକେଜ୍ ରହିଛି। ମୋଟ ୩ଟି ଟନେଲ୍ ମଧ୍ୟରୁ ଛତିଶଗଡ଼ରେ ଗୋଟିଏ ଓ ଓଡ଼ିଶାରେ ୨ଟି ନିର୍ମାଣ ହେଉଛି। ଓଡ଼ିଶା ଅଂଶ ଜୁନ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି। କୋରାପୁଟ ଜିଲ୍ଲାରେ ୭ଟି ଇଣ୍ଟରଚେଞ୍ଜ (ପ୍ରବେଶ/ପ୍ରସ୍ଥାନ ସ୍ଥାନ) ରହିଛି। ସ୍ଥାନୀୟ ସଂଯୋଗତାକୁ ସୁଦୃଢ଼ କରିବା ପାଇଁ କୋରାପୁଟ ଜିଲ୍ଲାର ପ୍ରସ୍ତାବିତ ୧କିମି ୨୪୭.୭ ନିକଟରେ, ବୋରିଗୁମ୍ମା ତହସିଲ୍ ଅନ୍ତର୍ଗତ କାଳିଆଗୁରା ଗ୍ରାମ ଏନ୍‌ଏଚ୍ ୨୬ ସହିତ ସଂଯୋଗ ୨କିମି ୨୬୦.୪ନିକଟରେ, ବୋରିଗୁମ୍ମା ତହସିଲ୍ ଅନ୍ତର୍ଗତ ବେନାସୁର ଗ୍ରାମ ମେଜର ଡିଷ୍ଟ୍ରିକ୍ଟ ରୋଡ ସହିତ ସଂଯୋଗ ୩ କିମି ୨୯୦.୨ ନିକଟରେ, କୋରାପୁଟ ତହସିଲ୍ ଅନ୍ତର୍ଗତ ତାଳା ଗ୍ରାମ ଏନଏଚ ୩୨୬ ସହିତ ସଂଯୋଗ ୪ କିମି ୩୧୦.୬ ନିକଟରେ, ସେମିଳିଗୁଡ଼ା ତହସିଲ୍ ଅନ୍ତର୍ଗତ ନାଲକୋ ଛକ ନିକଟସ୍ଥ ଲୁଙ୍ଗୁରୀ ଗ୍ରାମ ଏନଏଚ୨୬ ସହିତ ସଂଯୋଗ ୫କିମି ୩୧୯.୫ ନିକଟରେ, ସେମିଳିଗୁଡ଼ା ତହସିଲ୍ ଅନ୍ତର୍ଗତ କୁଣ୍ଡୁଳି ଗ୍ରାମ ଏନଏଚ ୨୬ ସହିତ ସଂଯୋଗ ୬କିମି ୩୩୭.୧ ନିକଟରେ, ପଟାଙ୍ଗୀ ତହସିଲ୍ ଅନ୍ତର୍ଗତ ବରାଜା ଗ୍ରାମ ମେଜର ଡିଷ୍ଟ୍ରିକ ରୋଡ ସହିତ ସଂଯୋଗ ୭ କି ମି. ୩୫୨.୮ ନିକଟରେ, ପଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଆମ୍ବାବାଲି ନିକଟସ୍ଥ ତଲଗୋଲାର ଗ୍ରାମ ମେଜର ଡିଷ୍ଟ୍ରିକ୍ ରୋଡ ସହିତ ସଂଯୋଗ ଏହି ଇଣ୍ଟରଚେଞ୍ଜ ଗୁଡ଼ିକ ଦ୍ୱାରା ସ୍ଥାନୀୟ ଯାତାୟାତ ସୁଗମ ହେବ । ଏଠାରେ ଓଡ଼ିଶାର ପ୍ରଥମ ଛଅ-ଲେନ୍ ଟ୍ୱିନ୍-ସେଲ୍ ହାଇୱେ ଟନେଲ୍‌ର ଦୂରତା ୩.୪୨ କିମି । ଟନେଲ୍‌ରେ କ୍ରସ୍ ପାସେଜ୍, ଜେଟ୍ ଫ୍ୟାନ୍, ଆଧୁନିକ ଅଗ୍ନିନିର୍ବାପଣ ପ୍ରଣାଳୀ ଏବଂ ଦୁଇ ପାଶ୍ୱର୍ରେ କଣ୍ଟ୍ରୋଲ୍ ସେଣ୍ଟର ରହିଛି। ଓଡ଼ି- ୮ପ୍ୟାକେଜ୍ କାଣ୍ଡିଲି ଠାରୁ ଟୁମ୍ବିଗୁରା ପର୍ଯ୍ୟନ୍ତ ୨୨.୫ କିମ ଲମ୍ବା ଏହି ଅଂଶ ପୂର୍ବ ଘାଟର କଠିନ ଭୂପୃଷ୍ଠ ମାଧ୍ୟମରେ ନିର୍ମିତ। ଏଥିରେ ହାଇୱେ, ବଡ଼ ଡାଆଁ, ଟନେଲ୍, ଭିଆଡକ୍ଟ, ବଡ଼ ଓ ଛୋଟ ବ୍ରିଜ୍, ବକ୍ସ କଲଭର୍ଟ, ଭେହିକଲ୍ ଅଣ୍ଡରପାସ୍, ବନ୍ୟପ୍ରାଣୀ କ୍ରସିଂ, ମଙ୍କି କ୍ୟାନୋପି ଓ ନୋଇଜ୍ ବ୍ୟାରିଅର୍ ସାମିଲ ଅଛି। ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର, ଲାଇବ୍ରେରିଆନ ସତ୍ୟ ନାରାୟଣ ପ୍ରଧାନ, ଜାତୀୟ ରାଜପଥ ମ୍ୟାନେଜର ଦୀପକ ସ୍ୱରୂପ, ସାଇଟ୍ ଇଞ୍ଜିନିୟର ବିଭୁ ପ୍ରମୁଖ ଉପସ୍ଥିତ ଥିଲେ।

## କୋଷାଗୁମୁଡ଼ା ହଳଦୀ ବିଦେଶ ଯିବ




କୋଷାଗୁମୁଡ଼ା।୧୧।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକରୁ ଉତ୍ପାଦିତ ହଳଦୀ ବିଦେଶ ଯିବ। ଏହାର ବଜାର ବ୍ୟବସ୍ଥା ପାଇଁ ଓରମାସ୍ ଆଗେଇ ଆସିଥିବା ବେଳେ ଚାଷୀମାନଙ୍କ ଠାରୁ ୫୦ ଟନ୍ ହଳଦୀ କିଣିବ। ଏହାପରେ ଦେଶ ଓ ବିଦେଶ ବଜାରରେ ବିକ୍ରି କରାଯିବ। ଏଥିପାଇଁ ଏକ ତାଲିମ ଶିବିର କୋରାପୁଟ ଜିଲ୍ଲା ପଟାଙ୍ଗୀରେ ଥିବା ହାଇ ଏଟିଚ୍ୟୁଡ୍ ରିସର୍ଚ୍ଚ ଷ୍ଟେସନ୍ (ଏଚଏଆରଏସ) ପକ୍ଷରୁ ଓରମାସ୍ ସହଯୋଗରେ କୋଷାଗୁମୁଡ଼ା ବ୍ଲକର ରାଜୋଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ହାର୍ସ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଆରଆରଟିଏସ ସେମିଳିଗୁଡ଼ାର ଏଡିଆର୍ ଡ.ପର୍ଶୁରାମ ସିଆଲ୍, ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ଶଶାଙ୍କ, ଓରମାସ୍ ଡେପୁଟି ସିଇଓ ରୋଶନ କୁମାର କାର୍ତ୍ତିକ, ବିଜିନେସ୍ ମ୍ୟାନେଜର ସିଏଚ୍ ରମେଶ ରାଓ, ଏଫପିଓ ବିଶ୍ୱରଂଜନ ନାଗ, ଅବସରପ୍ରାପ୍ତ କୃଷି ଅଧିକାରୀ ଅଶୋକ ପଟ୍ଟନାୟକ ,ସ୍ଥାନୀୟ ସରପଞ୍ଚ ବନମାଳୀ ଭତ୍ରା ପ୍ରମୁଖ ତାଲିମ ଶିବିରରେ ଯୋଗ ଦେଇଥିଲେ। ଉତ୍ପାଦିତ ହଳଦୀକୁ ସିଝାଇବା, ସୁଖାଇବା ପ୍ରକ୍ରିୟା କିଭଳି କରିବେ ସେ ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀଙ୍କୁ ନେଇ ଗଠିତ ଫାର୍ମସ୍ ପ୍ରଡ୍ୟୁସର କମ୍ପାନୀକୁ ହାର୍ସ ପକ୍ଷରୁ ୫ଲକ୍ଷର ବୟଲର ଯୋଗାଇ ଦିଆଯିବ। ଏହି ବୟଲରରେ ଚାଷୀମାନେ ହଳଦୀକୁ ସିଝାଇବା ପରେ ସୁଖାଇବେ। ସୁଖାଇବା ହଳଦୀକୁ ପ୍ରଡ୍ୟୁସର ଗ୍ରୁପ୍ ନିକଟରୁ କିଣିବ ଓରମାସ୍। ଏହାକୁ କିଣି ଦେଶ ଓ ବିଦେଶ ବଜାରରେ ବିକ୍ରି କରିବାକୁ ଓରମାସ୍ ଲକ୍ଷ୍ୟ ରଖିଛି।

## ପାଟୱାନିଆ ପରିବାର ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ



ସେମିଳିଗୁଡ଼ା,୧୧।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଲିଭ ଫର ଅଦର୍ସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସେମିଳିଗୁଡାର ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ ଆନନ୍ଦ ପାଟୱାନିଆଙ୍କ ସୌଜନ୍ୟରୁ ଖୁଡିପଦର ଆଦର୍ଶ ବିଦ୍ୟାଳୟରେ କମ୍ବଳ, ଖାତା, ପେନ୍, ଶାଲ,ଖେଳନା ଉପକରଣ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରୀତି ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ବୁଝାଇଥିଲେ। ଶ୍ରୀ ପାଟୱାନିଆଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ପାଟୱାନିଆ, ତାଙ୍କ ଧର୍ମପତ୍ନୀ ,ଝିଅ ଓ ପୁଅ ରିତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଦ୍ୟାଳୟର ୧୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ବଡ଼କମ୍ବଳ, ଖାତା ପେନ୍, ଚେସ ବୋର୍ଡ, ଲୁଡୁ ବୋର୍ଡ, କ୍ୟାରମ୍ ବୋର୍ଡ ବଣ୍ଟନ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶାଲ ପ୍ରଦାନ କରି ଶ୍ରୀ ପାଟୱାନିଆ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ତରଫରୁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏହି ବିଦ୍ୟାଳୟରେ ଦୂରଦୂରାନ୍ତରୁ ଆସି ଆଦିବାସୀ ପିଲାମାନେ ରହି ପାଠ ପଢୁଛନ୍ତି।

## ଜଳିଗଲା ବ୍ୟାଟେରୀ ସ୍କୁଟି ସହ ସାମଗ୍ରୀ



ରାୟଗଡ଼ା,୧୧।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ଉପକଣ୍ଠ ପିତାମହଲ ଗ୍ରାମ ବାସିନ୍ଦା ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରଧାନଙ୍କ ଶଢୁ ଭାଇ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଘର ସମ୍ମୁଖରେ ଥିବା ଏକ ବ୍ୟାଟେରୀ ଚାଳିତ ସ୍କୁଟି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଏକ ବଡ଼ ଶବ୍ଦ ଶୁଣି ସୁବାସ ଘର ବାହାରକୁ ଆସି ଦେଖିବା ବେଳେ ତାଙ୍କର ୧୫ ଦିନ ତଳେ କିଣିଥିବା ବ୍ୟାଟେରୀ ଚାଳିତ ସ୍କୁଟି ନିଆଁରେ ହୁତୁ ହୁତୁ ହୋଇ ଜଳୁଥିବା ଦେଖିଥିଲେ। ଏହା ସହିତ ସେହି ନିକଟରେ ଥିବା ଫ୍ରିଜ୍, ୱାସିଂ ମେସିନ, ପ୍ଲାଷ୍ଟିକ ଚେୟାର ସମେତ ଅନ୍ୟ କିଛି ସାମଗ୍ରୀ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ହେଲେ ସେତେବେଳକୁ ସ୍କୁଟି ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ସମ୍ପୂର୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ କେଉଁ କାରଣରୁ ନିଆଁ ଲାଗିଛି ତାହା ଅସ୍ପଷ୍ଟ ଅଛି। କାରଣ ସୁବାଷଙ୍କ କହିବାନୁସାରେ ସେ ରାତିରେ ଶୋଇବାକୁ ଯିବା ବେଳେ ସବୁ ଠିକ୍ ଥିଲା ଏବଂ ବ୍ୟାଟେରୀ ସ୍କୁଟି ମଧ୍ୟ ଚାର୍ଜରେ ବସିଥିଲା। ତେବେ ଏହା ସର୍ଟ ସର୍କିଟ ଯୋଗୁଁ ହୋଇ ଥାଇ ପାରେ କିମ୍ବା ଅନ୍ୟ କୌଣସି କାରଣ ତାହା ଅସ୍ପଷ୍ଟ ରହିଥିବା ଜଣାପଡିଛି

● ଆରଟିଓଙ୍କ ପକ୍ଷରୁ 'ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍' ଯାଞ୍ଚ

# ଜାନୁଆରୀରେ ଦୁର୍ଘଟଣାରେ ଯାଇଛି ୧୮ ଜୀବନ



ରାୟଗଡ଼.୧୧।୨(ସମିସ): ରାୟଗଡ଼ା ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ବିନୟ କୁମାର ପାଲଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ କଡାକଡି ଯାଞ୍ଚ କରାଯାଉଛି। ଆଜି ନିଜେ ଆରଟିଓ ବିନୟ କୁମାର ନିଜ ବିଭାଗୀୟ ଅଧିକାରୀଙ୍କ ସହ ୩୨୬ ନମ୍ବର ଜାତୀୟ ରାଜପଥ ମୁଖ୍ୟ ରାସ୍ତାରେ ଯାଂଚ କରିଥିଲେ। ଏହି ସମୟରେ ଡ୍ରଙ୍କ ଆଣ୍ଡ ଡ୍ରାଇଭ କରୁଥିବା ଅମାନିଆ ଚାଳକଙ୍କୁ ଯାଂଚ କରାଯାଇଥିଲା। ଯାଂଚ ବେଳେ ମଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭରମାନଙ୍କୁ ମେସିନ ସାହାର୍ଯ୍ୟରେ ଟେଷ୍ଟିଂ କରାଯାଇଥିଲା। ସେହିପରି ଗତକାଲି ରାୟଗ?।-ଜେକେପୁର ମୁଖ୍ୟ ରାସ୍ତାର ସ୍ଥାନୀୟ ଜେକେପୁର ନିକଟରେ ଶବ୍ଦ ପ୍ରଦୁଷଣ କରୁଥିବା ଏବଂ ବିନା ହେଲମେଟରେ ଦ୍ରୁତଗତିରେ ଯାଉଥିବା ୫ଟି ବୁଲେଟ ଗାଡି ଚାଳକଙ୍କୁ ଧରାଯାଇ ସେମାନଙ୍କୁ ଜୋରିମାନା ଆଦାୟ କରାଯାଇ ଉକ୍ତ ଗାଡିଗୁଡିକୁ ଜବତ କରାଯାଇ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ଗତବର୍ଷ ଜିଲ୍ଲାରେ ସଡକ ଦୁର୍ଘଟଣାରେ ୧୫୦ଜଣଙ୍କ ଜୀବନ ଚାଲି ଯାଇଥିବା ବେଳେ ଚଳିତ ବର୍ଷ କେବଳ ଜାନୁଆରୀ ମାସରେ ଜିଲ୍ଲାରେ ବିଭିନ୍ନ ସଡକ ଦୁର୍ଘଟଣାରେ ୧୮ଜଣଙ୍କ ମୃତ୍ୟୁ ହୋଇଛି। ଏକ ମାସରେ ମୃତ୍ୟୁ ସଂଖ୍ୟା ଉପରମୁହାଁ ଥିବାରୁ ସଡକ ଦୁର୍ଘଟଣା ନିୟମକୁ ମାନି ଚଳିବା ପାଇଁ ଆରଟିଓ ବିନୟ କୁମାର ଜନସାଧାରଣଙ୍କୁ ଅପିଲ କରିଥିବା ବେଳେ ପରିବହନ ବିଭାଗ ଦ୍ୱାରା ବକେୟା ଇ-ଚାଲାଣ ଏକକାଳୀନ ପୈଠ କରିବା କ୍ଷେତ୍ରରେ ସରକାର ରିହାତି ଦେଇଥିବା ବେଳେ ଏହି ପରିପ୍ରେକ୍ଷୀରେ ରାୟଗ?। ଜିଲ୍ଲାରେ ଗତ ବର୍ଷ ଅକ୍ଟୋବର ୧୫ତାରିଖ ଠାରୁ ଚଳିତ ବର୍ଷର ଫେବୃଆରୀ ମାସ ୮ତାରିଖ ମଧ୍ୟରେ ୪୫୨୪ଜଣଙ୍କ ଠାରୁ ୧ କୋଟି ୨୧ଲକ୍ଷ ୨ହଜାର ୮୩୬ଟଙ୍କା ଆଦାୟ ହୋଇଥିବା ଆରଟିଓ ବିନୟ କୁମାର ସୂଚନା ପ୍ରଦାନ କରିଛନ୍ତି। ଗତ ଜାନୁଆରୀ ମାସକୁ ଜାତୀୟ ସଡକ ସୁରକ୍ଷା ମାସ ଭାବେ ଜିଲ୍ଲାରେ ପାଳନ କରାଯାଇ ବ୍ୟାପକ ସଚେତନତା କରାଯାଇଥିଲେ ମଧ୍ୟ ଲୋକେ ହେଲମେଟ ପିନ୍ଧିବା,ସିଟ ବେଲଟ୍ ପିନ୍ଧିବା,ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା,ଦ୍ରୁତଗତିରେ ଗାଡି ନ ଚଳେଇବା ଭଳି ଅନେକ ସଡକ ସୁରକ୍ଷା ବାର୍ତ୍ତାକୁ କଡାକଡି ଭାବେ ମାନି ଚଳିବାକୁ କୁହାଯାଉଥିଲେ ମଧ୍ୟ ସଚେତନ ଅଭାବରୁ ଜିଲ୍ଲାରେ ସଡକ ଦୁର୍ଘଟଣା ଜନୀତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଜଣାପଡିଛି।

## 'ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ଜାତୀୟ ସେମିନାର



କୋରାପୁଟ,୧୧।୨(ସମିସ): ଓଡ଼ିଶା ୬୪ଟି ଜନଜାତି ଗୋଷ୍ଠୀର ବାସସ୍ଥଳୀ। ସେମାନଙ୍କର ନିଜସ୍ୱ ଭାଷା, ସଂସ୍କୃତି ଓ ମୌଖିକ ସାହିତ୍ୟ ରହିଥିଲେ ମଧ୍ୟ ତହିଁରେ ସମାନତା ବିଦ୍ୟମାନ। ପ୍ରକୃତି କୈନ୍ଦ୍ରିକତା, ସମୂହ ଚେତନା, ପିତୃପୁରୁଷଙ୍କ ନିରନ୍ତର ପ୍ରେରଣା ଓ ନାରୀ ପ୍ରଧାନତା ସେମାନଙ୍କ ଜୀବନଧାରାର ବିଶେଷତ୍ୱ। ସେମାନଙ୍କ ସଂସ୍କୃତି ଭାରତୀୟ ଜ୍ଞାନ ପରମ୍ପରାର ବିଶିଷ୍ଟ ଅଙ୍ଗ। ହଜାର ହଜାର ବର୍ଷ ଧରି ସେମାନେ ନିଜେ ଐତିହ୍ୟ ଓ ସଂସ୍କୃତି ଅଙ୍ଗେ ନିଭାଇ ଚାଲିଛନ୍ତି ସିନା ଜଣାନ୍ତି ନାହିଁ। ବର୍ତ୍ତମାନ ଜନଜାତି ବର୍ଗର ଶିକ୍ଷିତମାନେ ଆପଣା ଐତିହ୍ୟର ମହନୀୟତା ପ୍ରତିପାଦନ କରିବାର ମାହେନ୍ଦ୍ର ମୁହୂର୍ତ୍ତ ଉପନୀତ। ଆଜି ପୂର୍ବାହ୍ଣରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ 'ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାରର ଉଦ୍‌ଘାଟନ ପର୍ବରେ ଯୋଗଦେଇ ବିଶିଷ୍ଟ ଜନଜାତି ଗବେଷକମାନେ ଏହି ମତ ପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ନରସିଂହ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଖ୍ୟାତନାମା ଇତିହାସବିତ ପ୍ର.ଚଣ୍ଡୀ ପ୍ରସାଦ ନନ୍ଦ, ବୀଜବକ୍ତା ଭାବରେ ସାନ୍ତାଳୀ ଭାଷାର ଏକାଡେମୀ ପୁରସ୍କାର ପ୍ରାପ୍ତ ସୁଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଓ ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା ଯୋଗଦେଇ ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ମହିମା ବର୍ଣ୍ଣନା କରି ବକ୍ତବ୍ୟ ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଏକାଡେମୀର ସହ-ସଚିବ ସଂଜୟ ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ଏହି ଆଲୋଚନାଚକ୍ର ଦୁଇଦିନ ଧରି ଅନୁଷ୍ଠିତ ହେବ ଓ ୪ଟି ବୈଷୟିକ ଅଧିବେଶନରେ ୪୦ଟି ପ୍ରବନ୍ଧ ପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ଉଦ୍‌ଯାପନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସଦସ୍ୟ ପ୍ର. ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ଓଡିଆ ବିଭାଗ ପକ୍ଷରୁ ପ୍ରକାଶିତ "କବି ବିଦ୍ୟୁତପ୍ରଭା ଦେବୀଙ୍କ କବିତା : ନବମୂଲ୍ୟାୟନ' ଗ୍ରନ୍ଥ ଲୋକାର୍ପଣ କରିବେ। ଆଜିର ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



କୁନ୍ଦୁରା, ୧୧।୨(ସମିସ ): କୁନ୍ଦୁରା ସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ମୁଖ୍ୟ ବକ୍ତା ଭାବେ ବିଭାଗୀୟ ମୁଖ୍ୟ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ନେତାଜୀ ଅଭିନନ୍ଦନ, ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ପରିଷଦ ଅଦକ୍ଷା ସସ୍ମିତା ମେଲେକା, ଜୟପୁର ଉପଜିଲ୍ଲାପାଳ ଏ ଶସ୍ୟକ୍ଷ ରେଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମାନସ୍ମିତା, ସାଂସଦ ଜିଲ୍ଲା ପ୍ରତିନିଧି ରାମେଶ୍ୱର ଜେନା, ସାଂସଦ ବ୍ଲକ ପ୍ରତିନିଧି ଅମ୍ବ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ପ୍ରତିଷ୍ଠାତା ସଭ୍ୟ ମଧ୍ୟରୁ ପଞ୍ଚାନନ ଗୌଡ,ସଞ୍ଜୟ କୁମାର ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବୃନ୍ଦାବନ ପାତ୍ର ପ୍ରମୁଖ ଯୋଗଦେଇ ମଞ୍ଚକୁ ଅଳଙ୍କୃତ କରିଥିଲେ। ଏହି ଅବସରରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସାଂସ୍କୃତିକେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂରାଜୀ ଅଧ୍ୟାପକ ସୁଶାନ୍ତ କୁମାର ବେହେରା ଅତିଥି ମାନଙ୍କୁ ସ୍ୱଗତ ଓ ପରିଚୟ ପ୍ରଦାନ କରିଥିବା ବେଳେ ଇତିହାସ ବିଭାଗ ଅଧ୍ୟାପିକା ଅଜିତା କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କୃତ୍ରିମ ବୁଦ୍ଧିମତା ଉପରେ ଜାତୀୟ ସେମିନାର

ରାୟଗଡ଼ା,୧୧।୨(ସମିସ): ରତମ୍ ଓ ଭୀମ୍ସ ମ୍ୟାନେମେଣ୍ଟର କଲେଜ ସହଭାଗିତାରେ ଭୂଲେଖା ଅଡିଟୋରିଅମ୍‌ରେ "କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଭବିଷ୍ୟତ ଉପରେ ଏହାର ପ୍ରଭାବ' ବିଷୟରେ ଜାତୀୟ ସେମିନାର ଆୟୋଜିତ ହୋଇଥିଲା। ଏହି ସେମିନାରରେ ପ୍ରାୟ ୧୭୦ ଜଣ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଆମନ୍ତ୍ରିତ ଅତିଥିମାନେ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରିତମ କଲେଜର ଟ୍ରେଜରର୍ ଏବଂ ଟ୍ରଷ୍ଟି ବି.ଭି. ରବି କୁମାର ଓ ଟ୍ରଷ୍ଟି ସ୍ମୃତି ବି.ବିନିଲା ଉପସ୍ଥିତ ଥିଲେ। ସେମାନେ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତା ପରି ନୂତନ ଓ ଉଦୟମାନ ପ୍ରଯୁକ୍ତିକୁ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର କିଶନ କୁମାର, ଭାରପ୍ରପ୍ତ ଅଧ୍ୟକ୍ଷ (ବି.ଟେକ୍), ଏକ ଗଭୀର ଓ ଜ୍ଞାନବର୍ଦ୍ଧକ ଭାଷଣ ପ୍ରଦାନ କରିଥିଲେ। ସେ ଶିକ୍ଷା, ଶିଳ୍ପ ଏବଂ ସମାଜ ଉପରେ କୃତ୍ରିମ ବୁଦ୍ଧିମତାର ବଢୁଥିବା ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସରସନତକୁମାରପାଣ୍ଡା, ବଂଶୀ କଲେଜର ଏକାଡେମିକ୍ ଡାଇରେକ୍ଟର ଓ ରିତମ ଡିପ୍ଲୋମା କଲେଜର ଅଧ୍ୟକ୍ଷ, ବିଷୟ ପରିଚୟ ଦେଇ ଏଆଇ ଯୁଗରେ କୌଶଳ ବିକାଶର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ରିତମ କଲେଜର ଏକାଡେମିକ୍ ଡାଇରେକ୍ଟର ସୂର୍ଯ୍ୟକାନ୍ତ ଷଡ଼ଙ୍ଗୀ, ସହାୟକ ପ୍ରଫେସର ଅରୁଣା ପାଣି (ବିଭାଗ ମୁଖ୍ୟ, ବେସିକ୍ ସାଇନ୍ସ ବିଭାଗ), ବଂଶୀ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ କରୁଣାକର କରକରିଆ , ଜିଷ୍ଟି କଲେଜର ଅଧ୍ୟକ୍ଷ ଦିଲୀପ କୁମାର ମିଶ୍ର ଏବଂ ସିଟିଟିସି କଲେଜର ଅଧ୍ୟକ୍ଷଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗୌରବାନ୍ୱିତ କରିଥିଲା। ଉଇମେନ୍ସ କଲେଜ, ଅଟୋମୋବାଇଲ୍ କଲେଜ, ଜିଆଇସି ଆର କଲେଜ, ସିଟି କଲେଜ ଓ ମିଟ୍ସ କଲେଜର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସେମିନାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଯ ମୁଖ୍ୟ ଅତିଥି ଓ ଆମନ୍ତ୍ରିତ ବକ୍ତା ଭାବେ ସ୍ମୃତି ଲକ୍ଷ୍ମୀପ୍ରିୟା ଦାସ ମ୍ୟାଡାମ୍, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂର ଗବେଷକ, ଆଇଜିଆଇଟିରୁ ପିଏଚଡି ଅଧ୍ୟୟନରତ ଓ ମିଟ୍ସ କଲେଜ, ରାୟଗଡ଼ାର ଏକ ନିଷ୍ଠାବାନ ଅଧ୍ୟାପିକା, ଏକ ଗଭୀର ଟେକ୍ନିକାଲ୍ ସେସନ୍ ପ୍ରଦାନ କରିଥିଲେ। ସେମିନାରର ମୁଖ୍ୟ ଆକର୍ଷଣ ଥିଲା ଆମନ୍ତ୍ରିତ ବକ୍ତାଙ୍କ ଟେକ୍ନିକାଲ୍ ପ୍ରସ୍ତୁତି। ଯେଉଁଥିରେ ସେ କୃତ୍ରିମ ବୁଦ୍ଧିମତାର ନୂତନ ଉନ୍ନତି ଏବଂ ଶିଳ୍ପ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ସମାଜରେ ଏହାର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶ୍ନୋତ୍ତର ସେସନ୍‌ରେ ଅଂଶଗ୍ରହଣକାରୀମାନେ ନିଜ ଶଙ୍କା ଦୂର କରିବା ସହିତ ବକ୍ତାଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା କରିଥିଲେ।

## ଜିଲ୍ଲାପାଳଙ୍କ ମାଥିଲି ବ୍ଲକ୍ ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା



ମାଥିଲି,୧୧।୨(ସମିସ):ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମାଥିଲି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଛନ୍ତି। ସର୍ବ ପ୍ରଥମେ ଜିଲ୍ଲାପାଳ ଭେଜାଗୁଡ଼ା ଗ୍ରାମ ପଞ୍ଚାୟତର କୋତାମେଟା ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅଧୀନରେ ତିଆରି ହୋଇଥିବା ଅମୃତ ସରୋବର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସୂଚନା ଥାଉ କି ମିଶନ ଅମୃତ ସରୋବର ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା। ଯାହା ଅଧୀନରେ ଗ୍ରାମାଞ୍ଚଳରେ ଜଳ ସଙ୍କଟ ଦୂର କରିବା ପାଇଁ ପୋଖରୀ ନିର୍ମାଣ ବା ନବୀକରଣ କରାଯାଉଛି। ଏହି ପ୍ରକଳ୍ପ ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ଏବଂ ମତ୍ସ୍ୟପାଳନ ପରି ଗ୍ରାମୀଣ ଆୟ ବୃଦ୍ଧିରେ ସହାୟକ ହେଉଛି। ସେହିପରି ଜିଲ୍ଲାପାଳ ନାୟକଗୁଡ଼ା ଗ୍ରାମ ପଞ୍ଚାୟତର ନାୟକଗୁଡ଼ା ଗ୍ରାମରେ ୧ କୋଟି ମୂଲ୍ୟରେ ନିର୍ମାଣ ହେଉଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ପାଙ୍ଗାମ ପଞ୍ଚାୟତର କଦମଗୁଡା ଗ୍ରାମରେ ଭିବି ଜୀ ରାମ ଜୀ ଅଧୀନରେ ଗ୍ରୀନ କ୍ଲାଇମେଟ ଟ୍ୟାଙ୍କ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ ଜିଲ୍ଲାପାଳ। ଉକ୍ତ ଟ୍ୟାଙ୍କର ସୋନ୍ଦର୍ଯ୍ୟକରଣ, ଗାର୍ଡ ୱାଲ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଙ୍ଗାମ୍ ସ୍ଥିତ ଧାନ ବିକ୍ରୟ କେନ୍ଦ୍ର ମଧ୍ୟ ଗସ୍ତ କରିଥିଲେ ଜିଲ୍ଲାପାଳ। ସେଠାରେ ଚାଷୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ଅବଗତ ହୋଇଥିଲେ ଜିଲ୍ଲାପାଳ। ପାଙ୍ଗାମ୍ ଠାରେ ଓଡିଶା ଜୀବିକା ମିଶନ ଦ୍ୱାରା ପରିଚାଳିତ ଗ୍ରାମ ପଞ୍ଚାୟତ ଲେଭେଲ ଫେଡେରେସନ୍ ପାଇଁ ନିର୍ମାଣଧିନ କୋଠା ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ। କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ମାଥିଲି ଠାରେ ନିର୍ମାଣ ଧିନ ଗ୍ରାମୀଣ ପାଠାଗାର କାର୍ଯ୍ୟ ତଦାରଖ କରିଥିଲେ। ପାଠାଗାର ଆସବାବ ପତ୍ର କାର୍ଯ୍ୟ ସରିବା ପରେ ଶୀଘ୍ର ଯୁବକ ଯୁବତୀ ମାନେ ଏହି ପାଠାଗାରକୁ ବ୍ୟବହାର କରି ପାରିବେ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ମାଥିଲି ଠାରେ ପୂର୍ତ୍ତ ବିଭାଗ ର ନବୀକରଣ ହେଉଥିବା ଡାକ ବଙ୍ଗଳା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଜିଲ୍ଲାପାଳ। ସେହିପରି ମାଥିଲିରେ ନିର୍ମିତ ନୂତନ ବସ୍ ଷ୍ଟାଣ୍ଡରେ ଫୁଡ୍ କୋର୍ଟ କାର୍ଯ୍ୟକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ମାଥିଲି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଇଟିଡିଏ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ଚାଲିଥିବା ସିଲେଇ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ। ଉଦୁଲିବେଡ଼ା ଗ୍ରାମ ପଞ୍ଚାୟତର ବାଲିଗୁଡା ଗ୍ରାମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଲିଥିବା କାମ ଗୁଡ଼ିକୁ ବୁଲି ଦେଖିଥିଲେ ଜିଲ୍ଲାପାଳ। ପରିଶେଷରେ ଗାରିଆ ଡୁଡୁମା ଯିବା ବାଟରେ କଲଭର୍ଟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗାରିଆ ଡୁଡୁମାର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ଏହାର ସୋନ୍ଦର୍ଯ୍ୟକରଣ ଉପରେ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍? ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ନିମନ୍ତେ ଡିପିଆର ପ୍ରସ୍ତୁତ କରି ପର୍ଯ୍ୟଟନ ବିଭାଗକୁ ପଠାଇବା ପାଇଁ କୁହାଯାଇଛି। ଯାହାଦ୍ୱାରା ଗ୍ରାମ ପଞ୍ଚାୟତର ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇବ ବୋଲି ଜିଲ୍ଲାପାଳ କହିଛନ୍ତି। ତତ୍ ସଙ୍ଗେ ସଙ୍ଗେ ଏହି ସୁନ୍ଦର ଜଳପ୍ରପାତର ଆଖପାଖ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ରଖିବା ସହ ପରିମଳ ବ୍ୟବସ୍ଥା ଠିକ୍ ରଖିବା ଆମ ସମସ୍ତଙ୍କର ଉତ୍ତର ଦାୟିତ୍ୱ ହେବା ଉଚିତ୍ ବୋଲି ଆହ୍ୱାନ କରିଛନ୍ତି ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ମାଥିଲି ବିଡ଼ିଓ ପ୍ରମୋଦ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉପଖଣ୍ଡସ୍ତରୀୟ ୩ ଦିନିଆ କୃଷି ଯନ୍ତ୍ରପାତି ମେଳା



ଚମ୍ପୁଆ,୧୧।୨(ସମିସ): ଚମ୍ପୁଆ କୃଷି ଜିଲ୍ଲା ପକ୍ଷରୁ ପଞ୍ଚାୟତସମିତି ପଡ଼ିଆଠାରେ ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଶୁଭାରମ୍ଭ ହୋଇଯାଇଛି। ଏହି ମେଳାକୁ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଶିଶୁମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀଯନ୍ତ୍ରୀ, କୃଷି କାର୍ଯ୍ୟାଳୟ ବଳରାମ ଶର୍ମା, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଚମ୍ପୁଆ ବିଧାୟକ ପ୍ରତିନିଧି ସଂଜୀବ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନ, ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟା ରମଣୀ ନାଏକ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ନିଗମାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରମିକ ଅଭାବରୁ କୃଷକ ପାରମ୍ପରିକ କୃଷି ପଦ୍ଧତି ଛାଡ଼ି ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଅଧିକ ଉତ୍ପାଦନ ସହ ନିଜକୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିପାରିଛି ବୋଲି କହିଥିଲେ। ଏହି ମେଳାରେ ଚମ୍ପୁଆ, ଝୁମ୍ପୁରା ଓ ଯୋଡ଼ା ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ। ୪୦ଟି ଷ୍ଟଲ ଖୋଲାଯାଇଛି। କୃଷି ଯନ୍ତ୍ରପାତିଗୁଡିକ ୪୦/୫୦ ପ୍ରତିଶତ ସରକାରୀ ରିଆତିରେ ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ କହିଥିଲେ। ୩ଟି ବ୍ଲକର ଅଗ୍ରଣୀ ଚାଷୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀ ନୀଳମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଦକ୍ଷତା ବିକାଶ ମିଶନ୍‌ର ଦ୍ୱିତୀୟ ବୈଠକ

# ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ



କେନ୍ଦୁଝର, ୧୧।୨(ସମିସ): କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। "ନୂଆ ଓଡ଼ିଶା' ଓ ପ୍ଲେସମେଣ୍ଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ୍ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଓଏସଏମଇ କ୍ୟାମ୍ପସରେ ଏକ ବିଶାଳ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ୬୦୦ ଯୁବକଯୁବତୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ କରାଯିବ। ଡିଏମଏଫ ସହାୟତାରେ ସିଟିଟିସି, ସିପେଟ ଏବଂ ଆଇଏଚଏମ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପିଭିଟିଜି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମଡେଲ କ୍ୟାରିୟର ସେଣ୍ଟରର କାର୍ଯ୍ୟକାରିତା, ତେଲକୋଇଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲ୍ଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଥିସହିତ ବିଭିନ୍ନ ବ୍ଲକରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ବାଇକ୍ ଧକ୍କାରେ ମହିଳା ମୃତ

କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପୁଟୁଲିଆ କ୍ରସିଂ ନିକଟରେ (ଓଡି-୧୧-ଏ-କେ-୧୧୬୩) ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁମ୍ପୁରା ବ୍ଲକ ମଲଦା ଗ୍ରାମର ଧୁଲିଆ ବାରିକଙ୍କ ସ୍ତ୍ରୀ ଆରତୀ (୫୩)। ପୁଟୁଲିଆ ଭଡ଼ା ଘରେ ଦୁଇପୁଅ ଏବଂ ସ୍ୱାମୀଙ୍କ ସହ ଆରତୀ ରହୁଥିଲେ। ସେ ଅପରାହ୍ନ ସାଢେ ୧ଟା ବେଳେ ରାସ୍ତା ଅତିକ୍ରମ କରୁଥିବାବେଳେ ଦ୍ରୁତଗତିରେ ଝୁମ୍ପୁରା ଅଭିମୁଖେ ଯାଉଥିବା ବାସୁଦେବପୁର ଗ୍ରାମର ବାଇକ୍ ଆରୋହୀ ସିପୁନ ନାଏକ ଆରତୀଙ୍କୁ ଧକ୍କା ଦେଇଥିଲେ। ସଦର ଏଏସ୍‌ଆଇ ସତ୍ୟଜିତ ନାୟକ ସଦଳବଳେ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିଥିଲେ। କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଆରୋହୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣର ସଚେତନତା




କେନ୍ଦୁଝର, ୧୧।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସଦର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୋଦାପଳଶାଠାରେ ସଡକ ସୁରକ୍ଷା, ମଟରଯାନ ଦୁର୍ଘଟଣା, ମଟର ବୀମା, ବାଲ୍ୟବିବାହ ମୁକ୍ତ ଭାରତ ଗଠନ, କର୍ମକ୍ଷେତ୍ରରେ ମହିଳା ଯୌନ ଶୋଷଣର ଶିକାର, ଶିଶୁ ଯୌନ ସୁରକ୍ଷା, ସ୍ଥାୟୀ ଲୋକ ଅଦାଲତ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ଉପରେ ୧୦୦ ଦିନିଆ କାର୍ଯ୍ୟକ୍ରମର ବାସ୍ତବ ରୂପ ପ୍ରଦାନ କରି ପୋକ୍ସୋ, ପୋସ୍ ଆଇନ ଓ ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ ସଡକ ସୁରକ୍ଷା, ମଟରଯାନ ଦୁର୍ଘଟଣା ଓ କ୍ଷତିପୂରଣ ତଥା ବିଭିନ୍ନ ଯାନ ଚଳାଇବାର ନିୟମ ଉପରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ, ପ୍ରାଧିକରଣର ମୁଖ୍ୟ କାର୍ଯ୍ୟାବଳୀ, ପୀଡିତା କ୍ଷତିପୂରଣ, ମାଗଣା ଆଇନସେବା ପ୍ରଦାନ, ପରିବାର ପରାମର୍ଶ କେନ୍ଦ୍ରର କାର୍ଯ୍ୟାବଳୀ ବର୍ଣ୍ଣନା କରି ସଭାରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ତୁଷାରପ୍ରଭା ମହାନ୍ତ, ଶିକ୍ଷକ ଅମରେନ୍ଦ୍ର ମହାରଣା, ରଞ୍ଜିତ ସିଂ, ଜୀବନେନ୍ଦୁ ମହାପାତ୍ର, ହୀତ୍ତମ ମୁର୍ମୁ, ମୀନା ପାତ୍ର, ଇସ୍ମିତା ମହାନ୍ତ, ଦୀପିକା ମହାନ୍ତ, ମିତାରାଣୀ ମହାନ୍ତ, ସ୍ୱାଗତିକା ମହାନ୍ତ, ଦୀପାରାଣୀ ମହାନ୍ତ, ଋତୁପର୍ଣ୍ଣା ସାହୁ ଏବଂ ଓରିଏଣ୍ଟାଲ ବୀମା କମ୍ପାନୀର ରାବଣ ନାୟକ ଅଂଶଗ୍ରହଣ କରିଥିବାବେଳେ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ବଳ ଧନ୍ୟବାଦ ଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ୨୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଶାମୁକାନେଣ୍ଡିରେ ବିଜେପିର ବୈଠକ

ଆନନ୍ଦପୁର, ୧୧।୨ (ସମିସ): ଘସିପୁରା ବ୍ଲକ ଶାମୁକାନେଣ୍ଡି ପଞ୍ଚାୟତ ବିଜେପିର ଏକ ବୈଠକ ସ୍ଥାନୀୟ ଆମ୍ବତୋଟାରେ ଅନୁଷ୍ଠିତ ହୋଇଯାଇଛି। ବୁଥ୍ ସଭାପତି ଜଟ ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୁଥ୍ ସଭାପତି ଗୋବର୍ଦ୍ଧନ ନାୟକ, ଭଜୁ ଦେହୁରୀ ପ୍ରମୁଖ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ବିଜେପି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଥିଲା। ସୁଦର୍ଶନ ତିରିଆ, ରଘୁନାଥ ଚାତାର, ବାଇଧର ଗୁଇଆ, ଜୟରାମ ପିଙ୍ଗୁଆ, ବୀର ସିଂ ସିଦୁ, କୁସୁନୁ ପିଙ୍ଗୁଆ, କଳାକର ନାୟକ, ବିପିନି ଦଣ୍ଡପାଟ, ଅନାମ ନାହାକ, ଲଟୁ ନାହାକ, ନିରଞ୍ଜନ ନାହାକ ପ୍ରମୁଖ ଯୋଗ ଦେଇଥିଲେ।

# ବୈତରଣୀ ସାହିତ୍ୟ ସମ୍ମାନ ଘୋଷିତ



ଆନନ୍ଦପୁର, ୧୧।୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପାଠଚକ୍ର ତଥା "ଦ୍ୱିତୀୟ ବୈତରଣୀ ସାହିତ୍ୟ ଉତ୍ସବ -୨୦୨୬' ଚଳିତ ବର୍ଷ ଫେବୃଆରୀ ମାସ ୧୪ ତାରିଖ ଶନିବାର ଫକୀରପୁରସ୍ଥିତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହେବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସାହିତ୍ୟିକ, ସଂସ୍କୃତିପ୍ରେମୀ, କବି, ଗବେଷକ ଆଦି ଯୋଗଦେବାର କାର୍ଯ୍ୟକ୍ରମ ଅଛି। ଏହି ଅବସରରେ ସାହିତ୍ୟ ସାଧନାକୁ ନେଇ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଲେଖକଙ୍କୁ "ବୈତରଣୀ ସାହିତ୍ୟ ସମ୍ମାନ' କରାଯିବାର କାର୍ଯ୍ୟକ୍ରମ ଥିବାବେଳେ ଆଜି ଆୟୋଜକଙ୍କ ତରଫରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଶାର ବିଶିଷ୍ଟ କବୟିତ୍ରୀ ନିରୁପମା ବେହେରାଙ୍କୁ "ବୈତରଣୀ କବିତା ସମ୍ମାନ -୨୦୨୬', ଡ଼ଃ ପ୍ରଭାତ କୁମାର ସାହୁଙ୍କୁ "ବୈତରଣୀ ପ୍ରବନ୍ଧ ସମ୍ମାନ-୨୦୨୬' ଏବଂ ଯୋଗେଶ୍ୱର ପଣ୍ଡାଙ୍କୁ "ବୈତରଣୀ ଗଳ୍ପ ସମ୍ମାନ-୨୦୨୬' ପ୍ରଦାନ କରାଯିବା ପାଇଁ ଅୟୋଜକଙ୍କ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ବନାଗ୍ନି ନିବାରଣ ସଚେତନତା

ତୁରୁମୁଙ୍ଗା, ୧୧।୨(ସମିସ): ଖରା ଆରମ୍ଭ ନହେଉଣୁ ପାଟଣା ରେଞ୍ଜରେ ନିଆଁର ଆଁ ଭିତରେ ଏବେ ବିଭିନ୍ନ ଜଙ୍ଗଲ ସହ ଗ୍ରାମ୍ୟ ଜଙ୍ଗଲ ଜଳୁଛି। ବନାଗ୍ନି ନିରାକାରଣ ପାଇଁ ବୁଧବାର ପାଟଣା ରେଞ୍ଜ ତଣ୍ଡ ବିଟ ବଣମହୁଲଡିହା ଗ୍ରାମରେ ରାଲି କରି ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ବଣ ମହୁଲଡିହା ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ସ୍ୱୟଂ ସହାୟିକାଗୋଷ୍ଠୀର ମହିଳା, ବନ ସୁରକ୍ଷା ସମିତି କର୍ମକର୍ତ୍ତା, ପାଟଣା ବନପାଳ ନିରଞ୍ଜନ ସେଠୀ, ତଣ୍ଡ ବିଟ ବନରକ୍ଷୀ ଦୀପକ ସ୍ୱାଇଁ, ବଣମହୁଲଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଲିନ୍ଦ୍ର ମହାନ୍ତ, ବଣମହୁଲଡିହା ବନ ସୁରକ୍ଷା ସମିତିର ସଭାପତି ପରୀକ୍ଷିତ ମହାନ୍ତଙ୍କ ସହ ଶତାଧିକ ଲୋକ ସାମିଲ ହୋଇଥିଲେ।

# ବାରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଆନନ୍ଦପୁର, ୧୧।୨ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ବାରିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ପନ୍ଦନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପେରେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଇଲୋ ସରପଞ୍ଚ କଲ୍ପନା ଜେନା, ମୁଖ୍ୟବକ୍ତା ଭାବେ ନାରାୟଣଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ବାଇଲୋ ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଚାନ୍ଦ, ସ୍କୁଲ୍ ପରିଚାଳନା ସମିତି ଅଧ୍ୟକ୍ଷ ମଞ୍ଜୁଲତା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ସମେତ ଶିକ୍ଷକ ବ୍ରହ୍ମାନନ୍ଦ ଜେନା, ଯୁଧିଷ୍ଠିର ଜେନା, ବାଳକୃଷ୍ଣ ପଣ୍ଡା, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦେବୀ, ଦୀପ୍ତିମଞ୍ଜରୀ କୁଅଁର, ସାଗରିକା ପହି ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଭାତୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିବି-ଜୀ ରାମ-ଜୀ ଯୋଜନାର କର୍ମଶାଳା

କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ଜିଲ୍ଲାରେ ବିକଶିତ ଭାରତ ଆଜୀବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି (ଭିବି-ଜୀ ରାମ-ଜୀ ଅଧିନିୟମ-୨୦୨୫)ର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଏକ କର୍ମଶାଳା କେନ୍ଦୁଝର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ସଚିବ ଗାୟତ୍ରୀଦତ୍ତ ନାୟକ ପରିଚାଳନା କରିଥିଲେ। ଏବେ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ନିମନ୍ତେ ଗ୍ୟାରେଣ୍ଟି ଯୋଜନା ଦ୍ୱାରା ସ୍ଥାୟୀ, ଉତ୍ପାଦନକ୍ଷମ ଏବଂ ଜୀବିକା ବୃଦ୍ଧିକାରୀ ସମ୍ପତ୍ତି ଉପରେ ଗୁରୁତ୍ୱ ଦିଆଯିବ। ଏହି ଯୋଜନାରେ କାର୍ଯ୍ୟର ସ୍ୱଚ୍ଛତା ପାଇଁ ଅଧିକ ଶକ୍ତିଶାଳୀ ବ୍ୟବସ୍ଥା କରାଯାଇଛି। ସେହିପରି ଭିତ୍ତିଭୂମି, ଜଳବାୟୁ ଏବଂ ଜୀବିକା ସମ୍ବନ୍ଧିତ ବ୍ୟବସ୍ଥିତ ଉପରେ ସମନ୍ୱୟ ଏବଂ ଗ୍ରାମୀଣ କାର୍ଯ୍ୟରେ ଜଳବାୟୁ ଅନୁକୂଳତା ଏବଂ ସ୍ଥିରତା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାସ୍ତରୀୟ କର୍ମଶାଳା ମାଧ୍ୟମରେ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଅତିରିକ୍ତ ପ୍ରକଳ୍ପ ଅଧିକାରୀମାନଙ୍କୁ ଅଭିଯାନ ସମ୍ପର୍କରେ ସୂଚନା ଓ ଦାୟିତ୍ୱ ପ୍ରଦାନ କରିବା ଏହାର ଏକ ପ୍ରମୁଖ କାର୍ଯ୍ୟ ବୋଲି ଶ୍ରୀ ନାୟକ କହିଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ପିଏ, ଆଇଟିଡିଏ ଶିବଶଙ୍କର ମିଶ୍ର, ପ୍ରୋଗ୍ରାମ ମ୍ୟାନେଜର ଶୋଭନ କୁମାର ଧଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମଲଣ୍ଡାରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର




ତେଲକୋଇ, ୧୧।୨(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ କେନ୍ଦୁପତ୍ର ସଂସ୍ଥା ତଥା ଏସବିଆଇ ଫାଉଣ୍ଡେସନ ଏବଂ କିଓର ବେ'ର ମିଳିତ ପ୍ରୟାସରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧୀନସ୍ଥ ଆକୁଳ ବନାଞ୍ଚଳର ମଲଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ସମ୍ମାନିତ ଅତିଥି ଭାବେ ଏସିଏଫ ସ୍ୱାଗତିକା ସାହୁ, ଶିବାଜୀ ମୋହନ ରାଓ, କେନ୍ଦୁଝର ସାଂସଦଙ୍କ ତେଲକୋଇ ବ୍ଲକ ପ୍ରତିନିଧି ହରିହର ପ୍ରଧାନ, ବିଧାୟକଙ୍କ ତେଲକୋଇ ବ୍ଲକ ପ୍ରତିନିଧି ପଦ୍ମଲୋଚନ ସାହୁ, ଆକୁଳ ସରପଞ୍ଚ କୁଳମଣି ଫୁଦୁକାର ତଥା କ୍ୟାମ୍ପ ପ୍ରବନ୍ଧକ ସୁଜିତ ମଙ୍ଗଲ ଯୋଗ ଦେଇଥିଲେ। ଡାକ୍ତର ଦେବବ୍ରତ ଉପାଧ୍ୟାୟ ଓ ଡାକ୍ତର ମନମୋହନ ବେହେରା ମଲଣ୍ଡା, ବନ୍ଧନଝରୀ, ଆକୁଳ, କାନ୍ତଲସୁଆଁ, ପଡାଙ୍ଗ, ଗୋପୀନାଥପୁର ଆଦି ଗ୍ରାମର ୨୧୦ ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଆକୁଳ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଡିଲେଶ୍ୱର ନାୟକ ଏବଂ ସହକର୍ମୀବୃନ୍ଦ ସହଯୋଗ କରିଥିଲେ। ତେଲକୋଇ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତି ମଞ୍ଚ ପରିଚାଳନା କରିଥିଲେ। ମଲଣ୍ଡା ଭଳି ଦୁର୍ଗମ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ପହଞ୍ଚି ପାରିଥିବାରୁ ସାଧାରଣରେ କେନ୍ଦୁପତ୍ର ସଂସ୍ଥା ପ୍ରତି ଲୋକଙ୍କର ଆସ୍ଥା ବଢ଼ିବାରେ ଲାଗିଛି। ଆସନ୍ତା ୧୨, ୧୩, ୧୪ ଏବଂ ୧୫ ତାରିଖରେ ଆକୁଳ କେନ୍ଦୁପତ୍ର ବନାଞ୍ଚଳର କଲଙ୍ଗାପାଳ, କୋଇଲି ସୂତା, ବାଲେଶ୍ୱର ଓ ନୁଆସାହିଠାରେ ଏବଂ ୧୭, ୧୮, ୧୯, ୨୦ ଏବଂ ୨୧ ତାରିଖରେ ତେଲକୋଇ କେନ୍ଦୁପତ୍ର ବନାଞ୍ଚଳର ହଳଦୀପାଣି, ଜନସନପୁର, ଟୁଂଗୁରୁବାହାଳ, ଜେନାଦର ଓ ଇମିରି ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ରକ୍ତଦାନ ଶିବିର: ୨୫ ୟୁନିଟ୍ ସଂଗ୍ରହ




ତୁରୁମୁଙ୍ଗା, ୧୧।୨(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗାର ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଧବାର ବିଦ୍ୟା ବାଟିକାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସଭାପତି ଗୋପୀନାଥ ସାହୁ, ସମ୍ପାଦକ ରମେଶଚନ୍ଦ୍ର ନାଏକ, ବଳଭଦ୍ର ନାଏକ, ପ୍ରଦୀପ୍ତ ସାହୁ, ସଞ୍ଜୟ ସାହୁ ଭକ୍ତବନ୍ଧୁ ବେହେରା ହିମାଂଶୁ ଶେଖର ପାତ୍ରଙ୍କ ସମେତ ଶ୍ରୀ ବିଦ୍ୟା ବାଟିକା ତୁରୁମୁଙ୍ଗାର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ତୁରୁମୁଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୁବାସଚନ୍ଦ୍ର କର, ବ୍ଲଡବ୍ୟାଙ୍କ କେନ୍ଦୁଝରର ଅକ୍ଷୟ ସାହୁ, ଅନୀଲ ପାତ୍ର, ଶରତ ନାଏକ, ତପନ ନାଏକ ରକ୍ତ ସଂଗ୍ରହ କରିଥିଲେ।

# ୧୧ତମ ଯୋଡ଼ା ପଞ୍ଚାୟତ ସମିତି ବୈଠକ




ଯୋଡ଼ା, ୧୧।୨(ସମିସ): ଯୋଡ଼ା ବ୍ଲକ ସଭାଗୃହରେ ବୁଧବାର ୧୧ତମ ପଞ୍ଚାୟତସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଡାନିସ ବେହେରା, ଯୋଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ବ୍ଲକ ମୁଖ୍ୟ ଯନ୍ତ୍ରୀ, ଏବଂ ୧୯ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ସମାଜର ଉନ୍ନୟନ ବିକାଶ, ଶିଶୁ ବିକାଶ ଯୋଜନା, ସୁଭଦ୍ରା ଯୋଜନା, ସାଧାରଣ ସାମଗ୍ରୀ ବଣ୍ଟନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜଙ୍ଗଲ ଓ ପରିବେଶ କୃଷି, ଗ୍ରାମ ଉନ୍ନୟନ ଏବଂ ବିଦ୍ୟୁତ ଯୋଗାଣ ବିଭାଗ ସମ୍ବନ୍ଧରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟତଃ କାଟେସହି ଏବଂ କୋହ୍ଲ ରୋଇଡା ସ୍କୁଲର ଶିକ୍ଷକ ସମସ୍ୟା, ସେରେଣ୍ଡା ବିଦ୍ୟାଳୟରେ ଷ୍ଟାଫ ସମସ୍ୟା ଏବଂ କୋହ୍ଲବପଦା ସ୍କୁଲରେ ମହିଳା ଶିକ୍ଷକ ନେଇ ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ, ସେରେଣ୍ଡା ସରପଞ୍ଚ ସସ୍ମିତା ସିଧୁ ଏବଂ ସମିତିସଭ୍ୟ ଈଶ୍ୱର ଗିରି ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟଗୁଡିକ ସମୟ ସୀମାରେ କିପରି ସମ୍ପୂର୍ଣ୍ଣ ହେବ ସେନେଇ ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ସମୀକ୍ଷା କରିଥିଲେ।

# ରାଧାକୃଷ୍ଣ ୟୁଥ୍ କ୍ଲବ୍ କ୍ରିକେଟ: ଭାଟୁଣିଆଁ ଚାମ୍ପିଅନ



କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାଯୋଡ଼ି ରାଧାକୃଷ୍ଣ ୟୁଥ୍ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଭାଟୁଣିଆଁ ଏବଂ ବନାଯୋଡି ମଧ୍ୟରେ ପ୍ରଥମେ ବନାଯୋଡିକୁ ୪ ୱିକେଟ୍‌ରେ ହରାଇ ଭାଟୁଣିଆଁ ଚାମ୍ପିଅନ ହୋଇଛି। ଅମ୍ପାୟାର ସରୋଜ ଆପଟ୍ଟ ଓ ସୁନିଲ ଦେହୁରୀ ଖେଳ ପରିଚାଳନା କରିଥିଲେ। ଆଶିଷ ଦେହୁରୀ, ସତ୍ୟଜିତ ବେହେରା, ସୌମ୍ୟରଞ୍ଜନ ମହାନ୍ତ ସ୍କୋରର ଥିଲେ। ସୁଶାନ୍ତ ବାରିକ, ନାଗେଶ୍ୱର ବାରିକ, ସଞ୍ଜୟ ଦଣ୍ଡସେନା ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ଉପସଭାପତି ବିବେକାନନ୍ଦ ମହାନ୍ତ, ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ପୂର୍ବତନ ଉପସଭାପତି ଗଣେଶ୍ୱର ମହାନ୍ତ, ମୋହିଳା ମୋର୍ଚ୍ଚା ଉପସଭାପତି ଗୀତାଞ୍ଜଳି ମହାନ୍ତ, ସଦର ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ସମାଜସେବୀ ରବିନ୍ଦ୍ର ପୈଁଜି, ସରପଞ୍ଚ ଚପଳା ସାମଲ ଯୋଗ ଦେଇଥିଲେ। କ୍ଲବ ସଭାପତି ରାମଚନ୍ଦ୍ର ଦେହୁରୀ, ସମ୍ପାଦକ ଅଭୟ ବେହେରା, ସଦସ୍ୟ ଦେବାନନ୍ଦ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ବାରିକ, କଳାକର ଦେହୁରୀ, ରାଜକୁମାର ଦେହୁରୀ, ରଞ୍ଜିତ ଦେହୁରୀ, ସଞ୍ଜୟ ଦଣ୍ଡସେନା, ଦୁଷ୍ମନ୍ତ ନାଏକ, ଆଶିଷ ବେହେରା, ଗଣେଶ ବେହେରା, ଦେବାନନ୍ଦ ପାତ୍ର ସହଯୋଗ କରିଥିଲେ।

# ଡକାୟତି ଉଦ୍ୟମବେଳେ ଜଣକୁ କାବୁ କରି ପୁଲିସ ଜିମା ଦେଲେ

ବୈଶିଙ୍ଗା, ୧୧।୨(ସମିସ): ଡକାୟତି ଉଦ୍ୟମ କରୁଥିବାବେଳେ ଜଣଙ୍କୁ କାବୁ କରି ଲୋକେ ଧୁମ ଛେଚିବା ସହ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ସଂସ୍କୃତ ଶିକ୍ଷକ ଚିନ୍ମୟ କୁମାର ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିବାବେଳେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ୫ରୁ ୭ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ଘର କବାଟ ବାଡ଼େଇ ତାଙ୍କ ପୁଅଙ୍କ ନାମ ଧରି ଡାକିଥିଲେ। ଚିନ୍ମୟ ଘର କବାଟ ଖୋଲିବା ପରେ କିଛି ବୁଝିବା ପୂର୍ବରୁ ସେମାନେ ଅତର୍କିତ ଆକ୍ରମଣ କରି ମୁହଁକୁ ଘୋଡ଼େଇ ତାଙ୍କୁ ପିଟିଥିଲେ। ଏଥିସହିତ ମାରଣାସ୍ତ୍ରରେ ଆକ୍ରମଣ କରି ଘରୁ ଲୁଟ୍‌ତରାଜ କରିଥିଲେ। ତେବେ ଶିକ୍ଷକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଗାଁ ଲୋକ ଆସିବା ପରେ ଡକାୟତମାନେ ଦୌଡ଼ି ପଳାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଲୋକେ ତାକୁ ନିର୍ଦ୍ଧୁମ ଛେଚିବ ସହ ପୁଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଲୋକମାନେ ବୈଶିଙ୍ଗା ପୁଲିସ ହାତରେ ଡକାୟତକୁ ଟେକିଦେବାକୁ ସିଧାସିଧା ମନା କରିଥିଲେ। କହିଥିଲେ ଯେ ବୈଶିଙ୍ଗା ପୁଲିସ ଉପରେ ତାଙ୍କର ଭରସା ନାହିଁ। ପରେ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହେବା ସହିତ ବୈଶିଙ୍ଗା ପୁଲିସ ଗାଡ଼ିକୁ ଲୋକେ ଘେରି ଅସନ୍ତୋଷ ଝାଡ଼ିଥିଲେ। ସୂଚନା ପାଇ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଏକ ପ୍ଲାଟୁନ ପୁଲିସ ସହିତ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ଏହି ଡକାୟତିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କାରାଯିବା ନେଇ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣା ସ୍ଥଳରୁ ଗିରଫ ଅଭିଯୁକ୍ତକୁ ନେଇ ବୈଶିଙ୍ଗା ଥାନା ପୁଲିସ ନେଇଯାଇଥିଲା। ବିଗତ ଏକ ମାସ ମଧ୍ୟରେ ଏହିଭଳି ସମାନ ଘଟଣା ୬ରୁ ଅଧିକ ଥର ଘଟିଥିବାବେଳେ ପୁଲିସର ହାତ ଆଜି ପର୍ଯ୍ୟନ୍ତ ଖାଲି ଥିଲା। ଯାହାକୁ ନେଇ ଆଜି ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା ବୈଶିଙ୍ଗା ପୁଲିସ।

# ନାବାଳିକା ଅପହରଣ ଅଭିଯୋଗ

କୁଆମରା ୧୧।୨(ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ଅପହରଣ ହୋଇଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ନୀଳଗିରି ଥାନା ଅଞ୍ଚଳର ଜଣେ ୨୧ ବର୍ଷୀୟ ଯୁବକ ତାଙ୍କୁ ଅପହରଣ କରିଥିବା ନେଇ ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

# ନିଜ ବନ୍ଧୁକରୁ ଗୁଳି ଫୁଟି ଆହତ ଯୁବକଙ୍କ ମୃତ୍ୟୁ

ମହୁଲଡିହା, ୧୧।୨(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଦାନୁଆ ବାଲିପୋଷି ଗ୍ରାମର ସନ୍ତୋଷ ମହାନ୍ତ(୪୦)ଙ୍କୁ ୬ ତାରିଖ ସକାଳୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ଡାକ୍ତରଖାନାରେ ସନ୍ତୋଷ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଭରାଣ୍ଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନୁଆ ବାଲିପୋଷି ଗ୍ରାମର ମିଠୁଆ ମହାନ୍ତଙ୍କ ପୁଅ ସନ୍ତୋଷ (୪୦) ଘରେ ବନ୍ଧୁକ ରଖି ମଝିରେ ମଝିରେ ଜଙ୍ଗଲ ଯାଇ ଶିକାର କରିଥାନ୍ତି। ଗତ ୫ ତାରିଖ ରାତିରେ ସନ୍ତୋଷ ଦିରିବ ଜଙ୍ଗଲକୁ ଯାଇ ଫେରୁଥିବାବେଳେ ବନ୍ଧୁକରୁ ଗୁଳି ଫୁଟି ନିଜ ଆଖିରେ ବାଜିଥିଲା। ସେ ସକାଳ ପର୍ଯ୍ୟନ୍ତ ଦିରିବ ଓ ଦାନୁଆ ରାସ୍ତାର ପୋଲ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ପଠାଇଥିଲେ। ବନ୍ଧୁକ ସନ୍ତୋଷ ନିକଟରେ ପଡ଼ିଥିବା ବେଳେ ପରେ ପୁଲିସ ବନ୍ଧୁକ ଉଦ୍ଧାର କରିଥିଲା। ତେବେ ସନ୍ତୋଷର ସ୍ଥିତି ଅତି ଗମ୍ଭୀର ଥିବାରୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ତୋଷଙ୍କ ବାପାଙ୍କ ଏତଲାକ୍ରମେ ଥାନାଧିକାରିଣୀ ସାବିତ୍ରୀ ଦଳେଇ କେସ ନଂ ୧୩ ଦଫା ୧୦୯ (୧) ବିଏନଏସ ୨୫ ଏବଂ ୨୭ ଆର୍ମସ ଆକ୍ଟ ବଳରେ ମକଦ୍ଦମା ହୋଇଥିଲା। ତେବେ ୯ ତାରିଖ ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ହୋଇଯାଇଛି।

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ୨ ଛାତ୍ରୀଙ୍କୁ ସ୍ୱର୍ଣ୍ଣ



ବାରିପଦା, ୧୧।୨(ସମିସ): ହରିୟାଣାରେ ଆୟୋଜିତ ଜାତୀୟସ୍ତର ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ସଫଳତା ମିଳିଛି। ଦୁଇ ଜଣ ଛାତ୍ରୀ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ସେମାନେ ହେଲେ ବେତନା ସ୍ଥିତ ମନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀ ଗୀତାଞ୍ଜଳି ସିଂ(୧୪) ଓ ଜୟସ୍ମିତା ମାର୍ଣ୍ଡି(୧୭)। ହରିୟାଣାର ରୋହତକ ସ୍ଥିତ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରେ ଫେବୃଆରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ପଞ୍ଚଦିବସୀୟ ସ୍ୱତନ୍ତ୍ର ଅଲିମ୍ପିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରିନ୍ସିପାଲ ନେତୃତ୍ୱରେ ଉକ୍ତ ଦୁଇ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉନ୍ନତ କ୍ରୀଡା ପ୍ରଦର୍ଶନ କରି ଗୀତାଞ୍ଜଳି ୫୦ମିଟର ଦୌଡ଼ରେ ଓ ଜୟସ୍ମିତା ରିଲେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତା ପାଇଁ ମନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ ଆଦି ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଉଜ୍?ଳ ଭବିଷ୍ୟତ କରି ଶୁଭେଚ୍ଛା ଜଣାଇଛନ୍ତି।

**ମଣ୍ଡିରେ କଟ୍‌ନୀଛଟ୍‌ନୀ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ବିରୋଧ**

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ବିଜେଡିର ବିକ୍ଷୋଭ






ବାରିପଦା, ୧୧।୨(ସମିସ)

ରାଜ୍ୟରେ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ପରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ମାରଣନୀତି, ଲଘୁ ଖଣିଜ ପଦାର୍ଥ ବ୍ୟାପକ ଚୋରା ଚାଲାଣ, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ଯାହା ବିରୋଧରେ ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରି ବିଜେପି ସରକାର ବିରୋଧରେ ବିଜେଡି ରଣ ହୁଙ୍କାର ଦେଇଛନ୍ତି। ବିଜେପି ସରକାର ରାଜ୍ୟର ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ନିୟମିତ ଭାବେ ବ୍ୟାପକ ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଏ ବାବଦରେ ବିଜେପି ସରକାର ଜାଣି ମଧ ରୋକିବା ବଦଳରେ ଅଧିକ ଦେଖଣାହାରି ସାଜିଛନ୍ତି। ଦିନକୁ ଦିନ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ୍ୟ ରହିଛି। ଏହାସହିତ ଚାଷୀ ମାରଣ ନୀତିରେ ଧାନ ମଣ୍ଡିରେ କଟ୍‌ନୀଛଟ୍‌ନୀ କରି ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ବିଜେପି ସରକାର ଧାନ ମିଲର ମାନଙ୍କ ହାତ ବାରିସି ସାଜିଛନ୍ତି। ଚାଷୀଟି ମଣ୍ଡି ମିଲର ମାନଙ୍କ ଦ୍ୱାରା ସମସ୍ୟାରେ ଧନ୍ଦି ହେଉଥିଲେ ସୁଦ୍ଧା ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି।

ସେହିପରି ବାରିପଦା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବହୁ ପୁରାତନ ବସ୍ତିଗୁଡ଼ିକ ଭାଙ୍ଗି ଦିଆଯାଇ ଲୋକମାନଙ୍କୁ ନିରାଶ୍ରୟ କରାଯାଉଛି। ଲୋକେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନପାଇ ରାସ୍ତା କଡ଼ରେ ପଡ଼ି ରହୁଛନ୍ତି। ଯାହାକି ବିଜେପି ସରକାରକୁ ଦେଖା ଯାଉନାହିଁ। ବିଜେପି ସରକାର ଜିଲ୍ଲା ପ୍ରଶାସନକୁ ହାତବାରିସି କରି ଗରିବ ଲୋକମାନଙ୍କ ଘର ଭାଙ୍ଗି ବାସହୀନ କରିବା ଅତି ନିନ୍ଦନୀୟ ଘଟଣା। ଆଗକୁ ଏଥିରେ ବିରତ ନହେଲେ ବିଜେଡି ପକ୍ଷରୁ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି। ହଜାର ହଜାର କର୍ମୀଙ୍କ ଯୋଗଦାନରେ ବିଜେଡିର ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା, କର୍ମୀ ସାମିଲ ହୋଇ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଜନମାରଣ ନୀତି ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ଉପ ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ-୨ ସଭାପତି ଡା ଦେବାଶିଷ ମାର୍ଣ୍ଡି, ରାଜ୍ୟ ପ୍ରବକ୍ତା ପ୍ରିୟବ୍ରତ ମାଝୀ, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରଞ୍ଜିତା ମାର୍ଣ୍ଡି, ଉପ ନଗରପାଳ ସୀମା ଦାସ, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, କାଶୀନାଥ ରଣା, ସମ୍ପାଦକ ଜଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ଦୁର୍ଗା ପ୍ରସାଦ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିମୟୀ ମିଶ୍ର, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାୟକ, ସମସ୍ତ ୱାର୍ଡ କାଉନସିଲର, ବ୍ଲକ ଅଧ୍ୟକ୍ଷ ପ୍ରମୁଖ ସମେତ ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷ ମାନେ ସାମିଲ ହୋଇ ବିଜେପି ସରକାରଙ୍କ ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ।

# ଜୁଏଲାରୀ ଦୋକାନ କାନ୍ଥ ଭାଙ୍ଗି ଚୋରି

ଠାକୁରମୁଣ୍ଡା, ୧୧।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ବଜାରର ହନୁମାନ ଛକ ନିକଟରେ ଥିବା ଏକ ସୁନା ରୁପା ଗହଣା ଦୋକାନର ପଛପଟ କାନ୍ଥ କାଟି ମଙ୍ଗଳବାର ବିଳମ୍ବିତ ରାତିରେ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଆନୁମାନିକ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଚୋରି ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆନୁମାନିକ ପ୍ରାୟ ୧୦୦ଗ୍ରାମ ସୁନା ଓ ୧୦ କିଲୋ ରୁପା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଠାକୁରମୁଣ୍ଡା ମୁଖ୍ୟ ବଜାର ହନୁମାନ ଛକ ନିକଟରେ ଥିବା ଦୁର୍ଗା ଅଳଙ୍କାର ନାମକ ଦୋକାନରୁ ବିଳମ୍ବିତ ରାତିରେ ଚୋରମାନେ ଦୋକାନ ପଛ କାନ୍ଥକୁ କାଟି ଦୋକାନ ଭିତରେ ପଶିଥିଲେ। ଗ୍ୟାସ କଟର୍ ସାହାଯ୍ୟରେ ଷ୍ଟ୍ରଙ୍ଗ ରୁମ୍‌କୁ କାଟି ସେଠାରେ ଥିବା ସୁନା ରୁପା ଗହଣାକୁ ନେଇ ଚମ୍ପଟ ମାରିଛନ୍ତି। ବ୍ୟବହୃତ ହୋଇଥିବା ଗ୍ୟାସ୍ କଟରକୁ ଚୋରମାନେ ସେଠାରେ ଛାଡ଼ି ପଳାଇଛନ୍ତି। ସକାଳେ ଦୋକାନ ମାଲିକ ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଦେଖି ପୁଲିସକୁ ଜଣାଇଥିଲେ। ତେବେ ଆଖପାଖ ସିସି କ୍ୟାମେରା ପୁଲିସ ଯାଞ୍ଚ କରିବା ସହିତ ସାଇଣ୍ଟିଫିକ ଟିମ୍‌କୁ ଡକାଇ ପୁଲିସ ତଦନ୍ତ କରୁଛି।




# ସ୍ୱଦେଶୀ ବିଚାର ବିକଶିତ ଭାରତର ମୂଳଦୁଆ

ବାରିପଦା, ୧୧।୨(ସମିସ): ଭାରତୀୟ ଶିକ୍ଷଣ ମଣ୍ଡଳ, ମୟୂରଭଞ୍ଜର ତୃତୀୟ ବୈଠକ ମୁର୍ଗାବାଡ଼ିସ୍ଥିତ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଦେଶୀ ବିଚାର ମୂଳଦୁଆ ଭାବେ କାର୍ଯ୍ୟ କରିଆସିଛି ଓ କରୁଥିବ ବୋଲି ମତପ୍ରକାଶ ପାଇଥିଲା। ସ୍ୱଦେଶୀ ପ୍ରତି ନିଷ୍ଠା ଭାରତୀୟ ଅର୍ଥନୀତିକୁ ବିଶ୍ୱରେ ସର୍ବଶ୍ରେଷ୍ଠ କରି ଗଢ଼ି ତୋଳିବାରେ ସକ୍ଷମ ହେବ ବୋଲି ଆଲୋଚକମାନେ ଯୁକ୍ତି ଉପସ୍ଥାପନ କରିଥିଲେ। ବୈଠକର ଆବାହକ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ, ଓଷ୍ଟାର ମୟୂରଭଞ୍ଜ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଳତା, ପୂର୍ବତନ ଗୋଷ୍ଠୀଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା, ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଅଧ୍ୟାପକ ଜିତେନ୍ଦ୍ର ପାଲ, ବରିଷ୍ଠ ଶିକ୍ଷାବିତ୍ ଅମିତାଭ ମିଶ୍ର, ପ୍ରଦୀପ ଭଞ୍ଜଦେଓ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ସ୍ୱବକ୍ତବ୍ୟ ଉପସ୍ଥାପନ କରିଥିଲେ। ସର୍ବେନ୍ଦୁ ରାମକୃଷ୍ଣନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ବଡ଼ସାହି ନିର୍ବାଚନମଣ୍ଡଳୀର ଉନ୍ନୟନ ସମିତି ବୈଠକ

ବାରିପଦା/ବେତନଟୀ, ୧୧।୨(ସମିସ)




ବୁଧବାର ବେତନଟୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଦାଶ, ବାରିପଦା ପିଏଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଏସିଏଫଏସ କେ. ମେହେରବାନ ଅଲ୍ଲୀ, ତହସିଲଦାର ଚନ୍ଦ୍ରଜିତ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ସାହି ଓ ବେତନଟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡ଼ିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ବିଧାୟକ ସମୀକ୍ଷା କରିଥିଲେ। ମୁଖ୍ୟତଃ ସ୍ୱାସ୍ଥ୍ୟ, ବନ, କୃଷି, ଉଦ୍ୟାନ କୃଷି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ସାଧାରଣ ଯୋଗାଣ, ମାଇନିଂ, ପ୍ରାଣୀ ଚିକିତ୍ସା, ମତ୍ସ୍ୟ, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ଶ୍ରମ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ଏତଦ ବ୍ୟତୀତ ବିଭିନ୍ନ ବିଭାଗଗୁଡ଼ିକ ପାଇଁ ବିଭିନ୍ନ ସ୍କିମରେ ଜିଲ୍ଲାକୁ ଆସୁଥିବା ବାର୍ଷିକ ସରକାରୀ ପାଣ୍ଠିର ପରିମାଣ ଏବଂ ସମୁଦାୟ ପାଣ୍ଠି ପରିମାଣ ମଧ୍ୟରୁ ବଡ଼ସାହି ଓ ବେତନଟୀ ବ୍ଲକ ପାଇଁ ଉଦ୍ଦିଷ୍ଟ ପରିମାଣ କେତେ ଓ ଏହା କିପରି ବିନିଯୋଗ ହୋଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲରୁ ଇସ୍ୟୁ ହେଉଥିବା ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇବାରେ ଲୋକମାନେ ଯେମିତି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ତହସିଲଦାର ମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାର, ବଡ଼ସାହି ବିଡିଓ ବନଜା ଦାସଙ୍କ ତତ୍ତ୍ୱାବଧାନରେ ଉକ୍ତ ବୈଠକ ପରିଚାଳନା କରାଯାଇଥିଲା ଏବଂ ବୈଠକ ପରିଚାଳନାରେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ୪୨ ଲିଟର ମଦ ଜବତ; ୩ ଗିରଫ

କୁଆମରା ୧୧।୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୪୨ ଲିଟର ମଦ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ରାଇଡିହି ଗ୍ରାମର ଗୋବିନ୍ଦ ମୁର୍ମୁ (୫୬) ଙ୍କ ଠାରୁ ୧୨ ଲିଟର, ପାଣ୍ଡୁଦାସ ଖୁଣ୍ଟା ଗ୍ରାମର ହରିହର ସୋରେନ (୨୮) ଙ୍କ ଠାରୁ ୧୫ ଲିଟର ଓ ବାହାନଡା ଗ୍ରାମର ମଲ୍ଲ ଟୁଡୁ (୩୫) ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ଏସ୍ ଆଇ କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ଦୀପାଞ୍ଜଳୀ ଦାସ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

# ମହିଳା କର୍ମଚାରୀଙ୍କୁ ନିର୍ଯାତନା ଅଭିଯୋଗ

● ଅତିରିକ୍ତ ତହସିଲଦାରଙ୍କ ବିରୋଧରେ ଫେରାଦ

ବାରିପଦା, ୧୧।୨(ସମିସ): ବାଙ୍ଗିରିପୋଷି ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଜନୈକ ମହିଳା କର୍ମଚାରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ତହସିଲଦାର ଶ୍ରୀ ପ୍ରଧାନ ଉପରିସ୍ଥ ଅଧିକାରୀ ହୋଇଥିବା ବେଳେ ଏହିପରି ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦେଇଛନ୍ତି। ବିଭିନ୍ନ ଆଳ ଦେଖାଇ ନିଜ ଚେମ୍ବରକୁ ଡ଼ାକି ନିର୍ଯ୍ୟାତନା ଦେଉଥିଲେ। ଏମିତିକି ପୀଡ଼ିତା ଅବିବାହିତା ହୋଇଥିବାରୁ ତାଙ୍କୁ କୌଣସି ବନ୍ଧୁ ସହ କୌଣସି ସମ୍ପର୍କ ଅଛି କି ନାହିଁ କହି ହ୍ୱାଟଆପରେ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରନ୍ତି। ନୂତନ ବର୍ଷରେ କାର୍ଯ୍ୟାଳୟ ପକ୍ଷରୁ ପିକ୍‌ନିକ୍‌ରେ ମଦ ପାନ କରି ଜୋର୍ ଜବରଦସ୍ତି ଅସଦାଚରଣ ମଧ୍ୟ କରିଥିଲେ। ଏନେଇ ପୂର୍ବରୁ ବାରମ୍ବାର ବାଙ୍ଗିରିପୋଷି ତହସିଲଦାରଙ୍କୁ ଅଭିଯୋଗ ଆଣି ବିଫଳ ହୋଇଥିଲେ। ନ୍ୟାୟ ଦାବି ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ବାଙ୍ଗିରିପୋଷି ପୁଲିସ ଥାନାରେ ଗତ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଜାଣିବା ପରେ ଥାନା ଅଧିକାରୀ ଓ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକ୍ରମେ ବୁଧବାର ଠାରୁ ପୁଲିସର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଅତିରିକ୍ତ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଉଦଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା, ୧୧।୨(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଦଳାର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବିନ୍ଧାଣୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ପ୍ରମିଳା ପଣ୍ଡା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମୁଖ୍ୟ ଅତିଥି, ଦୀପକ କୁମାର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉଦଳା ସ୍ୱତନ୍ତ୍ର ଅତିଥି, ମିନତୀ ମଞ୍ଜରୀ ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ଉଦଳା ମୁଖ୍ୟ ବକ୍ତା, ଉର୍ମିଳା ୱାର୍ଡ କାଉନସିଲର ୧୦ନମ୍ବର ୱାର୍ଡ, ସନ୍ଧ୍ୟା ରାଣୀ ବାରିକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉଦଳା, ସଞ୍ଜୟ କୁମାର, ବସନ୍ତ ପରିଡ଼ା, ପୁରାତନ ଛାତ୍ର ସଂସଦ ସଭାପତି, ଗୌର କିଶୋର ବିନ୍ଧାଣୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉଦଳା ଏନ୍‌ଏସି ସମ୍ମାନିତ ଅତିଥି ରୂପରେ ସଭାରେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା ମହୋତ୍ସବରେ ମୋଟ ୩ଟି ବିଭାଗ ର ମୋଟ ୧୫ଗୋଟି କ୍ରୀଡା ପ୍ରତିଯୋଗିତା ରେ ୬୫ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କର ଯାଇଥିଲା। ଶିକ୍ଷୟିତ୍ରୀ ଆଦ୍ୟାଶା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ସ୍ଥଳେ ଶିକ୍ଷୟିତ୍ରୀକବିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ଦାସ, ବହୁବନ୍ଧ କ୍ଲଷ୍ଟର ମକ୍ସମମ ବୈଶାଖୀ ସାହୁ ସହଯୋଗ କରିଥିଲେ।

# ସମର୍ପଣ ଦିବସ ପାଳିତ



ରାଇରଙ୍ଗପୁର, ୧୧।୨(ସମିସ): ରାଇରଙ୍ଗପୁର ସ୍ଥିତ ପିସିଏମ କଲ୍ୟାଣ ମଣ୍ଡପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ, ବିଜେପି ବରିଷ୍ଠ ନେତା ନବୀନ ରାମ, ମନୋଜ ଦାସ, ସୁନୀଲ ମହାନ୍ତ ଓ ସୁରଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ମଞ୍ଚାସିନ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ, ବିଚାରଧାରା ଓ ତାଙ୍କ ଆଦର୍ଶ ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଭିବିଜି ରାମ ଜି ଜନ ଜାଗରଣ ସମ୍ମିଳନୀରେ ସଚେତନତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ; ସାହିତ୍ୟ ଶିକ୍ଷକ ଗିରଫ

**ଲହୁଣୀପଡ଼ା,୧୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ହଳଦୀକୁଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଲହୁଣିପଡ଼ା ପୁଲିସ ସାହିତ୍ୟ ଶିକ୍ଷକ ତାପସ କୁମାର ବଡେଇଙ୍କୁ ଗିରଫ କରିଥିବା



ଜଣାପଡିଛି। ଅଭିଯୋଗ ମୁତାବକ, ହଳଦୀକୁଦର ପଞ୍ଚାୟତର ପିଡିତ ଛାତ୍ରୀ ହଳଦୀକୁଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପାଠପଢୁଥିଲେ। ବିଦ୍ୟାଳୟ କାମରେ ଆଧାର ବର୍ତ୍ତମାନ ଦରକାର ପଡୁଥିବା ବେଳେ ଉକ୍ତ ନାବାଳିକାଙ୍କ ଆଧାର କାର୍ଡରେ କୌଣସି ତ୍ରୁଟି ଥିଲା। ଆଧାର କାର୍ଡ ତ୍ରୁଟିକୁ ସୁଧାରିବାର ବାହାନା କରି ଅଭିଯୁକ୍ତ ସାହିତ୍ୟ ଶିକ୍ଷକ ଜଣକ ନାବାଳିକାଙ୍କୁ ବାଇକରେ ବସାଇ ବଣାଇଁ ଆଣୁଥିଲେ। ଫେରିବା ବେଳେ ସୁଆରପାଲି ଗ୍ରାମରେ ଥିବା ଭଡା ଘରକୁ ନେଇ ରାତିରେ ଦୁଷ୍କର୍ମ କରିଥିଲେ। ଏପରି ଆଧାର ତ୍ରୁଟି ସଂଶୋଧନ ବାହାନାରେ ଚାରି ଚାରିଥର ପିଡିତା ଛାତ୍ରୀଙ୍କୁ ଶିକ୍ଷକ ଜଣକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏକାଧିକ ଛାତ୍ରୀଙ୍କୁ ଧମକ ଚମକ ଦେଇ ଅସଦାଚରଣ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଏପରି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପୂର୍ବରୁ ଏଭଳି ଘଟଣା ସମ୍ପର୍କରେ ସ୍ଥାନୀୟ ବିଇଓ, ଡିଇଓ ଅଫିସକୁ ଅବଗତ କରାଯାଇଥିଲେ ମଧ୍ୟ ରସିକିଆ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ଯୋଗୁଁ ଆଜି ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି।

# ଶଳାର ଖଣ୍ଡା ଚୋଟରେ ଭିଣୋଇ ଗୁରୁତର

**ବଣାଇଁ,୧୧।୨(ସମିସ):** ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା କଷଡା ଗ୍ରାମରେ ଶଳାର ଖଣ୍ଡା ଚୋଟରେ ଭିଣେଇ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଉକ୍ତ ଗ୍ରାମର ଭିଣେଇ କୁମୁଦ ବନ୍ଧୁ ନାଏକ (୫୮) ଘର କୁର୍ଦାପାଲି କଷଡା



ଗ୍ରାମରେ ଦୀର୍ଘ ବର୍ଷ ଧରି ଘର ଜ୍ୱାଇଁ ଭାବେ ରହି ଆସୁଥିଲେ। ଆଜି ଶଳା ଭଗବାନ କାଲୋ (୪୭) ଓ ଭିଣେଇ କୁମୁଦ ବନ୍ଧୁ ନାଏକଙ୍କ ମଧ୍ୟରେ କୌଣସି କାରଣବଶତଃ ବଚସା ହୋଇଥିଲା। ଶଳା ଭଗବାନ ରାଗି ଯାଇ ଏକ ଖଣ୍ଡାରେ ଆକ୍ରମଣ କରି ମୁଣ୍ଡ ଓ ମୁହଁକୁ ଚୋଟ ମାରିବା ପରେ ଭେଣେଇ ତଳେ ପଡିଯାଇ ଗୁରୁତର ହୋଇଥିଲେ। ଏହା ଦେଖି ପରିବାର ଲୋକେ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଟିକାୟତପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଭିଣୋଇକୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଆକ୍ରମଣ କରିଥିବା ଶଳାକୁ ଟିକାୟତପାଲି ପୁଲିସ ଥାନାରେ ଅଟକ ରଖିବା ସହ କେସ୍ ନଂ-୧୮/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଟିକାୟତପାଲି ଥାନା ଅଧିକାରୀ ସବିତା ପାତ୍ର ସୂଚନା ଦେଇଛନ୍ତି।

# ଅଜଣା ଗାଡିକୁ ପଛରୁ ଧକ୍କା ଦେଲା ବାଇକ; ଚାଳକ ମୃତ

ଲହୁଣିପଡା,୧୧।୨: ଲହୁଣିପଡା ଥାନା ଲହୁଣିପଡା ଟକରା ନିକଟରେ ଭାରସାମ୍ୟ ହରାଇ ଅଜଣା ଗାଡି ପଛକୁ ଧକ୍କା ଦେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାଜ୍ୟ ରାଜପଥ ୧୦ (କ)ର ଲହୁଣିପଡା ଟକରା ନିକଟରେ ଏକ ବାଇକ(ଓଡି ୦୫ ବି ଆର ୨୩୪୯) ଏକ ଅଜଣା ଗାଡି ପଛରେ ଧକ୍କା ଦେବାରୁ ବାଇକ ଚାଳକ ସମ୍ବିତ କୁମାର ମାହାନ୍ତ (୨୫) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତଙ୍କୁ ଲହୁଣିପଡା ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ରାଉକେଲା ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୁଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# 'ଦୀର୍ଘବର୍ଷ ଧରି ରହୁଥିବା ବାସିନ୍ଦାଙ୍କୁ ଉଚ୍ଛେଦ ବଦଳରେ ଜମିପଟ୍ଟା ଦିଆଯାଉ'

## ରାଜନୈତିକ ଆକ୍ରୋଶ ରଖି କାର୍ଯ୍ୟ କଲେ ବିରୋଧ କରାଯିବ: ବିଜେଡି

ରାଉରକେଲା,୧୧।୨(ସମିସ)



ରାଉରକେଲା ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ଦୀର୍ଘବର୍ଷ ହେଲା ରହୁଥିବା ବାସିନ୍ଦାଙ୍କୁ ଉଚ୍ଛେଦ କରିବା ବଦଳରେ ଜମିପଟ୍ଟା ପ୍ରଦାନ କରାଯାଉ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଗରିବ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ପରିବର୍ତ୍ତେ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ବାସଗୃହ ଯୋଗାଇ ଦିଆଯାଉଥିଲା। କିନ୍ତୁ ଡବଲ ଇଞ୍ଜିନ ସରକାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି। କିନ୍ତୁ କୌଣସି ଗରିବ ପରିବାରକୁ ବେଘର ହେବାକୁ ଦିଆଯିବ ନାହିଁ ବୋଲି ବିଜେଡି ପକ୍ଷରୁ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସିଧା ଶୁଣାଇଛନ୍ତି। ରାଉରକେଲା ସହରରେ ପ୍ରଶାସନିକ ଅଧିକାରୀ ରାଜନୈତିକ ଦଳର ହାତବାରିସୀ ସାଜି ରାଜନୈତିକ ଆକ୍ରୋଶ ରଖି କାର୍ଯ୍ୟ କରିବା ବନ୍ଦ କରନ୍ତୁ।

ରାଜନୈତିକ ଆକ୍ରୋଶ ରଖି ପ୍ରଶାସନିକ ଅଧିକାରୀ କାର୍ଯ୍ୟ କଲେ ଏହାର ତିବ୍ର ବିରୋଧ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ବିଜେଡି କିମ୍ବା ବିଧାୟକ ସାରଦା ନାୟକ କେହିବି ବିକାଶ ବିରୋଧି ନୁହଁନ୍ତି। ରାଉରକେଲାରେ ବିଭିନ୍ନ ବିକାଶ ମୂଳକ କାମ ପାଇଁ ଯେଉଁଠି ବି ଜବରଦଖଲ ଉଚ୍ଛେଦର ଆବଶ୍ୟକତା ପଡିଛି ସେତବେଳେ ଦଳ ତଥା ବିଧାୟକଙ୍କ ତରଫରୁ ସହଯୋଗ କରାଯାଇ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯାଇଛି। କିନ୍ତୁ କିଛି ପ୍ରଶାସନିକ ଅଧିକାରୀ ରାଜନୈତିକ ଓ ବ୍ୟକ୍ତିଗତ ଆକ୍ରୋଶ ରଖି ଅଭିସନ୍ଧିମୂଳକ ଭାବେ ଉଚ୍ଛେଦ କାର୍ଯ୍ୟ କରୁଥିବାରୁ ଦଳ ତାହାର ବିରୋଧ କରିଛି। ଗତ ଦୁଇଦିନ ତଳେ ଗୁରୁଦ୍ୱାର ରୋଡରେ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ପାଞ୍ଚ ଜଣକୁ ଉଚ୍ଛେଦ ଉଦ୍ୟମ ଆଦୌ ନିରପେକ୍ଷ ଓ ସ୍ୱଚ୍ଛ ନଥିଲା। ସମ୍ପୂର୍ଣ୍ଣ ଅଭିଶନ୍ଧି ମୂଳକ ଥିଲା, ଯାହାକୁ କି ବିଧାୟକ ତଥା ବିଜୁ ଜନତା ଦଳ ତରଫରୁ ବିରୋଧ କରାଯାଇଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ନାୟକ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ନିଜର ପକ୍ଷ ରଖିବା ସହିତ ଆକ୍ରୋଶ ଓ ଅଭିଶନ୍ଧି ମୂଳକ ଉଚ୍ଛେଦ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ଏକ ପ୍ରତିନିଧିମଣ୍ଡଳୀ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଜିଲ୍ଲା ସଭାପତି ପ୍ରାଦ୍ୟୁମ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନଗର ସଭାପତି ଗଗନ ପଣ୍ଡା, ମୁଖପାତ୍ର ଜୟନ୍ତ ମିଶ୍ର, ବରିଷ୍ଠ ନେତା ବିରେନ ସେନାପତି, ରଶ୍ମିବାଳା ମିଶ୍ର, ଜୟଶ୍ରୀ ପାଣିଗ୍ରାହୀ, ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ପିଙ୍କୁ ଜୟସ୍ୱାଲ, ସଂଜିତ ଛୋଟରାୟ, ସୁଧାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍‌ଏମ୍ ଓ ଏମ୍‌ଏସ୍‌ଏସ୍ ବିଭାଗର ୧୮ କର୍ମଚାରୀ ପୁରସ୍କୃତ



**ରାଉରକେଲା,୧୧।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର କେନ୍ଦ୍ରୀୟ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ସିଏମଏମ ଏବଂ ଏମଏସଏସ ବିଭାଗର ୧୮ ଜଣ କର୍ମଚାରୀଙ୍କୁ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆରସିଏମ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକଲ ବିଭାଗର ସିଜିଏମ ଡିକେ ପାଲ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଏମଏମ ବିଭାଗର ଜିଏମ ଇନଚାର୍ଜ ଏସ୍‌କେ ପଙ୍କ, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ମାନବ ସମ୍ବଳ ବିଭାଗର ପ୍ରତିନିଧି ଏବଂ ସିଏମଏମ ଅଧିନସ୍ଥ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପାଲ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଅନୁକରଣୀୟ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ରକ୍ଷଣାବେକ୍ଷଣରେ ଉତ୍କର୍ଷତା ହାସଲ ସହ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଅନୁରୂପ ଉତ୍ସାହ ତଥା ପ୍ରତିବଦ୍ଧତା ସହିତ ସମସ୍ତଙ୍କୁ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ଫଙ୍କ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିବା ସହିତ ସାଙ୍ଗଠନିକ ଉତ୍କର୍ଷତା ହାସଲ କରିବାରେ ସେମାନଙ୍କର ଆଗ୍ରହ, ନିଜର ଭାବନା ଏବଂ କଠିନ ପରିଶ୍ରମକୁ ଅନୁକରଣ କରିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଡି ସୋରେନ ସଂଯୋଜନା କରିଥିଲେ।

# ନିଶାମୁକ୍ତ ପାଇଁ ସଚେତନତା ପଦଯାତ୍ରା

**ରାଉରକେଲା,୧୧।୨(ସମିସ) :** ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଆରଏମସି କାର୍ଯ୍ୟାଳୟ ଦେଇ ସହର ପରିକ୍ରମା କରିଥିଲା। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିସହ ଏକ ସଚେତନତା ଶପଥ



ପାଠ କରାଇଥିଲେ। ଏହି ଉପଲକ୍ଷେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଉଦିତନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉପଜିଲ୍ଲାପାଳ ଶ୍ରୀ ନାୟକ ପୁରସ୍କୃତ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଭାରତ ଗଠନ ପାଇଁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସାଧାବୀ ଦେହୁରିୟା, ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତଣ୍ଡିଆ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ, ଶିଶୁ ବିକାଶ ପ୍ରକଳ୍ପ ବିକାଶ ଅଧିକାରୀ ଦର୍ଶନି ଏକ୍କା ଓ ପ୍ରବୀନା ହରିଚନ୍ଦନ, ମୁନିସିପାଲ ମହାବିଦ୍ୟାଳୟର ଅଧ୍ୟକ୍ଷ, ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ଅବକାରୀ ବିଭାଗର କର୍ମଚାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ଓ ନିଶା ନିବାରଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧର୍ମଘଟ ସଫଳ ପାଇଁ ବାଇକ୍ ଶୋଭାଯାତ୍ରା

**ରାଉରକେଲା,୧୧।୨(ସମିସ):** ୧୦ ଟି କେନ୍ଦ୍ରୟ ଟ୍ରେଡ ୟୁନିୟନମାନଙ୍କ ପକ୍ଷରୁ ଗୁରୁବାର ଦେଶ ବ୍ୟାପି ସାଧାରଣ ଧର୍ମଘଟର ଡାକରା ଦିଆଯାଇଥିବା ବେଳେ ଏହାକୁ ସଫଳ କରିବା ପାଇଁ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ ଓ ଆଇଏଫଜିଏଲ ରିଫ୍ରାଟୋରିଜ ୱାର୍କସ ୟୁନିୟନ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହାକୁ ସିଟୁର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ସଙ୍ଗଠର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲା।



ଏହି ଶୋଭାଯାତ୍ରା କଳୁଙ୍ଗା ଶିଳ୍ପାଞ୍ଚଳର ସମସ୍ତ କଳ କରାଖାନା ଅତିକ୍ରମ କରି ବେଲଡି, ବେଦବ୍ୟାସ ମାର୍କେଟ ଦେଇ ପାନପୋଷ ମାର୍କେଟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, ଜନ ବିରୋଧୀ ନୀତି ବିରୁଦ୍ଧରେ ସ୍ଲୋଗାନ ଦେଇ ଅଞ୍ଚଳରେ ଥିବା ସମସ୍ତ କଳ କାରଖାନା, ଅଫିସ ଦପ୍ତର, ଦୋକାନ ବଜାର, ଗାଡି ମଟର, ସ୍କୁଲ କଲେଜ ଆଦି ବନ୍ଦ ରଖି ଏହି ଦେଶ ବ୍ୟାପି ସାଧାରଣ ଧର୍ମଘଟକୁ ସଫଳ କରାଇବାକୁ ଜଣାଇଥିଲେ। ଏହି ମୋଟର ସାଇକେଲ ଶୋଭାଯାତ୍ରାରେ ସିଟୁ ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, ଅଜିତ କୁମାର ଦାଶ, ଖିରୋଦ ବେହେରା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, ସୁଧାଂଶୁ ଜେନା, ସରୋଜ ବାର୍ଲା, ଭବାନୀ ସାହୁ, ଅନିଲ ସ, ସୁରେଶ ହେମ୍ବ୍ରମ, ରାଜୁ ଗୌଡ, ଡି. ଦିବାକର ରାଓ, ଏମ୍‌ଡି ଆକବର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଆଇନ ମହାବିଦ୍ୟାଳୟର କ୍ରୀଡା ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା,୧୧।୨(ସମିସ) :** ରାଉରକେଲା ଆଇନ ମହାବିଦ୍ୟାଳୟର ତ୍ରିଦିବସୀୟ କ୍ରୀଡା ମହୋତ୍ସବ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉପାଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ସଂଯୋଜନା କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ଯତୀନ୍ଦ୍ର ନାୟକ ଯୋଗ ଦେଇଥିଲେ। ହରଦିପ ସିଂ, ଛବି ଚକ୍ରବର୍ତ୍ତୀ, ସନ୍ଧ୍ୟା ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଉଦଯାପନୀ ଉତ୍ସବ ପ୍ରାରମ୍ଭ



ହୋଇଥିଲା। ଅତିଥିମାନେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କ ମନରେ ଖେଳପ୍ରତି ଆଗ୍ରହ ଆଣିବାପାଇଁ ପ୍ରୋତ୍ସାହନ ଦେଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସଂଗୀତ ଗାନ କରାଯାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା। ଛାତ୍ରୀ ମୁନମୁନ ସା ସଭା ପରିଚାଳନା କରିଥିବା ବେଳେ ତନ୍ମୟ ରାଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍‌ରେ ବେଧଡ଼କ ବାଲି ଚାଲାଣ

# ରାସ୍ତା ଉପରେ ପଡୁଛି ବାଲି; ସମସ୍ୟା ଭୋଗୁଛନ୍ତି ବାଇକ୍ ଆରୋହୀ



**ବଣାଇଁ,୧୧।୨(ସମିସ):** ବଣାଇଁ ଅଞ୍ଚଳରେ ଦିନକୁ ଦିନ ବେଧଡକ ବାଲି ଚାଲାଣ ବଢୁଥିବା ବେଳେ ଟ୍ରକ୍‌ରେ ଆବଶ୍ୟକତାଠାରୁ ମାତ୍ରାଧିକ ବାଲି ଚାଲାଣ ଏବେ ବାଇକ୍ ଆରୋହୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବଡ ବଡ ଗାଡ଼ିରେ ରାତି ତମାମ ବିନା ଘୋଡଣିରେ ଆବଶ୍ୟକ ଠାରୁ ଅଧିକ ପରିମାଣର ବାଲି ବୋଝେଇ କରି ଦ୍ରୁତ ଗତିରେ ଯିବା ଆସିବା କରିବା ଫଳରେ ବଣାଇଁ ସହରର ବିଭିନ୍ନ ଛକ ସ୍ଥାନରେ ଥିବା ହମ୍ପସ ନିକଟରେ ରାସ୍ତା ଉପରେ ବାଲି ପଡିରହିଛି। ବିଶେଷ କରି କନ୍ତଯୋଡି ଛକରୁ ଦେଓଗାଁ ବାବା ବାଣେଶ୍ୱର ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ସାରା ବାଲି ପଡ଼ି ରହିଥିବା ଦେଖିବାକୁ



ମିଳିଛି। ରାତି ତମାମ ଏଭଳି ବେପରୁଆ ବାଲି ବୋଝେଇ ହେଉଥିଲେ ମଧ୍ୟ ସ୍ଥାନୀୟ ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାରେ ବାଲି ପଡି ରହୁଥିବାରୁ ବାଇକ୍ ଆରୋହୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥିତି ଯୋଗୁଁ ଅନେକ ସମୟରେ ବାଇକ୍‌ରେ ଯିବା ଆସିବା ବେଳେ ବାଇକ୍ ସ୍ଲିପ ହୋଇ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି।

କିଛି ଦିନ ତଳେ ପୁରୀ ପିପିଲି ରାସ୍ତାରେ ଏଭଳି ବାଲିରେ ସ୍କୁଟି ଚକା ସ୍ଲିପ୍ ହେବାରୁ ଜଣେ ମହିଳା ସାମ୍ବାଦିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ମନରୁ ଲିଭି ନଥିବା ବେଳେ ଏବେ ବଣାଇଁ ସହରର ମୁଖ୍ୟ ରାସ୍ତା ସହ ଅନେକ ଅଣ ଓସାରିଆ ରାସ୍ତାରେ ବାଲି ପଡି ରହୁଥିବା ଦେଖିବାକୁ ମିଳିଛି। ବାଲି ପରିବହନ ବେଳେ ବୋଝେଇ ଗାଡ଼ିରେ ବାଲିକୁ ସମ୍ପୂର୍ଣ୍ଣ ଭାବେ ମୋଟା ପଲିଥିନ୍‌ରେ ଘୋଡାଇ ରଖିବା ବାଧ୍ୟତାମୂଳକ ନିର୍ଦ୍ଦେଶ ଥିଲେ ମଧ୍ୟ ଏହି କଟକଣା ଓ ସର୍ତ୍ତାବଳୀକୁ ବଣାଇଁରେ ହେୟ ଜ୍ଞାନ ମନେ କରୁଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜାତୀୟ ନୂତନ ଶିକ୍ଷାନୀତି ଉପରେ ଶିକ୍ଷକଙ୍କୁ ତାଲିମ



**ରାଉରକେଲା,୧୧।୨(ସମିସ):** ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ୫ ଦିନିଆ ଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକରେ ଅନୁଷ୍ଠିତ ହୋଇଛି। ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ସାଲଗିମୁନି ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆଗାଁ ବ୍ଲକରେ ୩ ଟି କେନ୍ଦ୍ରରେ ନୂଆଗାଁ, ପୁରୁଣାପାଣି ଓ ସୋରଡ଼ା, ନୂଆଗାଁ ଓ ସୋରଡ଼ା କେନ୍ଦ୍ରରେ ୫୦ ଜଣ ଲେଖାଏଁ ଶିକ୍ଷକ ତାଲିମ ନେଉଥିବା ବେଳେ ପୁରୁଣାପାଣି କେନ୍ଦ୍ରରେ ୧୦୦ ଜଣ ଶିକ୍ଷକ ତାଲିମ ନେଉଛନ୍ତି। ତିନୋଟି ତାଲିମ କେନ୍ଦ୍ରକୁ ନୂଆଗାଁ ଗୋଷ୍ଠୀ ଶିକ୍ଷାଅଧିକାରୀ ଟୁଡୁ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ବାନେ କେଛୁଆ ପରିଦର୍ଶନ କରି ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ ନେବାରେ ପରାମର୍ଶ ଦେବା ସହ ତାଲିମ କେନ୍ଦ୍ରରେ ଶିକ୍ଷକମାନଙ୍କୁ ତାଲିମ ନେବାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ପରାମର୍ଶ ଦେଇଥିଲେ। ଉପରୋକ୍ତ ତିନୋଟି ତାଲିମ କେନ୍ଦ୍ରରେ ତାଲିମ ପ୍ରାପ୍ତ ପ୍ରଶିକ୍ଷକ (ଆର୍‌ପି)ମାନେ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରୁଛନ୍ତି ।

## ପ୍ରହସନ ପାଲଟିଲା ଓଲାଭର ବଜାର ଉଚ୍ଛେଦ

# ଜୀବିକା ହରାଇଲେ ଛୋଟ ଦୋକାନୀ; ବଡ଼ଙ୍କୁ ମାଫ୍

ଓଲାଭର, ୧୧।୨(ସମିସ)



ଓଲାଭର ବଜାର ଉଚ୍ଛେଦ ପ୍ରକ୍ରିୟା ଆଜି ବହୁ ଆଡ଼ମ୍ବର ଲଘୁକ୍ରିୟାରେ ପରିଣତ ହୋଇଛି। ଏହି ଉଚ୍ଛେଦ ଏକପ୍ରକାର ପ୍ରହସନ ପାଲଟିଥିବା ଚର୍ଚ୍ଚା ହେଉଛି। ଯାହାକୁ ନେଇ କନିକା ତହସିଲ ସାଧାରଣରେ ସମାଲୋଚିତ ହୋଇଛି। ଜବରଦଖଲକାରୀଙ୍କ ଦୋକାନ ଆଡ଼େ ତିଳେ ମାତ୍ର ଆଡ଼ ଆଖିରେ ନ ଦେଖି କେବଳ ଅସ୍ଥାୟୀ କାଠ କ୍ୟାବିନ୍ ଉପରେ ବୁଲଡୋଜର୍ ଚଢ଼ାଇ ପ୍ରଶାସନ ନିଜର ପାରିବାପଣିଆ ଦେଖାଇଛି। ଫଳରେ ଛୋଟମୋଟ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଦୋକାନୀ ଏବେ ଜୀବିକା ହରାଇ ପ୍ରଶାସନର ଏଭଳି କାର୍ଯ୍ୟକଳାପକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି।

ସୂଚନା ଅନୁଯାୟୀ ଓଲାଭର ବଜାର ଉଚ୍ଛେଦ ପ୍ରକ୍ରିୟା ଗତ ୬ତାରିଖରେ ହେବ ବୋଲି ପ୍ରଥମେ ତହସିଲ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା ହୋଇଥିଲା। ପରେ ଅଚାନକ ନିଜ ମର୍ଜିରେ ଉଚ୍ଛେଦକୁ ରଦ୍ଦ କରି ସନ୍ଦେହ ଘେରକୁ ଆସିଥିଲା ପ୍ରଶାସନ। ଏ ନେଇ ସାଧାରଣରେ ସମାଲୋଚିତ ହେବା ପରେ ପୁନର୍ବାର ଡାକବାଜି ଯନ୍ତ୍ର ଦ୍ୱାରା ୧୧ ତାରିଖ ଦିନ ଉଚ୍ଛେଦ ହେବ ବୋଲି ନିଜ ଛେପ ନିଜେ ଢୋକିଥିଲା। ଆଜି ପୂର୍ବାହ୍ନ ୧୦ଟାରେ ତହସିଲ ପ୍ରଶାସନ ଓ ପୁଲିସ ପ୍ରଶାସନ ଥାଟପାଟ ନେଇ ବଜାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହା ପୂର୍ବରୁ ବଜାରର ବିଦ୍ୟୁତ ସଂଯୋଗ ବି କାଟି ଦିଆ ଯାଇଥିଲା। ତା' ସହିତ ଦୁଇ ଦୁଇଟି ବୁଲ୍‌ଡୋଜର ବି ଉଚ୍ଛେଦ ପ୍ରକ୍ରିୟାରେ ନିୟୋଜିତ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ ଏହି ଉଚ୍ଛେଦ ପ୍ରକ୍ରିୟାରେ ଖୋଦ୍ ମାଜିଷ୍ଟ୍ରେଟ୍‌ଙ୍କ ଅନୁପସ୍ଥିତ ସ୍ୱଚ୍ଛତା ଆଉ ନିରପେକ୍ଷତା ଉପରେ ନାନାଦି ପ୍ରଶ୍ନ ଉଠାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଦୀନେଶ ପ୍ରଧାନ ଦାୟିତ୍ୱ ନେଇଥିଲେ। ବି ସେ ମଧ୍ୟ ସମାଲୋଚିତ ହୋଇଥିଲେ। ଘଟଣା କ୍ରମରେ ତାରିଣୀ ଛକରୁ ବଜାର ପ୍ରବେଶ ପଥ ଡାହାଣ ପାଖ କ୍ୟାବିନ୍ ପକାଇ ଦୋକାନ ଘର ଉପରେ ପ୍ରଥମେ ବୁଲଡୋଜର ଚଲାଇ ବିବାଦକୁ ଆସିଥିଲେ। ଏଥିରେ ଛୋଟମୋଟ ଦୋକାନ କରି ଚଳୁଥିବା ଦୋକାନୀଙ୍କ କ୍ୟାବିନ୍ ମାଟିରେ ମିଶାଇ ଥିଲେ। ହେଲେ

### ସନ୍ଦେହରେ ପ୍ରଶାସନର କାର୍ଯ୍ୟକଳାପ

ବାମ ପାଖ ସରକାରୀ ଜାଗାରେ ଦୋକାନ ଘର ଗୁଡ଼ିକ ଉପରେ ପ୍ରଶାସନ ଦୃଷ୍ଟି ଦେଇନଥିଲା। ଉଚ୍ଛେଦକୁ ଆମେ ସମ୍ମାନ ଦେଉଛୁ, ହେଲେ ଆମ କ୍ୟାବିନ୍ ଭାଙ୍ଗିବା ସହ ବଡ଼ ବଡ଼ ଦୋକାନ ଘର ନ ଭାଙ୍ଗିବାକୁ ନେଇ ସେମାନେ ଘୋର ଆପତ୍ତି ଉଠାଇ ଥିଲେ। ଅପରପକ୍ଷେ ଜବରଦଖଲକାରୀ କିନ୍ତୁ ସଠିକ୍ ଢଙ୍ଗରେ ମାପଚୁପ୍ ନକରି ଏଭଳି ଭାଙ୍ଗିବା ଆଇନ୍ ସଙ୍ଗତ ନୁହେଁ ବୋଲି କହି ପ୍ରତିବାଦ କରିଥିଲେ। ମାପଚୁପ ପରେ ଉଚ୍ଛେଦ ହେଲେ ସ୍ୱାଗତ କରିବୁ ବୋଲି ସେମାନେ ମଧ୍ୟ କହିଛନ୍ତି। କ୍ୟାବିନ୍ ଭଙ୍ଗା ସମ୍ପର୍କରେ ଅତିରିକ୍ତ ତହସିଲଦାର ଦୀନେଶ ପ୍ରଧାନ ପ୍ରତିକ୍ରିୟା ଦେଇ କହିଥିଲେ ଯେ ଯାହା ମାପ ହୋଇଥିଲା ଆମେ ଭାଙ୍ଗିଛୁ, ସେଇ ଜାଗାରେ କିଏ କହିଥିଲେ ଆମେ ଅନ୍ୟ ଆଡ଼େ ଭାଙ୍ଗି ଥାଅନ୍ତୁ ବୋଲି ମନ୍ତବ୍ୟ ଦେଇଥିଲେ। ତେବେ ଉଚ୍ଛେଦ ପାଇଁ ଆବେଦନ କରିଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟି ଗୁରୁତର ଅଭିଯୋଗ ଆଣି କହିଛନ୍ତି ଯେ ପ୍ରତିପକ୍ଷଙ୍କ ପକ୍ଷରୁ ୨୦/୩୦ଜଣ ମାରଣାସ୍ତ୍ର ଧରି ତାଙ୍କୁ ଗୋଡ଼ାଇ ମାରିବାକୁ ଆସିଥିବାରୁ ସେ ଭୟରେ ଦୌଡ଼ି ପଳାଇ ଆସିଥିଲେ। ବଜାରର ସବୁ ସିସିଟିଭି ଫୁଟେଜ ନେଇ ତଦନ୍ତ କଲେ ଜଣା ପଡ଼ିବ ବୋଲି କହିବା ସହ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଦାବି କରିଥିଲେ। ଆଜିର ଏହି ଉଚ୍ଛେଦ ପ୍ରକ୍ରିୟାରେ କେବଳ ମାର୍ ମାର୍ ଭଣ୍ଡାରିଆକୁ ମାର୍ ନୀତିରେ ପ୍ରହସନ ଥିଲା ବୋଲି ଚର୍ଚ୍ଚା ହେଉଛି।

## କ୍ୟାନସର ପୀଡ଼ିତ ପାଲା ଗାୟକଙ୍କୁ ସହାୟତାର ହାତ ବଢ଼ାଇଲେ ହାସ୍ୟ ଅଭିନେତା ହରି

କେନ୍ଦ୍ରାପଡ଼ା, ୧୧।୨(ସମିସ): ଲୋକସଂସ୍କୃତିର ଅମୂଲ୍ୟ ପାରମ୍ପରିକ କଳା 'ପାଲା' ପାଇଁ ସମର୍ପିତ ଜଣେ ପ୍ରତିଭାଶାଳୀ କଳାକାର ଆଜି ମାରାତ୍ମକ ରୋଗ ସହ ସଂଘର୍ଷ କରୁଥିବା ବେଳେ ତାଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ହରିହର ମହାପାତ୍ର। କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଜଳପୋକ ଗ୍ରାମ ପଞ୍ଚାୟତର ପକ୍ଷୋଟ ଗ୍ରାମର କ୍ୟାନସର ପୀଡ଼ିତ ପାଲା ଗାୟକ ପ୍ରଶାନ୍ତ ଦାସଙ୍କୁ ହରିଭାଇ କମେଡ଼ି କ୍ଲବ୍ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସୂଚନା ଅନୁସାରେ,



ପ୍ରଶାନ୍ତ ଦାସ ଦୀର୍ଘଦିନ ଧରି ପାଲା ପରିବେଷଣ କରି ଜିଲ୍ଲା ଓ ଜିଲ୍ଲା ବାହାରେ ନିଜ ପ୍ରତିଭାର ଛାପ ରଖିଥିଲେ। ଛତିଶଗଡ଼ ଓ ଗୁଜୁରାଟ ସହ ବିଭିନ୍ନ ରାଜ୍ୟରେ ପାଲା ପରିବେଷଣ କରି ସେ ଅନେକ ସମ୍ମାନ ଓ ପୁରସ୍କାର ଲାଭ କରିଥିଲେ। ଦୁର୍ଭାଗ୍ୟବଶତଃ ମୁଖ ଗହ୍ୱର କ୍ୟାନସରରେ ପୀଡ଼ିତ ହୋଇ ସେ ବର୍ତ୍ତମାନ ଚିକିତ୍ସାର ଅଭାବରେ ଅସହାୟ ଅବସ୍ଥାରେ ଘରେ ଅବସ୍ଥାନ କରୁଛନ୍ତି। ଚିକିତ୍ସା ପାଇଁ ଘରର ସମସ୍ତ ସମ୍ପତ୍ତି ବିକ୍ରୟ କରି ସେ ଆର୍ଥିକ ଭାବେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ମରାମତି ଅଭାବରୁ ତାଙ୍କର ଚାଳଛପର ଘର ଭାଙ୍ଗିଯାଇଥିବାରୁ ସେ ପରିବାର ସହ ପରଘରେ ଆଶ୍ରୟ ନେଇ ରହୁଛନ୍ତି। ଏହି ଦୁର୍ଦ୍ଦଶା ସମ୍ପର୍କରେ ଜାଣି ହାସ୍ୟ ଅଭିନେତା ହରିହର ମହାପାତ୍ର ପକ୍ଷୋଟ ଗ୍ରାମରେ ପହଞ୍ଚି ପ୍ରଶାନ୍ତଙ୍କୁ ସାକ୍ଷାତ କରିଥିଲେ। ହରିଭାଇ କମେଡି କ୍ଲବ ପକ୍ଷରୁ ପ୍ରଶାନ୍ତଙ୍କୁ ତୁରନ୍ତ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସହ ପ୍ରତିମାସ ଏକ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି।

# ଶତାଧିକ ଏସିରୁ ତାର ଚୋରି; ୩ ଗିରଫ

ପଟ୍ଟାମୁଣ୍ଡାଇ, ୧୧।୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୌରାଞ୍ଚଳରେ ଏସି ତାର ସିରିଜ ଚୋରି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ। ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରୁ ଲୁଟେରାମାନେ ୧୦୦ରୁ ଅଧିକ ଏସିରୁ ତମ୍ବା ପାଇପ କାଟି ନେଇଥିଲେ। ସମ୍ପ୍ରତି ଥଣ୍ଡା ଲାଗି ରହିଥିବାରୁ ପ୍ରାୟତଃ ବିଭିନ୍ନ ଘର ଓ ଅଫିସରେ ଏସି ଗୁଡ଼ିକ ବନ୍ଦ ରହୁଛି। ଫଳରେ ଲୁଟେରାମାନେ ଏହାର ଫାଇଦା ଉଠାଇ ପଟ୍ଟାମୁଣ୍ଡାଇ ଆହାର କେନ୍ଦ୍ରରୁ ୩ ଟି ଏସିର ପାଇପ ତାର, ସମ୍ରାଟ ସେଲୁନର ଏସି ପାଇପ ତାର ଚୋରମାନେ କାଟିନେଇ ଯାଇଛନ୍ତି। ପଟ୍ଟାମୁଣ୍ଡାଇ ଏଲ୍‌ଆଇସି ଅଫିସରୁ ୧୯ଟିରୁ ଅଧିକ ଏସି ପାଇପ୍‌ର ତାର କାଟି ନେଇଥିଲେ। ସେହିପରି ରିଲାଏନ୍ସ ଫ୍ରେସ୍‌ର ୧୦ଟି, ପୋଖରୀଆପଡ଼ା ଇଣ୍ଡିଆନ ବ୍ୟାଙ୍କରୁ ୪ଟି, ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କର ୪ଟି, ପୋଖରୀଆପଡ଼ା ଗ୍ରାମରୁ ୩ଜଣ ଘରୁ ଏଭଳି ପାଇପ ତାର ଚୋରି ହୋଇଛି। ଏହା ବାଦ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ



ମଞ୍ଚ ଅଫିସରୁ ମଧ୍ୟ ୪ଟି ଏସି ପାଇପ ତାର ଚୋରି ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏକାଧିକ ଲିଖିତ ଅଭିଯୋଗ ହୋଇଥିଲା। ପଟ୍ଟାମୁଣ୍ଡାଇ ସହରରେ ଅଧିକାଂଶ ସ୍ଥାନରେ ସିସି କ୍ୟାମେରା ଲାଗିଥିଲେ ମଧ୍ୟ ଲୁଟେରାମାନେ ତାର କାଟିନେଇ ଥିଲେ। ପଟ୍ଟାମୁଣ୍ଡାଇ ଚୂନଡିହ ଠାରେ ଥିବା ରାଜ କମ୍ୟୁନିକେସନ ମାଲିକ ରାଜକୁମାର ସାହୁଙ୍କ ଘରୁ ଚୋର ମାନେ ଗେଟ ତାଲା ଭାଙ୍ଗି ଏକ ଗାଡି ମଧ୍ୟ ଚୋରି କରି ନେଇଥିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଏସି ପାଇପ୍ ତାର ଚୋରି ଘଟଣା ବହୁଳ ଭାବେ ହେଉଥିବାରୁ ଏହାକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଗୁରୁତର ଭାବେ ନେଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ଏସି ପାଇପ ତାର ଚୋରଙ୍କ ଉପରେ ସତର୍କ ଦୃଷ୍ଟି ରଖିଥିଲା। ସ୍ଥାନୀୟ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏସି ପାଇପ୍ ତାର ଚୋରି କରିଥିବା ପିଣ୍ଟୁ ପଙ୍କଜ ମଲିକ, ସଞ୍ଜୟ ମଲିକ, କାଳନ୍ଦୀ ମଲିକଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପଟ୍ଟାମୁଣ୍ଡାରେ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଥାନା କେସ ନଂ ୬୦/୨୦୨୬ ରେ ଏକ ମୋକଦ୍ଦମା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଜେରା ପରେ ସମସ୍ତ ପ୍ରମାଣ ସହ ୩ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛନ୍ତି। ବିଭିନ୍ନ ଚୋରି ଘଟଣା ରୋକିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି ଅଧିକ କଡ଼ାକଡ଼ି କରିଛି।

**● ଶିକ୍ଷକ ଅଭାବ ନେଇ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରତିବାଦ**

# ମଧ୍ୟାହ୍ନଭୋଜନ ଖାଇଲେନି, ପୋଷାକ ଫେରାଇଦେଲେ

ପଟ୍ଟାମୁଣ୍ଡାଇ, ୧୧।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଛାତ୍ରଛାତ୍ରୀ। କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ମାତ୍ର ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଯାହା ଫଳରେ ପାଠାପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ସରକାରୀ ସ୍କୁଲରେ ପାଠ ପଢ଼ିବାକୁ ରାଜ୍ୟ ସରକାର ବିଭିନ୍ନ ମାଧ୍ୟମରେ ପ୍ରଚାର ପ୍ରସାର କରୁଥିଲେ ମଧ୍ୟ ତାହାର କିଛି ଫଳ କିଛି ମିଳୁନାହିଁ। କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରେ ୯ଟି ଶ୍ରେଣୀରେ ୩୫୦ଜଣ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି। ଜଣେ ସିଆର୍‌ସିସି ଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। କିନ୍ତୁ ପ୍ରଧାନଶିକ୍ଷକ ସ୍କୁଲର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ୯ ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଢ଼ାଇବା କଷ୍ଟକର ହୋଇପଡ଼ିଛି। ପ୍ରଧାନଶିକ୍ଷକଙ୍କୁ ଛାଡ଼ି ୩ ଜଣ ଶିକ୍ଷକ ୩ଟି ଶ୍ରେଣୀରେ ପାଠ ପଢ଼ାଉ ଥିବାବେଳେ ବାକି ୬ଟି ଶ୍ରେଣୀର ପିଲାମାନେ ଖେଳରେ ବ୍ୟସ୍ତ ରହୁଛନ୍ତି। ଏହି ବିଷୟରେ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ ଓ କଖାରୁଣୀ ଗ୍ରାମବାସୀ ବାରମ୍ବାର



ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ତେଣୁ ଅଭିନବ ଢଙ୍ଗରେ ଛାତ୍ରଛାତ୍ରୀ ଏହାର ପ୍ରତିବାଦ କରିଛନ୍ତି। ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ପୋଷାକକୁ ଫେରାଇ ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦାବିରେ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିଆରା ଢଙ୍ଗରେ ପ୍ରତିବାଦ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## 'ଧାନ କିଣିବା ନେଇ ସରକାର ପ୍ରତାରଣ କରିଛନ୍ତି'

ଡେରାବିଶ, ୧୧।୨(ସମିସ): ଚଳିତବର୍ଷ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣ କରି ଶେଷ ମୁହୂର୍ତ୍ତରେ ଟାର୍ଗେଟ୍ ଓ ଟୋକନ୍ ସମସ୍ୟାରେ ପଡ଼ି ଧାନ ବିକ୍ରି କରିନପାରି ଅଭାବୀ ଧାନ ବିକ୍ରିର ଶିକାର ହେଉଛନ୍ତି। ଏ ନେଇ ଜନଶକ୍ତି ପାର୍ଟିର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଅଭିଯୋଗ କରିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୦୦ ଓ ୮୦୦ ଟଙ୍କାର ପ୍ରୋତ୍ସାହନ ରାଶି ମିଶି ମୋଟ ୩୧୦୦ ଟଙ୍କା ଚାଷୀ ପାଇବେ। କିନ୍ତୁ ପଞ୍ଜୀକୃତ ଚାଷୀମାନେ ମଣ୍ଡିଦ୍ୱାରା ଟୋକନ୍ ଆସିନାହିଁ, ଟାର୍ଗେଟ୍ ଏତେ ନାହିଁ କହି ଧାନକୁ ନ କିଣି ମଣ୍ଡିରେ ପକାଇ ରଖିଛନ୍ତି। ଚାଷୀ ବାରମ୍ବାର ଦୌଡ଼ି ବାଧ ହୋଇ ୫ରୁ ୧୦ କେଜି ଯାଏ କଟ୍‌ନୀଛଟ୍‌ନୀ ଦେବାକୁ ବାଧ ହେଉଛନ୍ତି। ଅପରପକ୍ଷରେ ଚାଷୀମାନେ ବାଧ ହୋଇ ବାହାର ବେପାରୀଙ୍କୁ ୧୭୦୦ରୁ ୧୮୦୦ ଟଙ୍କାରେ ଧାନ ବିକ୍ରୟ କରୁଛନ୍ତି। ଚାଷୀଙ୍କ ଆଖିରେ ଲୁହ ଆସିଲେ ସରକାର ନିଶ୍ଚିତ ଗାଦିଚ୍ୟୁତ ହେବେ ବୋଲି କ୍ଷୋଭ ପ୍ରକାଶ କରି ଶ୍ରୀ ଦାଶ ଏବଂ ପାର୍ଟିର ସମ୍ପାଦକ ସମରେନ୍ଦ୍ର ଜେନା ଅଭିଯୋଗ ଆଣିବା ସହିତ ଯୋଗାଣ ମନ୍ତ୍ରୀଙ୍କୁ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି।

## ବଡ଼ପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସଭା



ପଟ୍ଟାମୁଣ୍ଡାଇ, ୧୧।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଓଝାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ଓ ଏହି ଉପଲକ୍ଷେ ସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବଡ଼ପଡ଼ା ସରପଞ୍ଚ ପ୍ରତିନିଧି ପାରେଶ୍ୱର ସେଠୀ, ସିଆର୍‌ସିସିଏମ୍‌ଡି ମସିଉଲ୍ଲା, ପୂର୍ବତନ ସିଆର୍‌ସିସି ବିଧୁଭୂଷଣ ମହାନ୍ତି ଓ ଅନ୍ତର୍ଯ୍ୟାମୀ ବେଜ, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ କୁମାର ସିଂ, ପୂର୍ବତନ ସଭାପତି ସତ୍ୟବ୍ରତ ରାଉଳ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ହେମ ମଞ୍ଜରୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ଓଝାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସଭାରେ ଶିକ୍ଷକ ନେତା ପ୍ରଦୀପ ସାମଲ, ମହେନ୍ଦ୍ର ଦାସ ସୁଶାନ୍ତ ସାହୁ ଆଶାଲତା ପ୍ରଧାନ, ମିନତୀ ମହାରଣା ଅମରାବତୀ ପରିଡ଼ା ସଞ୍ଜୀବ ତରାଇ ପ୍ରମୁଖ ଭାଷଣ ଦେଇଥିଲେ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଲୀନାରାଣୀ ସାହୁ ସ୍ୱାଗତ ଭାଷଣ ଓ ବଳରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରୋଜାଲିନ କବି ଧନ୍ୟବାଦ ଦେଇଥିଲେ। ଏହି ସଭା କୁ ରଶ୍ମୀରେଖା ମହାରଣା, ଅନିଲ ଘଡ଼େଇ ଶୀର୍ଷାନନ୍ଦ ମହାପାତ୍ର ଭାଗୀରଥି ସେଠୀ ରଶ୍ମୀ ରଞ୍ଜନ ଓଝା ଶିବୁ ସୋରେନ ପ୍ରମୁଖ ପରିଚାଳନା କରିଥିଲେ।

## ୧୦୬ ବର୍ଷୀୟ ବୃଦ୍ଧଙ୍କ ଜନ୍ମଦିନ ପାଳିଲେ ପରିବାରବର୍ଗ

ଗରଦପୁର, ୧୧।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପହଣା ଗ୍ରାମର ଏକ ପରିବାର ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ୧୧ ଫେବୃଆରୀ ୧୯୨୦ରେ ଜନ୍ମଗ୍ରହଣ କରିଥିବା କ୍ଷେତ୍ରବାସୀ ସାହୁ ନିଜ ଜୀବନର ୧୦୬ତମ ବର୍ଷରେ ପଦାର୍ପଣ କରିଥିବା ବେଳେ, ତାଙ୍କ ପରିବାର ପକ୍ଷରୁ ଅତ୍ୟନ୍ତ ଆଦର ଓ ସମ୍ମାନ ସହିତ ଜନ୍ମଦିନ ପାଳନ କରାଯାଇଛି। ପରିଣତ ବୟସରେ କ୍ଷେତ୍ରବାସୀ ସାହୁ ପରିବାରର ସମସ୍ତଙ୍କ ପାଇଁ ଆଶୀର୍ବାଦ ଓ ପ୍ରେରଣାର ମୂଳ ସ୍ତମ୍ଭ ଭାବେ ରହିଛନ୍ତି। ସେ ୩ ପୁଅ ଓ ୩ ଝିଅଙ୍କ ସହିତ ଏକ ବୃହତ୍ ପରିବାରର ମୁଖ୍ୟ ଅଭିଭାବକ ଭାବେ ରହିଛନ୍ତି। ବର୍ତ୍ତମାନ ଏହି ପରିବାରରେ ପ୍ରାୟ ୨୦ ଜଣ ସଦସ୍ୟ ଏକାଠି ରହି ପାରିବାରିକ ମୂଲ୍ୟବୋଧ ଓ ଏକତାର ପରମ୍ପରାକୁ ଅବିକଳ ରଖିଆସୁଛନ୍ତି। କ୍ଷେତ୍ରବାସୀ ସାହୁଙ୍କ ପୁଅ ଯଦୁମଣି ସାହୁ (୭୪) ଓ ମୂରଲୀଧର ସାହୁ (୬୫) ସହିତ ପରିବାରର ଅନ୍ୟାନ୍ୟ ସଦସ୍ୟ ଏହି ନିଆରା ଜନ୍ମଦିନ ଅବସରକୁ ଆନନ୍ଦ ଓ ଭାବବିହ୍ୱଳ ପରିବେଶରେ ପାଳନ କରିଥିଲେ। ପ୍ରାୟ ୪୦୦ ଲୋକଙ୍କ ପାଇଁ ଭୋଜିଭାତର ବ୍ୟବସ୍ଥା କରାଯାଇଥିଲା। ବୟୋଜ୍ୟେଷ୍ଠମାନେ ପରିବାରର ମୂଳ ଭିତ୍ତି। ସେମାନଙ୍କ ଅନୁଭବ, ଆଶୀର୍ବାଦ ଓ ମୂଲ୍ୟବୋଧ ନୂତନ ପିଢ଼ିକୁ ସଠିକ୍ ଦିଗ ନିର୍ଦ୍ଦେଶ ଦେଇଥାଏ। କ୍ଷେତ୍ରବାସୀ ସାହୁଙ୍କ ପରିବାର ବୃଦ୍ଧମାନଙ୍କ ପ୍ରତି ସମ୍ମାନ ଓ ସେବାର ଯେଉଁ ଉଦାହରଣ ପ୍ରଦାନ କରିଛି, ସେଥିରୁ ସମାଜ ଏକ ଶକ୍ତିଶାଳୀ ସନ୍ଦେଶ ପାଉଛି।




ଆଜିର ଜୀବନରେ ପାରିବାରିକ ଏକତା ଓ ସଂସ୍କାର ରକ୍ଷା କରିବା ଆବଶ୍ୟକ। କ୍ଷେତ୍ରବାସୀ ସାହୁଙ୍କ ପରିବାର ଏହି ମୂଲ୍ୟବୋଧକୁ ଅନୁସରଣ କରି ସମାଜ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ହୋଇଉଠିଛି। ଏଭଳି ସଂସ୍କାରମୟ ପରିବାର ସମାଜର ନୈତିକ ଭିତ୍ତିକୁ ଶକ୍ତିଶାଳୀ କରେ ବୋଲି ମତ ପ୍ରକାଶ ପାଇଛି।

**● ଅଙ୍ଗନବାଡ଼ିରେ ଅଚଳାବସ୍ଥା ଘଟଣା**

## ପହଞ୍ଚିଲା ପ୍ରଶାସନ; ଆଲୋଚନାକୁ ଆସିଲେନି ଗ୍ରାମବାସୀ

ରାଜନଗର, ୧୧।୨(ସମିସ): ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଜଣେ ଅନୁସୂଚିତ ଜାତିର ଯୁବତୀ ସହାୟିକା ଭାବେ ନିଯୁକ୍ତି ପାଇବାରୁ ଗ୍ରାମବାସୀ ଶିଶୁଙ୍କୁ ପଢ଼ିବାକୁ ଛାଡୁ ନାହାନ୍ତି। ସହାୟିକାଙ୍କ ହାତରୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଖାଦ୍ୟ ବି ଗ୍ରହଣ କରୁନାହାନ୍ତି।



ଆଲୋଚନା ପାଇଁ ଡାକିଥିଲେ। ମାତ୍ର ଗ୍ରାମବାସୀ କେହି ଆଲୋଚନାକୁ ଆସିନଥିଲେ। ଦୀର୍ଘ ସମୟ ଧରି ଉପଜିଲ୍ଲାପାଳ ଅପେକ୍ଷା କରିଥିଲେ ମଧ୍ୟ ଗ୍ରାମବାସୀ ଆଲୋଚନାକୁ ଆସିନଥିଲେ। ଉପଜିଲ୍ଲାପାଳ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସହାୟିକାଙ୍କ

ପରମ୍ପରା ଓ ଜାତିପ୍ରଥାକୁ ନେଇ ୮୩ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ଝୁଲୁଛି। ଏ ନେଇ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଜି ଜିଲ୍ଲା ପ୍ରଶାସନ ଗାଁରେ ପହଞ୍ଚିଥିଲା। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଟିମ ପହଞ୍ଚିଥିଲେ ମଧ୍ୟ ଗ୍ରାମବାସୀ ଆଲୋଚନାକୁ ଆସିନଥିଲେ। ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଘର ଘର ବୁଲି ଗାଁ ଲୋକଙ୍କୁ ଡାକିଥିଲେ ମଧ୍ୟ କେହି ଆଲୋଚନାକୁ ଆସିନଥିଲେ। ଗ୍ରାମବାସୀ ଆଲୋଚନାକୁ ନଆସିବାରୁ ଏହି ସଙ୍ଗୀନ ଘଟଣାକୁ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଆଜି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସିଡିପିଓ ଦୀପାଳି ମିଶ୍ର, ସୁପରଭାଇଜର ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ଗାଁ ଲୋକଙ୍କୁ ନିଯୁକ୍ତି ଫାଇଲର କାଗଜପତ୍ର ଯାଞ୍ଚ କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ କିଛି ଇସ୍ୟୁ ରହିଛି ତଦନ୍ତରେ ଜଣାପଡ଼ିଲା, ତାହା ପ୍ରକାଶ କରିହେବ ନାହିଁ। ନିୟମ ଅନୁସାରେ ସହାୟିକା ନିଯୁକ୍ତି ହୋଇଛି। ଗ୍ରାମବାସୀଙ୍କୁ ନିବେଦନ କରୁଛି ସରକାରଙ୍କ ନୀତି ନିୟମକୁ ସମ୍ମାନ ଜଣାଇ ସେମାନେ ଖାଦ୍ୟ ପଦାର୍ଥ ଓ ପୋଷଣ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ଆଶା କରୁଛି ଘଟଣା ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି। ଆଜି ଉପଜିଲ୍ଲାପାଳ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦେବେ। ଗ୍ରାମବାସୀ ଯଦି ସରକାରଙ୍କ ନିୟମ ନମାନନ୍ତି ପ୍ରଶାସନ ପରବର୍ତ୍ତୀ କି ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ଭାବେ ଶର୍ମିଷ୍ଠା ସେଠୀ ୨୦ ନଭେମ୍ବର ୨୦୨୫ରେ ନିଯୁକ୍ତି ପାଇବା ପର ଠାରୁ ଗାଁର କୌଣସି ଶିଶୁ ପାଠ ପଢ଼ିବାକୁ ଅଙ୍ଗନବାଡି କେନ୍ଦ୍ରକୁ ଆସୁନାହାନ୍ତି। ୮୩ ଦିନ ହେଲା ଏଭଳି ଅଚଳାବସ୍ଥା ଲାଗିରହିଛି।

# ମରାମତିର ଦୁଇମାସରେ ଉଠିଗଲାଣି ପିଚୁ






ପଞ୍ଚୁପାଣ୍ଡବ, ୧୧।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ତ୍ରିପୁରାରୀ ପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓଡ଼ିଶା ସରକାର ପକ୍ଷରୁ ଆର୍‌ଡି ରାସ୍ତା ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହି ରାସ୍ତାର କିଛି ଅଂଶ ପ୍ରଧାନମନ୍ତ୍ରୀ ସଡ଼କ ଥିଲା। ଏହି ରାସ୍ତାର ଅବସ୍ଥା ଖରାପ ହୋଇ ପଡ଼ି ରହି ଥିବାବେଳେ ରାସ୍ତା ପାଇଁ ବାରମ୍ବାର ଅଞ୍ଚଳବାସୀ ପ୍ରଶାସନ ଅଧିକାରୀଙ୍କୁ ରାସ୍ତା କାମ ପାଇଁ ଦାବି କରିଥିଲେ। ଏହି ରାସ୍ତାର ପୁରୁଣା ପିଚୁକୁ ଖୋଳା ଯାଇ ନୂତନ ଭାବେ ପୁଣି ଗୋଡ଼ି ପକାଇ ରୋଲିଂ କରା ଯାଇଥିଲା। ଅଧିକାଂଶ ରାସ୍ତା ପିଚୁ ହୋଇଥିବା ବେଳେ କିଛି ସ୍ଥାନରେ ଢ଼ଳାଇ ହେବାର ବ୍ୟବସ୍ଥା କରାଯାଇଥିଲା। ଗୋଡ଼ି ପଡ଼ିଲା ପରେ ଗତ ୨୩ ଅକ୍ଟୋବର ମାସରେ ଜିଲ୍ଲାର ଆର୍‌ଡି ବିଭାଗର ଅଧିକାରୀ ଆସି ତଦନ୍ତ କରିଥିଲା ବେଳେ ପରେ ପିଚୁ କାମ ଆରମ୍ଭ ହୋଇଥିଲା। ଏହି ପିଚୁ କାମ କରିବା ପାଇଁ ପ୍ରଥମେ କିଛି ବାଟ ପର୍ଯ୍ୟନ୍ତ ପ୍ରାଇମର ପକା ଯାଇଥିଲେ ମଧ୍ୟ ତାର ତିନିଦିନ ପରେ ପିଚୁ କାମ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ବାବଦରେ ପ୍ରାୟ ୩ କୋଟି ୩୨ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ କାମ କରିବା ପାଇଁ ଜଣେ ଠିକାଦାର ଜଣଙ୍କୁ ଦିଆ ଯାଇଛି। ପିଚୁ କାମକୁ ଦୁଇ ମାସ ହୋଇ ନଥିବା ବେଳେ ପିଚୁରୁ ଗୋଡ଼ି ଉଠି ରାସ୍ତାର ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳୁଛି। ଏହି କାମରେ ଆର୍ ଡି ବିଭାଗର ଜିଲ୍ଲା ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ ନିମ୍ନ ମାନର କାର୍ଯ୍ୟ କରି ସରକାରଙ୍କ କୋଟିକୋଟି ଟଙ୍କାକୁ ହଡ଼ପ କରୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଯିଏ ଯାତାୟାତ କରୁଛନ୍ତି ସେମାନେ ପ୍ରଥମେ ସରକାରଙ୍କୁ ତାରିଫ୍ କରୁଥିବା ଅଞ୍ଚଳବାସୀ କହିଛନ୍ତି। ଏହି ପ୍ରୋଜେକ୍ଟରେ ଅନ୍ୟତ୍ର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମ ନଣ୍ଡା ପଡ଼ିଆକୁ ଯାଇଥିବା ରାସ୍ତା ରେ କାମ ଚାଲୁଥିବା ଦେଖିବାକୁ ମିଳୁଛି। ଏହାର ତଦନ୍ତ କରାଯାଇ ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାର ଓ ପ୍ରଶାସନ ଅଧିକାରୀମାନଙ୍କ ଅବହେଳାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ଓ କାମର ମାନ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## କ୍ରାଇମ୍ ସିନ୍ ରିକ୍ରିଏସନ କଲା ପୁଲିସ

# ପରକୀୟା ପ୍ରୀତିରୁ ସତ୍ୟବ୍ରତଙ୍କୁ ହତ୍ୟା

ଭୁବନେଶ୍ୱର, ୧୧।୨ (ସମିସ): ନୀଳାଦ୍ରି ବିହାର ସତ୍ୟବ୍ରତ ପ୍ରଧାନ ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ପ୍ରେମିକା ସହ ଦେଖି ସହି ନ ପାରିବାରୁ ସତ୍ୟବ୍ରତଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଲିଜାଙ୍କ ପ୍ରଥମ ପ୍ରେମିକ ତଥା ଜଗତସିଂହପୁର ଜିଲ୍ଲା ଅରିଲୋର ଦୀନବନ୍ଧୁ ନାୟକ ଓରଫ୍ ଦିନେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଦିନେଶକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ କରିଥିଲେ ମଧ୍ୟ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ପାଇ ପାରିନାହିଁ ପୁଲିସ। ଘଟଣା ଦିନ ଦିନେଶ ଆସିଥିବା କାରକୁ ପୁଲିସ ଜବତ କରିଛି।

ପୁଲିସ ସୂଚନାନୁସାରେ, ଦିନେଶ ଠାରୁ ଲିଜାଙ୍କ ଘରର ଦୂରତା ୧୨ କିଲୋମିଟର ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ସାଢେ ୩ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ପ୍ରାୟ ଦେଢ଼ ବର୍ଷ ପୂର୍ବେ ଲିଜା ଭୁବନେଶ୍ୱର ଆସି ପାର୍ଲରରେ କାମ କରୁଥିଲେ। ହେଲେ ଅବିବାହିତାଙ୍କୁ ଘର ନ ମିଳିବାରୁ ଦିନେଶକୁ ନିଜ ସ୍ୱାମୀ ବୋଲି ଦର୍ଶାଇ ନୀଳାଦ୍ରି ବିହାରରେ ଘର ଭଡ଼ା ନେଇଥିଲେ ଲିଜା। ଦିନେଶ ପୂର୍ବରୁ ମଧ୍ୟ ବିବାହ କରିଥିବା ବେଳେ ତାଙ୍କର ପତ୍ନୀ ଓ ଝିଅ ମଧ୍ୟ ଅଛନ୍ତି। ଏହା ସତ୍ତ୍ୱେ ସେ ଲିଜାଙ୍କ ସ୍ୱାମୀ ହୋଇ ନୀଳାଦ୍ରି ବିହାର ସ୍ଥିତ ଭଡ଼ା ଘରେ ରହୁଥିଲେ। ଦିନେଶ ଜମିବାଡ଼ି କାରବାର କରୁଥିବାରୁ ଅନେକ ସମୟରେ ବିଭିନ୍ନ ସ୍ଥାନକୁ ଯାଉଥିଲେ ଓ ଲିଜା ଏକାକୀ ଘରେ ରହୁଥିଲେ।

ବ୍ରହ୍ମଗିରି ହସିନାପୁରର ସତ୍ୟବ୍ରତ ମଧ୍ୟ ବିବାହିତ ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଓ ସନ୍ତାନ ଅଛନ୍ତି। ଲିଜା ପ୍ରାୟ ୪ ମାସ ପୂର୍ବେ ଇନଷ୍ଟାଗ୍ରାମ ଜରିଆରେ ସତ୍ୟବ୍ରତ ପ୍ରଧାନଙ୍କ ସଂସ୍ପର୍ଶରେ ଆସିବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଗତ ଡିସେମ୍ବର ମାସ ଠାରୁ ଦିନେଶ ନିଳାଦ୍ରୀ ବିହାର ଛାଡ଼ି ଗାଁକୁ ପଳାଇଥିଲେ। ସେପଟେ ସତ୍ୟବ୍ରତଙ୍କୁ ପ୍ରେମ କରିବା ପରେ ଲିଜା ଧିରେ ଧିରେ ଦିନେଶଙ୍କୁ ଅଣଦେଖା କରି ଆସୁଥିଲେ। ଅଣଦେଖାକୁ ନେଇ ଦିନେଶ ଓ ଲିଜାଙ୍କ ମଧ୍ୟରେ ବଚସା ମଧ୍ୟ ହେଉଥିଲା। ଲିଜା ଅନ୍ୟ କୌଣସି ଯୁବକଙ୍କ ସହ ସମ୍ପର୍କରେ ଥିବା ଦିନେଶ ମାସେ ହେବ ସନ୍ଦେହ କରି ଆସୁଥିଲେ।

### ■ କାର୍ ଜବତ; ମିଳିନି ଛୁରି

### ■ ମୃତକ ଓ ଅଭିଯୁକ୍ତ ଉଭୟ ବିବାହିତ





### ରାଜସାକ୍ଷୀ ହେଲେ ଲିଜା

ସତ୍ୟବ୍ରତଙ୍କ ମୃତ୍ୟୁ ପରେ ଲିଜାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ୩ ଜଣ ଯାକ ଦୌଡୁଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିବା ପରେ ଏହି ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ଲିଜା ହିଁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ପ୍ରଥମରୁ ଚର୍ଚ୍ଚା ହେଉଥିଲେ ମଧ୍ୟ ସେନେଇ କୌଣସି ପ୍ରମାଣ ପାଇନାହିଁ ପୁଲିସ। ଦିନେଶ ଠାରୁ ମିଳିଥିବା ବୟାନ ଅନୁସାରେ, ସତ୍ୟବ୍ରତଙ୍କୁ ହତ୍ୟା କରିବାରେ ଲିଜାଙ୍କର କୌଣସି ସମ୍ପୃକ୍ତି ନାହିଁ। ତେବେ ଲିଜାଙ୍କ ବିରୋଧରେ ପ୍ରମାଣ ନ ମିଳିବାରୁ ପୁଲିସ ତାଙ୍କୁ ଛାଡ଼ି ଦେଇଛି। ଆବଶ୍ୟକ ପଡ଼ିଲେ ତଦନ୍ତରେ ସହଯୋଗ କରିବାକୁ ଲିଜାଙ୍କୁ ଡକାଯିବ ବୋଲି ପୁଲିସ କହିଛି। ସେପଟେ ଲିଜାଙ୍କୁ ଛାଡ଼ି ଦେଲେ ଘଟଣାର କେହି ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ଲିଜାଙ୍କୁ 'ରାଜସାକ୍ଷୀ' କରିବାକୁ ଯୋଜନା କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୮୦ ଆଧାରରେ ଲିଜାଙ୍କ ବୟାନ ରେକର୍ଡ କରିଛି ପୁଲିସ। ଖୁବଶୀଘ୍ର ବିଏନ୍‌ଏସ୍‌ଏସ୍ ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଲିଜାଙ୍କ ବୟାନ ରେକର୍ଡ ହେବ ବୋଲି ଜଣାପଡ଼ିଛି।

### କେମିତି ଘଟିଥିଲା ହତ୍ୟାକାଣ୍ଡ

ଗତ ରବିବାର ରାତିରେ ଦିନେଶ ଫୋନ୍ କରିଥିଲେ ମଧ୍ୟ ଲିଜା ଉଠାଇନଥିଲେ। ଦିନେଶ ସନ୍ଦେହରେ ଜଗତସିଂହପୁରରୁ ଆସି ରାତି ପ୍ରାୟ ଗୋଟାଏ ବେଳେ ନିଳାଦ୍ରୀ ବିହାରସ୍ଥିତ ଭଡ଼ା ଘରେ ପହଞ୍ଚିଥିଲେ। ଘର ଭିତରେ ଲିଜାଙ୍କ ସହ ଅନ୍ୟ କେହି ଥିବା ସନ୍ଦେହ କରି ବାହାର ପଟରୁ ତାଲା ପକାଇ ଦେଇଥିଲା। ଏହା ସହିତ ନିକଟରୁ ଏକ ଛୁରି ଯୋଗାଡ଼ କରି ପୁଣି ଘର ନିକଟକୁ ଫେରିଥିଲା। ତାଲା ଖୋଲିବା ପରେ ଲିଜାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ଦିନେଶ ଓ ସତ୍ୟବ୍ରତ ମଧ୍ୟରେ ଝଗଡ଼ା ହୋଇଥିଲା। ଉଭୟ ପେଲା ଠେଲା ହେବା ଭିତରେ ଦିନେଶ ଛୁରିରେ ସତ୍ୟବ୍ରତଙ୍କ ଗଳା କାଟି ଦେଇଥିଲା। ସତ୍ୟବ୍ରତ ଜୀବନ ବଞ୍ଚାଇବାକୁ ଡ୍ରେଥିବା ବେଳେ ପଛରେ ଲିଜା ଓ ଦିନେଶ ପିଛା କରୁଥିଲେ। ପ୍ରାୟ ୫୦୦ ମିଟର ଦୌଡ଼ିବା ପରେ ମଙ୍ଗଳା ମନ୍ଦିର ନିକଟରେ ଅଚେତ ହୋଇ ପଡ଼ିଯାଇଥିଲେ। ଲିଜା ଓ ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସେପଟେ ଦିନେଶ ଘଟଣାସ୍ଥଳରୁ ଫେରାର ହୋଇ ନେମାଳ ଓ ଧାନପୁର ଅଞ୍ଚଳରେ ବୁଲାବୁଲି କରିଥିଲା। ପୁଲିସ ତା'ର ଏରସମାସ୍ଥିତ ଘରେ ଚଢ଼ଉ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତକାଲି ସେ ଜଗତସିଂହପୁର ପୁଲିସ ପାଖରେ ଆତ୍ମସମର୍ପଣ କରିବା ପରେ କମିସନରେଟ ପୁଲିସ ଭୁବନେଶ୍ୱର ଆଣିଥିଲା।

### ● ଭାରତରେ ପ୍ରଥମ; ଦୁଇ ମାସରେ ସରିଲା ଶୁଣାଣି

## ବ୍ରାଉନ୍‌ସୁଗର ମାଫିଆକୁ ୧୦ ବର୍ଷ ଜେଲଦଣ୍ଡ



ଭୁବନେଶ୍ୱର, ୧୧।୨ (ସମିସ): ବାଙ୍କୁଆଳରୁ ବ୍ରାଉନସୁଗର ଜବତ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡିସନାଲ୍ ସେସନ୍ସ ଜଜ୍-୨ର ବିଚାରପତି ବନ୍ଦନା କର ମାମଲାର ବିଚାରକରି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାର ପପୁ ଓରଫ୍ ପ୍ରକାଶ ସେଠୀକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ଏନଡିପିଏସ୍ ମାମଲାରେ ଚାର୍ଜଫ୍ରେମ୍ ର ମାତ୍ର ୨ ମାସ ମଧ୍ୟରେ ମାମଲାର ରାୟ ପ୍ରକାଶ ପାଇବା ଭାରତବର୍ଷରେ ପ୍ରଥମ ବୋଲି କୁହାଯାଉଛି।

ସୂଚନା ଅନୁସାରେ, ଗତବର୍ଷ ମେ' ମାସ ୨୧ ତାରିଖ ଦିନ ପପୁ ବ୍ରାଉନସୁଗର ଧରି ଭୁବନେଶ୍ୱର ଆସିଥିଲା। ବାଙ୍କୁଆଳ ନିକଟରେ ଡେଲିଭେରୀ କରିବାକୁ ଅପେକ୍ଷା କରିଥିବା ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ତତ୍କାଳୀନ ସବ୍ ଇନ୍ସପେକ୍ଟର ଅଜୟ କୁମାର ଦାସ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେଠାରୁ ପପୁକୁ ଗିରଫ କରିବା ସହ ୩୩୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲେ। ସବ୍ ଇନ୍ସପେକ୍ଟର ଶ୍ରୀ ଦାସଙ୍କ ଅଭିଯୋଗ ଆଧାରରେ ଏସଟିଏଫ୍ କେସ୍ ନଂ - ୧୧/୨୫ରେ ଏନଡିପିଏସ୍ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ଡିଏସପି ସରିତା ବେଉରିଆ ଅଭିଯୁକ୍ତ ପପୁକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୯ଜଣ ସାକ୍ଷୀ ଓ ୯୯ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ପପୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୧୦ ବର୍ଷ ସଜା ଶୁଣାଇବା ସହ ଏକଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଏକଲକ୍ଷ ଟଙ୍କା ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

### ● ମୋରମ ଖଣି ଉପରେ ଚଢାଉ

## ଜେସିବି ମେସିନ ଜବତ; ଦୁଇ ଗିରଫ



ଯାଁଳା, ୧୧।୨(ସମିସ) ଗତକାଲି ବିଳମ୍ବିତ ରାତିରେ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ମୋରମ ଖଣି ଉପରେ ଚଢାଉ କରି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇନଫୋଭ୍ୟାଲି ଥାନା ଦେଉଳିଆପାଟଣା ଗ୍ରାମର ସୁଧାଂଶୁ ଜୟସିଂ ଓରଫ ସିଫା ଓ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଖଲିସାହିର ଜିତେନ୍ଦ୍ର ସେଠି। ବେଆଇନ ଭାବେ ମୋରମ ଖନନରେ ଲିପ୍ତ ଥିବା ଗୋଟିଏ ଜେସିବି ମେସିନ ଜବତ କରିବା ସହ ଆଜି ଦୁଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି ପୁଲିସ।

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ଯାଁଳା ଲୁମ୍ବିନୀ ଆପାର୍ଟମେଣ୍ଟର ପଛପଟେ ବେଆଇନ ଭାବେ ମୋରମ ଖୋଳା ଯାଉଥିବା ଏକ ଖବର ଇନଫୋଭ୍ୟାଲି ଥାନା ପୁଲିସ ପାଇଥିଲେ। ତୁରନ୍ତ ଏକ ଦଳ ଉକ୍ତ ଖଣି ଉପରେ ଚଢାଉ କରିଥିଲେ। ଚଢାଉ ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେଠାରୁ ଏକ ଜେସିବି ମେସିନ ଜବତ କରିଥିଲେ।

### ● ବାଲକାଟି ବଜାରରେ ଜବରଦଖଲ ଉଚ୍ଛେଦ

## ମାଟିରେ ମିଶିଲା ୭୫ ଦୋକାନ ଘର

ବାଲିଅନ୍ତା, ୧୧।୨(ସମିସ): ବାଲିଅନ୍ତା ତହସିଲ ପକ୍ଷରୁ ଆଜି ବାଲକାଟି ବଜାରରେ ବହୁ ବେଆଇନ ନିର୍ମାଣ ଏବଂ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହୋଇଛି। ପାଖାପାଖି ୭୫ ବେଆଇନ ନିର୍ମାଣ ଯଥା ହୋଟେଲ, ଜଳଖିଆ ଦୋକାନ ଭଳି ୭୫ ଦୋକାନ ଘର ବୁଲ ଡୋଜର ଲଗାଇ ପ୍ରଶାସନ ଭାଙ୍ଗି ଦେଇଛି। ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ଉପସ୍ଥିତିରେ ୫ଟି ବୁଲଡୋଜର ଉଚ୍ଛେଦ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପଶାସନ ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ନୀଳ ମାଧବ ମହାନ୍ତି, ଅତିରିକ୍ତ ତହସିଲଦାର ଜି. ଲକ୍ଷ୍ମୀ ଦେବୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ, ତହସିଲ ସୁପର ଭାଇଜର ଅମରେନ୍ଦ୍ର ମହାରଥି ପ୍ରମୁଖ ସାମିଲ ହୋଇଥିଲେ। ଥାନା ଅଧିକାରୀ ଅନୀଲ ପରିଡ଼ାଙ୍କ ନେତୃତ୍ୱରେ ବାଲକାଟି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନାଙ୍କ ସମେତ ୩ ପ୍ଲାଟୁନ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିଲେ। ଅନ୍ୟ ୪ଟି ବିଲଡିଂ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ଉଚ୍ଛେଦ ହୋଇପାରି ନାହିଁ।

## ଜୟଦେବ ବିହାର-କଳିଙ୍ଗ ହସ୍ପିଟାଲ ରାସ୍ତାର ମଧ୍ୟଭାଗ ହେବ ସୌନ୍ଦର୍ଯ୍ୟକରଣ

### ● ନାଲ୍‌କୋ ଫାଉଣ୍ଡେସନ୍ ଟ୍ରଷ୍ଟ ସହ ବିଏମ୍‌ସିର ବୁଝାମଣା

ଭୁବନେଶ୍ୱର, ୧୧।୨(ସମିସ): ଆହୁରି ସବୁଜ ସୁନ୍ଦର ହେବ ଭୁବନେଶ୍ୱର। ଜୟଦେବ ବିହାରର ଛକରୁ କଳିଙ୍ଗ ହସପିଟାଲ ଛକ ପର୍ଯ୍ୟନ୍ତ ରାସ୍ତାର ମଧ୍ୟ ଭାଗ (ମେଡିଆନ୍) ସୌନ୍ଦର୍ଯ୍ୟକରଣ କରିବ ନାଲ୍‌କୋ ଫାଉଣ୍ଡେସନ୍ ଟ୍ରଷ୍ଟ। ଏ ନେଇ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ନାଲକୋ ଫାଉଣ୍ଡେସନ୍ ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରର ଦୁଇଟି ପ୍ରମୁଖ ଅଞ୍ଚଳ ଜୟଦେବ ବିହାରରୁ କଳିଙ୍ଗ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ରାସ୍ତାର ମଧ୍ୟଭାଗ ୨, ୫୦୦ ବର୍ଗମିଟର୍ ଏବଂ ଜୟଦେବ ବିହାର ଜଙ୍ଗସନ୍ ଚାରିପାଖର ୧, ୦୬, ୫୨୪ ବର୍ଗମିଟର ବିସ୍ତୃତ ଲ୍ୟାଣ୍ଡସ୍କେପ୍ ଅଞ୍ଚଳକୁ ସବୁଜୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ନାଲକୋ ଚିଫ୍ ଅପରେଟିଂ ଅଫିସର ସୁବ୍ରତ କୁମାର କର ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି।

## ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୧୧।୨ (ସମିସ): ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ମୃତକ ହେଉଛନ୍ତି ଜଗତସିଂହପୁରର ଯଶୋଦା ମଲ୍ଲିକ (୨୨)। ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଯଶୋଦା ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ନର୍ସିଂ କର୍ମଚାରୀ ଭାବେ କାମ କରୁଥିବା ବେଳେ ଶୈଳଶ୍ରୀ ବିହାର ସେକ୍ଟର ୫ରେ ଭଡ଼ା ରହୁଥିଲେ। ସବୁଦିନ ଭଳି ଗତକାଲି ରାତିରେ ଖିଆପିଆ କରି ଶୋଇଥିଲେ। ହେଲେ ବୁଧବାର ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉଠି ନଥିଲେ। ଘର ମାଲିକ କବାଟ ବାଡ଼?ଇବାପରେ ମଧ୍ୟ କୌଣସି ଉତ୍ତର ଦେଇନଥିଲେ। ଖବରପାଇ ଡାକ୍ତରଖାନା କର୍ମଚାରୀମାନେ ମଧ୍ୟ ପହଞ୍ଚି ଯଶୋଦାଙ୍କୁ ଡାକ ପକାଇଥିଲେ। ହେଲେ କୌଣସି ସୁଫଳ ମିଳିନଥିଲା। ଝରକା ପଟରେ ଦେଖିବା ବେଳକୁ ଯଶୋଦାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯଶୋଦାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଲିକ ବାହାର କରିଦେବାରୁ ଗାଡ଼ି ଚୋରିକଲା ଡ୍ରାଇଭର୍



ଭୁବନେଶ୍ୱର, ୧୧।୨ (ସମିସ): ମାଲିକ ଚାକିରିରୁ ବାହାର କରିଦେବାରୁ ଗାଡ଼ି ଚୋରି କରିନେଇଛି ଡ୍ରାଇଭର। କେବଳ ଚୋରି କରିନାହିଁ, ଗାଡ଼ିକୁ ଖଣ୍ଡ ଖଣ୍ଡ କରି କାଟି କବାଡ଼ିଆକୁ ବିକି ଦେଇଛି। ଭିଏସ୍‌ଏସ୍ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନରସିଂହପୁର ଥାନା କାକୁଡ଼ିଆର ପ୍ରମୋଦ କୁମାର ଦାଶ ଓରଫ୍ କାଳିଆ (୪୧)।

ପୁଲିସ ସୂଚନାନୁଯାୟୀ, ଗତମାସ ୧୬ ତାରିଖ ଦିନ ପଥରବନ୍ଧ ବସ୍ତିର ବିକ୍ରମ ଲେଙ୍କା ନିଜ ଟାଟାଏସ୍ ଚଳାଇବା ପାଇଁ କାଳିଆକୁ ନିଯୁକ୍ତି ଦେଇଥିଲେ। ଏହାର ଦୁଇ ଦିନ ପରେ କାଳିଆ ନିଶାସକ୍ତ ଅବସ୍ଥାରେ ଉକ୍ତ ଗାଡିକୁ ନେଇ ଏକ କାନ୍ଥରେ ପିଟି ଦେବାରୁ ଗାଡିଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ବିକ୍ରମ ଉକ୍ତ ଗାଡ଼ିକୁ ଭିଏସ୍‌ଏସ୍ ନଗର ଶନି ମନ୍ଦିର ନିକଟସ୍ଥ ଗ୍ୟାରେଜରେ ରଖିବା ସହ କାଳିଆକୁ ଚାକିରିରୁ ବହିଷ୍କାର କରି ଦେଇଥିଲେ। କାଳିଆ ସେହିଦିନ ବିଳମ୍ବିତ ରାତିରେ ଗ୍ୟାରେଜରୁ ଉକ୍ତ ଗାଡ଼ିଟିକୁ ଚୋରି କରି ନେଇ ଯାଇଥିଲା। ପରଦିନ ଗାଡ଼ି ନପାଇ ବିକ୍ରମ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଚୋରିରେ କାଳିଆର ସମ୍ପୃକ୍ତି ପାଇଥିଲା। ଥିଲେ। ଆଜି ଝାରପଡ଼ା ଅଞ୍ଚଳରୁ କାଳିଆକୁ ଗିରଫ କରିଥିଲା। ସୃ ଗାଡ଼ିକୁ ଗ୍ୟାରେଜରୁ ଚୋରି କରି ନେଇ ଗାଁକୁ ଚାଲିଯିବା ଗ୍ୟାସ୍ କଟରରେ କାଟି ଜଣେ କବାଡ଼ିଆ ଟ୍ରଲି ବାଲାକୁ ବିକ୍ରି କରିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା।

## ମାଛ ବ୍ୟବସାୟ ଆଳରେ ୧୩ ଲକ୍ଷ ଠକେଇ



ଭୁବନେଶ୍ୱର, ୧୧।୨ (ସମିସ): ମାଛ ବ୍ୟବସାୟ ଆଳରେ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଙ୍କିଆ ଥାନା ଅନ୍ତର୍ଗତ ମାଣିକପୁର ପାଟଣା ଗାଁର ତପନ କୁମାର ଦଳାଇ ଓରଫ୍ ଟୁଲୁ (୩୬)।

ପୁଲିସ ସୂଚନା ମୁତାବକ, ତପନ, ପତ୍ନୀ ସରୋଜିନୀ ଓ ଅଭିଯୁକ୍ତ ସୁଶାନ୍ତ ମହାପାତ୍ର ଓରଫ୍ ବାଙ୍କା ମାଛ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ସିଜୁପୁଟରେ ଥିବା ମାନସ କୁମାର ସାହୁଙ୍କ ଦୋକାନକୁ ଭଡ଼ା ସୂତ୍ରରେ ନେଇଥିଲେ। ତପନ ଓ ସରୋଜିନୀ ସେଠାରେ ବ୍ୟବସାୟ କରିବା ମଧ୍ୟରେ ବିବାହ ଅର୍ଡର ପାଇଁ ମାଛ ଯୋଗାଣ ବ୍ୟବସାୟରେ ଟଙ୍କା ନିବେଶ କଲେ ଭଲ ଲାଭ ମିଳିବ ବୋଲି ବିକ୍ରମଙ୍କୁ ପ୍ରଲୋଭିତ କରିଥିଲେ। ୨୦୨୪ ଡିସେମ୍ବର ଠାରୁ ୨୦୨୫ ଫେବୃଆରୀ ମଧ୍ୟରେ ବାଲୁଗାଁରୁ ମାଛ କିଣିବା ଓ ବଡ଼ ଅର୍ଡର ପୂରଣ କରିବା ବାହାନାରେ ମାନସଙ୍କ ଠାରୁ ମୋଟ ୧୩ ଲକ୍ଷ ୩୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବାର କିଛି ଦିନ ବିତିଯାଇଥିଲେ ମଧ୍ୟ ଠକ ଦମ୍ପତି ଲାଭାଂଶ କି ମୂଳ ଟଙ୍କା ଦେଇନଥିଲେ। ଓଲଟି ମିଛ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିଲେ। ଠକ ଦମ୍ପତି ପ୍ରକୃତ ମାଛ ବ୍ୟବସାୟୀ ନୁହଁନ୍ତି ଓ ପୂର୍ବରୁ ମଧ୍ୟ ଏପରି ଠକେଇ କରିଛନ୍ତି ବୋଲି ମାନସ ଜାଣିବାକୁ ପାଇଥିଲେ। ମାନସ ଅଭିଯୋଗ କରିବା ପରେ ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଏହାପରେ ଦମ୍ପତି ଥାନାରେ ହାଜର ହୋଇ ନିଜ ଦୋଷ ସ୍ୱୀକାର କରିବା ସହ ଜୟନ୍ତ ମାର୍ଥାଙ୍କ ମାଧ୍ୟମରେ ମାତ୍ର ୧ ଲକ୍ଷ ୮୦ ହଜାର ଟଙ୍କା ଫେରାଇଥିଲେ ଓ ୧୫ ଦିନ ମଧ୍ୟରେ ବାକି ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ପୂରଣ କରିନଥିଲେ। ବୁଧବାର ତମାଣ୍ଡୋ ଥାନା ପୁଲିସ ତପନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଲୋକସେବା ଭବନ କ୍ୟାଣ୍ଟିନ ପରିଚାଳନା ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧୧।୨(ସମିସ): ଲୋକସେବା ଭବନ ପରିସରରେ ଚାଲୁଥିବା କ୍ୟାଣ୍ଟିନ୍ ଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା, ଗୁଣାତ୍ମକ ମାନର ଖାଦ୍ୟର ଉପଲବ୍ଧତା ଓ ଉତ୍ତମ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଏଷ୍ଟେଟ୍ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ରେଣ୍ଟ ଅଫିସ୍ ଦ୍ୱାରା ଲିଜ୍ ଦିଆଯାଇଥିବା ସ୍ଥାନଗୁଡ଼ିକରେ ଚାଲୁଥିବା ବିଭିନ୍ନ କ୍ୟାଣ୍ଟିନ୍ ଗୁଡ଼ିକ ସଚିବାଳୟ କର୍ମଚାରୀ ଓ ଆଗନ୍ତୁକଙ୍କୁ ସୁଲଭ ଦରରେ, ପରିଷ୍କାର ପରିଚ୍ଛନ୍ନତାର ସହ ଉତ୍ତମ ପରିବେଶ ମଧ୍ୟରେ ଗୁଣାତ୍ମକ ମାନର ଖାଦ୍ୟ ଯୋଗାଇବା କଥା। କିନ୍ତୁ ଏ କ୍ଷେତ୍ରରେ କ୍ୟାଣ୍ଟିନ୍‌ଗୁଡ଼ିକର ପରିଚାଳନା ଆଶାନୁରୂପ ହେଉ ନ ଥିବା ବୈଠକରେ ଉପସ୍ଥିତ ରେଣ୍ଟ ଅଧିକାରୀ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉଦବେଗ ପ୍ରକାଶ କରିଥିଲେ।

ବିସ୍ତୃତ ଆଲୋଚନା ପରେ କ୍ୟାଣ୍ଟିନ୍ ପରିଚାଳକମାନଙ୍କୁ ଏକ ମାସ ମଧ୍ୟରେ ଅଧିକୃତ ଲିଜି ବା ଚାଳକଙ୍କ ନାମ ଓ ଖାଦ୍ୟର ମଞ୍ଜୁରୀପ୍ରାପ୍ତ ମୂଲ୍ୟତାଲିକା ପ୍ରଦର୍ଶନ, କର୍ମଚାରୀଙ୍କ ପାଇଁ ୟୁନିଫର୍ମ ପୋଷାକ ବ୍ୟବହାର, ଖାଦ୍ୟରେ ଶସ୍ତା ମାନର ତେଲ ବ୍ୟବହାର ବନ୍ଦ କରିବା, ରୋଷେଇ ଗୃହ ଏବଂ ଖାଇବା ଗୃହରେ ଉଚ୍ଚମାନର ପରିଷ୍କାର ପରିଚ୍ଛନ୍ନତା ରକ୍ଷା, ଫିଡବ୍ୟାକ୍ ରେଜିଷ୍ଟର୍ ରଖିବା ଓ ୱାଟକୋ ଦ୍ୱାରା ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସ୍ଥାପନ ଭଳି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସାମାଜିକ ଗଣମାଧ୍ୟମରେ 'ଅସାମାଜିକ' କାର୍ଯ୍ୟ

ଭୁବନେଶ୍ୱର, ୧୧।୨ (ସମିସ): ଦୈନନ୍ଦିନ ଜୀବନରେ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିଭାଉଛି। ଏବେକାର ପିଢ଼ି ସକାଳୁ ଉଠି ମୁହଁ ଧୋଇବା ପୂର୍ବରୁ ଫେସବୁକ୍, ହ୍ୱାଟ୍ସଆପ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ହେଲେ ଏବେ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଅଶ୍ଳୀଳ ଭାଷାରେ ରୋଷ୍ଟିଙ୍ଗ୍ କରିବା ଠାରୁ ଚରିତ୍ର ସଂହାର କରିବାକୁ ମଧ୍ୟ ପଛାଉ ନାହାନ୍ତି। ସାମାଜିକ ଗଣମାଧ୍ୟମ ଯେତିକି ସୁବିଧା ଯୋଗାଉଛି, ସେତିକି ଅକଳରେ ମଧ୍ୟ ପକାଉଛି। ଫଟୋ କେତେକ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ନୂଆ ଉଦାହରଣ ସୃଷ୍ଟି କରୁଥିବା ବେଳେ ଅଧିକାଂଶ ଲୋକଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେଉଛି।ନିକଟରେ ଘଟିଥିବା କିଛି ଘଟଣାରୁ ଏଭଳି କଥା ସ୍ପଷ୍ଟ ହୋଇଛି। ଗତବର୍ଷ କ୍ରାଇମବ୍ରାଞ୍ଚ ସୋସିଆଲ ମିଡିଆ ସେକ୍ସନକୁ ୬୦୦୯ଟି ସାମାଜିକ ଗଣମାଧ୍ୟମ ସମ୍ପର୍କୀତ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୮୪୭ଟି ଅଭିଯୋଗକୁ ସମାଧାନ କରାଯାଇଛି। ସେହିପରି ୪୧୩ଟି ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ ପୋଷ୍ଟ ଓ ପ୍ରୋଫାଇଲକୁ ବ୍ୟାନ୍ କରିଥିଲା କ୍ରାଇମବ୍ରାଞ୍ଚ।

ମେଲୋଡି କଣ୍ଠଶିଳ୍ପୀ ଭାବେ କାମ କରୁଥିବା ଜଣେ ଯୁବତୀ ସାମାଜିକ ଗଣମାଧ୍ୟମ ଜରିଆରେ ଚନ୍ଦନ ସଂସ୍ପର୍ଶରେ ଆସିଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି କହି ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପୁଟ ଭିଜେଲସ୍ଥିତ ଶ୍ରୀ ମାର୍ଗ ଗେଷ୍ଟ ହାଉସକୁ ଡକାଇଥିଲା। ଯୁବତୀ ପହଞ୍ଚିବା ପରେ ପୂର୍ବ ଯୋଜନା ମୁତାବକ ଚନ୍ଦନ ଓ ତାର ବନ୍ଧୁ ପ୍ରସନ୍ନ ମିଶି ତାଙ୍କୁ ଥଣ୍ଡାପାନୀୟରେ ନିଶା ଦେଇ ଦେଇଥିଲେ। ସେ ଚେତା ହରାଇବା ପରେ ଦୁଇ ଜଣ ମିଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣାରେ ଚନ୍ଦନ, ପ୍ରସନ୍ନ ଓ କେୟାର ଟେକର ରାଜେଶଙ୍କୁ ଗିରଫ କରିଥିଲା ମହିଳା ଥାନା ପୁଲିସ। ସେହିପରି ଓଏଲ୍‌ଏକ୍ସରେ ଚାକିରି ଖୋଜୁଥିବା ଜଣେ ମହିଳା ପର୍ସନାଲ ଆସିଷ୍ଟାଣ୍ଟ ଚାକିରି ବିଜ୍ଞାପନ ଦେଖି ଯୋଗାଯୋଗ କରିଥିଲେ। ନରେଶ ନାମକ ଯୁବକ ତାଙ୍କୁ ଚାକିରି ଦେବାକୁ କହି ଡିଏନ୍ ରିଗାଲିଆ ମଲ୍ ନିକଟକୁ ଡାକିଥିଲା। ସେ ଡିଏନ୍ ରେଗାଲିଆ ମଲ୍ ନିକଟରେ ପହଞ୍ଚିବା ପରେ ସାରଙ୍କ ସହ ସାକ୍ଷାତ କରାଇବା ଆଳରେ ନରେଶ ଏକ ଓୟୋକୁ ନେଇ ସେଠାରେ ଅସଦାଚରଣ କରିଥିଲା। ଅଭିଯୋଗ ପରେ ତମାଣ୍ଡୋ ଥାନା ପୁଲିସ ନରେଶକୁ ଗିରଫ କରିଥିଲା। ଲୋକମାନେ ବାରମ୍ବାର ସୋସିଆଲ ମିଡିଆ ଦ୍ୱାରା କମ୍ ସମୟ ମଧ୍ୟରେ ଅଜଣା ଲୋକଙ୍କୁ ଭରସା କରି ଭୟଙ୍କର ପରିଣାମ ଭୋଗୁଥିଲେ ମଧ୍ୟ ଏହି ଧାରାରେ ବ୍ରେକ୍ ଲାଗି ପାରୁନାହିଁ।




### ଟଙ୍କା ଆଦାୟ ପଛରେ ଫେକ୍ ଆକାଉଣ୍ଟ

ସାମାଜିକ ଗଣମାଧ୍ୟମରୁ ଅନେକ ଫାଇଦା ମିଳୁଥିଲେ ମଧ୍ୟ ଏହାର ଅପବ୍ୟବହାର ବଢ଼ିବାରେ ଲାଗିଛି। ଶିଳ୍ପପତି, କଳାକାର, ଆଇଏଏସ୍, ଆଇପିଏସ୍‌ମାନଙ୍କର ନକଲି ଆକାଉଣ୍ଟ ଖୋଲୁଛନ୍ତି ଦୁର୍ବୃତ୍ତ। ସେହି ଆକାଉଣ୍ଟରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ବନ୍ଧୁତ୍ୱ ଯୋଡୁଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ବନ୍ଧୁମାନଙ୍କୁ ଟଙ୍କା ମାଗୁଛନ୍ତି। ପ୍ରତିଷ୍ଠିତ ବ୍ୟକ୍ତି ଟଙ୍କା ମାଗୁଥିବା ଭାବି ଲୋକମାନେ ମଧ୍ୟ ଟଙ୍କା ଦେଇ ଦେଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ହରାଇ ସାରିବା ପରେ ତାହା ଫେକ୍ ଆକାଉଣ୍ଟ ବୋଲି ପରବର୍ତ୍ତୀ ସମୟରେ ଜାଣିବାକୁ ପାଉଛନ୍ତି।

### ଟଙ୍କା ପାଇଁ ଚରିତ୍ର ସଂହାର

ସୋସିଆଲ ମିଡିଆରେ କଣ୍ଟେଣ୍ଟ ସମାଜକୁ ଅନେକ କିଛି ଶିକ୍ଷା ଦେଉଥିବା ବେଳେ କେତେକ ଅସାମାଜିକ ଅଶ୍ଳୀଳ ଭାଷାରେ ରୋଷ୍ଟିଙ୍ଗ୍ କରୁଛନ୍ତି। ଛୋଟ ଛୋଟ କଥାକୁ ନେଇ ଆରମ୍ଭ ହୋଇଥିବା ରୋଷ୍ଟିଙ୍ଗ୍ ସମୟକ୍ରମେ ଉଗ୍ରରୂପ ନେଉଛନ୍ତି। ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ କରି ପରବର୍ତ୍ତୀ ସମୟରେ ହାତାହାତି ହେଉଛନ୍ତି। ନିକଟରେ କ୍ୟାପିଟାଲ ହସପିଟାଲରେ ଶିଶୁମୃତ୍ୟୁକୁ ନେଇ ହୋଇଥିବା ଗଣ୍ଡଗୋଳରେ ହିଂସାକୁ ଉସୁକାଇ ଜଣେ ୟୁଟ୍ୟୁବର ମଧ୍ୟ ଗିରଫ ହୋଇଥିଲେ। କଣ୍ଟେଣ୍ଟର ଭିୟୁଜ୍ ଆଧାରରେ ଟଙ୍କା ମିଳୁଥିବାରୁ କିଛି ଲୋକ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏମିତିକି ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟ ଯୋଗୁଁ ସାମ୍ପ୍ରଦାୟିକ ଉତ୍ତେଜନା ମଧ୍ୟ ସୃଷ୍ଟି ହେଉଛି।

# ୱାଟକୋ ବିରୋଧରେ ଗର୍ଜିଲେ ଲେବର କଲୋନୀ ବାସିନ୍ଦା

କଟକ,୧୧।୨(ସମିସ):

ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ହିଁ କଟକ ସହରରେ ଜଳକଷ୍ଟର ବିକଟାଳ ରୂପ ସାମ୍ନାକୁ ଆସିଛି। ସହରର କରିଛି। ରାଜାବଗିଚା ଲେବର କଲୋନୀରେ ରହୁଥିବା ପ୍ରାୟ ୬୦ଟି ପରିବାର ପାଇଁ ପାଣି ଏବେ ସାତସପନ ପାଲଟିଛି। ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଟ୍ୟାପ୍ ଖୋଲି ବସିଲେ ବି ମାତ୍ର ଦୁଇ ବାଲ୍ଟି ପାଣି ଯୋଗାଡ଼

- ସୂତା ସରୁରେ ଆସୁଛି ପାଣି, ୬୦ ପରିବାର ଅତିଷ୍ଠ
- ୩ ମାସ ହେଲା ଟୋପାଏ ପାଣି ପାଇଁ ଚାଲିଛି ସଂଘର୍ଷ
- ବିଲ୍ ନେବାରେ ବିଭାଗ ତତ୍ପର, ସେବା ଦେବାରେ ଶୂନ

ରାଜାବଗିଚା ଲେବର କଲୋନୀ ଅଞ୍ଚଳରେ ଦୀର୍ଘ ତିନି ମାସ ଧରି ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଲୋକଙ୍କ ଅସନ୍ତୋଷ ବିସ୍ଫୋରକ ରୂପ ଧାରଣ କରିବା କଷ୍ଟକର ହୋଇପଡୁଛି। ପାଣିର ପ୍ରେସର ଏତେ କମ୍ ଯେ ଯଦି କେହି ମଟର ଲଗାଉଛନ୍ତି, ତଥାପି ପାଣି ଟାଙ୍କିର ଚତୁର୍ଥାଂଶ ବି ପୂରଣ ହୋଇପାରୁନାହିଁ। ଗୋଟିଏ ଗୋଟିଏ ଘରେ ୧୦ରୁ ଊର୍ଦ୍ଧ୍ୱ ଲୋକ ରହୁଥିବା ବେଳେ ଗାଧୋଇବାଠାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ




ଅଭିଯୋଗ ଅନୁଯାୟୀ, ୱାଟକୋ ପ୍ରତି ହଜାରେ ଲିଟର ପିଛା ୫ ଟଙ୍କା ୫୦ ପଇସା ଆଦାୟ କରୁଛି। ବିଲ୍ ନେବା ପାଇଁ ବିଭାଗୀୟ କର୍ମଚାରୀମାନେ ଠିକ୍ ସମୟରେ ପହଞ୍ଚି ଯାଉଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ଦେଖି ଆଖି ବୁଜି ଦେଉଛି ବିଭାଗ। ସେବା ଶୂନ କିନ୍ତୁ ଶୁଳ୍କ ଆଦାୟରେ ଅହେତୁକ ତତ୍ପରତାକୁ ନେଇ ଲେବର କଲୋନୀ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ରାଜାବଗିଚା ନୁହେଁ, ବରଂ ମୁନ୍‌ଲାଇଟ୍ ଲେନ୍ ଏବଂ ପିଠାପୁର ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। ଏହି ଜଳକଷ୍ଟ ସମ୍ପର୍କରେ ୱାଟକୋର ଜେନେରାଲ ମ୍ୟାନେଜର ବିଷ୍ଣୁ ଭୂଷଣ ବେହେରାଙ୍କୁ ଅବଗତ କରାଯିବା ପରେ ସେ ଆକ୍ସନ ମୋଡ୍‌କୁ ଆସିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ ସହରର ଅନ୍ୟ ଯେଉଁ ଅଞ୍ଚଳରେ ଏହିଭଳି ସମସ୍ୟା ରହିଛି, ଲୋକେ ସେଥିପାଇଁ ସିଧାସଳଖ ବିଭାଗୀୟ କାର୍ଯ୍ୟାଳୟକୁ ଜଣାନ୍ତୁ। ବୈଷୟିକ ତ୍ରୁଟି କିମ୍ବା ପାଇପ୍ ଲାଇନ ସଂଯୋଗରେ ଥିବା ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ଖରା ଦିନ ପୂର୍ବରୁ ଯଦି ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ କଟକବାସୀ ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ୧୩ରେ କଟକ ଜିଲ୍ଲାପାଳଙ୍କ ଅଫିସ୍ ଘେରଉ ପ୍ରସ୍ତୁତି



କଟକ,୧୧।୨(ସମିସ): ରାଜ୍ୟ ବିଜୁ ଜନତା ଦଳର ଆହ୍ୱାନକ୍ରମେ ଆସନ୍ତା ୧୩ ତାରିଖରେ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟକଳାପ ପ୍ରତିବାଦରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ। ଏହି ପରିପ୍ରେକ୍ଷୀରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ୱାର୍ଡ ନଂ ୧୬ରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଦରଦାମ ବୃଦ୍ଧି, ନୂତନ ଭତ୍ତା କାର୍ଡ ସଂଖ୍ୟା ବୃଦ୍ଧି ନ କରିବା ଏବଂ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ବୈଠକରେ କଟକ ମେୟର ସୁବାସ ସିଂହ, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ସିଂହ ଏବଂ ପୂର୍ବତନ ମେୟର ଅନିତା ବେହେରା, ନନ୍ଦଲାଲ ସିଂହ, ମହମ୍ମଦ ସକିଲ, ସୟଦ ଏକ୍ରାମ ହୁସେନ, ଦିଲ୍ଲୀପ ପ୍ରଧାନ, ସୁଦାମ ପରିଡା, ରମଜାନ ଖାନ ଏବଂ ଅନେକ କର୍ପୋରେଟର ଓ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ସରକାରଙ୍କ ବେପରୁଆ ନୀତି ଯୋଗୁଁ ସାଧାରଣ ଜନତା ହନ୍ତସନ୍ତ ହେଉଥିବା ବେଳେ ଏହା ବିରୋଧରେ ଦଳୀୟ କର୍ମୀ, ଯୁବକ, ମହିଳା ଓ ଛାତ୍ର ସଂଗଠନ ବହୁ ସଂଖ୍ୟାରେ ସାମିଲ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି।

## ଖାଦ୍ୟ ମେନୁରେ ଭୂତତ୍ତ୍ୱ ବିଜ୍ଞାନର ତଡ଼କା

**● ରେଭେନ୍ସା କ୍ରୀଡ଼ା ଉତ୍ସବରେ ଜମିଲା 'ଲାଭା ବାଇଟ୍ସ' ଷ୍ଟଲ**

କଟକ,୧୧।୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଏଥର ଖେଳ ସହ ଖାଦ୍ୟର ଏକ ନିଆରା ସମନ୍ୱୟ ଦେଖିବାକୁ ମିଳିଥିଲା। ବିଭିନ୍ନ ବିଭାଗ ପକ୍ଷରୁ ଫୁଡ୍ ଷ୍ଟଲ୍ ଲଗାଯାଇଥିଲେ ହେଁ, ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପିଏଚ୍‌ଡି



ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ "ଲାଭା ବାଇଟ୍ସ" ଷ୍ଟଲ୍ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ଷ୍ଟଲର ବିଶେଷତ୍ୱ ହେଉଛି ଏହାର ମେନୁ କାର୍ଡ, ଯେଉଁଥିରେ ପ୍ରତ୍ୟେକ ଖାଦ୍ୟର ନାମକରଣ ଭୂତତ୍ତ୍ୱ ବିଜ୍ଞାନର ବିଭିନ୍ନ ପାରିଭାଷିକ ଶବ୍ଦ ଅନୁସାରେ କରାଯାଇଛି। ଷ୍ଟଲରେ ମିଳୁଥିବା "ସ୍ତ୍ରାଟିଫାଇଡ୍ ଗୁପଚୁପ୍', "ଲାଇମ୍ କାର୍ବୋନେଟେଡ୍ ଏକ୍ୱିଫର୍ ୱାଟର', "କ୍ରଷ୍ଟ ମୋମୋସ୍' ଏବଂ "ମାଗ୍ମା ମୋମୋସ୍' ଭଳି ରୋଚକ ନାମ ଯୁବପିଢ଼ିଙ୍କୁ ବେଶ୍ ଆକର୍ଷିତ କରିଥିଲା। ପାଠପଢ଼ା ସହ ବ୍ୟବସାୟିକ କୌଶଳ ଓ ସୃଜନଶୀଳତାକୁ ଯୋଡ଼ି ଛାତ୍ରଛାତ୍ରୀମାନେ ଏହି ନିଆରା ପ୍ରୟାସ କରିଛନ୍ତି।

## ଜିଲ୍ଲାସ୍ତରୀୟ କ୍ରିକେଟ ଫାଇନାଲରେ ଅଟ୍ରି



ତିଗିରିଆ,୧୧।୨(ସମିସ): ତିଗିରିଆ ବ୍ଲକ ପୁରୁଣା ତିଗିରିଆ ସନରାଇଜ କ୍ରିକେଟ ଆସୋସିଏସନ ଖେଳ ପଡ଼ିଆରେ ଚାଲିଥିବା ୩୨ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ୫ ରନରେ ପରାସ୍ତ କରି ଅଟ୍ରିର ପିୱାଇସି କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଖେଳରେ ଅତିଥିଭାବେ ସରପଞ୍ଚ ପ୍ରତାପ ଜେନା ଓ ଯୁବ ସମାଜସେବୀ ଅଭିଷେକ ପଟ୍ଟନାୟକ ଜ୍ୟୋତିରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ତପନ ରାଉତ ଓ ଉଦିତ ମହାନ୍ତି ପରିଚାଳନା କରିଥିଲେ।

## 'କଟକ' ବନାନ୍ ସଂଶୋଧନ ପାଇଁ 'ରାମ' ପକ୍ଷରୁ ଦାବିପତ୍ର

କଟକ,୧୧।୨(ସମିସ): ଐତିହାସିକ ସହର କଟକର ଇଂରାଜୀ ବନାନ୍ ସଂଶୋଧନ କରିବା ପାଇଁ "ରାଷ୍ଟ୍ରୀୟ ଅଧିକାର ମଞ୍ଚ (ରାମ)' ପକ୍ଷରୁ ଦାବି ହୋଇଛି। ସଂଗଠନର କାର୍ଯ୍ୟକାରୀ ସଭାପତି ମନୋହର ମହନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଟକ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏହି ସ୍ମାରକପତ୍ରରେ



ଦର୍ଶାଯାଇଛି ଯେ ଇଂରେଜ ଶାସନ ପୂର୍ବରୁ କଟକର ଇଂରାଜୀ ବନାନ୍ "କେଏଟିଏକେ' ଲେଖାଯାଉଥିଲା, ମାତ୍ର କାଳକ୍ରମେ ଏହା ଅପଭ୍ରଷ୍ଟ ହୋଇ "ସିୟୁଟିଟିଏସିକେ'ରେ ପରିଣତ ହୋଇଛି। ଏହି ପ୍ରତିନିଧି ଦଳରେ ଗୋପୀନାଥ ସେଠୀ, ମିହିର ଶେଖର ସାହୁ, ବିଶ୍ୱଜିତ୍ ମହାନ୍ତି, ପଙ୍କଜ ମହାପାତ୍ର, ରିନା ନାୟକ, ଆର୍. ରାମବାବୁ, ଶିବଶଙ୍କର ସାହୁଙ୍କ ସମେତ ବିନାୟକ ସାହୁ, ସଂଯୁକ୍ତା ପାତ୍ର, ଦିଲ୍ଲୀପ ରାୟ, ଦୀପକ ସାହୁ, କାମାକ୍ଷା ବେହେରା, ସାର୍ଥକ ନାୟକ, ଅମୂଲ୍ୟ ବେହେରା ଓ କ୍ଷୀରୋଦ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

## ବଳଭଦ୍ରପୁର ଯୁବକ ସଂଘ ପକ୍ଷରୁ ଫିଜିଓଥେରାପି ଶିବିର



କଟକ,୧୧।୨(ସମିସ): ବଳଭଦ୍ରପୁର ଯୁବକ ସଙ୍ଘର ଆନୁକୂଲ୍ୟରେ ଏକ ନିଶୁଳ୍କ ଫିଜିଓଥେରାପି ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଂଘର କ୍ଲବ ଗୃହରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଲଟପୁରସ୍ଥିତ ଏସଭି ନିରତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ଡା. ଶାଶ୍ୱତୀ ସୁଚିସ୍ମିତା ଓ ତାଙ୍କର ୧୦ ଜଣିଆ ବିଶେଷଜ୍ଞ ଦଳ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଏହି ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୨୦୦ରୁ ଅଧିକ ଲୋକ ଯୋଗଦେଇ ମାଗଣା ଫିଜିଓଥେରାପି ସେବା ସହ ରକ୍ତଚାପ ଓ ସୁଗାର ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ଅଧିକାରୀ ନିରାକାର ପ୍ରସାଦ ଜେନା, ମହନ୍ତ ନୀଳକଣ୍ଠ ମହାନ୍ତି, କଟୁଆଳ ବିଷ୍ଣୁ ରାଉଳ, କୋଷାଧ୍ୟକ୍ଷ ଅମରେନ୍ଦ୍ର ରାଉତ ଓ ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁବକ ସଙ୍ଘର ସଭାପତି ପ୍ରସନ୍ନ ରାଉତ, ସମ୍ପାଦକ ପ୍ରଦୀପ୍ତ ରାଉତ, ଉପସଭାପତି ନାରାୟଣ ଲେଙ୍କା ଓ ନୀତେଶ ସାହୁ, ସହସମ୍ପାଦକ ରାଧେଶ୍ୟାମ ଜେନା ଓ ଦିବାକର ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଡ୍ରିମ୍ସରେ 'ଆମନ୍ତ୍ରୟତେ-୨୦୨୬'



କଟକ,୧୧।୨(ସମିସ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ 'ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ'ର ସଫଳତାର ଶିକ୍ଷାସମାପ୍ତ କରିଥିବା ବିଦ୍ୟାର୍ଥୀ ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ଆମନ୍ତ୍ରୟତେ-୨୦୨୬' ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। 'ଡିନ୍' ଡା. ଦୁର୍ଗା ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶିକା ପ୍ରଫେସର ଡା. ନିରୂପମା ଚୟନୀ, ପରାମର୍ଶଦାତା ପ୍ରଫେସର ସୁଶାନ୍ତ ଦାସ, ସ୍କୁଲ ଅଫ ଏଗ୍ରିକଲଚର 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରୀ ସୋମିୟା ବେଗମ୍ ଓ ମୌସୁମୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ଅଙ୍କିତା ପତି ଧନ୍ୟବାଦ ଦେଇଥିଲେ।

**● ନୂଆବଜାର ଡବଲ ମର୍ଡର ଘଟଣା**

## ସୁଶାନ୍ତ ଧଳସାମନ୍ତ ଦୋଷମୁକ୍ତ

କଟକ,୧୧।୨(ସମିସ): ବହୁଚର୍ଚ୍ଚିତ ୨୦୦୯ ନୂଆବଜାର ମାଛ ମାର୍କେଟ ଡବଲ ମର୍ଡର ମାମଲାରେ ଉପଯୁକ୍ତ ସାକ୍ଷୀ ପ୍ରମାଣ ଅଭାବରୁ ଅଭିଯୁକ୍ତ ସୁଶାନ୍ତ କୁମାର ଧଳସାମନ୍ତକୁ ଅଦାଲତ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କଟକ ପ୍ରଥମ ଅତିରିକ୍ତ ଦୌରା ଜଜ୍ ଅଦାଲତ ମାମଲାର ଶୁଣାଣି କରି ଆଜି ଏହି ମାମଲାରେ ରାୟ ପ୍ରକାଶ କରି ସୁଶାନ୍ତକୁ ଦୋଷମୁକ୍ତ କରିଛନ୍ତି। ଦୀପୁ-ଓମ ହତ୍ୟା ଘଟଣାରେ ସୁଶାନ୍ତ ୨୦୧୬ରେ ଗିରଫ ହେବା ପରେ ଡବଲ ମର୍ଡର ମାମଲାରେ ଶୁଣାଣି ଚାଲିଥିଲା। ତତ୍କାଳୀନ ଚାଉଳିଆଗଞ୍ଜ ଥାନାଧିକାରୀ ଶରତ ମହାପାତ୍ର, ଅନ୍ୟ ପୁଲିସ ଅଧିକାରୀଙ୍କ ସହିତ ନୂଆବଜାର ମାଛ ମାର୍କେଟର ବ୍ୟବସାୟୀ, ପୀଡିତ ପରିବାର ସଦସ୍ୟଙ୍କ ସମେତ ମାମଲାରେ ମୋଟ ୩୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ପ୍ରକାଶଥାଉକି ଗତ ୨୦୦୯, ଡିସେମ୍ବର ୧୧ ସକାଳେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ମାଛ ମାର୍କେଟରେ ଟିଟୁଆ ଓରଫ୍ ଅନିରୁଦ୍ଧ ସେଠୀ ଓ ଲିଟୁଆ ଓରଫ କାମେଶ୍ୱର ସେଠୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପଛରେ ଦାଦାବଟି, ଟେଣ୍ଡର ଫିକ୍ସିଂ ଓ ଅନ୍ୟାନ୍ୟ କେତେକ କାରଣ ଥିବା କୁହାଯାଇଥିଲା। ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ହାତ ଥିଲା ବୋଲି ଅଭିଯୋଗ ହୋଇଥିଲା। ସୁଶାନ୍ତ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଆଇନଜୀବୀ ପ୍ରସନ୍ନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୪ ଗଞ୍ଜେଇ ବେପାରୀ ଗିରଫ

କଟକ,୧୧।୨(ସମିସ): କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ୪ ଜଣ ପେସାଦାର ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ଦେବରାଜ ଦିଗଲ ଓ ନମିତା ନାୟକ, ଯାଜପୁରର ମୀନତି ମଲ୍ଲିକ ଏବଂ ପୁରୀର ନମିତା ମଲ୍ଲିକ। ବୁଧବାର ସକାଳେ ଏହି ଅଭିଯୁକ୍ତମାନେ କନ୍ଧମାଳରୁ ଗଞ୍ଜେଇ ଧରି ବସ ଯୋଗେ ବରମୁଣ୍ଡାରେ ପହଞ୍ଚିଥିବା ବେଳେ ସେମାନଙ୍କଠାରୁ ପ୍ରାୟ ସାଢ଼େ ୪୨ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୪ ଲକ୍ଷ ୨୫ ହଜାର ଟଙ୍କା ହେବ। ଅଭିଯୁକ୍ତମାନେ ଏହି ନିଶାଦ୍ରବ୍ୟକୁ ଅନ୍ୟ ଜିଲ୍ଲାକୁ ଚୋରା ଚାଲାଣ କରିବା ପାଇଁ ଯୋଜନା ରଖିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ପରେ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

## ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ: ପ୍ରତାପ କ୍ଲବ୍ ଚାମ୍ପିଅନ



ତିଗିରିଆ,୧୧।୨(ସମିସ): ତିଗିରିଆ ବ୍ଲକ ପଙ୍କାଳ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମଠାରେ ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ଫଜୁଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ରତାପ କ୍ଲବ କଟକ ୩-୦ ଗୋଲରେ ଖୁଣ୍ଟକଟା କ୍ରୀଡା ପରିଷଦ ଆଠଗଡକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ବାନ୍ଧ କାରିଗର ତଥା ପଦ୍ମଶ୍ରୀ ପାଇବା ପାଇଁ ମନୋନୀତ ହୋଇଥିବା ଶରତ ପାତ୍ର, ବିଶିଷ୍ଟ ଅତିଥିଭାବେ ଆଠଗଡ ସହକାରୀ ଉପଜିଲ୍ଲାପାଳ ପ୍ରଭୁଦତ୍ତ ପ୍ରଧାନ ଓ ପ୍ରୀତମ ସୌମ୍ୟ ପ୍ରକାଶ ବେହେରା, ସମ୍ମାନିତ ଅତିଥିଭାବେ ବିନ୍ଧାଣିମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦୀପକ ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହମ୍ମଦ କମରୁଲ ହକ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କମିଟିର ସଭାପତି ମେହବୁବ ଅହମ୍ମଦ ଖାଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଜୈନୁଲ ଆବେଦିନ ଖାଁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଯୁବଜ୍ୟୋତି କ୍ଲବର ୨୦ ଜଣ ପ୍ରାକ୍ତନ ଫୁଟବଲ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ୧୦ ବର୍ଷ ପରେ ଗିରଫ ହେଲା ଦୁଷ୍କର୍ମକାରୀ

କଟକ,୧୧।୨(ସମିସ): ଜଣେ ନାବାଳିକାକୁ ଦୁଷ୍କର୍ମ କରି ଦୀର୍ଘ ୧୦ ବର୍ଷ ଧରି ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଅଭିଯୁକ୍ତ ପି. ଲୋକନାଥ (୩୦) ଶେଷରେ ଧରାପଡ଼ିଛି। କଟକ ଦରଘାବଜାର ଥାନା ପୁଲିସ ବକ୍ସିବଜାର ଫ୍ୟାନ୍ସି ମାର୍କେଟ ଅଞ୍ଚଳରୁ ତାକୁ ଗିରଫ କରିବାରେ ସକ୍ଷମ ହୋଇଛି। ୨୦୧୬ରେ ମକରବା ସାହିରେ ରହୁଥିବା ସମୟରେ ଲୋକନାଥ ସେହି ସାହିର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୁଲିସ ଏହି ମାମଲାରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ ହେଁ ଅଭିଯୁକ୍ତର ସନ୍ଧାନ ମିଳିପାରି ନ ଥିଲା। ଆଜି ଅଭିଯୁକ୍ତ ଲୋକନାଥ ନିଜ ଘରକୁ ଆସିଥିବା ସୂଚନା ପାଇ ଦରଘାବଜାର ଥାନାଧିକାରୀ ରାକେଶ କୁମାର ବେହେରାଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ତାକୁ ଗିରଫ କରିଥିଲା। ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ସାଲେପୁର କପ୍ ଫୁଟବଲ୍: ୟୁନାଇଟେଡ୍ କ୍ଲବ୍ ଭଦ୍ରକ ବିଜୟୀ

ସାଲେପୁର,୧୧।୨(ସମିସ): ସାଲେପୁର ହାଇସ୍କୁଲ ପଡ଼ିଆରେ ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ଖେଳ ୟୁନାଇଟେଡ୍ କ୍ଲବ୍ ଭଦ୍ରକ ଓ ଫାଓ ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ୟୁନାଇଟେଡ୍ କ୍ଲବ୍ ଭଦ୍ରକ ଫାଓ ଏକାଡେମୀକୁ ୨-୧ଗୋଲରେ ହରାଇ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଂଗୀତା ମିଶ୍ର, ଅତିଥି ଭାବେ ପୁରାତନ ଫୁଟବଲ ଖେଳାଳି ପ୍ରଦୀପ୍ତ କିଶୋର କର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଫୁଟବଲ ଖେଳରେ ପୂର୍ବରୁ ସୁନାମ ଅର୍ଜନ କରିଥିବା ଖେଳାଳି ହେମନ୍ତ ଭୂୟାଁ, ଭାସ୍କର ସେଠୀ, ତାରାକାନ୍ତ ନାୟକ, ମଦନମୋହନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଫରୀ ଭାବେ ଲକି ହେମ୍ବ୍ରମ୍, ସେକ୍ ସଲିମ୍, ପ୍ରଦୀପ୍ତ ମହାନ୍ତି ଓ ରସାନନ୍ଦ ସାମଲ ଖେଳ ପରିଚାଳନା କରିଥିଲେ। ସାଲେପୁର ସ୍ପୋର୍ଟସ ଏକାଡେମୀର ଉପାଧ୍ୟକ୍ଷ ମିହିର ଜେନା, ସେକ୍ ଗିନି, ପରବେଶ ଅଲ୍ଲୀ, ଗୋପବନ୍ଧୁ ଭୂୟାଁ, ଇଂ. ବିଭୁତିଭୂଷଣ ପାତ୍ର, ଅଶୋକ ସେଠୀ, କୃଷ୍ଣଚନ୍ଦ୍ର ଦାସ, ଆର. ଆପ୍ପାରାଓଙ୍କ ସମେତ ବହୁ କ୍ରୀଡ଼ା ସଂଗଠକ ଉପସ୍ଥିତ ଥିଲେ। ସାଲେପୁର ସ୍ପୋର୍ଟସ ଏକାଡେମୀର ସଭାପତି ପ୍ରଦୀପ୍ତ କର, ସଂପାଦକ କିରଣ ଭୂୟାଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ତ୍ରୁଟିଶୂନ୍ୟ ହେବ ମାଟ୍ରିକ ପରୀକ୍ଷା**

# ୩୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟବେକ୍ଷକ ଓ ଅଧୀକ୍ଷକଙ୍କୁ ପ୍ରଶିକ୍ଷଣ

କଟକ,୧୧।୨(ସମିସ):

ଆସନ୍ତା ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଐତିହାସିକ ରେଭେନ୍ସା

### ଫେବୃଆରୀ ୧୯ରୁ ପରୀକ୍ଷା ଦେବେ ୫ ଲକ୍ଷ ୬୧ ହଜାର ଛାତ୍ରଛାତ୍ରୀ

କଲିଜିଏଟ ସ୍କୁଲ ପରିସରରେ ପରୀକ୍ଷା ପରିଚାଳନା ପାଇଁ ନିୟୋଜିତ ପର୍ଯ୍ୟବେକ୍ଷକ ଏବଂ ସେଣ୍ଟର୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାରୁ ପରୀକ୍ଷା ଦାୟିତ୍ୱରେ ଥିବା ୩୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟବେକ୍ଷକ



ଏବଂ ସେଣ୍ଟର୍ ସୁପରିଣ୍ଟେଣ୍ଡେଣ୍ଟ ଯୋଗଦେଇ ପରୀକ୍ଷାର ସଫଳ ପରିଚାଳନା ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷ ପରୀକ୍ଷା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ରର ଗୋପନୀୟତା ରକ୍ଷା, ଉତ୍ତର ଖାତାର ସୁରକ୍ଷା ଏବଂ କପି ବା କଦାଚାର ରୋକିବା ପାଇଁ କିଭଳି କଠୋର ପଦକ୍ଷେପ ନିଆଯିବ, ସେ ନେଇ ବିସ୍ତୃତ ତାଲିମ ପ୍ରଦାନ କରାଯାଇଛି। ଚଳିତ ମାସ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ସହିତ ସଂସ୍କୃତ ମଧ୍ୟମା ଓ ଓପନ ସ୍କୁଲ (ରାଜ୍ୟ ମୁକ୍ତ ବିଦ୍ୟାଳୟ) ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ୨୦୨୬ ଶିକ୍ଷା ବର୍ଷ ପାଇଁ ରାଜ୍ୟର ମୋଟ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସମଗ୍ର ରାଜ୍ୟରେ ୩୦୮୨ଟି ପରୀକ୍ଷା କେନ୍ଦ୍ର ଏବଂ ପ୍ରଶ୍ନପତ୍ର ଗଚ୍ଛିତ ରଖିବା ପାଇଁ ୩୨୨ଟି ନୋଡାଲ ସେଣ୍ଟର ବ୍ୟବସ୍ଥା କରାଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ୧୪ଟି ବ୍ଲକର ଶିକ୍ଷା ଅଧିକାରୀ ଏବଂ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଅତିରିକ୍ତ ପୁଲିସ ଅଧିକାରୀ ଅମରେନ୍ଦ୍ର ପଣ୍ଡା ମଧ୍ୟ ଉପସ୍ଥିତ ରହି ପରୀକ୍ଷା ସମୟରେ ଆଇନଶୃଙ୍ଖଳା ରକ୍ଷା ଉପରେ ଆଲୋକପାତ କରିଥିଲେ।



# ଭୁବନେଶ୍ୱର ସିଟି

## ଜନତା ସବୁ ଜାଣନ୍ତି

# ସାମାଜିକ ବାଟବଣା ବନାମ ଏଆଇ କଟକଣା

ଭୁବନେଶ୍ୱର, ୧୧।୨(ସମିସ): ଏବେ ଯନ୍ତ୍ର ଯୁଗ ଚାଲିଛି। ଆଉ ଏହି ଯନ୍ତ୍ର ଯୁଗକୁ ମନଭରି ଉପଭୋଗ କରୁଛନ୍ତି ଯୁବପିଢ଼ି। ସବୁ ଜିନିଷ ଏବେ ହାତ ପାହାନ୍ତାରେ ଉପଲବ୍ଧ ହେଲାଣି। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର ବଢୁଛି। ହେଲେ ଯୁବପିଢ଼ିଙ୍କ ଉପରେ ଏଆଇର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଅନେକଙ୍କୁ ଅଜଣା। ଏଆଇର ବ୍ୟବହାର, ଉପକାର ଓ ଅପକାରକୁ ନେଇ ବ୍ୟବହାରକାରୀ ଏବଂ ଯୁବପିଢ଼ିଙ୍କ ଭିନ୍ନ ଭିନ୍ନ ମତ ରହିଛି। କିଏ ଏହାକୁ ଏକ ବରଦାନ ତ କିଏ ବିପଦକୁ ଆହ୍ୱାନ ବୋଲି କହୁଛନ୍ତି।



-ଏଆଇ ଯେତିକି ଭଲ ସେତିକି ଖରାପ। ବିଶେଷ କରି ଏହା ୧୦୦ ଜଣଙ୍କ କାମକୁ ଏକା କରିପାରୁଛି। ଯାହାଦ୍ୱାରା ବେକାରୀ ସମସ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିବା ସହ ଆଗକୁ ମଧ୍ୟ ଆହୁରି ବଢ଼ିବ। ତେବେ ଏଆଇ ମାଧ୍ୟମରେ ଅନେକ ମାନସିକ ଚାପ ମଧ୍ୟରେ ରହୁଛନ୍ତି। ବିଶେଷକରି ଛାତ୍ରଛାତ୍ରୀମାନେ ବାଟବଣା ହେବାର ବହୁ ନଜିର୍ ମଧ୍ୟ ରହିଛି। ଏଥିସହିତ ବରିଷ୍ଠମାନେ ଡ଼ିଜିଟାଲ ଆରେଷ୍ଟ ଭଳି ଠକାମୀର ଶିକାର ହେଉଛନ୍ତି। ଏଆଇକୁ ଭଲ ଭାବରେ ଜାଣିବାକୁ ଡ଼ିଜିଟାଲୀ ସାକ୍ଷର ହେବାକୁ ପଡ଼ିବ।

-ଅବିନାଶ ଗୁରୁ, ସାଇବର ଆଇନ୍ ବିଶେଷଜ୍ଞ, ଭୁବନେଶ୍ୱର



-ଏଆଇ ବର୍ତ୍ତମାନର ଯୁବପିଢିଙ୍କ ପାଇଁ ଏକ ଭଲ ସୁଯୋଗ। ଯଦି ଆପଣ ଏକ କଣ୍ଟେଣ୍ଟ କ୍ରିଏଟର ଭାବେ ଏକ ନୂଆ ଚ୍ୟାନେଲ ଖୋଲୁଛନ୍ତି ଏଥିରେ କ'ଣ କଣ୍ଟେଣ୍ଟ ନେଲେ ଭଲ ହେବ। ଏଥିପାଇଁ ସମୀକ୍ଷା କରିବା ସହ ଏକାଧିକ ଭିଡିଓ ଦେଖି ନିଜ ସମୟ ସରିବା ବଦଳରେ ସିଧା ଚାଟ୍‌ଜିପିଟିର ସହାୟତା ନେବାକୁ ପଡୁଛି। କେଉଁ କଣ୍ଟେଣ୍ଟ ତିଆରି କଲେ ଭଲ ଭ୍ୟୁ ଯିବ ସବୁକିଛି ଡାଟା ଗୋଟିଏ ଜାଗାରେ ଚାଟ୍‌ଜିପିଟି ଦେଇଦେଉଛି। ଏଥିରେ ସମୟ ବଞ୍ଚିବା ସହ ଠିକ୍ ତଥ୍ୟ ବି ମିଳିଯାଉଛି। ନିଶ୍ଚିନ୍ତ ଭାବେ ଡିଜିଟାଲ ଦୁନିଆ ପାଇଁ ଏକ ବରଦାନ ବୋଲି କୁହାଯାଇପାରେ।

-ମିଷ୍ଟର ଆଦି, ୟୁଟ୍ୟୁବର



-ସମୟ ଓ ଅର୍ଥକୁ ବଞ୍ଚାଇବା ସହ ଶିକ୍ଷା ଗବେଷଣାଠାରୁ ଆରମ୍ଭ କରି ବୃତ୍ତିଗତ ମାର୍ଗଦର୍ଶନରେ ଛାତ୍ରୀଛାତ୍ରଙ୍କ ପାଇଁ ଏଆଇ ଖୁବ୍ ଉପଯୋଗୀ ସାବ୍ୟସ୍ତ ହେଉଛି। ଟୁଲ୍‌ସ ଏବଂ ସଫ୍ଟୱେର୍ ଡେଭେଲପମେଣ୍ଟରେ ମଧ୍ୟ କୋଡିଂ ପ୍ରକ୍ରିୟାକୁ ସହଜ କରିପାରୁଛି। ବିଶେଷକରି ଆମଭଳି ଅନେକ ଛାତ୍ରଗୋଷ୍ଠୀ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି।

-ରବିନାରାୟଣ ପ୍ରଧାନ, ସିଏମ୍ଏ ଛାତ୍ର, ଭୁବନେଶ୍ୱର



ଏଆଇର ବ୍ୟବହାର ସମୟ ଓ ଅର୍ଥ ଅପଚୟ ମଧ୍ୟ ରୋକିପାରେ। ହେଲେ ଏହାର ଆଉ ଏକ ଦିଗ ହେଉଛି ଏହା ହିନ୍ଦୀ ଓ ଇଂରାଜୀ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷାରେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତର ରଖିପାରୁଛି। ନୂଆ ଅନୁଚ୍ଛେଦ, ପ୍ରବନ୍ଧ କବିତା ଲେଖିବାରେ ବିଭିନ୍ନ ଆପ୍ଲିକେସନ ପିଲାଙ୍କ ପାଇଁ ସହାୟକ ହେଉଛି। ଏପରି କିଛି ଆପ୍ଲିକେସନ ରହିଛି, ଯେଉଁଥିରେ ବିଦ୍ୟାର୍ଥୀମାନେ କୌଣସି ଲେଖାରେ ବ୍ୟାକରଣଗତ ତ୍ରୁଟି ମଧ୍ୟ ସଂଶୋଧନ କରିପାରୁଛନ୍ତି। ଏଥିସହିତ ଛାତ୍ରଛାତ୍ରୀ ଦେଶଦୁନିଆର ଜଣାଅଜଣା ତଥ୍ୟ ମଧ୍ୟ ପାଇପାରୁଛନ୍ତି। ସେହିପରି ଗଣିତରେ ବିଭିନ୍ନ ଜଟିଳ ପ୍ରଶ୍ନର ସମାଧାନ କରିବାରେ ମଧ୍ୟ ଏଆଇର ସହାୟତା ନିଆଯାଉଛି।

-ଅନନ୍ତ ମୁଦୁଲି, କମ୍ପିଟେଟିଭ୍ ଛାତ୍ର, ଭୁବନେଶ୍ୱର

ଏଆଇ ଖରାପ ନୁହେଁ। ମାତ୍ର କିଛି ଲୋକ ଏହାକୁ ଖରାପ କାମ ପାଇଁ ବ୍ୟବହାର କରୁଛନ୍ତି। ଏଣୁ ଏଆଇକୁ ବ୍ୟବହାର କରିବା ନେଇ କିଛି ମାର୍ଗଦର୍ଶିକା ରହିବା ନିହାତି ଦରକାର। ଲୋକଙ୍କ ଗୋପନୀୟତାରେ ଯେପରି କିଛି ଅସୁବିଧା ନହେଉ ସେଥିପ୍ରତି ସରକାର କଡା ନିୟମ ଆଣିଲେ ସମସ୍ତଙ୍କ ପାଇଁ ଏକ ସୁରକ୍ଷା କବଚ ହୋଇପାରିବ।



-ରବିନାରାୟଣ ସ୍ୱାଇଁ, ସିଏମ୍ଏ ଛାତ୍ର



ଏଆଇ ଚାଟଜିପିଟ୍ ମାଧ୍ୟମରେ ଘରେ ବସି ଲୋକେ ରୋଗ ବିଷୟରେ ଜାଣିପାରୁଛନ୍ତି। ଏଥିସହିତ ଅପରେସନ୍ କ୍ଷେତ୍ରରେ ବି ଏଆଇର ବହୁଳ ବ୍ୟବହାର କରାଯାଉଛି। ହେଲେ ଏଆଇ ଲୋକଙ୍କୁ ରୋଗ ବିଷୟରେ ସୂଚନା ଦେଉଛି କିନ୍ତୁ ରୋଗୀ ଦେଖିବା କାର୍ଯ୍ୟ କରିପାରୁନାହିଁ। ଯେତିକି ସମୟ ଚାଟ୍‌ଜିପିଟରେ ଦେଇ ରୋଗ ବିଷୟରେ ଜାଣିବାକୁ ପଡୁଛି ସେତିକି ସମୟରେ ଡାକ୍ତରଙ୍କୁ ଦେଖା କରାଇବା ଉଚିତ୍ ପଦକ୍ଷେପ ହୋଇପାରନ୍ତା।

ସତ୍ୟଜିତ୍ ପଣ୍ଡା, ସ୍ୱାସ୍ଥ୍ୟ ମିତ୍ର, କଳିଙ୍ଗ ହସ୍ପିଟାଲ

● ଏସ୍‌ୟୁଜେ ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବ

## ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ




ଭୁବନେଶ୍ୱର, ୧୧।୨(ସମିସ): ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ୪ର୍ଥ ସ୍ତମ୍ଭ ଦୋଷ ଦୁର୍ବଳତା ପଦାକୁ ଆଣିଲେ ଅନ୍ୟ ୩ଟି ସ୍ତମ୍ଭ ସୁଦୃଢ ହୋଇଥାଏ। ସାମ୍ବାଦିକମାନଙ୍କ ସର୍ବନିମ୍ନ ଦାବିକୁ ସରକାର ପୂରଣ କରିବା ସହିତ ସେମାନଙ୍କ ସୁରକ୍ଷା ଓ ଜୀବନ ଜୀବିକା ପ୍ରତି ସଚେତନ ରହିଲେ ସାମ୍ବାଦିକମାନେ ଅଧିକ ଉତ୍ସାହିତ ହେବା ସହିତ ସତ୍ୟ ଖବର ପରିବେଷଣ କରିବେ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ (ଏସୟୁଜେ) ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି।

ଜୟଦେବ ଭବନଠାରେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମୁଖ୍ୟ ମାତୃ ପ୍ରାସାଦ ମିଶ୍ର, ଚିକିତ୍ସକ ମାଧବ ନାୟକ, ଏସୟୁଜେ ଉପସଭାପତି ବାସୁଦେବ ତ୍ରିପାଠୀ, ଏନୟୁଜେର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ଜାତୀୟ ସମ୍ପାଦକ ବବୁଲ ସିଂ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା 'ନନ୍ଦିଘୋଷ ଟିଭି' ସମ୍ପାଦକ ଶିଶିର ଭଟ୍ଟ ମିଶ୍ର ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ବାସୁଦେବ ତ୍ରିପାଠୀ ସ୍ୱାଗତ ଭାଷଣ ରଖିଥିଲେ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଗଠନର ମୁଖପତ୍ର 'ସଙ୍କଳ୍ପ'କୁ ଅତିଥିମାନେ ଉନ୍ମୋଚିନ କରିଥିଲେ। ଏହି କାର୍ଯ୍ୟକ୍ରମ ମୁଖ୍ୟ ସମ୍ପାଦକ ବାସୁଦେବ ତ୍ରିପାଠୀ, ଉପସଭାପତି ରାଧାଶ୍ୟାମ ପ୍ରଧାନ ପ୍ରମୁଖ ସଞ୍ଚାଳନ କରିଥିଲେ। ବରିଷ୍ଠ ଉପ ସଭାପତି ସମରେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

## 'ଡ. କେ. ଲକ୍ଷ୍ମୀବାଇଙ୍କୁ ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା



ଭୁବନେଶ୍ୱର, ୧୧।୨(ସମିସ): ୯୭ ବର୍ଷ ବୟସରେ ଉପନୀତ ଡ. କେ. ଲକ୍ଷ୍ମୀବାଇ ତାଙ୍କ ଜୀବନର ସମ୍ପୂର୍ଣ୍ଣ ସଞ୍ଚୟରୁ ପାଞ୍ଚ ଲକ୍ଷ କି ଦଶ ଲକ୍ଷ ନୁହଁ ଅବିଶ୍ୱସନୀୟ ୩.୪୦ କୋଟି ଟଙ୍କା ଏମ୍ସ ଭୁବନେଶ୍ୱରକୁ ଦାନ କରିଛନ୍ତି। ଏହି ଅର୍ଥ ସମ୍ପୂର୍ଣ୍ଣ ଭାବେ କ୍ୟାନ୍ସରରେ ପୀଡ଼ିତ ଗରିବ ଓ ଅସହାୟ ମହିଳାମାନଙ୍କ ଚିକିତ୍ସା ଏବଂ ଏହି ଘାତକ ରୋଗର ପ୍ରାରମ୍ଭିକ ସନ୍ଧାନ ପାଇଁ ବ୍ୟବହାର କରାଯିବ। ଦଶନ୍ଧି ଦଶନ୍ଧିର ତ୍ୟାଗ ଓ ପରିଶ୍ରମ ବଳରେ ଉପାର୍ଜିତ ଏହି ଅର୍ଥ କଦାପି ବ୍ୟର୍ଥ ଯିବନି ହଜାର ହଜାର କ୍ୟାନ୍ସର ପୀଡିତଙ୍କ ଜୀବନରେ ଆଶାର ଆଲୋକ ନେଇ ଆସିବ ବୋଲି ଏହି ବର୍ଷିଆନ ଡାକ୍ତର ଆଶାବ୍ୟକ୍ତ କରିଛନ୍ତି। ଡ. ଲକ୍ଷ୍ମୀବାଇଙ୍କ ବ୍ରହ୍ମପୁରସ୍ଥିତ ତାଙ୍କ ନିବାସକୁ ଯାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ଆଶୀର୍ବାଦ ନେବା ସହ 'ସେ କେବଳ ଜଣେ ମାନବ ନୁହଁନ୍ତି; ସେ ଜଣେ ଜୀବନ୍ତ ଇତିହାସ' ବୋଲି ବର୍ଣ୍ଣନା କରିଛନ୍ତି। ବିଦେଶର ସୁବିଧାଜନକ ଜୀବନକୁ ଚୟନ ନକରି, ସେ ଦେଶକୁ ଫେରି ଆସିଥିଲେ ଏବଂ ଓଡ଼ିଶାର ସେ ସମୟର ଅନ୍ୟତମ ପଛୁଆ ଅଞ୍ଚଳରେ ମହିଳାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ନିଜ ଜୀବନଙ୍କ ସମର୍ପିତ କରିଥିଲେ।

## ବ୍ଲକସ୍ତରୀୟ ଜାତୀୟ ଖାଉଟି ସଚେତନତା




ବାଲିଅନ୍ତା, ୧୧।୨(ସମିସ): ଆଇ ୱାଇ ଡବ୍ଲୁ ଡବ୍ଲୁ ପକ୍ଷରୁ ଏକ ଖାଉଟି ସଚେତନ କାର୍ଯ୍ୟକ୍ରମ ବାଲିଅନ୍ତା ବ୍ଲକ କାକରୁଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ଲିଲି ପ୍ରଭା ବେହେରା ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ର ମ୍ୟାନେଜେର ବସନ୍ତ ଯାଦବ, ବୈଧମାପ ବିଜ୍ଞାନ ବିଭାଗ ଖୋର୍ଦ୍ଧା ଜିଲ୍ଲାର ସହ ନିରିକ୍ଷେକ ଅମେରେନ୍ଦ୍ର ସାହୁ, ତାଲିମ ଦାତା ସାଗରିକା ଚିନରା ଓ ଲିଜାଲୀନ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖାଉଟି ସୁରକ୍ଷା ଆଇନ ଖାଉଟି କର୍ତ୍ତବ୍ୟ ଓ ଗ୍ରାମାଞ୍ଚଳ ରେ ଖାଉଟି ମାନଙ୍କ ର ବ୍ୟାପକ ଅସୁବିଧା ସମ୍ପର୍କ ରେ ଆଲୋଚନା କରିଥିଲେ। ବିଶେଷତଃ ବଜାରରୁ କିଣୁଥିବା ନିତ୍ୟ ବ୍ୟବହାର ଦ୍ରବ୍ୟ ଯଥା ସୁନା, ରୁପା, ଗ୍ୟାସ ସିଲିଣ୍ଡର ଆଦିରେ ଉପଭୋକ୍ତା କିପରି ଠକେଇ ହେଉଛନ୍ତି ତା ସମ୍ପର୍କ ରେ ଅବଗତ କରାଇଥିଲେ। ତତ ସହିତ ଯୋଗଦେଇଥିବା ସମସ୍ତ ପ୍ରତିନିଧି ମାନଙ୍କୁ ଖାଉଟି ସୁରକ୍ଷା ଲିପଫ୍ଲେଟ ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶିବପ୍ରସାଦ ପାଟଯୋଶୀ ପରିଚାଳନା କରିଥିଲେ।

## ସହରାଞ୍ଚଳ ପ୍ରଶାସନରେ ଏଆଇକୁ ଅଧିକ ସୁଦୃଢ଼ କରାଯିବ

### ଆଇଆଇଟି କାନପୁର ସହ ହାତ ମିଳାଇଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, ୧୧।୨(ସମିସ): ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ। ଏନେଇ ବୁଧବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର 'ଏଆଇଆରଏଡବ୍ଲ୍ୟୁଏଟି ରିସର୍ଚ୍ଚ ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ଏଆଇଆରଏଡବ୍ଲ୍ୟୁଏଟି ରିସର୍ଚ୍ଚ ଫାଉଣ୍ଡେସନ୍‌ର ସିଇଓ ଅମର ନାଥ କହିଛନ୍ତି ଯେ, ଏହି ସହଭାଗିତା ମାଧ୍ୟମରେ ଏଆରଏଫ୍ ବିଭାଗର ଏଆଇ ଇନୋଭେସନ ପାର୍ଟନର ଭାବରେ କାର୍ଯ୍ୟ କରିବ ଏବଂ ବୈଷୟିକ ସହାୟତା ପ୍ରଦାନସହ ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ଏଆଇ-ପିଏମୟୁ ପ୍ରତିଷ୍ଠା କରାଯିବ। ସେହିପରି ଏକ ଦୀର୍ଘକାଳୀନ ଏଆଇ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ। ଏହି ସହଭାଗିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଡ. ସୁବ୍ରତ ବିଶ୍ୱାଳଙ୍କ ନେତୃତ୍ୱରେ 'ଇଜିଓଭି' ଫାଉଣ୍ଡେସନ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଇଜିଓଭ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଞ୍ଚରେ 'ଭକ୍ତ ସାଲବେଗ'



ଭୁବନେଶ୍ୱର, ୧୧।୨(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସାଂସ୍କୃତିକ ପରିଷଦର ୪୧ ତମ ବାର୍ଷିକ ଉତ୍ସବରେ ବୁଧବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ଭକ୍ତ ସାଲବେଗ' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ନିର୍ଦ୍ଦେଶନା ତ୍ରିନାଥ ବାରିକ ଓ ସହ ନିର୍ଦ୍ଦେଶନାରେ ଜିତେନ୍ଦ୍ର ପଟ୍ଟନାୟକ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଭାଗର କମିଶନର ତଥା ଶାସନ ସଚିବ ଆସ୍ୱତୀ ଏସ୍, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ଦାସ, ସଭାପତି ଅନନ୍ତ ଚରଣ ମାଝୀ, ସାଧାରଣ ସମ୍ପାଦକ ମହେଶ ବେହେରା ଯୋଗଦେଇଥିଲେ। ବାର୍ଷିକ ମୁଖ ପତ୍ର 'କଲ୍ୟାଣୀ' ଅତିଥିଙ୍କ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଭୁବନେଶ୍ୱର, ୧୧।୨(ସମିସ): ଶୈଳଶ୍ରୀ ବିହାରସ୍ଥିତ ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପୁଷ୍ପାଞ୍ଜଳି ସାମନ୍ତରାୟ ଯୋଗଦେଇ ଛାତ୍ରୀମାନେ ଜୀବନରେ ଲକ୍ଷ୍ୟ ଧାର୍ଯ୍ୟ କରି ତାକୁ ପୂରଣ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଡ. ସଦାଶିବ ମହାପାତ୍ର ଯୋଗଦେଇ ପାଠପଢ଼ା ସହ ସୁସ୍ଥ ସମାଜ ଗଠନରେ ଛାତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ ଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଲେଜର ପୂର୍ବତନ ଅଧ୍ୟକ୍ଷ ହରିଶ ପଟ୍ଟନାୟକ, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଶ୍ରୀରେଖା ମହାନ୍ତି ଯୋଗ ଦେଇଥିବା ବେଳେ ଅଧ୍ୟାପିକା ଗୀତାରାଣୀ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରକାଶ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଟାଟା ପାୱାର ଓଡ଼ିଶା ଡ଼ିସକମ୍ ପକ୍ଷରୁ 'ଅନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ମହିଳା ଓ ବାଳିକା ଦିବସ



ଭୁବନେଶ୍ୱର, ୧୧।୨(ସମିସ) : ସମାବେଶୀ ଅଭିବୃଦ୍ଧି ଏବଂ କାର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ପକ୍ଷରୁ 'ଅନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ମହିଳା ଓ ବାଳିକା ଦିବସ-୨୦୨୬ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟୁତ ବିତରଣ କ୍ଷେତ୍ରରେ କାର୍ଯ୍ୟରତ ମହିଳା ବୃତ୍ତିଧାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରାଯାଇଛି। ମିଟରିଂ ଏବଂ ନେଟୱାର୍କ ପରିଚାଳନାଠାରୁ ଆରମ୍ଭ କରି ତାଲିମ ଏବଂ ଗୁଣବତ୍ତା ନିଶ୍ଚିତ କରିବା ପର୍ଯ୍ୟନ୍ତ, ମହିଳା ଇଞ୍ଜିନିୟର ଏବଂ ଟେକ୍ନିସିଆନ ମାନେ ଓଡ଼ିଶାର ବିଦ୍ୟୁତ ସେବାକୁ ଅଧିକ ଭରସାଯୋଗ୍ୟ, ସ୍ୱଚ୍ଛ ଏବଂ ଗ୍ରାହକମାନଙ୍କ ପାଇଁ ସହଜ କରିବାରେ ବଡ଼ ଭୂମିକା ନେଉଛନ୍ତି। ଏକ ଅଗ୍ରଣୀ ବିଦ୍ୟୁତ ବିତରଣ ସଂସ୍ଥା ଭାବରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ବିଶ୍ୱାସ କରେ ଯେ, ଦକ୍ଷ କର୍ମଚାରୀ ମାନଙ୍କ ଦ୍ୱାରା ହିଁ ଶ୍ରେଷ୍ଠ ପ୍ରଦର୍ଶନ କରାଯାଇପାରିବ। ଏକ ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଜୀବୀ ଗଠନ କରିବା ଲକ୍ଷ୍ୟରେ, କମ୍ପାନୀ ନିଜର ଚାରୋଟି ଡିସକମ୍ ଯଥା ଟିପିସିଓଡିଏଲ୍ ଟିପିଏସ୍‌ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏନ୍‌ଓଡିଏଲ୍ ରେ ମହିଳାମାନଙ୍କୁ ପ୍ରମୁଖ କାର୍ଯ୍ୟରେ ନିୟୋଜିତ କରୁଛି।

## 'ଉର୍ଦ୍ଦୁ ମାଧ୍ୟମରେ ବୈଷୟିକ ଶିକ୍ଷା: ସୁଯୋଗ ଓ ଚ୍ୟାଲେଞ୍ଜ' କର୍ମଶାଳା

ଭୁବନେଶ୍ୱର, ୧୧।୨(ସମିସ): ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଏବଂ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱ ବିଦ୍ୟାଳୟ ପଲିଟେକ୍ନିକର ମିଳିତ ଆନୁକୂଲ୍ୟରେ 'ଉର୍ଦ୍ଦୁ ମାଧ୍ୟମରେ ବୈଷୟିକ ଶିକ୍ଷା:ସୁଯୋଗ ଓ ଚ୍ୟାଲେଞ୍ଜ' ଶୀର୍ଷକ ଏକ ଦିବସୀୟ କର୍ମଶାଳାର ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ମୌଲୋନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱ ବିଦ୍ୟାଳୟ ପଲିଟେକ୍ନିକର କୁଳପତି ପଦ୍ମଶ୍ରୀ ପ୍ରଫେସର ସୟଦ ଆଇନୁଲ ହସନ, ରେଜିଷ୍ଟ୍ରାର ପ୍ରଫେସର ସେକ୍ ଇସ୍ତିଆକ ଅହମଦ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଭାପତି ଜନାବ ଖାଲିଦ ରହିମ, ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଉର୍ଦ୍ଦୁଭାଷୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାକୁ କିପରି ଉର୍ଦ୍ଦୁ ମାଧ୍ୟମରେ ପ୍ରଦାନ କରାଯାଇପାରିବ ଏବଂ ଏହି କ୍ଷେତ୍ରରେ ରହିଥିବା ସୁଯୋଗ ଓ ଚ୍ୟାଲେଞ୍ଜ ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଶାଳାରେ ମୌଲାନା

## 'ଭଜନ କଳିକା'ର ରଚୟିତାଙ୍କ ପରଲୋକ



ଭୁବନେଶ୍ୱର, ୧୧।୨(ସମିସ): ରାଜ୍ୟ ସରକାରଙ୍କ କୃଷି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଦୁର୍ଗାଚରଣ ସାହୁ(୭୯)ଙ୍କ ଗତ ସୋମବାର ପରଲୋକ ହୋଇଯାଇଛି। କେନ୍ଦ୍ରାପଡ଼ାର ଅର୍ଜୁନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ପାଇକମାଳ, ଗରଦପୁର, ରଘୁନାଥପୁର କଟକ ଓ ଜଗତସିଂହପୁରରେ ତାଙ୍କ ଶ୍ରେଷ୍ଠ କାର୍ଯ୍ୟ ପାଇଁ ବିଶେଷ ପ୍ରଶଂସା ଲାଭ କରିଥିଲେ। ସେ ପୈତୃକ ଗ୍ରାମରେ ଏକ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା କରିଥିଲେ। ସେ ଭଜନ କଳିକା ନାମକ ଏକ ପୁସ୍ତକ ରଚନା କରି ବେଶ ଲୋକପ୍ରିୟ ହୋଇପାରିଥିଲେ। ଶେଷ ସମୟରେ ତାଙ୍କ ନିକଟରେ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ନାତି ନତୁଣୀ ଉପସ୍ଥିତ ଥିଲେ।

## ସମ୍ ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା

ଭୁବନେଶ୍ୱର, ୧୧।୨(ସମିସ): ଦେଶବ୍ୟାପୀ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଏକ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ହସ୍ପିଟାଲର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଧିର ପ୍ରାରମ୍ଭିକ ଚିହ୍ନଟ ଏବଂ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡ. ରାଜେନ୍ଦ୍ର ମଲ୍ଲିକ, ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ.ପୁଷ୍ପରାଜ ସାମନ୍ତସିଂହାର, ହସ୍ପିଟାଲର କମ୍ୟୁନିଟି ମେଡିସିନ୍ ଆଣ୍ଡ ଇନ୍‌ଫେକ୍ସିୟସ ଡିଜିଜେସ୍ ବିଭାଗର ଅଧ୍ୟାପକ ଡ. ଇ. ଭେଙ୍କଟ ରାଓ, ଡାକ୍ତର ସମ୍ବେଦନା ମହାନ୍ତି ପ୍ରମୁଖ ଯୋଗଦେଇ ସ୍ପର୍ଶ କୁଷ୍ଠରୋଗର ସଚେତନତା, କୁଷ୍ଠ ରୋଗର ଶୀଘ୍ର ଚିହ୍ନଟ, ମାଗଣା ଚିକିତ୍ସା ଉପଲବ୍ଧତା ଏବଂ ରୋଗ ସହିତ ସାମାଜିକ କଳଙ୍କ ଦୂର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ ମାଧ୍ୟମରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନର ଉଦ୍ଦେଶ୍ୟ ଏବଂ ମୁଖ୍ୟ ବାର୍ତ୍ତା ଗୁଡ଼ିକ ଉପସ୍ଥାପନ କରାଯାଇଥିଲା।

## ରାସ୍ତାକଡ଼ରେ ମାଣ୍ଡିଆ ମହକାଉଛନ୍ତି ପ୍ରଭାତୀ



ଭୁବନେଶ୍ୱର, ୧୧।୨(ସମିସ): ଦିନକୁ ଦିନ ମାଣ୍ଡିଆର ଚାହିଦା ଆଗ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିଲେ ବି ଲୋକ ଏହାକୁ କିଣିବାରେ ଇଚ୍ଛୁକ ନଥିଲେ। ହେଲେ ଗତ କିଛି ବର୍ଷ ମଧ୍ୟରେ ଏହାକୁ ଲୋକ ନିଜ ପସନ୍ଦର ଖାଦ୍ୟ ରୂପେ ବାଛିଛନ୍ତି। ଏଥିସହିତ ମହିଳାମାନେ ମାଣ୍ଡିଆରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତକରି ଲୋକ ସ୍ୱାବଲମ୍ବୀ ମଧ୍ୟ ହେଉଛନ୍ତି।

ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜ ମନ୍ଦିର ନିକଟସ୍ଥ ଗଙ୍ଗା ଯମୁନା ମନ୍ଦିର ରାସ୍ତାରେ ପ୍ରଭାତୀ ରାଉତ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏବଂ ପାନୀୟ ବିକ୍ରି କରୁଛନ୍ତି। ପୂର୍ବରୁ ଲସି, ଜୁସ୍ ଏବଂ ଛାଞ୍ଚ୍ ବିକ୍ରି କରି ଆସୁଥିବାବେଳେ ସମୟକ୍ରମେ ତାର ଚାହିଦା ବଢ଼ିବାରୁ ମାଣ୍ଡିଆ ପ୍ରସ୍ତୁତ ଅନ୍ୟ ଖାଦ୍ୟ ତଥା ମାଣ୍ଡିଆର ଇଡ୍‌ଲି, ଚକୁଳି, ମାଣ୍ଡିଆ ଭେଜିଟେବଲ ଇଡଲିକୁ ପରେ ସାମିଲ କରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି ମିଶନଶକ୍ତି, ମିଲେଟ ମିଶନ୍ ମାଧ୍ୟମରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ତଥା ମିଲେଟ୍ ଫୁଡ୍‌ର ପ୍ରଚାର ପ୍ରସାର ଫଳରେ ଏବେ ତାହାର ଉପକାରିତା ଲୋକେ ବୁଝିଲେଣି। ଫଳରେ ମାଣ୍ଡିଆ ପ୍ରସ୍ତୁତ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି। ତାକୁ ନଜରରେ ରଖି ସେ ପାଖାପାଖି ୩ ବର୍ଷ ହେବ ନିଜର ଏକ ସ୍ୱତନ୍ତ୍ର ଷ୍ଟଲ ଆରମ୍ଭ କରିଥିଲେ। ଯାହା ଏବେ ଲୋକଙ୍କ ଆଦର ସାଉଁଟିବା ସହ ମାଣ୍ଡିଆର ଏପରି ଅନ୍ୟ ଖାଦ୍ୟ ପ୍ରସ୍ତୁତ କରିବାରେ ପ୍ରେରଣା ଦେଇଛି। ଏସ୍ଏଚ୍‌ଜି ମହିଳାମାନଙ୍କ ସହ ମିଶି ସେ ମଧ୍ୟ କିଛି ସ୍ଥାନରେ ଏପରି ଷ୍ଟଲ୍‌ରେ ସହଯୋଗ କରିଥାନ୍ତି। ମାଣ୍ଡିଆ ସାହାଯ୍ୟରେ ସେ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଯାହା ଆଜି ତାଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପାଲଟିଛି। ସେ ପ୍ରସ୍ତୁତ କରୁଥିବା ମାଣ୍ଡିଆର ଖାଦ୍ୟ ଏବଂ ପାନୀୟର ଯଥା, ଲସିର ମୂଲ୍ୟ ୩୦ ଟଙ୍କା ହୋଇଥିଲାବେଳେ ଜୁସ୍‌ର ଦାମ୍ ୨୦ ଓ ଛାଞ୍ଚ୍‌ର ଦାମ ମଧ୍ୟ ୨୦ ଟଙ୍କା ରହିଛି। ସେହିଭଳି ଖାଦ୍ୟର ମୂଲ୍ୟ ମଧ୍ୟ ସମାନ ୩୦ ଟଙ୍କ ରହିଛି। ମାଣ୍ଡିଆ ଲସିର ଲୋକଙ୍କୁ ସବୁଠୁ ଅଧିକ ପସନ୍ଦ ଆସୁଛି ବୋଲି ସେ କହିଥିଲେ। ସେହିପରି ଡାଇବେଟିସ୍ ଲୋକଙ୍କ ପାଇଁ ମଧ୍ୟ ସେଠାରେ ବିନା ମିଠା ମାଣ୍ଡିଆ ଜାଉ ଓ ଆମ୍ବ ପୋଦିନା ମିଶ୍ରିତ ମାଣ୍ଡିଆର ଛାଞ୍ଚ୍ ମିଳୁଛି। ପ୍ରତ୍ୟେକଦିନ ସକାଳ ୮ ରୁ ୧୧ଟା ଯାଏଁ ତାଙ୍କ ଦୋକାନ ଖୋଲିଥାଏ। ଯେଉଁଥିରେ ଦିନକୁ ପାଖାପାଖି ହଜାରେରୁ ୧୫ ଶହ ଟଙ୍କା ଲାଭ ମିଳିଥାଏ। ଆଖପାଖ ଅଞ୍ଚଳ ବ୍ୟତୀତ ସହରର ଅନେକ ସ୍ଥାନରୁ ଲୋକ ଏଠାକୁ ଆସି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏବଂ ପାନୀୟକୁ ଖୋଜୁଛନ୍ତି ବୋଲି ସେ କହିଥିଲେ।

## ଶିକ୍ଷକ ବଦଳିକୁ ବିରୋଧ

# ୩ ଦିନ ହେବ ତାଲା, ଧାରଣାରେ ଛାତ୍ରଛାତ୍ରୀ

କଙ୍କଡ଼ାହାଡ଼,୧୧ ।୨(ସମିସ):



ଶିକ୍ଷକ ବଦଳିକୁ ବିରୋଧ କରି ଓଡ଼ାପଡ଼ା ବ୍ଲକ କାଳିକାପ୍ରସାଦ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ତିନି ଦିନ ହେଲା ତାଲା ଝୁଲୁଛି। ଛାତ୍ରଛାତ୍ରୀମାନେ ଧାରଣାରେ ବସିଛନ୍ତି। ଫଳରେ ବିଦ୍ୟାଳୟରେ ପାଠପଢ଼ା ଠପ୍ ହୋଇଯାଇଛି। ଆଉ ଦିନ କେଇଟା ପରେ ବାର୍ଷିକ ପରୀକ୍ଷା ଥିବାବେଳେ ବିଦ୍ୟାଳୟରେ ଏପରି ଅଚଳାବସ୍ଥାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର ପିଲାମାନଙ୍କୁ ନିମ୍ନ ମାନର ମଧ୍ୟାହ୍ନ ଭୋଜନ ଦେଉଥିବା, ଠିକ୍‌ରେ ପାଠ ପଢ଼ାଉ ନ ଥିବା ଅଭିଯୋଗ ନେଇ ପାଞ୍ଚଦିନ ତଳେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ତଦନ୍ତ କରି ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତେବେ ପ୍ରକାଶଙ୍କ ବଦଳିକୁ ଛାତ୍ରଛାତ୍ରୀ ତଥା ଅଭିଭାବକ ତୀବ୍ର ବିରୋଧ କରିଛନ୍ତି। ପ୍ରକାଶ ଜଣେ ଆଦର୍ଶ ଶିକ୍ଷକ ଓ ସେ ପିଲାମାନଙ୍କୁ ସଠିକ୍ ଢଙ୍ଗରେ ପାଠ ପଢ଼ାନ୍ତି। ବିନା କୌଣସି କାରଣରେ ତାଙ୍କ ବଦଳି ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛି। ଏହାର ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ଓ ପ୍ରଶାସନ ତାଙ୍କୁ ସ୍କୁଲ୍‌କୁ ପୁନର୍ବାର ଫେରାଇ ଦେବାକୁ ଦାବି କରିଛନ୍ତି। ଏଥିସହ ପ୍ରଧାନଶିକ୍ଷୟିତ୍ରୀ ଫାଣ୍ଡିରେ ଦେଇଥିବା ମିଥ୍ୟା ଅଭିଯୋଗ ପ୍ରତ୍ୟାହାର ଓ ସେ କରିଥିବା ଆର୍ôଥକ ଅନିୟମିତତାର ଯାଞ୍ଚ କରିବାକୁ ବିଦ୍ୟାଳୟପରିଚାଳନା କମିଟି ଦାବି କରିଛି। ଦାବିଗୁଡ଼ିକ ପୂରଣ ହେବା ପର୍ଯ୍ୟନ୍ତ ସ୍କୁଲ୍‌ର ତାଲା ଖୋଲିବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି। ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟି ନ ଦେଇ କୋମଳମତି ଛାତ୍ରଛାତ୍ରୀଙ୍କୁ ଧାରଣାରେ ବସାଉଥିବାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ମନରେଗା କାମରେ ଅନିୟମିତତା ଅଭିଯୋଗ

ଢେଙ୍କାନାଳ,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତରେ ମନରେଗା ଦୁର୍ନୀତି ଦିନକୁ ଦିନ ବଢ଼ୁଛି। କେଉଁଠି ରାତିରେ ମେସିନ ଲଗେଇ କାମ କରାଯାଉଛି ତ କେଉଁଠି କାମ ନ କରି ବିଲ୍ କରାଯାଉଛି। ପ୍ରତିଦିନ ମେଜେରମେଣ୍ଟ୍ ହେବା କଥା କିନ୍ତୁ ଚତୁରତାର ସହ ଫଟୋ ଉଠେଇ ଅପଲୋଡ୍ କରାଯାଉଛି। ଏ ନେଇ ଗତ ୯ ତାରିଖ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି କାନ୍ତୋଲ ଗ୍ରାମର ପ୍ରଶାନ୍ତ ଦେହୁରୀ। କାନ୍ତୋଲ ମାଟି କେନାଲ ମାରୁରିଆ ସାହିର କୌଣସି କାର୍ଯ୍ୟ କରାଯାଇନାହିଁ। ହେଲେ ଏଥିପାଇଁ ୪,୪୦,୨୨୯ ଟଙ୍କା ବିଲ୍ ହୋଇଛି। ଏ ବିଷୟରେ ପ୍ରତିକ୍ରିୟା ପାଇଁ ଯନ୍ତ୍ରୀ ରବିନାରାୟଣ ନନ୍ଦୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ; କୁଶିଦା ବିଜୟୀ



ଗଁଦିଆ,୧୧ ।୨(ସମିସ): ଗଁଦିଆ ବ୍ଲକ ବରଦା ପଞ୍ଚାୟତ କୁଶିଦା ଗ୍ରାମ ଖେଳ ପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଆୟୋଜକ କୁଶିଦା ମାଆ ଜାଗୁଲାଇ ଦଳ ଓ ମାର୍ଥାପୁର ମାଆ କୁସୁମେଇ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। କୁଶିଦା ଦଳ ୫ ଉଇକେଟରେ ବିଜୟୀ ହୋଇଛି। ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ମୁଖ୍ୟଅତିଥି, ସାଂସଦଙ୍କ ପ୍ରତିନିଧି ଲଳିତ କୁମାର ଦାସ ଓ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଭାଗବତ ପାରାୟଣ ପାଇଁ ବୈଠକ

ଢେଙ୍କାନାଳ,୧୧ ।୨(ସମିସ): ଢେଙ୍କାନାଳ ସହର ଦଧିବାମନ ମଠସ୍ଥିତ ଶ୍ରୀ ଭାଗବତ ମଣ୍ଡପରେ ଭାଗବତ ପରିଷଦର ୩ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ମାର୍ଚ୍ଚ ୩ରୁ ୧୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଭାଗବତ ପାରାୟଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତି ସତ୍ୟପ୍ରିୟ ରଥ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ବାଣିଶ୍ରୀ ବିନୋଦ କୁମାର ନାୟକ ସ୍ୱସ୍ତିବାଚକ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସଭ୍ୟ ରବିନାରାୟଣ ମହାନ୍ତି ଅନୁଷ୍ଠାନର ଉନ୍ନତି ବିଷୟରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାକ୍ଷାତ କରି ଅବଗତ କରିବେ ବୋଲି କହିଥିଲେ। ବରିଷ୍ଠ କାର୍ଯ୍ୟକାରିଣୀ ସଭ୍ୟ ଶରତ ମିଶ୍ର, ପୂଜ୍ୟ ସାଧୁ ବନମାଳୀ ଦାସଙ୍କୁ ସମ୍ବର୍ଦ୍ଧନା ସହ କୃତଜ୍ଞତା ପ୍ରଦାନ, ବାବାଙ୍କ ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଅଙ୍ଗବସ୍ତ୍ର ମଗାଇବା ଦାୟିତ୍ୱ ସଭ୍ୟ ଅବନୀ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଉପଦେଷ୍ଟା ଭାବେ ଆର୍ଯ୍ୟରତ୍ନ ଚକ୍ରଧରଙ୍କୁ ଗ୍ରହଣ କରାଯାଇଛି।

## ଦୁଗ୍ଧ ବ୍ୟବସାୟୀ ସଙ୍ଘର ବୈଠକ

ଢେଙ୍କାନାଳ,୧୧ ।୨(ସମିସ): ଢେଙ୍କାନାଳ ସହର ନିକଟ ରଞ୍ଜା ଛକ ଖେଳପଡ଼ିଆରେ ଢେଙ୍କାନାଳ ଦୁଗ୍ଧ ବ୍ୟବସାୟୀ ସଂଘର ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଦୁଗ୍ଧ ବ୍ୟବସାୟୀଙ୍କ ପାଇଁ ସରକାରଙ୍କ ତରଫରୁ ଗୋଟିଏ ବୈଠକ ଗୃହ ନିର୍ମାଣ ନିମନ୍ତେ ନିବେଦନ କରାଯିବ ବୋଲି ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବର୍ଷ ଜାନୁଆରୀରେ ତୀର୍ଥ ଭ୍ରମଣ କରିବାକୁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଘନଶ୍ୟାମ ବାରିକ, ସଭାପତି ପ୍ରକାଶ କୁମାର ବେହେରା, ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା, କୋଷାଧ୍ୟକ୍ଷ ଦୁଃଶାସନ ବେହେରାଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଯୋଗଦେଇଥିଲେ।

## କୁମୁରୁସିଂହା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ହିନ୍ଦୋଳ,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତର୍କବେଡ଼ା କୁମୁରିସିଂହ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି, ସାଂସଦ ପ୍ରତିନିଧି ସୁଶାନ୍ତ ପତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବରୁଣ କୁମାର ସର, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ, ବୌଦ୍ଧିକ, ନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶରେ ଶିକ୍ଷକ ଏବଂ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସଭାପତି ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ସର୍ବେଶ୍ୱର ବେହେରା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। କିରାଣି ବିପିନବିହାରୀ ସାମଲ ଦେବଧ୍ୱନି, ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଖେଳ ଶିକ୍ଷକ ରାଜେନ୍ଦ୍ର ସାମଲ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଉପେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ସଦସ୍ୟ ଗିରୀଶ ଚନ୍ଦ୍ର ପ୍ରଧାନ, ଭାଗୀରଥି ପ୍ରଧାନ, ଶିକ୍ଷକ ତରୁଣ ସେନ ସାହୁ, ମନୋଜ ପ୍ରଧାନ, ମନୋଜ ସାମଲ, ଗୌରାଙ୍ଗ ଜେନାମଣି, କର୍ମଚାରୀ ପୟୋଧର ବେହେରା, ଯୁଗଳକିଶୋର ବେହେରା ସହଯୋଗ କରିଥିଲେ।

## ମୁକୁଳା ଡ୍ରେନରେ ଫସିଗଲା କାର୍

ଗଁଦିଆ,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ଗଁଦିଆ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗତ ୪ବର୍ଷ ଧରି



ବ୍ଲକର ଲାଇଫଲାଇନ ଭାବେ ପରିଚିତ ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇଥିବା ବେଳେ ସବୁ ଜାଗାରେ ଡ୍ରେନ ଉପରେ ଢାଙ୍କୁଣି ପଡ଼ି ନାହିଁ। ଫଳରେ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ୧୦ ତାରିଖ ବ୍ୟସ୍ତବହୁଳ ଗଁଦିଆ ହାଟ ଛକଠାରେ ମୁକୁଳା ଡ୍ରେନ ଭିତରକୁ ଏକ କାର ଖସି ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ କାର ଚାଳକ ଏବଂ ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ କାର ଉଦ୍ଧାର କରାଯାଇଥିଲା। ମୁକୁଳା ଡ୍ରେନଗୁଡ଼ିକୁ ଢାଙ୍କୁଣି ଘୋଡ଼ାଇବାକୁ ବାରମ୍ବାର ଦାବି ହୋଇଆସୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କିମ୍ବା ଠିକାଦାର କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମହାମହିମା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ




ଖଜୁରିଆକଟା,୧୧ ।୨(ସମିସ): ହିନ୍ଦୋଳ ବ୍ଲକ ବ୍ରହ୍ମପୁରସ୍ଥିତ ମହାମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗିରିଧରପ୍ରସାଦ ସରପଞ୍ଚ ସୁମିତ୍ରା ସେଠୀ, ମୁଖ୍ୟବକ୍ତା ଭାବେ ଶରତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ରସଂସଦ ସଭାପତି ମୁରଲୀଧର ପ୍ରଧାନ, ଗ୍ରାମ ସଭାପତି ଗୁଣଧର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମାଝୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସଞ୍ଜୟ କୁମାର ମିଶ୍ର, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ସମାଜସେବୀ ବିଜୟ କୁମାର ଜେନା, ଶିକ୍ଷକ ଅଭୟ କୁମାର ସାହୁ, ପଙ୍କଜ ଲୋଚନ ସାହୁ, ଶିବପ୍ରସାଦ ସାହୁ, ନିର୍ମଳ ଚନ୍ଦ୍ର ସାମଲ, ସର୍ବେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜସ୍ମିନ୍ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବକବି ସିପୁନ ଜେନା ଓ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଭଗବାନ ସାହୁ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଋତୁସ୍ମିତା ଦେହୁରୀ, ପରିଚାଳନା କମିଟି ସଭ୍ୟ ମଙ୍ଗରାଜ ସାହୁ, ସଭ୍ୟା ଅଞ୍ଜିତା ଦେହୁରୀ, ସୁଚିନ୍ ଭୋକ୍ତା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅମୂଲ୍ୟ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଣୀ ଚିକିତ୍ସାଳୟରେ ଅଗ୍ନିକାଣ୍ଡ



କଙ୍କଡ଼ାହାଡ଼,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାବପତ୍ର ସହ କମ୍ପ୍ୟୁଟର ଏବଂ ଔଷଧ ପୋଡ଼ି ନଷ୍ଟ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଦୀର୍ଘବର୍ଷ ଧରି ଏହି ଗୃହରେ କାର୍ଯ୍ୟାଳୟ ଚାଲି ଆସିଥିଲା। ନୂତନ କାର୍ଯ୍ୟାଳୟ ଉଦଘାଟନ ପରେ ବି କାର୍ଯ୍ୟକ୍ଷମ ହେଉନାହିଁ। କେହି ନିଆଁ ଲଗାଇ ଦେଇଥିବା କୁହାଯାଉଛି। ଗଣମାଧ୍ୟମ ପ୍ରତିନିଧି ଏ ସମ୍ପର୍କରେ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଏହାକୁ ଏଡ଼ାଇ ଦେଇଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଦେବରଞ୍ଜନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଭୁବନ,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ପଳାଶପିଠିଆଠାରେ ନେତାଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦେବରଞ୍ଜନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ପ୍ରଥମ ମ୍ୟାଚ ସାମଳ ଏବଂ ଢେଙ୍ଗାବାହାଳି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାମଳ ୧୨୩ ରନ କରିଥିଲା। ଜବାବରେ ଢେଙ୍ଗାବାହାଳି ଦଳ ୯୭ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଭୁବନ ଏବଂ ରାସୋଳ ମଧ୍ୟରେ ହୋଇଥିଲା। ରାସୋଳ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନ ୯୮ ରନ କରି ବିଜୟୀ ହୋଇଥିଲା। ତୃତୀୟ ତଥା ସେମିଫାଇନାଲ ମ୍ୟାଚ ସାମଳ ଏବଂ ଭୁବନ ମଧ୍ୟରେ ହୋଇଥିଲା। ଭୁବନ ୧୦୧ ରନ କରିଥିଲା। ଜବାବରେ ସାମଳ ୭୬ରନ କରି ପରାସ୍ତ ହୋଇଥିଲା। ଭୁବନ ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଅତିଥିଭାବେ ଗ୍ରାମର ତିନି ପୂର୍ବ ସେନା ଅଧିକାରୀ ପବିତ୍ର ଜେନା, ବିରଞ୍ଚି ମହାପାତ୍ର, ଅକ୍ଷୟ ରାଉତ, ପ୍ରାକ୍ତନ ଶିକ୍ଷକ ସୁମାଳୀ ଚନ୍ଦ୍ର ଜେନା, ଗଡ଼ନୃସିଂହପ୍ରସାଦ ସମବାୟ ସମିତି ସଭାପତି ପ୍ରତାପ କଅଁର ଏବଂ ସମାଜସେବୀ ଶାନ୍ତନୁ ପ୍ରଧାନ ଉପସ୍ଥିତ ଥିଲେ। ତନ୍ମୟ କଅଁର ଏବଂ ବିଶ୍ୱଜିତ କଅଁର ଖେଳ ପରିଚାଳନା କରିଥିଲେ। କୃଷ୍ଣକମଳ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ।

## ଜିଲ୍ଲା ଠିକାଦାର ସଙ୍ଘ ବୈଠକ




ଢେଙ୍କାନାଳ,୧୧ ।୨(ସମିସ): ଢେଙ୍କାନାଳ ସହର ଉପକଣ୍ଠ ବୋରାପଦା ନିକଟ ଆମ୍ବ ବଗିଚାରେ ବୁଧବାର ଢେଙ୍କାନାଳ ଜିଲ୍ଲା ଠିକାଦାର ସଂଘର ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ୮ ବ୍ଲକରୁ ୭୦୦ରୁ ଉର୍ଦ୍ଧ୍ୱ ଠିକାଦାର ଏଥିରେ ଯୋଗଦେଇଥିଲେ। ବରିଷ୍ଠ ଠିକାଦର ଜି ପରମେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସଞ୍ଜୟ କୁମାର ଭଞ୍ଜ ସଭାପତିତ୍ୱ କରିଥିଲେ। ରାଜ୍ୟ ଠିକାଦାର ମହାସଂଘ ସଭାପତ ଅନିଲ କୁମାର ମହାଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଠିକାଦାରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସରକାରୀ କାର୍ଯ୍ୟ ଉପରେ ଥିବା ୧୪.୯୯ ପ୍ରତିଶତକୁ ଉଠାଇନେବା ଫଳରେ ଠିକାଦାର ମାନେ କାର୍ଯ୍ୟଦେଶଗୁଡ଼ିକୁ ୩୦ରୁ ୬୦ ପ୍ରତିଶତ କମ୍ ରେଟରେ ଟେଣ୍ଡର ନେଉଛନ୍ତି। ଫଳରେ ନିମ୍ନ ମାନର କାର୍ଯ୍ୟ ହେଉଛି ବୋଲି କହିଥିଲେ। ସେଥିପାଇଁ କୌଣସି କାର୍ଯ୍ୟକୁ କମ୍‌ରେ କରିବେ ନାହିଁ ବା ଅନ୍ୟ କୌଣସି ସଂସ୍ଥାକୁ ଟେଣ୍ଡର କମ୍ କରିବାକୁ ବାରଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ବାହାର ଜିଲ୍ଲାର ଠିକାଦାରଙ୍କୁ ଜିଲ୍ଲାରେ କୌଣସି ସରକାରୀ ଠିକା କାମରେ ପୂରାଇ ନ ଦେବାକୁ ସମସ୍ତେ ସଂକଳ୍ପ ନେଇଛନ୍ତି। ବୈଠକରେ ରାଜ୍ୟ ଠିକାଦରା ସଂଘ ଉପସଭାପତି ହେମବତି ନନ୍ଦନ ଚକ୍ରବର୍ତ୍ତୀ, କୋର କମିଟି ସଦସ୍ୟ ଅନିରୁଦ୍ଧ ବାରିକ, ରମାକାନ୍ତ ଜେନା, ପ୍ରସନ୍ନ କୁମାର ଦାସ, ସଞ୍ଜୟ କୁମାର ମିଶ୍ର, ଉମା ସାମନ୍ତରାୟ, ଇଂ ତାରେଣୀ ଦାସ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ସୁବାସ ଚନ୍ଦ୍ର ପାଲ, ଓଡ଼ାପଡ଼ାର ରଘୁନାଥ ରାଉତ, କାମକ୍ଷାନଗରରୁ ଶିଶିରକାନ୍ତ ପଣ୍ଡା, ଗନ୍ଦିଆରୁ ସନ୍ତୋଷ କୁମାର ସାହୁ, ଢେଙ୍କାନାଳର ଭରତ କୁମାର ଦାସ ପ୍ରମୁଖ ଯୋଗଦେଇ ସିଡ୍ୟୁଲ୍ଡ ରେଟରେ ଟେଣ୍ଡର ପକାଇ କାମ କରିବାକୁ ମତବ୍ୟକ୍ତ କରିଥିଲେ। ଇଂ ଭୁପେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ପଲ୍ଲିଟେକ୍ନିକରେ ବାଳିକା ଏକ୍ସପୋଜର ପରିଦର୍ଶନ



ଢେଙ୍କାନାଳ,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା ମହିଷାପାଟ ସରକାରୀ ପଲିଟେକ୍ନିକ୍‌ରେ ଡିପ୍ଲୋମା ଶିକ୍ଷା ପାଇଁ ଦିନକିଆ ବାଳିକା ଏକ୍ସପୋଜର୍ ପରିଦର୍ଶନ ଏବଂ ବୃତ୍ତି ପରାମର୍ଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ସୁଧାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ସଂସାଧନ ପରାମର୍ଶଦାତା ଭାବେ ୟୁନେସ୍କୋର ଆଜୀବନ ସଦସ୍ୟ, ରାଷ୍ଟ୍ରପତି ସ୍କାଉଟ୍ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ସୁଦକ୍ଷା ଯୋଜନାରେ ବୈଷୟିକ, ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଯୋଗଦେଇ ନିଜ ଦକ୍ଷତା ବୃଦ୍ଧି ସହ କିପରି ଆତ୍ମନିର୍ଭରଶୀଳ, ନିଯୁକ୍ତି ଓ ଉଚ୍ଚଶିକ୍ଷା ମଧ୍ୟ ପାଇପାରିବେ ସେ ସମ୍ପର୍କରେ ଡ. ମିଶ୍ର ସୂଚନା ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେଶନ୍ ବିଭାଗ ମୁଖ୍ୟ ଇଂ ବିଶ୍ୱମୋହନ ବେହେରା, ମେକାନିକାଲ ବିଭାଗ ମୁଖ୍ୟ ଇଂ. ପ୍ରଦୀପ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଛାତ୍ରୀମାନଙ୍କୁ ସମସ୍ତ ବିଭାଗ ଗବେଷଣାଗାର ଓ କର୍ମଶାଳା ପ୍ରଦର୍ଶନ କରିଥିଲେ। ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସ୍ମିତିସୁଧା ଜେନାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ୍ ବିଭାଗ ଅଧ୍ୟାପକ ସରୋଜକାନ୍ତ ରଏ ଧନ୍ୟବାଦ ଅର୍ପଣ କରିଥିଲେ।

### ● ହାତୀ ଆକ୍ରମଣରେ ତିନିଜଣଙ୍କ ମୃତ୍ୟୁ ଘଟଣା

## ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୧୧ ।୨(ସମିସ): ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ଲୋଚାପଲୀ ଗ୍ରାମରେ ହାତୀ ଆକ୍ରମଣରେ ତିନି ମୃତକ ଓ ଆହତଙ୍କ ପରିବାରକୁ ପୂର୍ବତନ ବିଧାୟକ ସୁଧୀର ସାମଲ ଭେଟିବା ସହ ସମବେଦନା ଜଣାଇଛନ୍ତି। ଜଙ୍ଗଲରୁ କାଠ ସଂଗ୍ରହ କରି ନିଜ ପରିବାର ଚଳାଉଥିବା କାଇମାଟି ପଞ୍ଚାୟତ ଲୁଚାପଲି ଗ୍ରାମର ତିନି ମହିଳା ହାତୀ ଆକ୍ରମଣରେ ପ୍ରାଣ



ହରାଇଥିବା ବେଳେ ଅନ୍ୟ ୬ଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏଭଳି ଦୁଃଖଦ ଘଟଣାରେ ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ବିଜେଡିର ଏକ ଟିମ୍ ସହ ବୁଧବାର ଲୁଚାପଲି ଗ୍ରାମରେ ପହଞ୍ଚି ମୃତାହତଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ôଥକ ସାହାଯ୍ୟ ପ୍ରଦାନ କରିଛନ୍ତି। ଜଙ୍ଗଲ ବିଭାଗ ଓ ଜିଲ୍ଲା ପ୍ରଶାସନର ଅପାରଗତା ପାଇଁ ଆଜି ତିନିଟି ନିରୀହ ଜୀବନ ଚାଲିଗଲା ବୋଲି ଏହି ଅବସରରେ ପୂର୍ବତନ ବିଧାୟକ ସାମଲ କହିଥିଲେ। ଘଟଣାକୁ ଦୁଇଦିନ ବିତିଥିଲେ ମଧ୍ୟ କୌଣସି ଲୋକ ପ୍ରତିନିଧି କିମ୍ବା ବନ ବିଭାଗ ବା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଆସି ପରିବାରକୁ ନ ଭେଟିବା କ୍ଷୋଭର ବିଷୟ ବୋଲି କହିଥିଲେ। ମୃତାହତଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ସହିତ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ଦଳର ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଏ ବିଷୟରେ ଅବଗତ କରାଇ ଏହାକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁରୋଧ କରିବେ ବୋଲି କହିଥିଲେ।

# ୨୦ରୁ ଶରଣ ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଢେଙ୍କାନାଳ/ଓଡ଼ାପଡ଼ା,୧୧ ।୨(ସମିସ):




ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ରଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୦ ତାରିଖରୁ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ମାଝୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ, ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା, ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅନନ୍ତ କୁମାର ରାଉଳ, ଏକଘରିଆ ଗ୍ରାମ କମିଟି ସଭାପତି ଭାବଗ୍ରାହୀ ପରିଡ଼ା, ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସଭାପତି ଜୟନ୍ତ କୁମାର ପରିଡ଼ା, ମନ୍ଦିର ମୁଖ୍ୟ ଚିଣ୍ଟୁବାବା, ରାମଚଣ୍ଡୀ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାମଲଙ୍କ ସହ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି, ଗାଁ ମୁଖିଆ, ସମ୍ପୃକ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଆଇନ୍‌ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ, ବିଦ୍ୟୁତ ଆଲୋକ, ସ୍ୱାସ୍ଥ୍ୟସେବା ଆଦି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ଚଳିତ ମାସ ୨୦ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୧୩ ଦିନ ଧରି ଉତ୍ସବ ଚାଲିବାକୁ ଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସମସ୍ତଙ୍କ ସହଯୋଗ ପାଇଁ ନିବେଦନ କରାଯାଇଛି। ଶେଷରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଚ୍ଛିନ୍ନ ପରିବାରଙ୍କ ଆଶାର ଆଲୋକ 'ସ୍ନେହ ସେତୁ' ଅଭିଯାନ

# ଘରକୁ ବାହୁଡିଲେ ନିଖୋଜ ପୁତୁଲ ମାର୍ଡି

ଝାରସୁଗୁଡ଼ା, ୧୧।୨(ସମିସ)

ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ଏବେ ଅନେକ ବିଚ୍ଛିନ୍ନ ପରିବାର ପାଇଁ ଆଶାର ଆଲୋକ ସାଜିଛି। ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନଙ୍କ ମାନବୀୟ ଆଭିମୁଖ୍ୟ ଯୋଗୁଁ ଆଜି ଜଣେ ନିଖୋଜ ବ୍ୟକ୍ତି ନିଜ ପରିବାରକୁ ଫେରିଛନ୍ତି। ସେହେଲେ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଅଞ୍ଚଳରେ ନିଖୋଜ ହୋଇ ବାଟବଣା ହୋଇଥିବା ପୁତୁଲ ମାର୍ଡି। ସେ ଆଜି ନିଜ ଭାଇଙ୍କ ସହ ଘରକୁ ଫେରିଛନ୍ତି। ଗତ ଫେବୃଆରୀ ୧ ତାରିଖରେ ଟାଉନ ପୁଲିସ ଦ୍ୱାରା ସୁନାରୀମୁଣ୍ଡା ଅଞ୍ଚଳରୁ ଉଦ୍ଧାର ହୋଇଥିବା ପୁତୁଲଙ୍କୁ ତାଙ୍କ ପରିବାର ସହ ପୁନଃମିଳନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଖୋଜିବା ଆରମ୍ଭ କରିଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀମାନେ ଝାଡ଼ଖଣ୍ଡ ପ୍ରଶାସନ ସହ ଯୋଗାଯୋଗ କରି ପୁତୁଲଙ୍କ ପରିବାରର ସନ୍ଧାନ ପାଇଥିଲେ। ଆଜି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



## ସମ୍ବର୍ଦ୍ଧନା ଜଣାଇ ପରିବାରକୁ ହସ୍ତାନ୍ତର କଲା ପ୍ରଶାସନ

## ୪ ବର୍ଷ ପରେ ପରିବାରକୁ ଫେରିଲେ ସବା ନୁର

ଝାରସୁଗୁଡ଼ା, ୧୧।୨(ସମିସ): ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ଯୋଗୁଁ ଉତ୍ତରପ୍ରଦେଶର ସବା ନୁର ନାମ୍ନୀ ଜଣେ ମହିଳା ଦୀର୍ଘ ୪ ବର୍ଷ ପରେ ନିଜ ପରିବାରକୁ ଫେରିଛନ୍ତି। ସୂଚନାନୁଯାୟୀ, ସବା ନୁରଙ୍କୁ ସମ୍ବଲପୁରର ହୀରାକୁଦ ପୁଲିସ ଉଦ୍ଧାର କରିବା ପରେ ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଯତ୍ନ ନିଆଯାଉଥିଲା। ସେଠାରେ ତାଙ୍କୁ ଆବଶ୍ୟକୀୟ କାଉନସେଲିଂ ପ୍ରଦାନ କରାଯିବା ସହ ତାଙ୍କ ଘରର ଠିକଣା ଖୋଜିବା ପାଇଁ 'ସ୍ନେହ ସେତୁ' ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସବାଙ୍କ ପରିବାର ସଦସ୍ୟମାନେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଏକ ଭାବପୂର୍ଣ୍ଣ ପରିବେଶରେ ଜିଲ୍ଲାପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ହସ୍ତାନ୍ତର କରାଯାଇଛି। ଦୀର୍ଘ ୪ ବର୍ଷର ଅପେକ୍ଷା ପରେ ତାଙ୍କୁ ପାଖରେ ପାଇ ପରିବାର ଲୋକେ ପ୍ରଶାସନ ଓ 'ସ୍ନେହ ସେତୁ' ଅଭିଯାନକୁ କୃତଜ୍ଞତା ଜଣାଇଛନ୍ତି।



# ଧୁତରା ଷ୍ଟେସନରେ ଦିବ୍ୟାଙ୍ଗଙ୍କୁ ମିଳୁନି ରିହାତି ଟିକଟ୍

ଝାରସୁଗୁଡା, ୧୧।୨(ସମିସ): ଦକ୍ଷିଣ ପୂର୍ବ ହାୱାଡା ବମ୍ବେ ରେଳପଥ ଚକ୍ରଧର ଡିଭିଜନ ଧୁତରାଷ୍ଟେସନରେ କମ୍ପ୍ୟୁଟରରେ ସହଜ ସରଳ ଉପାୟରେ ଟିକଟ ମିଳୁଛି। କିନ୍ତୁ କୌଣସି ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ରିହାତି ଟିକଟ ମିଳିବାର ଏଠାରେ ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଦିବ୍ୟାଙ୍ଗ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ରାଉରକେଲାରୁ ଧୁତରାକୁ ରିହାତି ଦରରେ ଟିକଟ ନେଇ ଟ୍ରେନରେ ଯାତାୟାତ କରୁଛି। କିନ୍ତୁ ଧୁତରାରୁ ରାଉରକେଲାକୁ ଯିବା ସମୟରେ ରିହାତି ଦରରେ ଟିକଟ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଷ୍ଟେସନ ଷ୍ଟାଫଙ୍କୁ ପଚାରିଲେ, ଧୁତରା ଏକ ଛୋଟିଆ ଷ୍ଟେସନ, କେବଳ ଲୋକାଲ ଟ୍ରେନଗୁଡିକର ରହଣୀ ଅଛି, ଲୋକାଲ ଟ୍ରେନରେ ଦିବ୍ୟାଙ୍ଗ ପାଇଁ କୌଣସି ସ୍ୱତନ୍ତ୍ର ବଗି କି ସ୍ୱତନ୍ତ୍ର ବ୍ୟବସ୍ଥା ରହୁ ନ ଥିବା କହିବା ସହ ଧୁତରା ଷ୍ଟେସନରୁ ଦିବ୍ୟାଙ୍ଗ ପାଇଁ କୌଣସି ରିହାତି ଟିକଟର ସିଷ୍ଟମ ନାହିଁ ବୋଲି ଶୁଣିବାକୁ ମିଳୁଥିବା ଦିବ୍ୟାଙ୍ଗ ଯାତ୍ରୀ କହିଛନ୍ତି। ଯାହାଫଳରେ ରାଉରକେଲାରୁ ଧୁତରା ଆସି ପୁଣି ଫେରିବା ବେଳେ ପୂର୍ଣ୍ଣ ମାତ୍ରାରେ ୫୦ ଟଙ୍କା ମୂଲ୍ୟର ଟିକେଟ ନେଇ ରେଳଯାତ୍ରା କରିବାକୁ ବାଧ ହେଉଛନ୍ତି। ଇଂରେଜ ଅମଳରୁ ତିଆରି ଧୁତରା ଷ୍ଟେସନଟିର ବର୍ତ୍ତମାନ ସୁଦ୍ଧା ଅବ୍ୟବସ୍ଥା ଘେରରେ ରହିଛି। ପିଇବା ପାଣି, ବସିବା ପାଇଁ ସିଟ, ସନ୍ଧ୍ୟାରେ ସଠିକ ବିଜୁଳି ଆଲୁଅର ବ୍ୟବସ୍ଥା ନାହିଁ। ଧୁତରା ଷ୍ଟେସନ ନିକଟସ୍ଥ ଅଲଟ୍ରାଟେକ୍ ସିମେଣ୍ଟ କାରଖାନାରୁ ମାସକୁ ୫ କୋଟିରୁ ଊର୍ଦ୍ଧ୍ୱ ରେଳ ବିଭାଗକୁ ରାଜସ୍ୱ ଯାଉଥିବା ସତ୍ତ୍ୱେ ଧୁତରା ଷ୍ଟେସନଟି ଅବହେଳିତ, ଜର୍ଜରିତ ଅବସ୍ଥାରେ ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନରୁ ରେଳଲାଇନ ଗୁଡ଼ିକ ନିର୍ମାଣଧୀନ ଅବସ୍ଥାରେ ଥିବାର କାରଣ ଦର୍ଶାଇ ପ୍ଲାଟଫର୍ମ ଗୁଡ଼ିକ ଅବ୍ୟବସ୍ଥାରେ ପଡ଼ି ରହିଛି। ଦିବ୍ୟାଙ୍ଗଙ୍କ ସମେତ ସାଧାରଣ ଲୋକେ ମଧ୍ୟ ଏହି ଷ୍ଟେସନରୁ ଯାତାୟାତ ସମୟରେ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ନଜର ରହିଛି। ଏଥିପ୍ରତି ରେଳ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।



# ଘର ଉପରକୁ ମାଡିଗଲା ବରଯାତ୍ରୀ ବସ୍

ରିଆମାଳ, ୧୧।୨(ସମିସ): ରିଆମାଳ ଥାନା ତେନ୍ତଲାବାହାଳ ପଞ୍ଚାୟତ ବିଲେଇନାଳୀ ଗ୍ରାମରେ ଆଜି ସକାଳୁ ଏକ ବରଯାତ୍ରୀ ବସ୍ ଭାରସାମ୍ୟ ହରାଇ ଏକ ଘର ଉପରକୁ ମାଡିଯାଇଥିଲା। ଏଥିରେ କାନ୍ଥ ପଡ଼ି ଜଣେ ମହିଳା ଆହାତ ହୋଇଛନ୍ତି। ସୂଚନା ଅନୁସାରେ ମା' ନାମକ ଏକ ଘରୋଇବସ୍ ରିଆମାଳ ଥାନା ଚିଙ୍ଗୁଡ଼ିଝରଣ ଗ୍ରାମରୁ ବରଯାତ୍ରୀ ନେଇ ବଡ଼ରମା ସ୍ଥିତ କଦଳୀପାଳ ଗ୍ରାମକୁ ଯାଉଥିଲା। ବିଲେଇନାଳୀ ଗ୍ରାମରେ ଭାରସାମ୍ୟ ହରାଇ ହଠାତ ରାସ୍ତା କଡରେ ଥିବା କୃଷ୍ଣଚନ୍ଦ୍ର ଧାଙ୍ଗରଙ୍କ ଘର ମଧ୍ୟକୁ ବସ୍‌ଟି ପଶିଯାଇଥିଲା। ବସ୍ ଧକ୍କା ଦେବା ଫଳରେ କୃଷ୍ଣଚନ୍ଦ୍ରଙ୍କ ରୋଷେଇ ଘରର ଇଟା କାନ୍ଥ ଭାଙ୍ଗି ଯାଇଥିବା ବେଳେ ସେଠାରେ ଥିବା ଜଣେ ମହିଳା ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଲେ କୃଷ୍ଣଚନ୍ଦ୍ରଙ୍କ ଭଉଣୀ ଅର୍ଥାତ୍ ନିକଟସ୍ଥ ଟିକିଲିଝରଣ ଗ୍ରାମର ଇନ୍ଦୁ ମୁଣ୍ଡା(୩୫)। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। କୃଷ୍ଣଚନ୍ଦ୍ରଙ୍କ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁଦ୍ଧି କାର୍ଯ୍ୟକ୍ରମ ପାଇଁ ଇନ୍ଦୁ ବାପାଙ୍କ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଛି। ଖବରପାଇ ରିଆମାଳ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟା ପର୍ଯ୍ୟନ୍ତ ବୁଝାସୁଝା ଚାଲିଥିଲେ ସୁଦ୍ଧା ସମାଧାନ ହୋଇ ପାରି ନାହିଁ।

## କାନ୍ଥ ପଡ଼ି ଜଣେ ଆହତ




# ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଇଣ୍ଟର୍‌ନେଟ୍ ଦିବସ

ଦେବଗଡ଼, ୧୧।୨(ସମିସ): ଦେବଗଡ଼ ପଲିଟେକନିକ୍‌ଠାରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି। ଦିବସରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରେଣ୍ୟ ଅତିଥି ଭାବେ ପଲିଟେକ୍‌ନିକ୍ ଅଧ୍ୟକ୍ଷ ବସନ୍ତ ଗନ୍ତାୟତ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣି ବେହେରା, ନେଟୱର୍କ ଇଞ୍ଜିନିୟର ବିଶ୍ୱରଞ୍ଜନ ବିଶ୍ୱଜିତ୍, ସତ୍ୟବ୍ରତ ନାୟକ, ସିଏମଜିଆଇ କୋର୍ଡିନେଟର ବନଲତା ସାହୁ, ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ ଯୋଗଦେଇଥିଲେ। ଆଧୁନିକ ବିଜ୍ଞାନ ଦ୍ୱାରା ଇଣ୍ଟରନେଟ ଉଦ୍ଭାବନ ଓ ବ୍ୟବହାର ବିଶ୍ୱରେ ଏକ ଅଭୁତ ପୂର୍ବ ଘଟଣା। ଇଣ୍ଟରନେଟ ବ୍ୟବହାର ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧିବାରେ ସଫଳ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲାଇଫ ସ୍କିଲ୍ ଟ୍ରେନର ଦେବାଶିଷ ବ୍ରହ୍ମା ଓ ପଲିଟେକନିକ୍‌ର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ଜିଲ୍ଲାସ୍ତରୀୟ ପ୍ରାଣୀ ସମ୍ପଦ ବିକାଶ ସମୀକ୍ଷା ବୈଠକ

# ପ୍ରାଣୀ ପାଳକଙ୍କ ଉନ୍ନତି ଉପରେ ଗୁରୁତ୍ୱ

ଝାରସୁଗୁଡ଼ା, ୧୧।୨ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ ଏବଂ ଚାଷୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟତଃ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା', 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଏବଂ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା'ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ପ୍ରାଣୀ ପାଳକମାନେ କିଭଳି ସହଜରେ ଏହି ଯୋଜନାଗୁଡ଼ିକର ସୁଫଳ ପାଇପାରିବେ ଏବଂ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ସହ ଅନ୍ୟାନ୍ୟ ପ୍ରାଣୀଜ ସମ୍ପଦର ଅଭିବୃଦ୍ଧି ଘଟିବ, ସେଥିପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଆର୍ ସୁଟ୍, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୟାସାଗର ଦୁରିଆ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଧାଂଶୁ ଶେଖର ଦାଶ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅରବିନ୍ଦ ଜେନା, ସାମୁଲ୍ ଜେନେରାଲ ମ୍ୟାନେଜର ଡ. ସରୋଜ ସାହୁ, ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକ, କୃଷି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜିଏସ୍ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, ଏସିଏଫ୍ ଲଳିତ କୁମାର ନାୟକ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

ଦେବଗଡ଼, ୧୧।୨(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କିଶୋର ଓ କିଶୋରୀ ମାନଙ୍କ ଦିନିକିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ୩ ବ୍ଲକରୁ ଆସିଥିବା କିଶୋର କିଶୋରୀ ମାନଙ୍କୁ ବିଭିନ୍ନ ଉନ୍ନତମୂଳକ କୌଶଳ ଓ ବୈଷୟିକ ଶିକ୍ଷା, ଡିଜିଟାଲ ସାକ୍ଷରତା ଏବଂ କମ୍ପ୍ୟୁଟର ଶିକ୍ଷା, ଆଦାନ ପ୍ରଦାନ ଏବଂ ଜ୍ଞାନ କୌଶଳ ଓ ଯୋଗାଯୋଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥି ସୃଷ୍ଟି ଅବିନାଶ ପୁରୀ, ଆସିଷ୍ଟାଣ୍ଟ ପ୍ରଫେସର ସତରୂପା ମିଶ୍ର, କମ୍ପ୍ୟୁଟର ଶିକ୍ଷକ ଅଭିଲିପ୍ସା ମିଶ୍ର କିଶୋର କିଶୋରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩ ବ୍ଲକର କିଶୋର କିଶୋରୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା ସଂଯୋଜନା କରିଥିଲେ।

# ମହିଳା ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ




ଦେବଗଡ଼, ୧୧।୨ (ସମିସ): ଦେବଗଡ଼ ମହିଳା ମହାବିଦ୍ୟାଳୟଠାରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ ଓ ବରେଣ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୁନୀଲ କୁମାର ଦାସ, ଅଧ୍ୟାପକ ଧୀରେନ୍ଦ୍ର ନାଗ ଯୋଗଦେଇ ନିଶା ସେବନ ନ କରିବା ଓ ଭାରତକୁ ନିଶା ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବରୁ ଆୟୋଜିତ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ରୋଜାଲିନ ସାହୁ, ଦ୍ୱିତୀୟ ହିରଣ୍ମୟୀ ନାୟକ, ତୃତୀୟ ଦେବକୀ ମାଝି ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ମହିମା ଲାକ୍ରା, ଦ୍ୱିତୀୟ ରାଜେଶିନି ନାୟକ, ତୃତୀୟ ହିରଣ୍ମୟୀ ନାୟକଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

# 'ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା' କର୍ମଶାଳା

ଦେବଗଡ଼, ୧୧।୨(ସମିସ): ଜିଲ୍ଲା କୋଷାଗାର ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନସନ ଯୋଜନା ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କର୍ମଶାଳାରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା (ଏନପିଏସ)ରେ ଅନ୍ତର୍ଭୁକ୍ତ ଓଡ଼ିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ସଂଲଗ୍ନ ଉଠାଣ ଓ ବିତରଣ ଅଧିକାରୀମାନଙ୍କୁ ଭୁବନେଶ୍ୱରର ରାଷ୍ଟ୍ରୀୟ ପେନସନ ଯୋଜନା (ଏନପିଏସ)ର ପଙ୍କଜ୍ କୁମାର ମହାନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ଓ କୋଷାଗାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୧୧।୨ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ(ଡିଏଲ୍‌ଏସ୍‌ଏ) ଝାରସୁଗୁଡ଼ା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଲଇକେରା ବ୍ଲକ ଅନ୍ତର୍ଗତ ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନାଲସାର ବାଲ୍ୟବିବାହ ଦୂରୀକରଣ ଯୋଜନା, ୨୦୨୫ ଅନ୍ତର୍ଗତ ମାନକ କାର୍ଯ୍ୟ ପ୍ରଣାଳୀ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ତିଆ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଲାଇକେରା ବ୍ଲକ ଗସ୍ତ



ଝାରସୁଗୁଡା, ୧୧।୨(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ ଆଜି ଲାଇକେରା ବ୍ଲକ ଗସ୍ତ କରି ବିଭିନ୍ନ ଶିକ୍ଷା ଓ ଭିତ୍ତିଭୂମି ପ୍ରକଳ୍ପର ତଦାରଖ କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଜାମମାଲ ଗ୍ରାମ ପଞ୍ଚାୟତର ଗଞ୍ଜୁଡିହି ଗ୍ରାମରେ ପହଞ୍ଚି ନିର୍ମାଣାଧୀନ ହକି ଷ୍ଟାଡିୟମର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଷ୍ଟାଡିୟମ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ଜାମମାଲ ପଞ୍ଚାୟତ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ପାଠପଢ଼ା ଏବଂ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଜାମମାଲସ୍ଥିତ ଜଗନ୍ନାଥ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ଲାଇକେରା ବିଡ଼ିଓ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ରହିଥିଲେ।

# ପ୍ଲାଷ୍ଟିକ ମୁକ୍ତ ପିକ୍‌ନିକ୍ ସ୍ଥଳ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୧।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ପରିବେଶ ସମିତି ପକ୍ଷରୁ ବୁଢ଼ୀପଦର ନିକଟରେ ଥିବା ଇବ ନଦୀ କୂଳ ଠାରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅତିରିକ୍ତ ପରିବେଶ ଯନ୍ତ୍ରୀ ସମ୍ବିତ ମେହେର ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଦୈନନ୍ଦିନ ଜୀବନ ଉପରେ ଏହାର କୁପ୍ରଭାବ ନେଇ ମତବ୍ୟକ୍ତ କରିଥିଲେ। କଣ୍ଟାପାଲି ସ୍ଥିତ ପିକେଏସଏସ କଲେଜ ଅଧ୍ୟକ୍ଷ ବୃନ୍ଦାବନ ମେହେର, ଅଧ୍ୟାପିକା କିରଣ ମହାପାତ୍ର, ବରିଷ୍ଠ ଲାଇବ୍ରେରିଆନ ଦେବାନନ୍ଦ ପଟେଲ, କଣ୍ଟାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ ସାହୁ, ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ଗିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାରକୁ ପିକନିକ ସ୍ଥଳ, ବିଭିନ୍ନ ପାର୍କ କିମ୍ବା ଦର୍ଶନୀୟ ସ୍ଥାନରେ ସଚେତନତା ଜରିଆରେ ବନ୍ଦ କରାଯାଇପାରିବ ବୋଲି ମତ ରଖିଥିଲେ। ବନବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅତିଥି ଗଣ, ଛାତ୍ରଛାତ୍ରୀ ଓ ବନବିଭାଗ କର୍ମଚାରୀ ମିଳିତ ଭାବେ ଇକୋ ପାର୍କ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅଞ୍ଚଳକୁ ସଫା କରିଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସକୁ ଗୁରୁତ୍ୱ

ଝାରସୁଗୁଡ଼ା, ୧୧।୨(ସମିସ): ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ଚିକିତ୍ସା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ ବିଭାଗର ଆରଏମଏନସିଏଏଚ ପ୍ଲସ ଏନ ଅର୍ଥାତ୍ ପ୍ରଜନନ, ମାତୃ, ନବଜାତ ଶିଶୁ, ଶିଶୁ ଏବଂ କିଶୋର ସ୍ୱାସ୍ଥ୍ୟ ସହିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ସଂସ୍ଥାଗତ ପ୍ରସବ ବା ହସ୍ପିଟାଲରେ ଶିଶୁ ଜନ୍ମ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ କରିବାକୁ ହେଲେ ଅଧିକ ବିପଦ ସଙ୍କୁଳ ଅବସ୍ଥାରେ ଥିବା ମା' ଏବଂ ଶିଶୁମାନଙ୍କର ସଠିକ୍ ପଞ୍ଜିକରଣ ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନିୟମିତ ଅନୁଧ୍ୟାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ, ଜନ୍ମ ସମୟରେ କମ୍ ଓଜନ ଥିବା ଶିଶୁ ଏବଂ ମାତୃ ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ପରେ ଜିଲ୍ଲାପାଳ ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାକାର କାର୍ଯ୍ୟକାରିତା ଓ ସ୍ଥିତି ଅନୁଧ୍ୟାନ କରିଥିଲେ। ହସ୍ପିଟାଲରେ କେତେଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ପ୍ରକୃତରେ ଉପସ୍ଥିତ ରହୁଛନ୍ତି, ସେ ନେଇ ସେ ସବିଶେଷ ଅନୁଧ୍ୟାନ କରିଥିଲେ। ଏଥିସହ ସମୁଦାୟ କର୍ମଚାରୀଙ୍କ ସଂଖ୍ୟା, ଅନ୍ତଃବିଭାଗ ବା ଆଇପିଡି ଶଯ୍ୟା କ୍ଷମତା ଏବଂ ଦୈନିକ ହସ୍ପିଟାଲକୁ ଆସୁଥିବା ବର୍ହିବିଭାଗ ଓ ଅନ୍ତଃବିଭାଗ ରୋଗୀଙ୍କ ହାରାହାରି ସଂଖ୍ୟାକୁ ନେଇ ଜିଲ୍ଲାପାଳ ଅନୁସନ୍ଧାନ କରିଥିଲେ। ରୋଗୀଙ୍କୁ ମିଳୁଥିବା ସୁବିଧା ଏବଂ ପାଥୋଲୋଜିକାଲ୍ ଟେଷ୍ଟ ବା ରକ୍ତ ପରୀକ୍ଷା ସେବା କିପରି ଚାଲିଛି, ସେନେଇ ମଧ୍ୟ ସେ ଅବଗତ ହୋଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କୌଣସି ପ୍ରକାରର ତ୍ରୁଟି ଯେପରି ନରହେ, ସେଥିପାଇଁ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଅନିତ ଚକ୍ରବର୍ତ୍ତୀ ମେମୋରିଆଲ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା

# ଫାଇନାଲରେ ଆମ୍ବିସନ କ୍ଲବ୍

ବ୍ରଜରାଜନଗର, ୧୧।୨(ସମିସ): ସ୍ଥାନୀୟ ଇନଟିଗ୍ରିଟି କ୍ଲବ୍ କ୍ରିକେଟ ପଡ଼ିଆରେ ଚାଲିଥିବା ପ୍ରଥମ ଅନିତ ଚକ୍ରବର୍ତ୍ତୀ ମେମୋରିଆଲ ସର୍ବଭାରତୀୟ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତାରେ ବୁଧବାର ଛତିଶଗଡ଼ର କୁରବା କୁ ହରାଇ ବ୍ରଜରାଜଗର ଆମ୍ବିସନ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଆମ୍ବିସନ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ କରିଥିଲେ। ଜବାବରେ କୁରବା ଦଳ ୯୯ ରନ୍ କରି ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଫଳରେ ଆମ୍ବିସନ କ୍ଲବ୍ ବିଜେତା ହୋଇ ପାଇନାଲରେ ପ୍ରବେଶ କରିଛି। ଖେଳକୁ ଗଣେଶ ମୁରାଇ ଓ ଜୟ ସିଂ ଏମ୍ପାୟର ଭାବେ ପରିଚାଳନା କରିଥିଲେ। ଇଣ୍ଟିଗ୍ରିଟି କ୍ଲବର ସଭାପତି ଅଭିଷେକ ସିଂ, ଭିକି ପାତ୍ର, ଅଭିଦ ହୁସେନ, ଚନ୍ଦନ ଶ୍ରୀବାସ୍ତବ, ରାକେଶ ଶ୍ରୀବାସ୍ତବ, ଆବୁଲ ହୁସେନ, କିସମତ ଆଲିଙ୍କ ସହିତ ପରିଚାଳନା କମିଟିର ସଦସ୍ୟମାନେ ସହାୟତା କରିଥିଲେ।

# ପ୍ରଚଣ୍ଡ ଜୟସ୍ୱାଲଙ୍କୁ ୟୁଥ୍ ଆଇକନ ଆୱାର୍ଡ

ଝାରସୁଗୁଡ଼ା, ୧୧।୨(ସମିସ): ପଞ୍ଜାବରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଯୁବ କାର୍ଯ୍ୟକ୍ରମରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ବେଲପାହାଡର ପ୍ରଚଣ୍ଡ ଜୟସ୍ୱାଲଙ୍କୁ ୟୁଥ ଆଇକନ ଆୱାର୍ଡ ପ୍ରଦାନ କରାହୋଇଛି। ଭାରତର ୨୬ଟି ରାଜ୍ୟରୁ ପ୍ରାୟ ୪୦୦ ଯୁବକ ଯୁବତୀ ଏହି ରାଷ୍ଟ୍ରୀୟ ଏକତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଞ୍ଜାବର ଅର୍ଥମନ୍ତ୍ରୀ ସର୍ଦ୍ଦାର ହରପାଲ ସିଂହ ଚିମା ମୁଖ୍ୟ ଅତିଥି ଭାବେ ଉତ୍ସବର ଶୁଭାରମ୍ଭ କରିଥିଲେ। ସେହିପରି ସିଆବା ଇଣ୍ଟରନ୍ୟାସନାଲ ପବ୍ଲିକ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ସର୍ଦ୍ଦାର କୱଲଜିତ ସିଂହ ଧୃଣ୍ଡସା, ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ସମ୍ପାଦକ ରଣସିଂହ ପରମାରଙ୍କ ସମେତ ସୁନ କରାୟିଲ, ଓଡ଼ିଶାର ମୁଖ୍ୟ ତଥା ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ ନିବାସୀ ପ୍ରଚଣ୍ଡ ଜୟସ୍ୱାଲଙ୍କୁ ଶ୍ରେଷ୍ଠ ଯୁବ ଆଇକନ ଆୱାର୍ଡରେ ସମ୍ମାନିତ କରାଯାଇଛି। ପଞ୍ଜାବର ଅର୍ଥମନ୍ତ୍ରୀ ମାନପତ୍ର ଉପଢୌକନ ସହ ତାଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କରିଥିଲେ। ପ୍ରଚଣ୍ଡ ଜୟସ୍ୱାଲଙ୍କ ସଫଳତା ସମଗ୍ର ଓଡ଼ିଶାର ଜାତୀୟ ଯୁବ ପ୍ରକଳ୍ପ ସଦସ୍ୟଙ୍କ ସଫଳତା ବୋଲି ଟ୍ରଷ୍ଟି ତଥା ଓଡ଼ିଶା ମୁଖ୍ୟ ମଧୁସୂଦନ ଦାସ ପ୍ରକାଶ କରିଥିଲେ।




## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ବେଆଇନ ଖଣିଜ ପରିବହନ ରୋକିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୧।୨(ସମିସ)

ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁନାଲ ମୋତିରାମ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜାନୁଆରୀ ମାସ ପାଇଁ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ରାଜସ୍ୱ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ଚୌହ୍ୱାନ ସମସ୍ତ ରାଜସ୍ୱ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଅବକାରୀ ଅଧୀକ୍ଷକ, ଖଣି ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିଜ ନିଜ କ୍ଷେତ୍ରରେ ପ୍ରବର୍ତ୍ତନ ପ୍ରକ୍ରିୟାକୁ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ପାଟ୍ରୋଲିଂ ଏବଂ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକିବା ପାଇଁ ଜିଲ୍ଲାପାଳ ଖଣି ଅଧିକାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଅଞ୍ଚଳରେ ବାରମ୍ବାର ବେଆଇନ ଖଣିଜ ଉତ୍ତୋଳନ ହେଉଛି, ସେଠାରେ କନିଷ୍ଠ ଖଣି ଅଧିକାରୀମାନେ ନିୟମିତ ନଜର ରଖିବାକୁ କୁହାଯାଇଛି। ଏଥିସହ ବେଆଇନ ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ ସରକାରୀ ନିୟମାବଳୀ ଅନୁଯାୟୀ କୌଣସି କୋହଳ ମନୋଭାବ ପ୍ରଦର୍ଶନ ନକରି ଦୃଢ଼ ଜରିମାନା ଆଦାୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ଅଧିକାରୀ ଏବଂ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ସମ୍ପୂର୍ଣ୍ଣ ହୋଇପାରୁନି ହାତୀ ଚଲାପଥ, ଟ୍ରେନ୍ ଚଳାଚଳ ବିଳମ୍ବ

**ସମ୍ବଲପୁର, ୧୧।୨ (ସମିସ)**

ଗତ କିଛିବର୍ଷ ହେଲା ସମ୍ବଲପୁର ରେଳ ଡିଭିଜନର ସମ୍ବଲପୁର-ଅନୁଗୋଳ ରେଳଲାଇନରେ ରାତି ସମୟରେ ଟ୍ରେନ୍‌ଗୁଡ଼ିକ ଅହେତୁକ ଭାବେ ବିଳମ୍ବିତ ହେଉଛି। ଟ୍ରେନଗୁଡ଼ିକ ନିର୍ଦ୍ଧାରିତ ସମୟ-ସାରଣୀ ଅନୁଯାୟୀ ଚାଲୁନାହିଁ। ପ୍ରାୟତଃ ନିୟମିତ ଭାବେ ଟ୍ରେନ୍‌ଗୁଡ଼ିକ ଘଣ୍ଟାଏ, ଦେଢ଼ଘଣ୍ଟାରୁ ଅଧିକ ବିଳମ୍ବରେ ଚାଲୁଥିବା ଦେଖାଯାଉଛି। ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ସମ୍ବଲପୁରକୁ ରାତି ୧୦ଟା ୫୫ ମିନିଟ୍‌ରେ ପହଞ୍ଚିବା କଥା ତେବେ ତାହା ପ୍ରାୟତଃ ପ୍ରତ୍ୟେକ ଦିନ ରାତି ୧୨ଟା ପାଖାପାଖି ପହଞ୍ଚୁଛି। ଏହାଦ୍ୱାରା ସମ୍ବଲପୁରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅନେକଗୁଡ଼ାଏ ଟ୍ରେନ୍ ବିଳମ୍ବରେ ଚାଲୁଛି। ସମ୍ବଲପୁର-ରେଢ଼ାଖୋଲ ରେଳ ଲାଇନରେ ସବୁବେଳେ ଟ୍ରେନ୍‌ର ଗତି ହ୍ରାସ ହୋଇଯାଉଛି। ମୁଖ୍ୟତଃ ରାତି ସମୟରେ ଏଭଳି ହେଉଥିବାରୁ ଠିକ୍ ସମୟରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି। ଏନେଇ ରେଳ ବିଭାଗ ପକ୍ଷରୁ ହାତୀ କରିଡର ଯୋଗୁଁ ବିଳମ୍ବ ହେଉଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କିଛିବର୍ଷ ପୂର୍ବରୁ ସମ୍ବଲପୁର-ରେଢ଼ାଖୋଲ ହାତୀ କରିଡରରେ ଯେତେବେଳେ ଟ୍ରେନ ଧକ୍କାରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ସେତେବେଳେ ରେଳ ବିଭାଗ, ବନ ବିଭାଗ, ଜିଲ୍ଲା ପ୍ରଶାସନ ବାରମ୍ବାର ବୈଠକ କରି ଏକ କମିଟି ଗଠନ କରିଥିଲେ। ଏଥିରେ ହାତୀ କରିଡର ଅଞ୍ଚଳରେ ରେଳଲାଇନରେ ଅଣ୍ଡର-ପାସ୍ କରାଯିବାସହ ଅନ୍ୟ ସବୁ ସତର୍କତାମୂଳକ



ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ହାତୀ ଚଲାପଥକୁ ନେଇ ବିଭିନ୍ନ ଯୋଜନା ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଦିଗରେ ରେଳବିଭାଗ ଓ ବନବିଭାଗ ଶୀଘ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି।

ସମ୍ବଲପୁର ରେଳ ଡିଭିଜନ ଡିଆର୍‌ଏମ୍ ସୁଭାଷ ସି. ଚୌଧରୀ କହିଛନ୍ତି, ଦୁଇତିନୋଟି ସୁରକ୍ଷା ବ୍ୟବସ୍ଥା ପ୍ରସ୍ତାବ ଆସିଛି ତନ୍ମଧ୍ୟରେ ଏଆଇ-ବେସ୍‌ଡ ଥର୍ମାଲ କ୍ୟାମେରା ଲାଗିବ। ହାତୀ ଆସିଲେ, ତାହା ଆସିବା ପୂର୍ବରୁ ଥର୍ମାଲ ଇମେଜ୍ ଦ୍ୱାରା ଜଣାପଡ଼ିଯିବ। ଦ୍ୱିତୀୟତଃ ଅପ୍‌ଟିକାଲ୍ ଫାଇବର୍ ସେନ୍ସର୍, ଯାହା ପରିସୀମା ବାହାରେ ଲାଗିବ, ତାହାଦ୍ୱାରା ହାତୀ ରେଳଟ୍ରାକ୍ ପାଖକୁ ଆସିଯାଇଛି ବୋଲି ଜଣାପଡ଼ିଯିବ। ସମ୍ବଲପୁର-ଅନୁଗୋଳ ରେଳଲାଇନ୍‌ର ରେଢ଼ାଖୋଲରୁ ସମ୍ବଲପୁର ମଧ୍ୟରେ ୩୦ ରୁ ୪୦ କିମି ରେଳପଥ ରହିଛି, ଯେଉଁଠି ଟ୍ରେନ୍‌ର ଗତିକୁ ରାତି ସମୟରେ ଘଣ୍ଟାପ୍ରତି ୩୦ ରୁ ୪୦ କିମି ରଖିବାକୁ ପଡୁଛି, ତେଣୁ ରାତିରେ ଟ୍ରେନ ଗୁଡିକ ଯାତାୟାତରେ ବିଳମ୍ବ ହେଉଛି ବୋଲି ଡିଆର୍‌ଏମ୍ କହିଛନ୍ତି। ବନବିଭାଗର ପରାମର୍ଶକ୍ରମେ ଟ୍ରେନ୍ ଗୁଡ଼ିକର ଗତି ପରିଚାଳନା କରାଯାଉଛି। ସମଗ୍ର ସମ୍ବଲପୁର ରେଳଡିଭିଜନ ଅଧୀନରେ ଏଭଳି ହାତୀ କରିଡର ପ୍ରାୟ ୮୦ କିଲୋମିଟର ରେଳପଥ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ସମ୍ବଲପୁର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଧବ କହିଛନ୍ତି, ସମ୍ବଲପୁର ବନଖଣ୍ଡରେ ସବୁସମୟରେ ପାଖାପାଖି ୭୦ ରୁ ୮୦ଟି ହାତୀ ରହୁଛନ୍ତି। ବନଖଣ୍ଡ ମଝିଦେଇ ସମ୍ବଲପୁର-ଅନୁଗୋଳ ୨ଲେନ୍ ବିଶିଷ୍ଟ ରେଳଲାଇନ ଯାଇଛି। ସମ୍ବଲପୁର ବନଖଣ୍ଡର ଛୋଟବଡ଼ ମିଶେଇ ୨୧ଟି ସ୍ଥାନରେ ହାତୀମାନେ ରେଳଲାଇନ ଅତିକ୍ରମ କରୁଛନ୍ତି। ଏହାକୁ ନେଇ ରେଳ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରତି ମାସରେ ବନଖଣ୍ଡ ଅଫିସରେ ଗୋଟିଏ ବୈଠକ କରାଯାଉଛି। ଡିଆର୍‌ଏମ୍ କାର୍ଯ୍ୟାଳୟରେ ମଧ୍ୟ ବନବିଭାଗର ଏକ ନିୟନ୍ତ୍ରଣ କକ୍ଷ କରାଯାଇଛି। ସେଠାରେ ପ୍ରତିଦିନ ହାତୀ ଚଳାଚଳକୁ ନେଇ ଯେଉଁ ଟ୍ରାକିଂ କରାଯାଉଛି, ତାହାକୁ ନେଇ ଏକ ସତର୍କତାମୂଳକ ନିର୍ଦ୍ଦେଶନାମା ଜାରି ହେଉଛି। ଯେଉଁ ରେଳଲାଇନ୍‌ରେ ହାତୀ ଅତିକ୍ରମ କରିବା ସମ୍ଭାବନା ରହିଛି ସେଠାରେ ସତର୍କତା ମୂଳକ ନିର୍ଦ୍ଦେଶନାମା ଇସ୍ୟୁ କରୁଛୁ, ସୁରକ୍ଷା ପଦକ୍ଷେପ ସ୍ୱରୂପ ଗତି ହ୍ରାସ, ହର୍ଣ୍ଣ ବଜାଇବା ଆଦି ରହିଛି। ଟ୍ରେନର ଗତି ପ୍ରତି ଘଣ୍ଟା ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ କରିବାସହ ଆବଶ୍ୟକସ୍ଥଳେ ତା'ଠାରୁ କମ୍ ଏବଂ କେତେକ ସମୟରେ ଟ୍ରେନ୍‌କୁ ହାତୀ ଅତିକ୍ରମ କରିବା ପର୍ଯ୍ୟନ୍ତ ଅଟକାଇ ଦିଆଯାଉଛି ବୋଲି ଡିଏଫ୍‌ଓ କହିଛନ୍ତି। ରେଢ଼ାଖୋଲ-ସମ୍ବଲପୁର ଭିତରେ ହାତୀ ଚଳାଚଳକୁ ନେଇ ଏକ ରିପୋର୍ଟ ଦିଆଯାଇଛି ଏବଂ କେତେକ ସ୍ଥାନରେ ଏଆଇ ଟାୱାର ଲଗାଇବାର ପ୍ରସ୍ତାବ ରହିଛି ବୋଲି ସେ ସୂଚନା ଦେଇଛନ୍ତି।



ବଡ଼ରମା ଘାଟି ଚଢ଼ିବାବେଳେ ଫଶିଲା ପିଆଜ ବୋଝେଇ ଟ୍ରକ୍। ଦୀର୍ଘ ସମୟ ଧରି ଟ୍ରାଫିକଜାମ୍।

# ମିଳିତ ଟ୍ରେଡ୍ ୟୁନିଅନ୍‌ର ବାଇକ୍ ଶୋଭାଯାତ୍ରା



**ସମ୍ବଲପୁର, ୧୧।୨ (ସମିସ) :** ୪ଟି ଶ୍ରମିକ ବିରୋଧୀ ଶ୍ରମକୋଡ୍ ବାତିଲ ଦାବି, ଭିବିଜି.ରାମ୍. ଜି ଆଇନ ପ୍ରତ୍ୟାହାର କରି ମନରେଗା ଲାଗୁ କରିବା, ଜନବିରୋଧୀ ବିଦ୍ୟୁତ୍ ବିଲ ସଂଶୋଧନ ପ୍ରତ୍ୟାହାର, କୃଷକ ବିରୋଧୀ ବିଲ୍ ବାତିଲ ଆଦି ଦାବି ନେଇ ୧୨ ତାରିଖ( ଗୁରୁବାର) ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ କରିବାକୁ ମିଳିତ ଟ୍ରେଡ୍ ୟୁନିଅନ ପକ୍ଷରୁ ବୁଧବାର ଏକ ସଚେତନତା ବାଇକ୍ ରାଲି ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ଟି ଟ୍ରେଡ ୟୁନିଅନ - ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍ ପ୍ରମୁଖ ଯୋଗ ଦେଇଥିଲେ। ବାଇକ୍ ରାଲି କରି ଭାରତ ବନ୍ଦକୁ ସମର୍ଥନ କରିବାକୁ ଜନସାଧାରଣଙ୍କ ସହିତ ସମସ୍ତ ଅନୁଷ୍ଠାନକୁ ସାମିଲ ହେବାକୁ ରାଲି ମାଧ୍ୟମରେ ଅନୁରୋଧ କରାଯାଇଥିଲା। ବାଇକ୍ ରାଲି ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ କାର୍ଯ୍ୟାଳୟରୁ ବାହାରି ଲକ୍ଷ୍ମୀଟକିଜ୍, ଜିଲ୍ଲାସ୍କୁଲ ଛକ, ଧନୁପାଲି, ଜେଲଖାନା ଛକ, କଚେରି ଛକ, ବୈଦ୍ୟନାଥ ଛକ, ଗୋଲବଜାର ଛକ, ଗେଟି ଟକିଜ, ମୁଦିପଡ଼ା, ଲକ୍ଷ୍ମୀଟକିଜ ହୋଇ ଫେରିଥିଲା। ସୂଚନାନୁଯାୟୀ, ରେଳ ଚଳାଚଳ ଏବଂ ଡାକ୍ତରଖାନା, ଅଗ୍ନିଶମ, ଔଷଧ ଦୋକାନ ଆଦି ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯିବ।

# ସଂସ୍କୃତି ସୁରକ୍ଷା ଉପରେ ଆଲୋଚନାଚକ୍ର

**ନାକଟିଦେଉଳ, ୧୧।୨ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଏବଂ ଗାୟତ୍ରୀ ସନ୍ତୋଷ ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ନାକଟିଦେଉଳ ବ୍ଲକ କିସିଣ୍ଡା ସରକାରୀ ହାଇସ୍କୁଲଠାରେ 'ଆମ ସଂସ୍କୃତି ଆମ ଇତିହାସ' ଆଲୋଚନାଚକ୍ର ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଦାନୀ ଛାତ୍ରଛାତ୍ରୀ ମାନଙ୍କୁ ନିଜ ସଂସ୍କୃତି ଓ ଇତିହାସ ବିଷୟରେ ନିଜେ ଜାଣି ନିଜକୁ ଗର୍ବିତ ମନେକରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରି ନିଜ ଦେଶ, ଜାତି ପାଇଁ ନିଜ କର୍ତ୍ତବ୍ୟ ଉପରେ ସଚେତନ ରହିବା ଉଚିତ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ସଂସ୍କୃତି, ଇତିହାସ ଉପରେ ସଚେତନ ହୋଇପାରିବେ ବୋଲି କହିଥିବାବେଳେ କିସିଣ୍ଡା ସରପଞ୍ଚ ରୀନାରାଣୀ ନାୟକ ଓଡ଼ିଶା ସାଂସ୍କୃତିକ ସମାଜର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଅତୁଲ ପ୍ରସାଦ ରାଉଳ ଗୋଟାଏ ଜାତି ନିଜ ସଂସ୍କୃତି ଓ ଉଚ୍ଚ ପରମ୍ପରା ପାଇଁ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଥାଏ ବୋଲି ମତ ରଖିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେବର୍ତ୍ତା, ଜନଶିକ୍ଷା ସମିତି ସଭ୍ୟ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ମମତା ମାଝୀ ପ୍ରଥମ, ତୃପ୍ତିମଞ୍ଜରୀ ମାଝୀ ଦ୍ୱିତୀୟ ଓ ପପୁ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ନିରୁପମା ପରୁଆ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ରୁକ୍ମିଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ଚକ୍ଷୁ ପରୀକ୍ଷା ଶିବିର



**ସମ୍ବଲପୁର, ୧୧।୨ (ସମିସ) :** କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆର୍‌ପିଏଫ୍) ଗ୍ରୁପ୍ ସେଣ୍ଟର ପକ୍ଷରୁ ବୁଧବାର ଗୋଶାଳାସ୍ଥିତ ଗ୍ରୁପ୍ ସେଣ୍ଟର ପରିସରରେ ଏକ ମାଗଣା ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ସୈନିକ ଏବଂ ସେମାନଙ୍କ ପରିବାରକୁ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିବା ଏବଂ ଚକ୍ଷୁ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମର ଶୁଭାରମ୍ଭ ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ଏବଂ ଆଞ୍ଚଳିକ କାୱା ସଭାପତି ପୁନମ ସିଂହ ମିଳିତ ଭାବରେ କରିଥିଲେ। ଉଦ୍‌ଘାଟନ ସମୟରେ ଶ୍ରୀମତୀ ସିଂହ ସମ୍ବଲପୁରର ଅଗ୍ରୱାଲ ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞ ଡାକ୍ତର ପ୍ରଣମିତା ପୂଜାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଶିବିରକୁ ସମ୍ବଲପୁରର ଅଗ୍ରୱାଲ ହେଲ୍‌ଥ କେୟାର ଚକ୍ଷୁ ହସ୍ପିଟାଲରୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସହାୟତା ମିଳିଥିଲା। ଡା. ପ୍ରଣମିତା ପୂଜାରୀ ଏବଂ ତାଙ୍କ ବିଶେଷଜ୍ଞ ଦଳ ସେବା ପ୍ରଦାନ କରିଥିଲେ। ଶିବିରରେ ଚକ୍ଷୁ ପରୀକ୍ଷା, ଆବଶ୍ୟକୀୟ ଚିକିତ୍ସା ସହ ଆବଶ୍ୟକ ଥିବା ଲୋକଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ଅଧିକ ଚିକିତ୍ସା ପରାମର୍ଶ ପ୍ରଦାନ କରାଯାଇଥିଲା। ପ୍ରାୟ ୧୫୭ ଜଣ ସୈନିକ, ମହିଳା ଏବଂ ପିଲା ଏହି ଶିବିରରୁ ଉପକୃତ ହୋଇଥିଲେ।

# ୧୩ରୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା

**ସମ୍ବଲପୁର, ୧୧।୨ (ସମିସ) :** ଅଇଁଠାପାଲିସ୍ଥିତ ପିଏଚ୍‌ଇଡି ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୩ ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା-୨୦୨୬ ଆୟୋଜିତ ହେବ। ଏହି ମେଳାର ମୂଳ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ମହିଳା ଉଦ୍ୟୋଗୀ, କାରିଗର ଓ ଉତ୍ପାଦକମାନଙ୍କୁ ତାଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ସାଧାରଣ ବଜାର ମଞ୍ଚ ପ୍ରଦାନ କରିବାସହ ଦୀର୍ଘମିଆଦୀ ବିପଣନ ସମ୍ପର୍କ ସୃଷ୍ଟି କରିବା। ମେଳାରେ ହସ୍ତତନ୍ତ ଓ ହସ୍ତଶିଳ୍ପ, ପାରମ୍ପରିକ ବସ୍ତ୍ର, ମିଲେଟ୍ ଭିତ୍ତିକ ଉତ୍ପାଦ, ପ୍ରକ୍ରିୟାକୃତ ଖାଦ୍ୟ, ବାଉଁଶ ଓ ଟେରାକୋଟା ସାମଗ୍ରୀ, ଗହଣା, ପ୍ରାକୃତିକ ଉତ୍ପାଦ ଓ ଏସ୍‌ଏଚ୍‌ଜି ଦ୍ୱାରା ତିଆରି ନିର୍ମିତ ବିଭିନ୍ନ ସାମଗ୍ରୀ ଉପଲବ୍ଧ ହେବ। ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ ଏହି ମେଳାରେ ଅଂଶଗ୍ରହଣ କରିବେ। ଏହି ମେଳା ମହିଳାମାନଙ୍କ ଦ୍ୱାରା ପରିଚାଳିତ ସବୁଠାରୁ ବୃହତ୍ ବିପଣନ, ପ୍ରଚାର ଓ ବିକ୍ରୟ ମେଳା ଭାବେ ଆୟୋଜିତ ହେଉଛି। ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଜୀବ ପ୍ରଦର୍ଶନ, ସଚେତନତା କାର୍ଯ୍ୟକଳାପ ଓ ବିଶେଷ ଆକର୍ଷଣୀୟ କାର୍ଯ୍ୟକ୍ରମ ପ୍ରତିଦିନ ଆୟୋଜିତ ହେବ ଯାହା ଦର୍ଶକମାନଙ୍କୁ ଆକର୍ଷିତ କରିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ

**ସମ୍ବଲପୁର, ୧୧।୨ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଆସନ୍ତା ୨୦୨୭ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ଗୃହ ତାଲିକାକରଣ ଓ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବାସହ ତାଲିମ ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୧୫ ମେ ୨୦୨୬ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଗୃହ ତାଲିକା ପ୍ରସ୍ତୁତ ହେବ। ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨୦୨୭ରୁ ଆରମ୍ଭ ହେବ, ଏଥିରେ ମୂଳ ଜନଗଣନା କାର୍ଯ୍ୟ ହେବ। ଗୃହ ତାଲିକା ଜନଗଣନା ସମୟରେ, ଜନସାଧାରଣଙ୍କୁ ବାସସ୍ଥାନର ଅବସ୍ଥା ଏବଂ ମୌଳିକ ସୁବିଧା ସମ୍ପର୍କରେ ପ୍ରଶ୍ନ ପଚରାଯିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସାଧାରଣ ଜନତାଙ୍କ ସୁବିଧା ପାଇଁ ସେଲ୍‌ଫ ଏନ୍ୟୁମେରେସନରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ। ଏହାବ୍ୟତୀତ ମୋବାଇଲ ଆପ୍ଲିକେଶନରେ ମଧ୍ୟ ଜନସାଧାରଣ ନିଜେ ନିଜର ସମ୍ପୂର୍ଣ୍ଣ ତଥ୍ୟ ଦେଇପାରିବେ। ଜିଲ୍ଲାପାଳ, ମହାନଗର ନିଗମ ଆୟୁକ୍ତ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀମାନେ ସିଏମ୍‌ଏମ୍‌ଏସ୍ (ଜନଗଣନା ପରିଚାଳନା ଏବଂ ମନିଟରିଂ ପୋର୍ଟାଲ୍) ମାଧ୍ୟମରେ ଜନଗଣନା ସମ୍ପର୍କିତ ତଥ୍ୟ ସମୀକ୍ଷା କରିପାରିବେ। ମୋବାଇଲ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ଉପଜିଲ୍ଲାପାଳ, ରେଙ୍ଗାଲି ଓ ବାମରା ବ୍ଲକ ଉନ୍ନୟନ ଅଧିକାରୀ, ସମସ୍ତ ପୌରନିର୍ବାହୀ ଅଧିକାରୀଙ୍କ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟରମାନେ ଉପସ୍ଥିତ ଥିଲେ।



# ମହିଳା ମହାବିଦ୍ୟାଳୟରେ ଫୁଡ୍ ଫେଷ୍ଟ



**ସମ୍ବଲପୁର, ୧୧।୨ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟରେ ଆଜି ଫୁଡ୍ ଫେଷ୍ଟ ପାଳିତ ହୋଇଯାଇଛି। ଉଭୟ ମହିଳା ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମୁଦାୟ ୨୦ଟି ଷ୍ଟଲରେ କଣ୍ଟିନେଣ୍ଟାଲ୍, ଚାଇନିଜ୍, ଭାରତୀୟ, ଓଡ଼ିଆ ଓ ସ୍ଥାନୀୟ ଖାଦ୍ୟ ଛାତ୍ରୀମାନେ ନିଜେ ପ୍ରସ୍ତୁତ କରି ଦର୍ଶକ ଓ ଗ୍ରାହକମାନଙ୍କୁ ପରଶିଥିଲେ। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଫୁଡ୍ ଫେଷ୍ଟକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟକୁ ପରଖିବା ପାଇଁ ବିଚାରକ ଭାବରେ ରିଙ୍କୁ ମିଶ୍ର, ରାଜଶ୍ରୀ ପାଢ଼ୀ ଓ ଭାସ୍ୱତୀ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଫେସର ସମିତା ଆଚାର୍ଯ୍ୟ, ଭାରତୀ ମିଶ୍ର ଏବଂ ବବିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

■ ରାଷ୍ଟ୍ରୀୟ ପ୍ରବକ୍ତାଙ୍କୁ ରୋହିତଙ୍କ ଆକ୍ଷେପ

# ପଶ୍ଚିମ ଓଡ଼ିଶାବାସୀଙ୍କୁ ଭକୁଆ ବନାଇବାକୁ ପ୍ରୟାସ

**ସମ୍ବଲପୁର, ୧୧।୨ (ସମିସ):** ଆଜି ବଜେଟ୍‌କୁ ନେଇ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବଲପୁର ବିକାଶ କଥା ନେଇ ଅନେକ ପ୍ରସଂଗ କହିଥିଲେ। ଯାହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ନିନ୍ଦା କରିଛନ୍ତି। ସେ କହିଛନ୍ତି, ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାବାସୀଙ୍କୁ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ଭକୁଆ ବନେଇବାର ପ୍ରୟାସ ଦୁର୍ଭାଗ୍ୟଜନକ। ବିଜେପି ଦଳର ରାଷ୍ଟ୍ରୀୟ ପ୍ରବକ୍ତା ଡ. ଅଜୟ ଆଲୋକ କୃଷକ ଓ କୃଷି ଉତ୍ପାଦିତ ସାମଗ୍ରୀ ବିଷୟରେ କହିଥିବା କଥା ସ୍ୱାଗତ ଯୋଗ୍ୟ, କିନ୍ତୁ ଆମ ରାଜ୍ୟରେ ସରକାରଙ୍କ ବିପର୍ଯ୍ୟସ୍ତ ଧାନ ସଂଗ୍ରହ ପ୍ରକ୍ରିୟା ଯୋଗୁଁ ଚାଷୀ ଯେଉଁ ହଇରାଣ ହେଉଛନ୍ତି, ସେ ସର୍ବ ପ୍ରଥମେ ତାହାର ଜବାବ୍ ରଖନ୍ତୁ। ପାରାଦୀପ ଅନୁଗୋଳ ଏବଂ ସମ୍ବଲପୁର ପାଇଁ ସ୍ୱତନ୍ତ୍ର ପ୍ରଶସ୍ତିକରଣ ରାସ୍ତା ଏବଂ ଜଳପଥର ବିକାଶ କଥା କହୁଛନ୍ତି, ସେଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ କେନ୍ଦ୍ର ଓ ରାଜ୍ୟ ଶାସିତ ବିଜେପି ସରକାର କେବଳ ନିଜ ଦଳ ସହିତ ସୁସମ୍ପର୍କ ରହିଥିବା ରାଷ୍ଟ୍ରୀୟ ସ୍ତରର ଶିଳ୍ପପତି ଏବଂ ପୁଞ୍ଜିପତି ମାନଙ୍କୁ ଲାଭାନ୍ୱିତ କରିବା ପାଇଁ ଏବଂ ଓଡ଼ିଶା ରାଜ୍ୟର ଖଣିଜ ସମ୍ପଦ, ଖଣିଜ ସମ୍ପଦକୁ ଆଧାର କରି ଉତ୍ପାଦିତ ସାମଗ୍ରୀକୁ ଅନ୍ୟାନ୍ୟ ରାଜ୍ୟ ଏବଂ ବିଦେଶକୁ ରପ୍ତାନି କରିବା ପାଇଁ ଏସବୁ ବ୍ୟବସ୍ଥା କରାଇଛନ୍ତି। ରୟାଲ୍ଟି ମିଳିବା, ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଯେଉଁ ଭଳି ଭାବରେ ଜାତୀୟସ୍ତରର ଦକ୍ଷତା ବିକାଶ କେନ୍ଦ୍ରର ଆବଶ୍ୟକତା ରହିଛି ସେ ସମ୍ପର୍କରେ କହିଲେ ନାହିଁ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୋଟିଏ ସଫ୍ଟୱେର ପାର୍କ ଏବଂ ଆଇଟି ପାର୍କର ମଧ୍ୟ ଆବଶ୍ୟକତା ରହିଛି। ହାଇସ୍ପିଡ୍ କରିଡର ଦିଲ୍ଲୀ, ବାରାଣସୀ, ସିଲିଗୁରି, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ପୁନେକୁ ଦେଇଥିବା ବେଳେ ସମ୍ବଲପୁର ତଥା ରାଜ୍ୟର କୌଣସି ମୁଖ୍ୟ ସହରକୁ ସାମିଲ କରାଯାଇନାହିଁ। ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ଅନୁଗୁଳକୁ ନେଇ ସ୍ୱତନ୍ତ୍ର ଶିଳ୍ପ କରିଡ଼ରର ଆବଶ୍ୟକତା ରହିଛି। ସମ୍ବଲପୁରରୁ ରାଉରକେଲାକୁ ମାଲ ପରିବହନ ପାଇଁ ଡେଡିକେଟଡ ଫ୍ରେଇଟ୍ କରିଡ଼ର ନିର୍ମାଣ କରାଗଲେ, ଜନସାଧାରଣ ପ୍ରଦୂଷଣ, ଦୁର୍ଘଟଣା ଏବଂ ବାରମ୍ବାର ଜାମ ଯୋଗୁଁ ଯେଉଁ ହଇରାଣ ହେଉଛନ୍ତି ତାହା ଦୂର ହୋଇପାରିବ। ଏହା ସହିତ କୁଚିଣ୍ଡାରେ ବହୁ ମାତ୍ରା ରେ ଲଙ୍କା ଚାଷୀ ରହିଛନ୍ତି, ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଗୋଟିଏ ଚିଲି ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯିବାର ଆବଶ୍ୟକତା ରହିଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଉପରୋକ୍ତ ଆବଶ୍ୟକ ଥିବା ବିଷୟ ଗୁଡ଼ିକ ଉପରେ କିଛି ନ କହି ସମ୍ବଲପୁରକୁ ଆସି ସମ୍ବଲପୁର ବାସୀଙ୍କୁ ଯେଉଁ ଭୁଆଁ ବୁଲେଇବାର ପ୍ରୟାସ କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଇଂ ପୂଜାରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସମ୍ବଲପୁରରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା

# ଏଥରର ବଜେଟ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ : ଡ. ଅଜୟ

**ସମ୍ବଲପୁର, ୧୧।୨(ସମିସ)**

ଚଳିତବର୍ଷର ବଜେଟ କେବଳ ଧନୀ ଶ୍ରେଣୀ କିମ୍ବା ଗରିବ ଶ୍ରେଣୀ ଲୋକଙ୍କର ନୁହେଁ। ଏହି ବଜେଟ ସମସ୍ତଙ୍କର ବୋଲି ସମ୍ବଲପୁରରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡାକ୍ତର ଅଜୟ ଆଲୋକ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଚଳିତ ବଜେଟକୁ ନେଇ ଆଲୋଚନା କରିଥିଲେ। ପ୍ରତି ବର୍ଷ ବଜେଟରେ ଦରଦାମ ବୃଦ୍ଧି କମକୁ ଲୋକେ ଅପେକ୍ଷା କରିଥାନ୍ତି। କିନ୍ତୁ କିଛି ମାସ ପୂର୍ବରୁ କେନ୍ଦ୍ରସରକାର ଜିଏସଟି ସ୍ଲାବ ପରିବର୍ତ୍ତନରେ ଏହାକୁ ସମାଧାନ କରିଥିଲେ। ତେଣୁ ଏଥର ବଜେଟରେ ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଇଛି ବୋଲି କହିଥିଲେ। ବଜେଟରେ ୫୩ ଲକ୍ଷ ୪୭ ହଜାର ୩୧୫ କୋଟିର ବ୍ୟୟ ଅଟକଳ ରଖାଯାଇଛି। ରାଜସ୍ୱ ଆୟ ୩୫ ଲକ୍ଷ କୋଟିରୁ ଅଧିକ ଟଙ୍କା ରହିଥିବାବେଳେ ବିତ୍ତିୟ ନିୟଣ୍ଟ ମାତ୍ର ୧୬ ଲକ୍ଷ ୯୫ ହଜାର କୋଟି ରହିଛି। ବିକଶିତ ଭାରତ ପାଇଁ ୧୨.୨୦ ଲକ୍ଷ କୋଟିର ପୁଞ୍ଜିଗତ ଖର୍ଚ୍ଚ ରଖାଯାଇଛି। ଯାହାଫଳରେ ଲୋକଙ୍କ ଆୟବୃଦ୍ଧିରେ ସହାୟକ ହେବ। ତେଣୁ ଏଥର ଐତିହାସିକ ବଜେଟ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ବିଶେଷ ଭାବେ ସମ୍ବଲପୁରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବାଇପାସ୍ ହାଇୱେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସହର ବାହାର ବାଇପାସ୍ ଫ୍ଲାଏ ଓଭର ନିର୍ମାଣ ଫଳରେ ଦୁର୍ଘଟଣା କମିବ। ଆଗକୁ ସମ୍ବଲପୁରରେ ଇଲୋକଟ୍ରୋନିକ୍ସ ୱେର ହାଉସ, କଣ୍ଟେନର ଓୟାର ହାଉସ, ମେଡିକାଲ ୱେବ ସେଣ୍ଟର ଓ ଏଜୁକେସନାଲ ହବ ନିର୍ମାଣ ହେବାର ଯୋଜନା ଚାଲିଛି। ଯାହାକୁ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେତୃତ୍ୱ ନେଇଛନ୍ତି।




ଦୁଇ ଲିଡର ନିଜ ରାଜ୍ୟ ପାଇଁ ଅଧିକ ଚିନ୍ତିତ ରହିଛନ୍ତି। ଓଡ଼ିଶାରେ ସମ୍ବଲପୁର ଶ୍ରେଷ୍ଠ ରାଜ୍ୟ ଭାବେ ପରିଣିତ ହେବା ପାଇଁ ଶ୍ରୀ ପ୍ରଧାନ ଲାଗି ପଡ଼ିଛନ୍ତି। ବାୟୋଫାର୍ମା ଶକ୍ତି, ବାୟୋଫାର୍ମା ନେଟୱାର୍କ, ଭାରତ ସେମିକଣ୍ଡକ୍ଟର ମିସନ-୨, ଇଲୋକଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନା ତଥା ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ସାମାଜିକ କଲ୍ୟାଣ ପାଇଁ ୬୨, ୩୬୨ କୋଟି ଟଙ୍କା, ଏମ୍.ଏସ୍. ଏମ.ଇ ପାଇଁ ୧୦, ୦୦୦ କୋଟି, ଛୋଟ ଉଦ୍ୟୋଗୀ ପାଇଁ ୨, ୦୦୦ କୋଟି ଟଙ୍କା ରଖାଯାଇଛି। ପ୍ରତି ସେକ୍ଟରରେ ଓଡ଼ିଶାକୁ ବଜେଟରେ ଗୁରୁତ୍ୱ ଦିଆଯାଇଥିବା ସେ କହିଥିଲେ। ସମ୍ବଲପୁରରେ ଏମ୍ସ ନିର୍ମାଣ ପାଇ ଖୁବଶୀଘ୍ର ରାଜ୍ୟସରକାର ଜାଗା ଦେବେ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ସମ୍ବଲପୁରର ଏମ୍ସ ନିର୍ମାଣ ପାଇଁ ଚେଷ୍ଟିତ ରହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାଏକ, ବିଜେପି ଓଡ଼ିଶା ବାଣିଜ୍ୟ କୋର୍ଡିନେଟର ଗୋବିନ୍ଦ ଅଗ୍ରୱାଲ ଓ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

**ଶୀଘ୍ର ସମ୍ବଲପୁରର ଏମ୍ସ ପାଇଁ ଜାଗା ଦେବେ ରାଜ୍ୟ ସରକାର**

## ନୃସିଂହନାଥରେ ପ୍ରକୃତି ପରିଚୟ କର୍ମଶାଳା



**ପାଇକମାଲ, ୧୧।୨(ସମିସ):** ନୃସିଂହନାଥ ପ୍ରକୃତି ନିବାସରେ ପ୍ରକୃତି ପରିଚୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପରିବେଶ ସୁରକ୍ଷା ମଞ୍ଚର ସମ୍ପାଦକ ମୀନକେତନ ସାହୁ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ଭୁବନେଶ୍ୱର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଗନ୍ଧମାର୍ଦ୍ଦନ ବନସ୍ପତି ବନ ସୋସାଇଟିର ସମ୍ପାଦକ ବିଭୂତି ଭୂଷଣ ମୁଣ୍ଡ, ସମ୍ମାନୀତ ଅତିଥି ଭାବେ ପ୍ରକୃତିବନ୍ଧୁ ନନ୍ଦଲାଲ ନାୟକ ଯୋଗ ଦେଇଥିଲେ। ବିଶ୍ୱ ଉତ୍ତାପନ, ଜଳ ବାୟୁ ପରିବର୍ତ୍ତନ, ଜୈବ ବିବିଧତା, ଜଙ୍ଗଲ ନିଆଁ ନିରାକରଣ, ଔଷଧୀୟ ବୃକ୍ଷଲତାର ଚିହ୍ନଟ ଓ ପ୍ରୟୋଗ ଉପରେ ଅତିଥିଗଣ ମତ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଶ୍ରୀ ଶ୍ରୀ ସଂସ୍କୃତ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଭୂତି ଭୂଷଣ ମୁଣ୍ଡ ଛାତ୍ରଛାତ୍ରୀ ଏବଂ ପାଇକମାଲ ଓ ନୃସିଂହନାଥର ଜଙ୍ଗଲ କର୍ମଚାରୀଙ୍କୁ ବିଭିନ୍ନ ଔଷଧୀୟ ବୃକ୍ଷଲତା ଚିହ୍ନଟ କରି ବୃକ୍ଷଗୁଡ଼ିକର ଔଷଧୀୟ ଗୁଣ ବିଷୟରେ ବୁଝାଇଥିଲେ। ନୃସିଂହନାଥ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଶେଷରେ ବନପାଳ ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କୁଳିଆରୀରେ ସଚେତନତା କାର୍ଯ୍ୟକ୍ରମ



**ଗାଇସିଲେଟ, ୧୧।୨(ସମିସ):** କଟାବାହାଲ ପଞ୍ଚାୟତ କୁଳିଆରୀ ଗ୍ରାମରେ ଭିବି-ଜି ରାମ ଜୀର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏପିଓ କେତନ ପଧାନଙ୍କ ନେତୃତ୍ୱରେ ଏବିଡ଼ିଓ ଭିଷ୍ମଦେବ ମାଝୀ, ଜିପିଓ ବିନୟ ବେହେରା, ପିଇଓ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇ ଥିଲେ।

## କୁନ୍ତଳା କୁମାରୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମେଲଛାମୁଣ୍ଡା, ୧୧।୨ (ସମିସ):** ମେଲାଛାମୁଣ୍ଡା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଚନ୍ଦ୍ରଭାନୁ ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସେଠ୍, ପୂର୍ବତନ ପ୍ରଧାନ ଶିକ୍ଷକ ବାଳମକୁନ୍ଦ ସାହୁ, ଖେଳ ଶିକ୍ଷକ ସଞ୍ଜୀବ ନାୟକ, ଜିତେନ୍ଦ୍ରୀୟ ସାହୁ, ଅନଙ୍ଗ ଜେନା, ସୁକୃତା ସୁନା, ଶ୍ରୀବତ୍ସ ରାଜ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ।

## କ୍ରୀଡ଼ାଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭେଡେନ, ୧୧।୨(ସମିସ):** କୁବେଡେଗା ପଞ୍ଚାୟତ ହାଇସ୍କୁଲରେ ଭେଡେନ ବ୍ଲକର ୪ ଜଣ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଉତ୍ତମ ହୋତା, ପ୍ରଶାନ୍ତ ପଣ୍ଡା, କୈଳାସ ଚନ୍ଦ୍ର ବଘାର ଏବଂ ଗୁରୁଦେବ ତ୍ରିପାଠୀଙ୍କୁ ବ୍ଲକ କ୍ରୀଡା ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ସଭାରେ ବିଇଓ ମହିନ୍ଦ୍ର ମଲ୍ଲିକ, ଜଗନ୍ନାଥ ଦାଶ, ଆବାହକ ତଥା ସମ୍ପାଦକ ବିଜୁଳି ବତୀ ଦଲେଇ, ଶିକ୍ଷକ ରାଜେନ୍ଦ୍ର ସାହୁ, ଶ୍ରବଣ ସାହୁ, ସୁବ୍ରତ ଡନସନା, ଦେବାନନ୍ଦ ଭୋଇ, ଋଷଭ ହୋତା, ପ୍ରମୋଦ ଦାଶ (ଭାରପ୍ରାପ୍ତ ପ୍ରଧାନଶିକ୍ଷକ), ଶିକ୍ଷକ ପର୍ଶୁରାମ ପାତ୍ର, ଜନାର୍ଦ୍ଦନ ଦାଶ, ଭେଡେନ ନୋଡାଲ ପ୍ରଧାନଶିକ୍ଷକ ରଞ୍ଜନ ନାୟକ, ଖଗେଶ୍ୱର ପ୍ରଧାନ, ପ୍ରସନ୍ନ ନାୟକ, ପ୍ରମୋଦ ଦାଶ, ବୃନ୍ଦାବନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜକୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା କ୍ରୀଡ଼ା ଶିକ୍ଷକ ଉମାକାନ୍ତ ସୁନା, ପ୍ରକାଶ ବେହେରା, ଅଞ୍ଜନ ପ୍ରଧାନ ଓ ସୁକଦେବ ତାଣ୍ଡିଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ୟାମସୁନ୍ଦର ଭୋଇ, ହୃଦାନନ୍ଦ ମଲ୍ଲିକ, ଗୁଣବନ୍ତ ସାହୁ, ସୁବ୍ରତ ଡନସନା, ସୁଦାମ ଭୋଇ, ଅଶ୍ୱିନୀ ବରିହା, ଦାମୋଦର ଚିନ୍ଦ୍ରା, ରାମେଶ୍ୱର ମାଝୀ, ରୁଦ୍ର ନାରାୟଣ ଦାଶ, ସଞ୍ଜୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳିତ, ଆଦିବାସୀଙ୍କ ଉପରେ ଅତ୍ୟାଚାରକୁ ବିରୋଧ

**ବରଗଡ଼, ୧୧।୨(ସମିସ)**

ବରଗଡ଼ ଘୁଲିପାଲି ଆମ୍ବେଦକର ଛକ ନିକଟ ପଡ଼ିଆରେ ଭୀମଆର୍ମିର ଏକ ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ଏକତା ମିଶନ ବରଗଡ଼ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା। ଦଳିତ, ଆଦିବାସୀଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରାଯାଇଛି। ତେବେ ପୂର୍ବରୁ ବରଗଡ଼ ଏସପି ଅଫିସ ଘେରଓ ଏବଂ ଗଣଧାରଣା ଲାଗି ଆହ୍ୱାନ ଦିଆଯାଇଥିଲା; କିନ୍ତୁ ଏହି କାର୍ଯ୍ୟକ୍ରମ ପାଇଁ ବରଗଡ଼ ପୁଲିସ ପ୍ରଶାସନ ଅନୁମତି ଦେଇ ନ ଥିଲା। ଶେଷରେ ଘୁଲିପାଲି ଆମ୍ବେଦକର ଛକରେ ସଭା ହୋଇଥିଲା।

ବରଗଡ଼ ଜିଲ୍ଲାରେ ଗତ୫ ବର୍ଷରେ ୧୦୦ରୁ ଅଧିକ ଏସିଏସଟି ଏଟ୍ରୋସିଟି ମାମଲା ରୁଜୁ ହୋଇଛି। ଜିଲ୍ଲାରେ ବାରମ୍ବାର ଦଳିତ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେଉଛି। ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। ଜିଲ୍ଲାରେ ଦଳିତ ଆଦିବାସୀଙ୍କ ବିରୋଧରେ ହୋଇଥିବା ମୁଖ୍ୟତ ୨୩ଟି ଘଟଣାକୁ ନେଇ ଏହି ଜରୁରୀକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏହା ସହ ଜିଲ୍ଲାରେ ନିଶା କାରବାର ଯୋଗୁଁ ଅନେକ ହତ୍ୟାକାଣ୍ଡ ଘଟୁଛି। ଏହି ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଯୋଗୁଁ ବରଗଡ଼ ଏସପିଙ୍କ ବଦଳି ପାଇଁ ମଧ୍ୟ ଭୀମ ଆର୍ମି ଦାବି କରିଛି। ଏହି କାର୍ଯ୍ୟକ୍ରମରେ ଭୀମଆର୍ମି ଭାରତ ଏକତା ମିଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୟ ରତ୍ନ ସିଂ, ଭୀମ ଆର୍ମି ଓଡ଼ିଶା ରାଜ୍ୟସଭାପତି ଲଙ୍କେଶ ରାବଣ, ଭୀମ ଆର୍ମି ଓଡ଼ିଶା ଜେନେରାଲ ସେକ୍ରେଟାରୀ ଜଗଜୀବନ କୁମାର, ଭୀମଆର୍ମି ବରଗଡ଼ ଜିଲ୍ଲା ସଭାପତି ସୁରଥ ନାଗ, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ସୁନା, ଜିଲ୍ଲା ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ୍, ଜିଲ୍ଲା ଉପ ସଭାପତି ବାଲ୍ମମୁକୁନ୍ଦ ଜଗଦଲା, ସଂଯୋଜକ ଅନ୍ତର୍ଯ୍ୟାମୀ ଗର୍ଡ଼ିଆ, ଯୁଗ୍ମ ସଚିବ ବସନ୍ତ କୁମ୍ଭାର, ପଶ୍ଚିମ ଓଡ଼ିଶା ସଭାପତି ରୋହିତ ବାଗ୍, ଅତାବିରା ଉପସଭାପତି ବାବଲୁ ଭେଷରା, ବରଗଡ଼ ବ୍ଲକ କାର୍ଯ୍ୟକାରୀ ସଭାପତି ସମ୍ପତି କୁମ୍ଭାର, ପଦ୍ମପୁର ବ୍ଲକ ସଭାପତି ଅଜୟ ଛତର, ପଦ୍ମପୁର ବ୍ଲକ ଉପସଭାପତି ଜଗଦୀଶ ମହାନନ୍ଦ, ଅତାବିରା ଜୋନ ସଭାପତି ଟିଙ୍କୁ ଉଗର, ଭେଡେନ ବ୍ଲକ ସଭାପତି ହିମାଂଶୁ, ଜିଲ୍ଲା ସୋସିଆଲ ମେଡ଼ିଆ ସଂଯୋଜକ ପିଣ୍ଟୁ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅନିଲ ମଲ୍ଲିକ, ଲବ ସୁନା, ଅବିନାଶ ବାଗ୍, ପୁରନ୍ଦର ଭୋସାଗର, କୀର୍ତ୍ତି ମହାନନ୍ଦ, ପିଣ୍ଟୁ ମହାନନ୍ଦ, ସୁଶାନ୍ତ ତାଣ୍ଡି, ଅଜୟ ରାଉତିଆ, ନିରନ ଛତର, ରୋହିତ, ଯୁଧିଷ୍ଠିର ବିଭାର, ଅଚ୍ୟୁତ ସର ପ୍ରମୁଖ ଯୋଗ ଦେଇଥିଲେ।




## ରାଣା ପ୍ରତାପ ସ୍କୁଲରେ ପରୀକ୍ଷା ପାଇଁ ଚର୍ଚ୍ଚା କାର୍ଯ୍ୟକ୍ରମ

**ବରଗଡ଼, ୧୧।୨ (ସମିସ):** ବରଗଡ଼ ପୌର ପରିଷଦ ଅଧୀନ ରାଣା ପ୍ରତାପ ସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ତରଫରୁ ଆଶୀର୍ବାଦ ଉତ୍ସବ ଓ ପରୀକ୍ଷା ପାଇଁ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ ଓ ସୁଦର୍ଶନ ବାରିକ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ କିପରି ମାଟ୍ରିକ ପରୀକ୍ଷାରେ ଚାପମୁକ୍ତ ହୋଇ ସମ୍ମୁଖୀନ ହେବେ ସେ ବିଷୟରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସନ୍ଦେହ ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମନରେ ରହିଥିବା ବିଭିନ୍ନ ସନ୍ଦେହକୁ ଶିକ୍ଷକ ଶିକ୍ଷୟିତ୍ରୀ ସମାଧାନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ବରଗଡ଼ ପଞ୍ଚାୟତ କଲେଜରେ କର୍ମଶାଳା

**ବରଗଡ଼, ୧୧।୨(ସମିସ):** ବରଗଡ଼ ପଞ୍ଚାୟତ କଲେଜରେ ସୁରକ୍ଷିତ ଇଣ୍ଟରନେଟ ଦିବସ ଅବସରରେ କୃତ୍ରିମ ବୁଦ୍ଧିମତାର ସୁରକ୍ଷା ଏବଂ ଦାୟିତ୍ୱଶୀଳ ବ୍ୟବହାର ବିଷୟରେ ଏକ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡା. ନକୁଳ ସେଠ ଅଧ୍ୟକ୍ଷତା କରିଥିଲେ। ଡା. କିଶୋର ନାୟକ ଓ ଗଣେଶ୍ୱର ପଣ୍ଡା ପରିଚାଳନା କରିଥିଲେ।




## ପ୍ରବୋଧନ ପ୍ରଶିକ୍ଷଣ ଶିବିର

**ବରଗଡ଼, ୧୧।୨(ସମିସ):** ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଭିନ୍ନ ପର୍ଯ୍ୟାୟରେ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ତୋରା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଶିବିର ଗତ ୭ ତାରିଖରୁ ଆରମ୍ଭ ହୋଇଥିଲା। ବୁଧବାର ଉଦ୍‌ଯାପିତ ହୋଇଛି। ତୋରାରେ ଅନୁଷ୍ଠିତ ଏହି ଶିବିରରେ ୧୦୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଲତିକା ମଞ୍ଜରୀ ବରର୍ତ୍ତି, ଭବାନୀଶଙ୍କର ପ୍ରଧାନ, ଡିଲେଶ୍ୱର୍ ଖମାରୀ, ମଧୁସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ରାଣୀ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



## ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର, ୧୧।୨(ସମିସ):** ପଦ୍ମପୁର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଚି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର ସଭାପତିତ୍ୱ କରିଥିଲେ। ଓସେପାର ପୂର୍ବତନ ଜଏଣ୍ଟ ଡାଇରେକ୍ଟର ପ୍ରକାଶ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପୂଜାରାଣୀ ନାୟକ, ରବୀନା ପଧାନ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ପ୍ରଭାତ ସାହୁ, ଖୁସବୁ ବରିହା, ଅମନ୍ ପଣ୍ଡା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ସୁଷମା ଦାଶ ପିଲାଙ୍କୁ ଭଲ ମଣିଷ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

### ସକାଳ ପ୍ରଭାବ

## ଖବର ପ୍ରକାଶ ପରେ ସଚଳ ହେଲା ଷ୍ଟେଟ ବ୍ୟାଙ୍କ ଏଟିଏମ୍

**ଝାରବନ୍ଧ, ୧୧।୨(ସମିସ):** ଝାରବନ୍ଧ ମୁଖ୍ୟାଳୟରେ ଥିବା ଏକମାତ୍ର ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଶେଷରେ କାର୍ଯ୍ୟକ୍ଷମ ହୋଇଛି। ୪୫ ଦିନ ଧରି ଏହା ବନ୍ଦ ରହିଥିଲା। ଗ୍ରାହକମାନେ ହଇରାଣ ହେଉଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏଟିଏମ୍ ଚାଲୁ ହେବା ପରେ ସ୍ଥାନୀୟ ଲୋକ ଖୁସି ବ୍ୟକ୍ତ କରିଛନ୍ତି।

## ସଂଘମିତ୍ରା ପଟେଲ ସମ୍ମାନିତ

**ବରଗଡ଼, ୧୧।୨(ସମିସ):** ବରଗଡ଼ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଶ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲ ଭୁବନେଶ୍ୱର ମହିଳା କମିଶନର କାର୍ଯ୍ୟାଳୟରେ ସମ୍ମାନିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମହିଳା କମିଶନର ମୁକ୍ତା ସାହୁ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଉପସ୍ଥିତିରେ ସେ ସମ୍ମାନିତ ହୋଇଥିଲେ।

## ଉର୍ମିଳା ବିଶ୍ୱାଳଙ୍କ ପରଲୋକ

**ଅତାବିରା, ୧୧।୨(ସମିସ):** ହିର୍ଲିପାଲି ପଞ୍ଚାୟତ ଡୁମ୍ବେରପାଲିର ସିଂହପାଲି ୟୁଜିଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ପତ୍ନୀ ଉର୍ମିଳା ବିଶ୍ୱାଳ(୭୮)ଙ୍କ ପରଲୋକ ଘଟିଛି। ତାଙ୍କ ଗୋଡ଼ ଭାଙ୍ଗିଯିବାରୁ ସେ ବୁର୍ଲାର ଏକ ନର୍ସିଂହୋମରେ ୮ ଦିନ ତଳେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଗାଁରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ସୁବାଷ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଶୋକ ପ୍ରକାଶ କରିଛନ୍ତି।



## ମାଟ୍ରିକ ପରୀକ୍ଷା ପାଇଁ ଝାରବନ୍ଧରେ ପ୍ରସ୍ତୁତି

**ଝାରବନ୍ଧ, ୧୧।୨(ସମିସ):** ମାଟ୍ରିକ ପରୀକ୍ଷା ପାଇଁ ଝାରବନ୍ଧ ବ୍ଲକରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଏହି ବ୍ଲକରୁ ମୋଟ ୮୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବ୍ଲକର ୫ଟି କେନ୍ଦ୍ରରେ ପରୀକ୍ଷା ଆୟୋଜନ ହେବ। ଜଗଦଳପୁର ହାଇସ୍କୁଲରେ ୧୭୨ ଜଣ, ଡଭା ହାଇସ୍କୁଲରେ ୨୨୪ ଜଣ, ଭଣ୍ଡାରପୁରୀ ହାଇସ୍କୁଲରେ ୧୫୯ ଜଣ, ଝାରବନ୍ଧ ହାଇସ୍କୁଲରେ ୧୪୮ ଜଣ ଏବଂ ବିଜାଢୋଲ ହାଇସ୍କୁଲରେ ୧୬୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଓ ନିୟମାନୁସାରେ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ସୁରକ୍ଷା, ନିରୀକ୍ଷଣ ଓ ପ୍ରାଥମିକ ସୁବିଧା ସୁନିଶ୍ଚିତ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି।

### ମାଣ୍ଡୋସିଲ କପ୍ ଉଦ୍‌ଘାଟିତ

# ଝିଟିକିକୁ ହରାଇ ସେମିରେ ଭେରୁଆମୁଣ୍ଡା

**ପାଇକମାଲ, ୧୧।୨(ସମିସ)**

ମାଣ୍ଡୋସିଲ ବଡ଼ ଖେଳ ପଡ଼ିଆରେ ୨୬ତମ ମାଣ୍ଡୋସିଲ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ମାଣ୍ଡୋସିଲ ସରପଞ୍ଚ ଓମପ୍ରକାଶ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାଂସଡା ଓ ଛିଦେଇକେଲା ମଧ୍ୟ ଉଦଘାଟନୀ ମ୍ୟା୍ ହୋଇଥିଲା। କାଂସଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଭେରୁଆମୁଣ୍ଡା ଓ ଭୁତମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଭେରୁଆମୁଣ୍ଡା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଭେରୁଆମୁଣ୍ଡା ଓ କାଂସଡା ମଧ୍ୟରେ ହୋଇଥିଲା। ଏଥିରେ ଭେରୁଆମୁଣ୍ଡା ବିଜୟୀ ହୋଇଥିଲେ। ଚତୁର୍ଥ ମ୍ୟାଚ ଝିଟିକି ଓ ପୁରେନା ମଧ୍ୟରେ ହୋଇଥିଲା। ଏଥିରେ ଝିଟିକି ବିଜୟୀ ହୋଇଥିଲେ। ଝିଟିକି ଓ ଭେରୁଆମୁଣ୍ଡା ମଧ୍ୟ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭେରୁଆମୁଣ୍ଡା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଥିଲା। ଦେବ ସିଂ ଭରାସାଗର, ହେମାନନ୍ଦ ବିଶ୍ୱାଳ, ନରେଶ ବିଶ୍ୱାଳ ଓ ଅଶୋକ ବାରିକ ଅମ୍ପାୟାର ଥିଲେ। ବିଜୟ ବରିହା ସ୍କୋରର ଥିବା ବେଳେ ଦୁଃଖିଶ୍ୟାମ ସରିଆ ଓ ମନୋରଞ୍ଜନ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଲଳିତ ଜଗତ, ଗୋକୁଳ ବିଶ୍ୱାଳ, ଗୋବର୍ଦ୍ଧନ ଭୋଇ, ଅନିଲ ଦାଶ, ନିର୍ମଳ ନାୟକ, ବେଦବ୍ୟାସ ପୁଟା, ରାଜୁ ପୁଟା, ମହେଶ ନାୟକ, ସହଦେବ କାରେ, ବିକେଶ ବିଶ୍ୱାଳ, ଟିକେଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ଆକାଶ ବିଶ୍ୱାଳ, ସୋନୁ ପଟେଲ, ମୁକେଶ ବିଶ୍ୱାଳ, ଚନ୍ଦନ ସେଠ, ଦାମୋଦର ରଣା, ମନୋଜ କୁମ୍ଭାର, ସୁଧିର ବିଶ୍ୱାଳ, ମହେନ୍ଦ୍ର ଶବର, ଲୋକନାଥ ନାୟକ, ଦୁଷ୍ମନ୍ତ ସାହୁ, ତାପସ ରଞ୍ଜନ ସାହୁ, ମାନସ ନାୟକ, ଦୀପକ ମାଝୀ, ଯୋଗେଶ ନାୟକ, ରାଜୁ ଦାସ, ଭକ୍ତ ବିନାଟ, ଯୋଗେଶ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ମୁଣ୍ଡେଲା ମା' ମାଉଳି ଫୁଟ୍‌ବଲ୍ କପ୍

## ସମ୍ବଲପୁରୀକୁ ହରାଇ ବରଭଟା ଚାମ୍ପିଅନ



**ପାଇକମାଲ, ୧୧।୨(ସମିସ):** ମାଣ୍ଡିଆଡ଼ିପା ପଞ୍ଚାୟତର ମୁଣ୍ଡେଲାରେ ୩ ଦିନ ଧରି ଚାଲିଥିବା ୧୮ତମ ମା' ମାଉଳି ଫୁଟ୍‌ବଲ୍ କପ୍ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍ ବରଭଟା ଓ ସମ୍ବଲପୁରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର ନ ହେବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ବରଭଟା ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପାଇକମାଲ ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ଓ ସମ୍ମାନିତ ଅତିଥି ଭାବେ ରାଜୀବ ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଷମା ପଟେଲ, ସୁଦାମ ରଣା, ଯଶୋବନ୍ତ ପ୍ରଧାନ, ନରେଶ ପ୍ରଧାନ, କରୁଣାକର ସାହୁଙ୍କ ସମେତ ମୁଣ୍ଡେଲା ଗ୍ରାମବାସୀ ସହଯୋଗ କରିଥିଲେ।

# ବିକ୍ରମ ପଣ୍ଡାଙ୍କ ପୁନଃ ସ୍ୱାସ୍ଥ୍ୟ ସ୍ଥିତି ଯାଞ୍ଚ



ବ୍ରହ୍ମପୁର,୧୧।୨(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଗତକାଲି ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବିକ୍ରମ ଆଜି ସକାଳେ ପୁଣି ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କର ପୁନଃ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମ୍ପୂର୍ଣ୍ଣ ଶରୀରର ଏମଆରଆଇ ସହିତ ଏକ୍ସ-ରେ ମଧ୍ୟ କରାଯାଇଛି। ଏଥିପାଇଁ ବିକ୍ରମଙ୍କୁ ସର୍ଜରୀ ୱାର୍ଡରୁ ସୁପର ସ୍ପେଶାଲିଟି ବ୍ଲକକୁ ନିଆଯାଇଥିଲା। ଏହି ସମୟରେ ବିକ୍ରମଙ୍କ ପରିବାର ବର୍ଗଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବହୁ କର୍ପୋରେଟର ଓ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରୀକ୍ଷା ପରେ ବିକ୍ରମଙ୍କୁ ସୁପର ସ୍ପେଶାଲିଟି ବ୍ଲକରୁ ସର୍ଜରୀ ୱାର୍ଡକୁ ବ୍ୟାଟେରି ଗାଡିରେ ନିଆଯାଇଥିଲା।

# ଟ୍ରକ୍ ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର,୧୧।୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଥାନା ଅଞ୍ଚଳର ମହେନ୍ଦ୍ର ସାହୁ (୩୫)। ସେ ବ୍ରହ୍ମପୁରରୁ ଛତ୍ରପୁର ଅଭିମୁଖେ ବାଇକ୍ (ନଂ.ଓଡ଼ି୦୭କ୍ୟୁ-୧୭୪୧) ଯୋଗେ ଯାଉଥିବାବେଳେ ଏକ ଟ୍ରକ୍ (ନଂ.ଓଆର୍୧୪ଏସ ୦୧୯୯) ତାଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଗୋପାଳପୁର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ବାଇକ୍‌କୁ ଜବତ କରିଥିବା ବେଳେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି।

# ବ୍ରହ୍ମପୁର ଅସ୍ଥାୟୀ ବସଷ୍ଟାଣ୍ଡ ଡୁଡୁମା କଲୋନୀଠାରେ ଲୋକାର୍ପିତ

ବ୍ରହ୍ମପୁର,୧୧।୨(ସମିସ)

ଡୁଡୁମା କଲୋନୀ ଠାରେ ବ୍ରହ୍ମପୁରର ଅସ୍ଥାୟୀ ସିଟି ବସଷ୍ଟାଣ୍ଡ ଲୋକାର୍ପିତ। ଗେଟବଜାର ଠାରେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିର୍ମାଣାଧିନ ଓଭର ବ୍ରିଜ ପାଇଁ ସହର ମଧ୍ୟରେ ଥିବା ସିଟି ବସଷ୍ଟାଣ୍ଡର ବିକଳ୍ପ ହେବ ଏହି ଅସ୍ଥାୟୀ ବସଷ୍ଟାଣ୍ଡ। ଏଥିପାଇଁ ସହର ଉପକଣ୍ଠରେ ଥିବା ରାଜ୍ୟ ବିଦ୍ୟୁତ ବୋର୍ଡର ପ୍ରାୟ ସାଢେ ୪ଏକର ପରିମିତ ଜମି ଯାହା ବର୍ତ୍ତମାନ ଓପିଟିସିଏଲ ଅଧିନରେ ରହିଛି ବିଇଡିଏ ଲିଜ ସୂତ୍ରରେ ନେଇ ସେଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିଛି। ୨ ବର୍ଷ ପାଇଁ ଲିଜ୍ ସୂତ୍ରରେ ଥିବା ଏହି ଜମି ସରକାରୀ ଥିବାରୁ ଏଥିପାଇଁ କୌଣସି ଦେୟ ଦେବାକୁ ପଡିନାହିଁ। ତେବେ ପ୍ରଥମ ପର୍ଯ୍ୟାୟରେ ବିଇଡିଏ ପକ୍ଷରୁ ୧କୋଟି ୬୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ଅଧିକ ୨କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ବିନିଯୋଗ ହୋଇଥିବା ପ୍ରାୟ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ପାଇଁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଗତବର୍ଷ ଅଗଷ୍ଟ ୨୧ତାରିଖରେ ଚିଠି ଲେଖି ୮୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପାଇଁ ଦାବି କରିଥିଲେ। ପରବର୍ତ୍ତି ସମୟରେ ଏଥିପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଆର୍ଥିକ ଅନୁଦାନ ଆସିଥିବା ଜଣାପଡିଛି। ତେବେ ପରିବହନ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଅସ୍ଥାୟୀ ବସଷ୍ଟାଣ୍ଡ ପାଇଁ ପରିବହନ ବିଭାଗରୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନଥିବା ଜଣାପଡିଛି। ଅସ୍ଥାୟୀ ବସଷ୍ଟାଣ୍ଡକୁ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହିତ ମେୟର ସଂଘମିତ୍ରା ଦଳେଇ,



ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଜିଲ୍ଲାପାଳ ଭି. କିର୍ତ୍ତିଭାସନ, ବିଇଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସ୍ଥାନୀୟ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଲା, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଲା, ପ୍ରଦୀପ କୁମାର ନାୟକ, ଶିବ ପ୍ରସାଦ ଦାଶ, ଟ୍ରକ ମାଲିକ ସଂଘ ସଭାପତି ପ୍ରମୋଦ କୁମାର ଜେନାଙ୍କ ସମେତ ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଦିନେ କିମ୍ବା ଦୁଇଦିନ ମଧ୍ୟରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ସହର ମଧ୍ୟକୁ ଆଗକୁ ଯାତ୍ରୀବାହୀ ବସ ଚଳାଚଳରେ କଟକଣା ଜାରି କରାଯିବ। ଦିଗପହଣ୍ଡି ଓ ଆସ୍କା ପଟୁ ସହରକୁ ଆସୁଥିବା ସମସ୍ତ ବସ ଏଣିକି ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବ। ସେଠାରୁ ଯାତ୍ରୀଙ୍କୁ ନେବାଆଣିବ କରିବ। ସେହିଭଳି ଭୁବନେଶ୍ୱରରୁ ସହରକୁ ଆସୁଥିବା ଓ ଆନ୍ଧ୍ରପଟୁ ବ୍ରହ୍ମପୁରକୁ ଆସୁଥିବା ସମସ୍ତ ବସ ହଳଦିଆପଦର ବସ ଟର୍ମିନାଲକୁ ଯିବ। ସେହିଭଳି ଛତ୍ରପୁର ଓ ପୁରୁଷୋତ୍ତମପୁର ପଟୁ ବ୍ରହ୍ମପୁରକୁ ଆସୁଥିବା ଛୋଟବଡ ବସଗୁଡିକ କୋର୍ଟପେଟା ଛକ

- ମନ୍ତ୍ରୀ, ମେୟର ଓ ବିଧାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟନ ଉତ୍ସବ ସମ୍ପନ୍ନ
- ସହର ଭିତରକୁ ଯାତ୍ରୀ ନେବାଆଣିବା ପାଇଁ ଧାର୍ଯ୍ୟ ହେବ ଅଟୋ ଭଡ଼ା
- ବସ୍ ମାଲିକଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟାର କରାଯିବ ସମାଧାନ

ପର୍ଯ୍ୟନ୍ତ ଆସି ସିଧାସଳଖ କମ୍ପାପଲ୍ଲୀ, ଟାଟାବେଞ୍ଚ ଓ ବିଜିପୁର, ଗୋଷାଣିନୂଆଗାଁ ହୋଇ ହଳଦିଆପଦରକୁ ଯିବେ। ବର୍ତ୍ତମାନ ପରିସ୍ଥିତିରେ କିଛିଟା ସମସ୍ୟା ରହିଥିବା ବେଳେ ସେଗୁଡିକର ତୁରନ୍ତ ସମାଧାନ କରିବାକୁ ବିଇଏମସି ସହିତ ଯୋଗାଯୋଗ କରାଯାଇଥିବା କହିଛନ୍ତି ଜିଲ୍ଲାପାଳ ଭି. କିର୍ତ୍ତି ଭାସନ। ବସ ଚଳାଚଳରେ କିଭଳି ସମସ୍ୟା ସୃଷ୍ଟି ନହେବ ସେଥିପାଇଁ ବସମାଲିକ ସଂଘ ସହିତ ମଧ୍ୟ ଆଲୋଚନା କରାଯିବ। ବସଷ୍ଟାଣ୍ଡରୁ ଯାତ୍ରୀଙ୍କ ଯାତାୟତରେ ଯେଉଁଭଳି ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ସ୍ୱତନ୍ତ୍ର ଅଟୋର ବ୍ୟବସ୍ଥା କରାଯାଇଛି। ତେବେ ଯାତ୍ରୀଙ୍କ ଠାରୁ ମଧ୍ୟ ଅଟୋ ଚାଳକ ଯେଉଁଭଳି ଅଧିକ ଭଡା ନନିଅନ୍ତି ସେଥିପାଇଁ ମୂଲ୍ୟ ନିର୍ଦ୍ଧାରଣ କରାଯିବ। ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକାରୀ ହେଲେ କୋର୍ଟପେଟା ଛକ ଠାରୁ ଫାଷ୍ଟଗେଟ ପର୍ଯ୍ୟନ୍ତ ସହର ମଧ୍ୟଦେଇ କୌଣସି ଯାତ୍ରୀବାହୀ ବସ ଚଳାଚଳ କରିବ ନାହିଁ। ଯଦ୍ୱାରା ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ସହଜ ହୋଇପାରିବ। ତେବେ ଅନ୍ଧପସରା ରୋଡରେ ଭାରୀଯାନ ଚଳାଚଳ ଦ୍ୱାରା ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ସମାଧାନ କରିବାକୁ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ପରାମର୍ଶ ଦେଇଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ଅସ୍ଥାୟୀ ବସଷ୍ଟାଣ୍ଡରେ ମାତ୍ର ୨୪ଟି ବସ ପାଇଁ ବସ-ୱେ ନିର୍ମାଣ ହୋଇଥିବା ବେଳେ ବସ ସଂଖ୍ୟା ପ୍ରାୟ ୨୨୦ରୁ ଅଧିକ ରହିଛି। ଏଣୁ ପ୍ରାରମ୍ଭିକ ଅବସ୍ଥାରେ ସ୍ଥାନାଭାବ ଏକ ସମସ୍ୟା ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛି ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘ। ସେପଟେ ସହରକୁ ଟ୍ରାଫିକ ଜନିତ ସମସ୍ୟାରୁ ମୁକ୍ତ କରିବା ପାଇଁ ଖୁବଶୀଘ୍ର ରିଂ ରୋଡ କାର୍ଯ୍ୟ ସମାପ୍ତ କରିବା ଓ ଅସ୍ଥାୟୀ ବସଷ୍ଟାଣ୍ଡକୁ ସ୍ଥାୟୀ କରାଯିବା ଉପରେ ବିଧାୟକ କେ. ଅନୀଲ କୁମାର ଗୁରୁତ୍ୱ ଦେଇଛନ୍ତି।

# ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୧।୨(ସମିସ): ବ୍ରହ୍ମପୁର ଉପକଣ୍ଠ କନିଷି ହାଟ ନିକଟରେ ବ୍ରହ୍ମପୁର ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ବ୍ରହ୍ମପୁର ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଗୋଳନ୍ଥରା, ମେରାଇନ୍, ସଦର, ନିମଖଣ୍ଡି, ଗୋପାଳପୁର ଥାନା ପରି ପାଞ୍ଚଟି ଥାନା ରହିଛି। ପୂର୍ବରୁ କାର୍ଯ୍ୟରତ ଥିବା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଏହି ପାଞ୍ଚଟି ଥାନା ଠାରୁ ବହୁତ୍ ଦୂରରେ ରହିଥିଲା। ଯାହା ଦ୍ୱାରା ଉପଖଣ୍ଡ ଆରକ୍ଷୀ ଅଧକ୍ଷୀକଙ୍କ କାର୍ଯ୍ୟାଳୟକୁ ଲୋକମାନେ ବିଭିନ୍ନ ଅଭିଯୋଗ ନେଇ ଯିବା ଆସିବାରେ ଅସୁବିଧା ଭୋଗୁଥିଲେ।

ଏହି କାର୍ଯ୍ୟାଳୟ ଦ୍ୱାରା ଥାନାଗୁଡ଼ିକୁ ଆହୁରି ଭଲ ଭାବେ ପରିଚାଳନା କରିବା ସହ ଲୋକଙ୍କୁ ଭଲରେ ସେବା ଯୋଗାଇ



ପାରିବେ ବୋଲି ଆଇଜି ନୀତି ଶେଖର କହିଛନ୍ତି। ଉଦଘାଟନ ବେଳେ ଆଇଜି ନିତି ଶେଖର, ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ ଯୋଗ ଦେଇଥିଲେ। ଏ ଅବସରରେ ଅତିରିକ୍ତ ଏସପି ଆଲୋକ କୁମାର ଜେନା, କୈଳାଶ ଚନ୍ଦ୍ର ବୁରୁଦା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ଡିଏସପି ବିବେକାନନ୍ଦ ସ୍ୱାଇଁ, ସ୍ମୃତିପ୍ରଭା ପ୍ରଧାନ, କନିଷି ସରପଞ୍ଚ ବି ସୁଜ୍ଞାନୀ, ୱାର୍ଡସଭ୍ୟ ଗୋପୀନାଥ ମହାରଣା, ସମାଜସେବୀ ଅଶ୍ୱିନୀ ପାତ୍ର, ସୁଧାଂଶୁ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜମୋହନ ନାହକ, ଭରତ ପାତ୍ର, ସନତ ନାହକ, ସୁଶୀଳା ସେଠି, ମିନତୀ ଦଳେଇ, ମୋନଜ ଦଳେଇ, କିସାନ ପଟ୍ଟନାୟକଙ୍କ ସମେତ ପୁଲିସ ଅଧିକାରୀ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ।

# ହତ୍ୟାକାରୀକୁ ୮ ବର୍ଷ ଜେଲ୍

ବ୍ରହ୍ମପୁର,୧୧।୨(ସମିସ): ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଅଶାନ୍ତ କୁମାର ଦାଶ୍ ବୁଧବାର ଦିଗପହଣ୍ଡି ଥାନା କୈଠଡ଼ା ଗ୍ରାମରେ ୨୦୧୬ରେ ଘଟିଥିବା ବୁଲୁ ସେଠୀ ହତ୍ୟା ଘଟଣାର ବିଚାର କରି ଡମ୍ବରୁ ସେଠୀ(୪୫)କୁ ୮ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜେଲ୍‌ଦଣ୍ଡସହ୫ହଜାରଟଙ୍କାଜରିମାନାଓଜରିମାନାଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଦ୍ୱାଦଶାହ କାର୍ଯ୍ୟରେ ବୁଲୁ ଭୋଜି ବାଢୁଥିଲେ। ସେହି ସମୟରେ କୌଣସି କଥାକୁ ନେଇ ଅଭିଯୁକ୍ତ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଭୁବନେଶ୍ୱରର ଏକ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ଜାମିନ୍‌ରେ ଥିଲେ। ଦିଗପହଣ୍ଡି ଥାନା ତତ୍କାଳୀନ ଆଇଆଇସି ତଥା ବର୍ତ୍ତମାନର ଡିଏସ୍‌ପି ଆଦିତ୍ୟକୁମାର ସେଠୀ ତାଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ପରେ ବିଚାରଣା ଆରମ୍ଭ ହୋଇଥିଲା। ୧୬ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ବୁଧବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ କୋଟରେ ହାଜର ହୋଇଥିଲେ। ରାୟ ପ୍ରକାଶ ପରେ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇଦିଆଯାଇଛି। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ।

# ୯୨ କିଲୋ ଗଞ୍ଜେଇ ଜବତ; ୨ ଗିରଫ




ବ୍ରହ୍ମପୁର,୧୧।୨(ସମିସ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଛକ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ୯୨ କେଜି ଗଂଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କର୍ଣ୍ଣାଟକର ସବିର ଅଲି (୨୬) ଓ ମୋହନା ଅଡ଼ବା ସାଇନୋଶ ନାଇକ(୨୩)। ବୁଧବାର ମଧ୍ୟାହ୍ନରେ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଫାଷ୍ଟଗେଟ ଠାରେ ଅବକାରୀ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଏକ କାର୍‌ରୁ ୪ଟି ଜରି ବ୍ୟାଗ୍‌ରୁ ମୋଟ ୯୨ କେଜି ଗଞ୍ଜେଇ ମିଳିଥିଲା। ଏହା ସହିତ ଉକ୍ତ କାର୍‌ରୁ ଦୁଇଟି ମୋବାଇଲ୍ ଫୋନ୍, ସବୀର ଅଲିଙ୍କ ଆଧାର କାର୍ଡ ଏବଂ ଏକ ନମ୍ବର ପ୍ଲେଟ୍‌କୁ ମଧ୍ୟ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ଅବକାରୀ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ୧୫ ଦିନର ରିମାଣ୍ଡରେ ନେବାକୁ ଆବେଦନ କରିଥିବା ଅବକାରୀ ବିଭାଗ ଡ଼ିଏସ୍‌ପି ସ୍ମୃତିକାନ୍ତ ରାଉତ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

# ଇଟ୍ ରାଇଟ୍ ଚ୍ୟାଲେଞ୍ଜରେ ବ୍ରହ୍ମପୁର ମହାନଗର ନିଗମର ସଫଳତା

ବ୍ରହ୍ମପୁର,୧୧।୨(ସମିସ): ଏଫ୍‌ଏସ୍‌ଏସ୍‌ଆଇ ଦ୍ୱାରା ପରିଚାଳିତ ପ୍ରତିଷ୍ଠିତ "ଇଟ୍ ରାଇଟ୍ ଚ୍ୟାଲେଞ୍ଜ' ପ୍ରତିଯୋଗିତାରେ ବ୍ରହ୍ମପୁର ମହାନଗର ନିଗମ ରାଜ୍ୟର ସମସ୍ତ ନିଗମ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଭାରତ ସରକାରଙ୍କ ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ପରିଚାଳିତ ପ୍ରତିଷ୍ଠିତ "ଇଟ୍ ରାଇଟ୍ ଚ୍ୟାଲେଞ୍ଜ' ପ୍ରତିଯୋଗିତାରେ ଜାତୀୟସ୍ତରରେ ୨୭ତମ ସ୍ଥାନ ହାସଲ କରିଛି। ୨୦୨୩-୨୪ରେ ବ୍ରହ୍ମପୁର ୮୩ତମ ସ୍ଥାନରେ ରହିଥିଲା। ଏହି ସଫଳତା ୧୬ଟି ପ୍ରମୁଖ ପାରାମିଟରରେ କାର୍ଯ୍ୟଦକ୍ଷତା ଆଧାରରେ ପ୍ରଦାନ କରାଯାଇଛି। ଯେଉଁଥିରେ ନୂତନ ପଞ୍ଜୀକରଣ, ଲାଇସେନ୍ସିଂ, ନିରୀକ୍ଷଣ ଏବଂ ପ୍ରବର୍ତ୍ତନ ଅଭିଯାନ, ଅନଲାଇନ୍ ଯାଞ୍ଚ, ସ୍ୱଚ୍ଛତା ମୂଲ୍ୟାଙ୍କନ, ହବ୍ ପ୍ରମାଣପତ୍ର (ଷ୍ଟ୍ରିଟ୍ ଫୁଡ୍, ପନିପରିବା ବଜାର, ପୂଜାସ୍ଥଳ) ଆଦିର ପ୍ରମାଣପତ୍ର ପ୍ରଦାନ, ଖାଦ୍ୟ ଅପଚୟ ପ୍ରମାଣପତ୍ର ଆଦି ରହିଥିବା ବେଳେ ଏହି ପାରଦର୍ଶିତାକୁ ନେଇ ପ୍ରଦାନ କରାଯାଇଛି। ଏହି ଅବସରରେ ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେସ ଅରବିନ୍ଦ ରାଜଶିର୍କେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସଫଳତା ସ୍ୱଚ୍ଛ ସର୍ବେକ୍ଷଣରେ ସହଯୋଗ ହେବ ବୋଲି କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ; ଯୁବକ ଗିରଫ

ବ୍ରହ୍ମପୁର,୧୧।୨(ସମିସ): ଗୋଷାଣିନୂଆଗାଁ ଥାନା ଅଂଚଳରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଡିମ୍ବିରା ବାଉରୀ ସାହିର ସୁବାସ ଦାସ(୪୨)। ମାମଲା ନଂ. ୫୪/୨୬ ରେ ତାଙ୍କୁ ପୁଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଏହି ଇଲାକାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚସି) ରେ ଶିବ ଶଙ୍କର ସାବତ କାମ କରନ୍ତି। ମଙ୍ଗଳବାର ସେ ସେଠାରେ କାର୍ଯ୍ୟରତ ଥିଲେ। ଜଣେ ମହିଳା ଏବଂ ତାଙ୍କର ସମ୍ପର୍କୀୟ ସୁବାସ ଦାସ ପହଞ୍ଚି ତାଙ୍କ ସହ ଝଗଡ଼ା କରିଥିଲେ। ପରେ ଶିବ ଶଙ୍କରଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିବା ସହ ତାଙ୍କ ମୋବାଇଲ ଫୋନ୍ ଓ ଚଷମା ଭାଙ୍ଗି ଦେଇଥିଲେ। କାର୍ଯ୍ୟରତ ଜଣେ ନର୍ସିଂ ଅଫିସର ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଏନେଇ ଶିବ ଶଙ୍କର ଥାନାରେ ଅଭିଯୋଗ କରିଥିଲେ।

## ମନ୍ତ୍ରୀ ବିଭୂତିଙ୍କ ବିରୋଧରେ ଦାନା ବାନ୍ଧୁଛି ଅସନ୍ତୋଷ

# ମନ୍ତ୍ରୀଙ୍କ ଭାଷଣ ବେଳେ ସଭାସ୍ଥଳ ଛାଡ଼ି ଚାଲିଗଲେ ଦୁଇ ବିଧାୟକ

ବ୍ରହ୍ମପୁର,୧୧।୨(ସମିସ)

ଡବଲ ଇଂଜିନ ସରକାରରେ ଗଞ୍ଜାମ ଜିଲ୍ଲା ଭାଗରେ ପଡିଥିବା ଦୁଇଜଣ ମନ୍ତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ନେଇ ଖୋଦ୍ ଦଳୀୟ ନେତା ଓ କର୍ମୀ ଅତିଷ୍ଠ ହେଲେଣି। ଯାହାକୁ ନେଇ ଦଳୀୟ କନ୍ଦଳ ଓ ଗୋଷ୍ଠୀ ବିବାଦ ଉଗ୍ର ହୋଇସାରିଛି। ଦଳ ଭିତରର କଥା ହେଲେ ବି ଏସବୁ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ନିକଟରେ ଭୁବନେଶ୍ୱରରେ ବ୍ରହ୍ମପୁର ଲୋକସଭା କ୍ଷେତ୍ରର ସାଙ୍ଗଠନିକ ସ୍ଥିତି ଆଲୋଚନା ବୈଠକରେ ଖୋଦ୍ ବିଧାୟକମାନେ ଜଣେ ମନ୍ତ୍ରୀଙ୍କ ବିରୋଧରେ ବିଷ ଓଗାଳିଥିବା ଜଣାପଡିଛି। ମନ୍ତ୍ରୀଙ୍କ ଏକଛତ୍ରବାଦ କାର୍ଯ୍ୟକଳାପରେ ଜିଲ୍ଲାର ଏକାଧିକ ବିଧାୟକଙ୍କ ସମେତ ଅଧିକାଂଶ ନେତୃସ୍ଥାନୀୟ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ନିଜର କିଛି ହାତଗଣତି ବ୍ୟକ୍ତିବିଶେଷଙ୍କୁ ଧରି ମନ୍ତ୍ରୀ ରାଜୁତି ଚଳାଇଥିବା ଅଭିଯୋଗ ହୋଇଛି। ମନ୍ତ୍ରୀଙ୍କ ବିରୋଧରେ ଦଳଭିତରେ ଥିବା ଦୀର୍ଘଦିନର ଅସନ୍ତୋଷ ନିକଟରେ ଖୋଦ୍ ମନ୍ତ୍ରୀଙ୍କ ପୌରହିତ୍ୟରେ ସମ୍ପନ୍ନ ଗୋପାଳପୁର ବେଳାଭୂମି ମହୋତ୍ସବରେ ସ୍ପଷ୍ଟ ବାରି ହୋଇପଡ଼ିଥିଲା। କାରଣ ଏହି ମହୋତ୍ସବରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ ଯୋଗଦାନ କରିଥିଲେ ହେଁ ଏହି ମହୋତ୍ସବରେ ବିଜେପି ବ୍ରହ୍ମପୁର ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଯୋଗ ଦେଇନଥିଲେ। ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବୈଠକ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସିନଥିବା ଜଣାପଡିଛି।

ଆଜି ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ସମର୍ପଣ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ସଭାପତି ସରୋଜ ସାବତ। ଏଥିରେ ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନା, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କୁ ଛାଡି ଜିଲ୍ଲାର ଅନ୍ୟ କୌଣସି ବିଧାୟକ ଓ ସାଂସଦଙ୍କ ଉପସ୍ଥିତି ଦେଖିବାକୁ ମିଳିନଥିଲା। ତେବେ ମଞ୍ଚ ଉପରେ ସଭାପତିଙ୍କ ସହିତ ମନ୍ତ୍ରୀଙ୍କ ପାଇଁ ଚୌକିର ବ୍ୟବସ୍ଥା ଦେଖିବାକୁ ମିଳିଥିଲେ ହେଁ ଉପସ୍ଥିତ ଦୁଇ ବିଧାୟକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିଲା। ଯାହା ଉଭୟ ବିଧାୟକଙ୍କ ପାଇଁ ଅପମାନ ବୋଲି ଆଲୋଚନା ହେଉଛି। କାରଣ ଯାହା ହେଉନା କାହିଁକି କାର୍ଯ୍ୟକ୍ରମ ଆରମ୍ଭରୁ ବୈଠକରେ ଉପସ୍ଥିତ ଥିବା ଉଭୟ ବ୍ରହ୍ମପୁର ଓ ଚିକିଟି ବିଧାୟକ ମନ୍ତ୍ରୀ ଶ୍ରୀ ଜେନାଙ୍କ ଅଭିଭାଷଣ ଚାଲିଥିବା ବେଳେ ହଠାତ ବୈଠକ ସ୍ଥଳ ଛାଡ଼ି ଚାଲିଯାଇଥିଲେ। ଯାହା ବର୍ତ୍ତମାନର ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଜିଲ୍ଲା ସଭାପତି ସରୋଜ ସାବତଙ୍କ ପ୍ରତିକ୍ରିୟା ନେବାକୁ

> ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ ଚିକିଟି ବିଧାୟକଙ୍କୁ ଅଣଦେଖା ଅଭିଯୋଗ
>
> ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି ଦଳୀୟ ଗୋଷ୍ଠୀକନ୍ଦଳ ଓ ବିବାଦ

ଚାହିଁଥିବା ବେଳେ ଘଟଣାକୁ ସେ ଘୋଡାଇବାକୁ ଚେଷ୍ଟା କରିଥିଲେ। ତେବେ ଉଭୟ ବିଧାୟକ ବିଭିନ୍ନ କାରଣରୁ ଅସନ୍ତୋଷ ଥିବା ସେମାନଙ୍କ ହାବଭାବରୁ ଜଣାପଡ଼ିଥିଲା। ସେପଟେ ଆଜି ଠାରୁ ଆରମ୍ଭ ହେବାକୁଥିବା ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ ଜିଲ୍ଲା ପ୍ରଶାସନର ସହଭାଗିତା ଥିବାବେଳେ ଏଥିରେ ଖୋଦ୍ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଛି। ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତ ନିମନ୍ତ୍ରଣ ପତ୍ରରେ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତିଙ୍କ ସମେତ ଜିଲ୍ଲାର ସମସ୍ତ ବିଜେପି ବିଧାୟକଙ୍କ ନାମ ରହିଥିଲେ ହେଁ ଚିକିଟି ବିଧାୟକଙ୍କ ନାମ ନଥିବାରୁ ଖୋଦ୍ ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିରୁ ଜିଲ୍ଲାରେ ବିଜେପିର ସାଙ୍ଗଠନିକ ସ୍ଥିତି କିଭଳି ରହିଛି ତାହା ସ୍ପଷ୍ଟ ଅନୁମେୟ।

ସେହିଭଳି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନାମ ରହିଥିଲେ ହେଁ ବିଧାୟକ ଭଞ୍ଜନଗର ବୋଲି ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ରହିଛି। ଯାହାକୁ ନେଇ ପୁଣି ଉଭୟ ଖଲ୍ଲିକୋଟ ଓ ଭଞ୍ଜନଗର ବିଧାୟକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସେପଟେ ଚିକିଟି ବିଧାୟକଙ୍କ ପୌରହିତ୍ୟରେ ଆୟୋଜିତ ସୁନାପୁର ବେଳାଭୂମି ମହୋତ୍ସବର ଅନ୍ତିମ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କୁ ନିମନ୍ତ୍ରଣ କରାଯାଇଥିଲେ ହେଁ ସେଠାକୁ ସେ ଯାଇନଥିଲେ। ଏଭଳି ସ୍ଥିତିରେ ବର୍ତ୍ତମାନ ସମସ୍ତଙ୍କ ନଜର ବିଜେପିର ଦଳୀୟ କନ୍ଦଳ ଓ ମନ୍ତ୍ରୀଙ୍କ ଏକଛତ୍ରବାଦ ନିତି ଭିତରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ କିଏ କିଏ ଯୋଗଦାନ କରୁଛନ୍ତି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର,୧୧।୨(ସମିସ): ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ସଂଯୋଜକ ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଉପସଭାପତି ପ୍ରବୀର ପାତ୍ର, ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ବରିଷ୍ଠ ନେତା କୁଞ୍ଜବିହାରୀ ପାଣିଗ୍ରାହୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପାର୍ଥ ଦଳେଇ, ସୁରେଶ ପାଢ଼ୀ, ନାରାୟଣ ପଣ୍ଡା, ସୁନିଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଉପ ସଭାପତି ମୀନା ଦ୍ୟାନ ସାମନ୍ତରାଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।



● ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

# ଭିଡିଓ କରିଥିବା ଛାତ୍ରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ/ବାଲେଶ୍ୱର,୧୧।୨(ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅନ୍ୟତମ ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ହାଇକୋର୍ଟରୁ ନିରାଶ ହୋଇଛନ୍ତି। ଏହି ଆତ୍ମଦାହ ଘଟଣାର ଭିଡିଓକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଜ୍ୟୋତିପ୍ରକାଶ ଉକ୍ତ ମାମଲାରୁ ମୁକ୍ତ ହେବା ପାଇଁ ଦାୟର କରିଥିବା ଡିସଚାର୍ଜ ପିଟିସନକୁ ନିମ୍ନ ଅଦାଲତ ଖାରଜ କରିଥିଲେ। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ଜ୍ୟୋତିପ୍ରକାଶ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ଏହି ଘଟଣାରେ ତାଙ୍କର କୌଣସି ଭୂମିକା ନାହିଁ। ଏଣୁ ବିଏନଏସ ଧାରା ୩(୫) ଓ ୧୦୮ ରେ ତାଙ୍କ ନାମରେ ହୋଇଥିବା ମାମଲାରୁ ମୁକ୍ତ ପାଇଁ ବାଲେଶ୍ୱର ଦୋ÷ରା ଅଦାଲତରେ ଏକ ଡିସଚାର୍ଜ ପିଟିସନ ଦାୟର କରିଥିଲେ। ଯାହାକୁ ଗତ ୨୦୨୫ଡିସେମ୍ବର୨୦ରେ ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଛାତ୍ରୀଙ୍କ ଆତ୍ମଦାହ ଘଟଣାକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶଙ୍କୁ ପୂର୍ବରୁ ହାଇକୋର୍ଟ ଜାମିନ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ କଲେଜ ଅଧକ୍ଷ ଓ ସହକାରୀ ପ୍ରାଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଗତ ୨୦୨୫ ଜୁଲାଇ ୧୨ତାରିଖରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଜନୈକା ଛାତ୍ରୀ ପେଟ୍ରୋଲ ଢାଳି ନିଜ ଦେହରେ ନିଆଇ ଲଗାଇଦେଇଥିଲେ। ୨୦୨୫ଜୁଲାଇ୧୪ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ସହଦେବଖୁଣ୍ଟା ଥାନାରେ ଏତଲା ଦେବା ପରେ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରିଥିଲା।

# ଥାନାରେ ଖତ ଖାଉଛି ଜବତ ଗାଡ଼ି

ବାଲେଶ୍ୱର,୧୧।୨(ରୁଚିକ ରଞ୍ଜନ ମହାପାତ୍ର)



ବାଲେଶ୍ୱର ଜିଲ୍ଲାରେ ସମୁଦାୟ ୩୦ଟି ପୁଲିସ ଥାନା, ୧୪ଟି ଅବକାରୀ ଥାନା ସହ ମୋବାଇଲ ୟୁନିଟ ଏବଂ ଅବକାରୀ ଷ୍ଟେସନ ରହିଛି। ପୁଲିସ ଥାନା ଏବଂ ଅବକାରୀ ଥାନାରେ ଜବତ ଗାଡ଼ି ବର୍ଷ ବର୍ଷ ଧରି ବିଭିନ୍ନ ଥାନାରେ ଖତ ଖାଉଛି। ସେପଟେ ୨ ବର୍ଷ ମଧ୍ୟରେ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ଅଧୀନରେ ଥିବା ୧୪ଟି ଥାନା ଏବଂ ଷ୍ଟେସନରୁ ୫୩୩ ଗାଡ଼ି ଜବତ ସ୍ଥଳେ ମାତ୍ର ୧୦୧ ଗାଡ଼ିକୁ ନିଲାମ କରି ଜିଲ୍ଲା ଅବକାରୀ ବିଭାଗ ବାଃ ବାଃ ନେଉଥିବା ବେଳେ ଜିଲ୍ଲା ପୁଲିସ ନିଲାମ ପ୍ରକ୍ରିୟା ପାଇଁ ଆନ୍ତରିକତା ନଦେଖାଇବା ଜିଲ୍ଲା ପୁଲିସର ପାରିବା ପାଣିଆକୁ ପଦାରେ ପକାଇଛି।

ଚୋରି, ଡକାୟତି, ରାହାଜାନୀ ସହ ନିଶା କାରବାରରେ ପ୍ରତିବର୍ଷ ଜିଲ୍ଲାରେ ହଜାର ହଜାର ଗାଡ଼ି ଜବତ କରାଯିବା ସହ ମାମଲା ରୁଜୁ କରି ଉଭୟ ବିଭାଗର ପୁଲିସ ଚୁପ ବସିଛି। ଏପରିସ୍ଥଳେ ପ୍ରତିବର୍ଷ ବିଭିନ୍ନ ମାମଲାରେ ଜବତ ହେଉଥିବା ଗାଡ଼ି ଗୁଡ଼ିକର ମାମଲାର ଅନ୍ତ ଦିଗରେ ଆନ୍ତରିକତା ଦେଖାଉ ନାହିଁ ବାଲେଶ୍ୱର ଜିଲ୍ଲା ପୁଲିସ। ଫଳରେ ପ୍ରତି ଥାନାରେ ହଜାର ହଜାର ଗାଡ଼ି ବର୍ଷ ବର୍ଷ ଧରି ଖତ ଖାଉଛି। ଏହାକୁ ନିଲାମ ଦିଗରେ ଜିଲ୍ଲା ପୁଲିସ ପଦକ୍ଷେପ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟରେ ୨୦୨୩ ମସିହା ଜାନୁଆରୀ ମାସରେ ପ୍ରାଥମିକ ପର୍ଯ୍ୟାୟରେ ଏକକାଳୀନ ଶତାଧିକ ଜବତ ଗାଡ଼ି ଗୁଡ଼ିକୁ ନିଲାମ କରିଥିଲା ବଲାଙ୍ଗିର ପୁଲିସ। ଫଳରେ ରାଜ୍ୟର ବିଭିନ୍ନ ପୁଲିସ ଥାନା ଏବଂ ଅବକାରୀ ଥାନାରେ ବିଭିନ୍ନ ମାମଲାରେ ମାଲିକାନା ଦାବି କରୁନଥିବା ଗାଡ଼ି ଗୁଡ଼ିକୁ ସବୁ ଜିଲ୍ଲାରେ ଖତ ଖାଉଥିବା ଗାଡ଼ି ଗୁଡ଼ିକୁ ନିଲାମ କରି ସରକାରୀ ରାଜସ୍ୱ ବଢ଼ାଇବା ପାଇଁ ଅଣ୍ଟା ଭିଡ଼ିଥିଲେ ତତ୍କାଳୀନ ବିଜେଡ଼ି ସରକାର। ହେଲେ ପରବର୍ତ୍ତୀ ସମୟରେ କୌଣସି ବି ଥାନାରେ ଜବତ ଗାଡ଼ିକୁ ନିଲାମ ଦିଗରେ ଆନ୍ତରିକତା ଦେଖାଇନଥିଲା ପୁଲିସ। ତେଣୁ ରାଜ୍ୟର ବିଭିନ୍ନ ଥାନାରେ ଜବତ ଗାଡ଼ି ଖତ ଖାଇବା ସହ ଗାଡ଼ିର ପାହାଡ଼ ସୃଷ୍ଟି ହେବା ପରି ଦୃଶ୍ୟମାନ ହେଉଛି। ଏଥିରୁ ବାଦ ପଡିନି ବାଲେଶ୍ୱର ଜିଲ୍ଲା। ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଥାନାରେ ଜବତ ଗାଡ଼ି ଖତ ଖାଉଛି। ଏଭଳି ସ୍ଥିତିରେ ଗତ ୨ ବର୍ଷ ମଧ୍ୟରେ ଜିଲ୍ଲା ଅବକାରୀ ବିଭାଗର ୧୦ଟି ଥାନା,

● ନିଲାମ ପାଇଁ ଆନ୍ତରିକତା ଦେଖାଉନି ଜିଲ୍ଲା ପୁଲିସ କିମ୍ବା ଅବକାରୀ ବିଭାଗ

● ୨ ବର୍ଷ ମଧ୍ୟରେ ୫୩୩ ଗାଡ଼ି ଜବତ, ନିଲାମ ହୋଇଛି ମାତ୍ର ୧୦୧

୧ ଗୋଟି ମୋବାଇଲ ୟୁନିଟ, ୩ଟି ରେଞ୍ଜ କାର୍ଯ୍ୟାଳୟରେ ସମୁଦାୟ ୬୫୨୫ଟି ମାମଲା ରୁଜୁ ହୋଇଥିବା ବେଳେ ୨ ଚକିଆ, ୩ ଚକିଆ, ୪ ଚକିଆ ଗାଡ଼ିକୁ ମିଶାଇ ୫୩୩ଟି ଗାଡ଼ି ଜବତ କରିଥିଲା ଅବକାରୀ ବିଭାଗ। ସେହିଭଳି ପୁଲିସ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ୨ ବର୍ଷ ମଧ୍ୟରେ ୧୦୦୦ରୁ ଉର୍ଦ୍ଧ୍ୱ ଗାଡ଼ିକୁ ବିଭିନ୍ନ ମାମଲାରେ ଜବତ କରିଥିଲା। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ପକ୍ଷରୁ ଗତ ୨୦୨୪ ମସିହା ଅକ୍ଟୋବର ୩ ତାରିଖରେ ପ୍ରାଥମିକ ପର୍ଯ୍ୟାୟରେ ଜବତ ଗାଡ଼ି ନିଲାମ କରାଯାଇଥିଲା। ବିଭିନ୍ନ ନିଶାଦ୍ରବ୍ୟ ପରିବହନରେ ବ୍ୟବହୃତ ହୋଇ ଧରା ପଡ଼ିଥିବା ଗାଡ଼ି ମଧ୍ୟରୁ ୨୦୨୪-୨୫ ମସିହାରେ ମାଲିକାନା ଦାବି କରୁନଥିବା ୫୪ଟି ଜବତ ଗାଡ଼ିକୁ ପରିବହନ ବିଭାଗ ପକ୍ଷରୁ ମୂଲ୍ୟ ନିର୍ଦ୍ଧାରଣ କରାଇ ନିଲାମ କରି ୨୧ ଲକ୍ଷ ୨୦ ହଜାର ଟଙ୍କାର ରାଜସ୍ୱ ଆଦାୟ କରିଥିଲା ଅବକାରୀ ବିଭାଗ। ସେହିପରି ୨୦୨୫-୨୬ ମସିହାର ଆଜି ପର୍ଯ୍ୟନ୍ତ ଜିଲ୍ଲା ଅବକାରୀ ବିଭାଗ ୪୭ଟି ଜବତ ଗାଡ଼ିକୁ ନିଲାମ କରି ୯ ଲକ୍ଷ ୧୫ ହଜାର ଟଙ୍କା ଆଦାୟ ହୋଇଛି। ୨ ବର୍ଷ ମଧ୍ୟରେ ସମୁଦାୟ ୫୩୩ ଗୋଟି ଗାଡ଼ି ଜବତ କରିଥିବା ବେଳେ ମାତ୍ର ୧୦୧ ଗୋଟି ଗାଡ଼ିକୁ ନିଲାମ କରି ବାଃ ବାଃ ନେଉଛି ଅବକାରୀ ବିଭାଗ। ସେପଟେ ଜିଲ୍ଲା ପୁଲିସ ପକ୍ଷରୁ ହଜାର ହଜାର ଗାଡ଼ି ବିଭିନ୍ନ ଥାନାରେ ଜବତ ହୋଇ ଖତ ଖାଉଥିବା ସ୍ଥଳେ ମାମଲା ଅନ୍ତ କରି ଜବତ ଗାଡ଼ିକୁ ଏଯାଏ ନିଲାମ ଦିଗରେ ଆନ୍ତରିକତା ଦେଖାଉନାହିଁ। ଫଳରେ ରାଜ୍ୟରେ ଲକ୍ଷ ଲକ୍ଷ ଗାଡ଼ି ଜବତ ହୋଇ ଖତ ଖାଉଥିବା ବେଳେ ସରକାର ରାଜସ୍ୱ କ୍ଷତି ସହୁଛନ୍ତି।

## ଏମାନେ ଯାହା କୁହନ୍ତି...

> ବାଲେଶ୍ୱର ଜିଲ୍ଲାରେ କେଉଁ ଥାନାରେ କେଉଁ କେଉଁ ମାମଲାରେ କେତେ ସଂଖ୍ୟକ ଗାଡ଼ି ଜବତ ହୋଇ ରହିଛି। ବିଭିନ୍ନ ଥାନାକୁ ତାହାର ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ସରକାରୀ ଗାଇଡ଼ ଲାଇନକୁ ପାଳନ କରି ନିଲାମ ପ୍ରକ୍ରିୟା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।
>
> ପ୍ରତ୍ୟୁଷ ଦିବାକର, ଆରକ୍ଷୀ ଅଧୀକ୍ଷକ, ବାଲେଶ୍ୱର

> ଅବକାରୀ ବିଭାଗ ବିଭିନ୍ନ ନିଶାଦ୍ରବ୍ୟ ଚାଲାଣ ବେଳେ ଧରା ପଡ଼ିଥିବା ବିଭିନ୍ନ ଗାଡ଼ି ପୁରୁଣା ହୋଇଥିବାରୁ ଗାଡ଼ିର ମାଲିକ ଗାଡ଼ି ନେବା ଦିଗରେ ସହଯୋଗ କରୁନାହାନ୍ତି, ଏମିତି କି ଅନେକ ଜବତ ଗାଡ଼ିରେ ମଧ୍ୟ ଇଞ୍ଜିନ ଏବଂ ଚେଚିସ ନମ୍ବରକୁ ନଷ୍ଟ କରିଦେଇ ସେଥିରେ ନିଶା ଦ୍ରବ୍ୟ ଚୋରା ଚାଲାଣ କରିଥିବାରୁ ଗାଡ଼ି ମାଲିକଙ୍କୁ ଚିହ୍ନଟ ହୋଇ କରାଯାଇ ପାରୁନାହିଁ, ସେଥିପାଇଁ ଜବତ ଗାଡ଼ି ଗୁଡ଼ିକ ନିଲାମ ପ୍ରକ୍ରିୟାରେ ସମସ୍ୟା ଉପୁଜୁଛି।
>
> ମନୋଜ ସେଠୀ, ଅବକାରୀ ଅଧୀକ୍ଷକ, ବାଲେଶ୍ୱର

> ଥାନା ଗ୍ୟାରେଜ ନୁହଁ, ସୁପ୍ରିମ କୋର୍ଟ ନିୟମ ଅନୁସାରେ ଥାନାରେ କୌଣସି ଗାଡ଼ି ୧୫ ଦିନରୁ ଅଧିକ ଦିନ ରଖାଯିବା କଥା ନୁହଁ, ଯଦି କୌଣସି ମାଲିକ ନିଜର ଗାଡ଼ି ଫେରିବା ଦିଗରେ ଆଇନର ଆଶ୍ରୟ ଦିଗରେ ପଦକ୍ଷେପ ଗ୍ରହଣ କରୁନାହିଁ। ତାହାର ମାଲିକାନାକୁ ବାଜ୍ୟାପ୍ତି କରି ସରକାରୀ ସମ୍ପତ୍ତି ଭାବେ ଘୋଷଣା କରାଯିବାର ଗାଡ଼ିକୁ ନିଲାମ କରି ସରକାରୀ ରାଜସ୍ୱ ବଢ଼ାଯାଇପାରିବ, ହେଲେ ପୁଲିସ ଏ ଦିଗରେ ବିଧିବଦ୍ଧ ପଦକ୍ଷେପ ଗ୍ରହଣ ନ କରିବାରୁ ଥାନାରେ ଜବତ ଗାଡ଼ି ଗୁଡ଼ିକ ଖତ ଖାଇ ଥାନା ଏବେ ଗ୍ୟାରେଜରେ ପରିଣତ ହୋଇଛି। ଏ ଦିଗରେ ପୁଲିସ ପ୍ରଶାସନ ଆଇନ ଅନୁସାରେ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବା ଉଚିତ।
>
> ମନୋଜ ନାୟକ, ଆଇନଜୀବୀ

# ଧର୍ମଘଟ ନେଇ ବିଭିନ୍ନ ଅନୁଷ୍ଠାନ ସହ ବୈଠକ



ବାଲେଶ୍ୱର,୧୧।୨(ସମିସ): ୧୨ତାରିଖ ଗୁରୁବାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କ ଆହ୍ୱାନରେ ୪ଟି ଶ୍ରମକୋଡ ବାତିଲ ଓ ଅନ୍ୟାନ୍ୟ ଜନଦାବି ନେଇ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବ। ଶ୍ରମିକ ସଂଗଠନମାନଙ୍କ ମିଳିତ ମଂଚ ପକ୍ଷରୁ ବାଲେଶ୍ୱର ସହର ସମେତ ବିଭିନ୍ନ ଅଞ୍ଚଳରେ ମାଇକ ଯୋଗେ ପ୍ରଚାର ଜରିଆରେ ଜନଗଣଙ୍କୁ ଦାବିଗୁଡ଼ିକ ସମ୍ପର୍କରେ ଅବଗତ କରାଇ ଶାନ୍ତିପୂର୍ଣ୍ଣ ଭାବରେ ସାଧାରଣ ଧର୍ମଘଟ ବା ଭାରତବନ୍ଦକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ନିବେଦନ କରାଯାଉଛି। ବାଲେଶ୍ୱର ସହରର ବିଚାରଗଞ୍ଜ ଛକ, ଗାନ୍ଧିସ୍ମୃତି ଭବନ ସମ୍ମୁଖ ଓ ରେଳ ଷ୍ଟେସନରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଭାଗବତ ପ୍ରତିହାରୀ, ଉମାକାନ୍ତ ଦାସ,ରବୀନ୍ଦ୍ର ବେହେରା, ଶ୍ୟାମସୁନ୍ଦର ଜେନା,ଜତିନ ପାତ୍ର, ଶରତ ଦଳାଇ, ଭରତ ସେଠୀ, ପ୍ରଶାନ୍ତ ଦାସ ଓ ମିଳିତ ମଞ୍ଚର ଆବାହକ ତଥା ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ,କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ଦୃଢ଼ ବିରୋଧ କରିଥିଲେ। ଆଜି ସନ୍ଧ୍ୟାରେ ପୂର୍ବତନ ବିଧାୟକ ତଥା ଶ୍ରମିକନେତା ପ୍ରଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ବ୍ୟାଙ୍କ କର୍ମଚାରୀ ନେତା ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ସମସ୍ତ ବ୍ୟାଙ୍କ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଛି।

# ଜିଲ୍ଲାସ୍ତରୀୟ ଜନଗଣନା ପ୍ରଶିକ୍ଷଣ ଶିବିର




ବାଲେଶ୍ୱର,୧୧।୨(ସମିସ): ଆଗାମୀ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ସୁଧାକର ନାଏକ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଜନଗଣନା ସହାୟକ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ତଥ୍ୟ ପ୍ରକ୍ରିୟାକରଣ ଦାୟିତ୍ୱରେ ଥିବା ଅଧିକାର ମହେନ୍ଦ୍ର ମହାଲିକ, ଡେପୁଟି ଜିଲ୍ଲାପାଳ ପ୍ରବୋଧ କୁମାର ମଲିକ ଯୋଗଦେଇଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୧୬ରୁ ମେ' ୧୫ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଗୃହ ତାଲିକା ପ୍ରସ୍ତୁତ ହେବ ବୋଲି କହିଥିଲେ। ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମସିହା ଫେବୃଆରୀରୁ ଆରମ୍ଭ ହେବ। ଏହାର ପ୍ରଥମ ପର୍ଯ୍ୟାୟରେ ଜନସାଧାରଣଙ୍କୁ ବାସସ୍ଥାନର ଅବସ୍ଥା, ମୌଳିକ ସୁବିଧା ସମ୍ପର୍କରେ ୩୩ ଟି ପ୍ରଶ୍ନ ପଚରାଯିବ। ଜନଗଣନା ସମ୍ପୂର୍ଣ୍ଣ ଭାବରେ ଅନ୍‌ଲାଇନ ମାଧ୍ୟମରେ କରାଯିବ। ସଠିକ ଓ ନିର୍ଭୁଲ ତଥ୍ୟଦେଇ ଏହି ଜାତୀୟ କାର୍ଯ୍ୟକୁ ସଫଳ କରିବାକୁ ଜନସାଧାରଣମାନଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ଡେପୁଟି ଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ରେମୁଣା,୧୧।୨(ସମିସ): ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ରେମୁଣା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ବିନା କଟନୀ ଛଟନୀ ଧାନର ମାନ ନିର୍ଦ୍ଧାରଣ ଓ ଧାନ କିଣା ବିକାରେ ହେର ଫେରକୁ ବନ୍ଦ କରିବା, ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୭୯ ଟଙ୍କା ଦେବା, ନିର୍ବାଚନ ପ୍ରତିଶୃତି ଅନୁଯାଇ ୩୦୦ ୟୁନିଟ ମାଗଣା ବିଜୁଳି ଛାଡ୍ କରିବା, ୫୫ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାସକୁ ୫୦୦୦ ଟଙ୍କା ଭତ୍ତା ପ୍ରଦାନ କରିବା, ପ୍ରତ୍ୟେକ ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବୀମା, ପ୍ରତ୍ୟକ ବ୍ଲକରେ ଶୀତଳ ଭଣ୍ଡାର ଖୁଲିବା, ଚାଷୀ ମାନଙ୍କୁ ଉନ୍ନତ ମାନର ବିହନ ଓ ସାର ସ୍ୱଳ୍ପ ଦରରେ ପ୍ରଦାନ କରିବା, ଅଳ୍ପ ସୁଧର ଋଣ ପ୍ରଦାନ କରିବା ଦାବିରେ ରେମୁଣା ଶାଖା କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ କିଷାନ କମିଟିର ଉପସଭାପତି ଅରୁଣ ଜେନ, ରାଜ୍ୟ ସମ୍ପାଦକ ବିଧାନ ଚନ୍ଦ୍ର ରାୟ, ରାଜ୍ୟ ମୁଖପାତ୍ର ତୁଷାରକାନ୍ତି ମହାପାତ୍ର, ରେମୁଣା କଂଗ୍ରେସ ସଭାପତି ତରୁଣ ଦାସ ଚାଷୀ ନେତା କହ୍ନେଇ ବେହେରା, କୁମୁଦିନି ଦାସ, ନିରଞ୍ଜନ ବେହେରା, ଆଲୋକ ଦାସ, ସୁରଜିତ ପୋଥାଳ ପ୍ରମୁଖ ବହୁକର୍ମୀ ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



# ପାଟଣାରାଇପୁର ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରେମୁଣା,୧୧।୨(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକର ମଙ୍ଗଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଟଣାରାଇପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମଙ୍ଗଳପୁରର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ଯୋଗଦେଇ ସଭାରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ରେମୁଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଞ୍ଜୁରାଣୀ ବେହେରା ମନୁଷ୍ୟ ଜୀବନର ଶିକ୍ଷାର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ସିଆରସିସି କମଳିନୀ କାସ୍ତା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିପଦ ଦାସଯୋଗ ଦେଇଥିଲେ। ଭଗବାନ ଧଣ୍ଡିଆ ମଞ୍ଚ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ଦୁଃଖୀରାମ ଦାସ, ଭାଗ୍ୟବାନ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ନିର୍ମଳା ଜେନା ଧନ୍ୟବାଦ ଦେଇଥିଲେ।



# ସର୍ବଭାରତୀୟ ହିମାଂଶୁ ଦାସ ସ୍ମାରକୀ ଫୁଟବଲ

ବାଲେଶ୍ୱର,୧୧।୨(ସମିସ): ବାଲେଶ୍ୱର ସହରର ପରମିଟ ପଡିଆରେ ହିମାଂଶୁ ହରି ଫାଉଣ୍ଡେସନ ପକ୍ଷରୁ ଆଜି ଠାରୁ ସର୍ବଭାରତୀୟ ହିମାଂଶୁ ଦାସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଆଠ ଦିନିଆ ଟୁର୍ଣ୍ଣାମେଂଟକୁ ଉଦଘାଟନ କରିବା ସହ ଖେଳାଳୀମାନଙ୍କୁ



ଉତ୍ସାହିତ କରିଥିଲେ। ଫାଉଣ୍ଡେସନର ଚେୟାରମ୍ୟାନ ସଞ୍ଜୟ ଦାସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ ସହ ଆଠ ଦିନିଆ ଟୁର୍ଣ୍ଣାମେଂଟ ସମ୍ପର୍କରେ ସୂଚନା ଦେଇଥିଲେ। ଫାଉଣ୍ଡେସନର ଭାଇସ ଚେୟାରମେନ ସଂଗ୍ରାମ ଦାସ ଟୁର୍ଣ୍ଣାମେଂଟ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ଓଡ଼ିଶା ଫୁଟବଲ ଆସୋସିଏସନର ଉପସଭାପତି ଏମଡି ସହିଦ ଜବାର, କର୍ଣ୍ଣେଲ ରାମଚନ୍ଦ୍ର କ୍ଷତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫୁଟବଲ ଖେଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ଆଠଟି ଟିମ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ଟୁର୍ଣ୍ଣାମେଣ୍ଟ ଗୋଟିଏ ଲେଖାଏଁ ମ୍ୟାଚ ଖେଳାଯିବ। ଚାରିଜଣ ରେଫେରୀ ଓ ଜଣେ ମ୍ୟାଚ କମିଶନର ଏହି ଆଠ ଦିନିଆ ଟୁର୍ଣ୍ଣାମେଂଟକୁ ପରିଚାଳନା କରୁଛନ୍ତି। ବାଲେଶ୍ୱର ହରିପ୍ଲାଷ୍ଟ ଓ ଆରଟି ବୟେଜ, ହାଇଦ୍ରାବାଦ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯାଇଥିଲା। ଆସନ୍ତା ୧୨ ତାରିଖ ଦିନ କଟକ ଜିଲ୍ଲା ନିତା ଫୁଟବଲ୍ ଏକାଡେମୀ ଏବଂ ପଶ୍ଚିମବଙ୍ଗ ମହିଳା ପୁଲିସ ସ୍ପୋର୍ଟର୍ସ କ୍ଲବ ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ। ବିଜେତା ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୨୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ଚିଙ୍ଗୁଡ଼ି ପ୍ରୋସେସିଂ କମ୍ପାନୀର ପ୍ରଦୂଷଣରେ ଜନତା ବେହାଲ

# ଏକପାଖିଆ ତଦନ୍ତ ନେଇ ଅଧିକାରୀଙ୍କୁ ଘେରିଲେ ଚାଷୀ

ବାଲେଶ୍ୱର, ୧୧।୨(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ୧୬ ନଂ ଜାତୀୟ ରାଜପଥ ପାଶ୍ୱର୍ରେ ତିନିପଡା ମାଣକାହାଣୀ ଠାରେ ୨୦୧୬ ମସିହାରେ ଆଶାଦୀପ ଚିଙ୍ଗୁଡ଼ି ପ୍ରୋସେସିଂ କମ୍ପାନୀ ଗଢ଼ି ଉଠିଥିବା ବେଳେ ସ୍ଥାନୀୟ ଲୋକେ ନିଯୁକ୍ତି ପାଇବା ସହ ଅଞ୍ଚଳର ବିକାଶ ଘଟିବ ବୋଲି ଆଶା ବାନ୍ଧିଥିଲେ। ହେଲେ ଏବେ ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ପାଇଁ କଷଣ ପାଲଟିଛି। ପ୍ରଦୂଷିତ ଜଳ ଚାଷ ଜମିରେ ମାଡ଼ିବା ସହ ୫୦ ଏକରରୁ ଉକରର ଚାଷ ଜମିରେ ଚାଷ ନଷ୍ଟ ହୋଇ ଆସୁଥିଲା। ବାରମ୍ବାର ଅଭିଯୋଗ ପରେ ବି ତଦନ୍ତ ବାଟବଣା ହୋଇଆସୁଥିବାର ଅଭିଯୋଗ ହୋଇ ଆସୁଛି। ପ୍ରଦୂଷିତ ଜଳ ଦ୍ୱାରା ଅଞ୍ଚଳର ଶତାଧିକ ଚାଷୀ ଙ୍କ ର ୫୦ ହେକ୍ଟର ରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ନଷ୍ଟ ହେଉଥିବା ବେଳେ ଅନେକ ଚାଷ ଜମିରେ ଚାଷ ହୋଇ ନପାରି ପଡ଼ିଆ ପଡୁଛି। ଏ ନେଇ



କମ୍ପାନୀର ଚାଷୀ ମାରଣନୀତି ବିରୁଧରେ ଗତ ଜାନୁଆରୀ ୧୯ ତାରିଖରେ ବାହାନଗା ବ୍ଲକରେ ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ଚାଷୀ ମାନେ କମ୍ପାନୀ ବିରୋଧରେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ଆଣିଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରଦୂଷଣ ଏବଂ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ମିଳିତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗର ଏକ ସପ୍ତାହ ପରେ ସ୍ଥାନୀୟ ମେଡ଼ିକାଲ ଟିମ ତଦନ୍ତ କରି ଫେରିଥିଲା। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ଅତିରିକ୍ତ ଜିଲ୍ଲାପାଳ ଏବଂ ରାଜ୍ୟ ପ୍ରଦୂଷଣ ବୋଡର୍‌ର ଅଧିକାରୀ ତଦନ୍ତପାଇଁ ଆସିଥିବା ବେଳେ ଅଭିଯୋଗକାରୀଙ୍କୁ ତଦନ୍ତ ପାଇଁ ଆସୁଥିବା ନେଇ କୌଣସି ସୂଚନା ଦେଇନଥିଲେ। ଆଜି ଏକପାଖିଆ ତଦନ୍ତ କରି ଫେରି ଯାଉଥିବା ନେଇ ଅଭିଯୋଗକାରୀ ଚାଷୀମାନେ ଜାଣିବାକୁ ପାଇଥିଲେ। ପରେ ଚାଷୀମାନେ କମ୍ପାନୀ ଫାଟକ ସମ୍ମୁଖରେ ଏକତ୍ରିତ ହୋଇ ପଳାଇ ଯାଉଥିବା ତଦନ୍ତକାରୀ ଅଧିକାରୀଙ୍କୁ ଅଟକାଇ ଘେରି ଯାଇ ତଦନ୍ତ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଚାଷୀଙ୍କ ପ୍ରଶ୍ନବାଣରେ ଘାଇଲା ହୋଇଥିଲେ ଅଧିକାରୀ।

ଆଶାଦ୍ୱୀପ ଚିଙ୍ଗୁଡ଼ି କମ୍ପାନୀ ନିଜର ଲାଭଖୋର ମନୋବୃତି ନେଇ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ ନିଜର ସ୍ୱାର୍ଥ ପାଇଁ ପ୍ରଥମେ ଜଳ ନିଷ୍କାସନ ପଥକୁ ଅବରୋଧ କରିବା ଯୋଗୁଁ ପ୍ରତିବର୍ଷ ଶତାଧିକ ଚାଷୀଙ୍କ ୪୦ ହେକ୍ଟରରୁ ଅଧିକ ଜମି ଜଳାର୍ଣ୍ଣବ ଯୋଗୁଁ ଚାଷ ନଷ୍ଟ ହୋଇ ଚାଷୀ କ୍ଷତି ସହୁଛନ୍ତି। ଅନ୍ୟ ପଟେ ବର୍ତ୍ତମାନ ବାଲେଶ୍ୱର ପ୍ରଦୂଷଣରେ ଅଗ୍ରଗାମୀ ଜିଲ୍ଲା ହେଉଥିବା ବେଳେ ଆଶାଦୀପ ଚିଙ୍ଗୁଡ଼ି କମ୍ପାନୀର ବିଷାକ୍ତ ଜଳ ଓ ବାୟୁ ଅଞ୍ଚଳକୁ ପ୍ରଦୂଷିତ କରିଚାଲିଛି। ଏ ନେଇ ଚାଷୀ ୧୯ ତାରିଖରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ଆଣିବା ପରେ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ଓ ପ୍ରଦୂଷଣ ବିଭାଗର ଅଧିକାରୀ ପ୍ରଦୀପ କୁମାର ରାଉତ ତଦନ୍ତ ପାଇଁ କମ୍ପାନୀରେ ପହଞ୍ଚି ତଦନ୍ତ କରିଥିଲେ। ହେଲେ ଅଭିଯୋଗକାରୀଙ୍କୁ ଏ ବାବଦରେ ତଦନ୍ତ ପରିସରକୁ ନିଆ ନ ଯାଇ ଏକପାଖିଆ ତଦନ୍ତ କରାଯାଉଥିବାର ଚାଷୀ ଅଭିଯୋଗ ଆଣିଥିଲେ। ଆଜି ତଦନ୍ତକାରୀ ଅଧିକାରୀ ତଦନ୍ତ ସାରି ଫେରୁଥିବା ବେଳେ ଚାଷୀମାନେ କମ୍ପାନୀ ଫାଟକ ସମ୍ମୁଖରେ ଅଟକାଇ ପ୍ରଶ୍ନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କ ଅଭିଯୋଗ ପରେ ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଏବଂ ପ୍ରଦୂଷଣ ବୋଡର୍‌ର ଅଧିକାରୀ ଚିଙ୍ଗୁଡ଼ି କମ୍ପାନୀର ପରିସର ଏବଂ କ୍ଷତିଗ୍ରସ୍ତ ହେଉଥିବା ଚାଷଜମିକୁ ବୁଲି ଦେଖିବା ସହ ଘଟଣାର ଅନୁଧ୍ୟାନ କରିଥିଲେ। ଉକ୍ତ କମ୍ପାନୀ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ଚେତାବନୀ ଦେଇଛନ୍ତି।

# 'ସୁସ୍ଥ ବୃକକ ଓ ସୁସ୍ଥ ସମାଜ' ସଚେତନତା




ବାଲେଶ୍ୱର,୧୧।୨(ସମିସ): ମେଡିକେୟାର ଡାଇଗୋଷ୍ଟିକ ଓ ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ ଦ୍ୱାରା ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। "ମିଶନ ସୁସ୍ଥ ବୃକକ ଓ ସୁସ୍ଥ ସମାଜ" ନାମରେ ଏକ କାର୍ଯ୍ୟକ୍ରମ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆରମ୍ଭ କରାଯାଇଛି। ଏହି ଶିବିର ମାଧ୍ୟମରେ ବିଭିନ୍ନ ପରୀକ୍ଷା ନିଃଶୁଳ୍କରେ ସମସ୍ତ ରୋଗୀଙ୍କୁ ଯୋଗେଇ ଦିଆଯିବ। ଏହି ଶିବିର ଟି ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ସକାଳ ୭ ରୁ ୧୧ଟା ପର୍ଯ୍ୟନ୍ତ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ନିର୍ମଳ କୁମାର ମୁଖାର୍ଜୀ ଓ ମେଡିକେୟାର ଡାଇଗୋଷ୍ଟିକର ପ୍ରତିଷ୍ଠାତା ଅଶ୍ୱିନୀ ଗିରି ମଧ୍ୟରେ ବୁଝାମଣା ସାକ୍ଷର ହୋଇଛି। ସାମ୍ବାଦିକ ସମ୍ମିଳନୀରେ ସଭାପତି ନିର୍ମଳ ମୁଖାର୍ଜୀ ଅଧ୍ୟକ୍ଷତା କରିଥିବା ବେଳେ ପ୍ରୋଜେକ୍ଟ କୋଡିନେଟର ପୂର୍ବତନ ସଭାପତି ନିରଞ୍ଜନ ମହାନ୍ତ ତଥ୍ୟ ପ୍ରଦାନ କରିଥିଲେ। ମେଡିକେୟାର ଡାଇଗୋଷ୍ଟିକ ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ ଗିରି, ରୋଟାରୀଆନ ଶ୍ରୀମାନ ଶ୍ରୀଚନ୍ଦନ, ସମ୍ପାଦକ ସୁବ୍ରତ ରଥ, ଗୌରହରି ମଲ୍ଲିକ, ନୀଲେଶ ଗାନ, ସୁଦର୍ଶନ ଦାସ, ଦେବାଶିଷ ମିଶ୍ର, ମନୋରଞ୍ଜନ ରାଉତ, ସତ୍ୟମ ମିଶ୍ର, ଅବିନାଶ ପାଣିଗ୍ରାହୀ, ସିମିତ ମହାନ୍ତି, ସପନ ବେହେରା, ଅର୍ପିତା ମହାପାତ୍ର, ତାପସ ପ୍ରଧାନ, ଜୟନ୍ତ ରଣା ଓ ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କ ୨ ଥର ଚିଠି ପରେ ବି କାର୍ଯ୍ୟକାରୀ ହେଲାନି ବଦଳି ଆଦେଶ

ଜଗତସିଂହପୁର,୧୧।୨(ସମିସ)

ପ୍ରଶାସନିକ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବଦଳି ନୀତି ପ୍ରଚଳନ କରାଯାଇଛି । ବିଶେଷକରି ଜିଲ୍ଲାପାଳ କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ୍ ଏବଂ ତହସିଲ କାର୍ଯ୍ୟାଳୟ ତଥା ଅନ୍ୟ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ନୀରିକ୍ଷକ, ରାଜସ୍ୱ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନ ମାନଙ୍କ କ୍ଷେତ୍ରରେ ଏହି ବଦଳି ନିୟମ କାର୍ଯ୍ୟକାରୀ ହେବା କଥା । ଏହିସବୁ ସରକାରୀ ଦପ୍ତରରେ ଯେଉଁ କର୍ମଚାରୀ ମାନେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଏଭଳି ନିୟମ କରାଯାଇଛି । ତେବେ ଜିଲ୍ଲାସ୍ତରରେ ଏହି ନିୟମକୁ ଫୁଁ କରି ମନମୁଖୀ ଭାବେ କାର୍ଯ୍ୟ ଚାଲିଥିବା ରାଜ୍ୟ ସରକାରଙ୍କ ନଜରକୁ ଆସିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ୨୦୨୫ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଉପରୋକ୍ତ ବଦଳି ନିୟମ କାର୍ଯ୍ୟକାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚିଠି ମିଳିବାର ୧୫ ଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ ସଂପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ୍ୟ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା । ଅର୍ଥାତ୍ ଅକ୍ଟୋବର ୩ ତାରିଖ ସୁଦ୍ଧା ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବାକଥା । ହେଲେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଉତ୍ତର ନପହଞ୍ଚିବାରୁ ପୁନର୍ବାର ଗତ ୨୦୨୫ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନଭେମ୍ବର ୭ ତାରିଖ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଯେଉଁ କର୍ମଚାରୀମାନେ ନିର୍ବାଚନ ସଂକ୍ରାନ୍ତୀୟ କାମ ତଥା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଅଛନ୍ତି; ସେମାନଙ୍କୁ ବଦଳି ପ୍ରକ୍ରିୟାରୁ ବାଦ ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା । ତେବେ ଇତି ମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଦଳି ତାଲିକା କାହିଁକି ପ୍ରକାଶ କରାଯାଉନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବା ବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି । ଏହାସତ୍ତ୍ୱେ କାହିଁକି ସେମାନଙ୍କୁ ବଦଳି କରାଯାଉନାହିଁ ତାହା ଜିଲ୍ଲା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ସେମାନଙ୍କ ପାଇଁ ପୁଷମାସ ସଦୃଶ ହୋଇଛି । ପୂର୍ବରୁ ମଧ୍ୟ ଅନେକ ସମୟରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିର୍ଦ୍ଦେଶ ବା ପରାମର୍ଶକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ବେଖାତିର କରୁଥିବାରୁ ଜିଲ୍ଲାରେ ପ୍ରଶାସନିକ କଳରେ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି । ତେବେ କିଛି ମାସ ତଳେ ପ୍ରଶାସନିକ ସ୍ତରରେ କର୍ମଚାରୀ ମାନଙ୍କର ଏକ ବଦଳି ତାଲିକା ପ୍ରସ୍ତୁତ ହୋଇଥିଲେ ମଧ୍ୟ କେଉଁ ଅଦୃଶ୍ୟ କାରଣରୁ ତାହା କାର୍ଯ୍ୟକାରୀ କରାଗଲା ନାହିଁ ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କେବଳ ଚିଠି କରିଦେଇ ଚୁପ୍ ବସିଯିବା ପରିବର୍ତ୍ତେ ଏହା କିଭଳି କାର୍ଯ୍ୟକାରୀ ହେବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି କରାଯାଇଛି ।

**ନିନ୍ଦା ବିଷ୍ଣୁ ପାଲଟିଛି ଜିଲ୍ଲା ପ୍ରଶାସନ**

● ନୀଳାଦ୍ରି ବିହାର ହତ୍ୟାକାଣ୍ଡ ମାମଲା

# ଦିନେଶକୁ ନେଲା କମିଶନରେଟ ପୁଲିସ

ଜଗତସିଂହପୁର,୧୧।୨(ସମିସ): ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳରେ ସଂଗଠିତ ସତ୍ୟବ୍ରତ ପ୍ରଧାନ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦିନେଶ ନାୟକ ଗତକାଲି ରାତିରେ ଜଗତସିଂହପୁର ସଦର ଥାନାରେ ଆତ୍ମ ସମର୍ପଣ କରିବା ପରେ ତାକୁ ଭୁବନେଶ୍ୱର କମିଶନରେଟ ପୁଲିସକୁ ହସ୍ତାନ୍ତର କରାଯାଇଛି । ସୂଚନା ଅନୁସାରେ ତ୍ରିକୋଣୀୟ ପ୍ରେମକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଦିନେଶ ନାୟକ ଫେରାର ଥିଲା । ଦିନେଶର ଘର ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ଏବଂ ସେ ବିବାହିତ । ତେବେ ପ୍ରାୟ ୫/୬ ବର୍ଷ ହେବ ଦିନେଶ ଭୁବନେଶ୍ୱରରେ ରହୁଥିଲା । ସତ୍ୟବ୍ରତଙ୍କୁ ହତ୍ୟା କରିବା ପରେ ଫେରାର ହୋଇଯାଇଥିବାରୁ କମିଶନରେଟ ପୁଲିସ ଜଗତସିଂହପୁର ଆସି ତାକୁ ଖୋଜାଖୋଜି କରୁଥିଲା । ଗତକାଲି ରାତିରେ ଅରିଲୋ ଯାଇଥିଲା କମିଶନରେଟ୍ ପୁଲିସ । ହେଲେ ଦିନେଶକୁ ପାଇନଥିଲା । ତେବେ ରାତି ପ୍ରାୟ ୧୦ଟାରେ ଦିନେଶ ଚାଲିଚାଲି ଆସି ଜଗତସିଂହପୁର ସଦର ଥାନାରେ ପହଞ୍ଚିଥିଲା । ସେଠାରେ ଡିସିଓଙ୍କୁ ଆତ୍ମ ସମର୍ପଣ କରିବା ପାଇଁ କହିବା ପରେ ଡିସିଓ ଆଇଆଇସି ସରୋଜ ସାମଲଙ୍କୁ ସୂଚନା ଦେଇଥିଲେ । ପରେ ଭୁବନେଶ୍ୱର ପୁଲିସ ପହଞ୍ଚିବା ପରେ ଜଗତସିଂହପୁର ପୁଲିସ୍ ଦିନେଶକୁ ତାଙ୍କ ଜିମା ଦେଇଥିଲା ।

# ଶିକ୍ଷା କାର୍ଯ୍ୟାଳୟର କିରାଣିଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାଲିକୁଦା,୧୧।୨(ସମିସ): ବାଲିକୁଦା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର କିରାଣିଙ୍କ ଦୁର୍ବ୍ୟବହାରକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ଅଳାଭର ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ । ଅଭିଯୋଗ ଅନୁଯାୟୀ ଗତ ସୋମବାର ସମିତି ସଭ୍ୟଙ୍କ ବଡ଼ ଭାଇ କୃଷ୍ଣଚନ୍ଦ୍ର ଶତପଥୀ ସମ୍ପାଦକ ଶ୍ରୀକୃଷ୍ଣ ଗୁରୁକୁଳ ଯଏଗାଁ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଭେଟି କୌଣସି ସମସ୍ୟା ସମ୍ପର୍କରେ ପଚାରି ବୁଝୁଥିଲେ । ଏହି ସମୟରେ ସେଠାରେ ଥିବା ବରିଷ୍ଠ କିରାଣି ରଞ୍ଜନ ପଣ୍ଡା ଓ ବୋରିକିନା କ୍ଲଷ୍ଟର ସିଆର୍‌ସିସି ବିଜୟ କୁମାର ସେଠୀ ବିଇଓଙ୍କ ଉପସ୍ଥିତରେ କୃଷ୍ଣଚନ୍ଦ୍ରଙ୍କ ସହ ଦୁର୍ବ୍ୟବହାର କରିବା ସହ ଅଫିସ ବାହାରକୁ ବାହାରି ଯିବାକୁ ଧମକ ଦେଇଥିଲେ । ଜଣେ ବରିଷ୍ଠ ନାଗରିକ ଓ ଦାୟିତ୍ୱ ବୋଧକ ବ୍ୟକ୍ତି ହିସାବରେ ଏହି ଘଟଣା ତାଙ୍କୁ ଗଭୀର ଆଘାତ ଦେବା ସହ ମର୍ମାହତ କରିଥିଲା । ଏହି ଘଟଣା ସମ୍ପର୍କରେ ସମିତିସଭ୍ୟ କିରାଣିଙ୍କ ସହ ଆଲୋଚନା ପାଇଁ କାର୍ଯ୍ୟାଳୟ ଯାଇଥିଲେ ମଧ୍ୟ ସେ ସେଠାରେ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସେ ଛୁଟିରେ ଥିବା କଥା ସ୍ପଷ୍ଟ ଭାବେ କହିଥିଲେ । ଏଣୁ ଏହି ଘଟଣାରେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି, ଜଣେ ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ ଶ୍ରୀ ଶତପଥୀ । ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ପତିକ୍ରିୟା ମିଳି ପାରି ନଥିବା ବେଳେ ସିଆର୍‌ସିସି ବିଜୟ କୁମାର ସେଠୀ କହିଛନ୍ତି ସେ ଏ ସମ୍ପର୍କରେ କୌଣସି ମତ ରଖିବେ ନାହିଁ । ଉପରିସ୍ଥ ଅଧିକାରୀ ହିଁ ମତ ଦେଇ ପାରିବେ । ଏନେଇ କିରାଣୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଶ୍ରୀଯୁକ୍ତ ଶତପଥୀ ପିଲାଙ୍କୁ କୃମି ବଟିକା ସେବନ ସମ୍ପର୍କରେ ବିଇଓଙ୍କୁ ଲିଖିତ ଭାବେ ପିଲାଙ୍କ କୌଣସି କ୍ଷତି ହେବ ନାହିଁ ବୋଲି ପ୍ରଦାନ କରିବାକୁ କହିଥିଲେ । ଯେଉଁଥିରେ ମୁଁ ଏବଂ ଉପସ୍ଥିତ ସିଆର୍‌ସିସି ତାଙ୍କୁ ଡାକ୍ତରଙ୍କ ପରାମର୍ଶ ଓ ପିଲାଙ୍କ ସୁସ୍ଥତା ଦେଖି ସେବନ କରାଇବା ପାଇଁ ବୁଝାଇଥିଲୁ । ଏପରିକି ଯେଉଁଦିନ ସ୍କୁଲରେ ପିଲାଙ୍କୁ ଦିଆଯିବ ସେଦିନ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପଠାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲୁ । ତେବେ ସେ କେଉଁ କାରଣରୁ ଏଭଳି ଅଭିଯୋଗ କରିଛନ୍ତି ସେ ଜାଣିନାହାନ୍ତି ବୋଲି କହିଥିଲେ ।

## ଏସ୍‌ଭିଏମ୍ କଲେଜର ପ୍ରତିଷ୍ଠା ଦିବସ

# ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ




ଜଗତସିଂହପୁର,୧୧।୨(ସମିସ): ଏସଭିଏମ୍ ସ୍ୱୟଂଶାସିତ କଲେଜର ୬୩ତମ ପ୍ରତିଷ୍ଠା ଦିବସ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ. ସୁଜାତା ଓଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଜେ.ସୋନାଲ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ସମ୍ପର୍କରେ ବସ୍ତୃତ ରୂପେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କର ଅଧ୍ୟକ୍ଷ ସମୟର ବିଭିନ୍ନ ଘଟଣା ଏବଂ କଲେଜର ପରିବେଶ ସମ୍ପର୍କରେ ସ୍ମୃତିଚାରଣ କରିବା ସହିତ ନିଜକୁ ଜଣେ ଜଣେ ସୁନାଗରିକ ଭାବରେ ଗଢି ତୋଳିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେ ଏବଂ କଲେଜ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଏହି ସଭାରେ ଯୋଗଦେଇ ଶିକ୍ଷା ଗ୍ରହଣ ସହିତ ଛାତ୍ରଛାତ୍ରୀ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷା ଶ୍ରୀମତୀ ଓଡା ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ ଶରତ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ମୃତିପତ୍ର 'ମରୁବାଲି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସେହିପରି କଲେଜର ଅବସରପ୍ରାପ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜ ଛାତ୍ର ସଂସଦର ଦୁଇଜଣ ପୂର୍ବତନ ସଭାପତିଙ୍କୁ ସମ୍ମାନିତ କରାଯାଇଥିଲା । ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି କଲେଜ ପାଇଁ ଗୌରବ ଆଣିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ମନୋଜା ମଞ୍ଜରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପୁରସ୍କାର ବିତରଣରେ ଅନ୍ତର ପାତର ନେଇ ଅଭିଯୋଗ

କୁଜଙ୍ଗ/ପାରାଦୀପ,୧୧।୨(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠି ପଞ୍ଚାୟତ ସିଯୁ ସ୍ଥିତ ମହିମା ଅଲେଖ ନାଟ୍ୟ ପରିଷଦ ପକ୍ଷରୁ ହୋଇଥିବା ପ୍ରଥମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି । ଏଥିରେ ୩ଟି ଟିମ୍ ଭାଗ ନେଇଥିବା ବେଳେ ମାତ୍ର ୨ଟି ଟିମ୍‌କୁ ନେଇ ବିଚାର କରାଯାଇ ତାଙ୍କ ଦଳକୁ ସଂପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ କରିଛନ୍ତି ବଜ୍ର ମହାକାଳୀ ନାଟ୍ୟ ପରିଷଦ ନୂଆଗାଁର କଳାକାରମାନେ । ଏ ନେଇ ସେମାନେ ଥାନାରେ ଅଭିଯୋଗ କରିଛନ୍ତି । ଏହି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ହରପାର୍ବତୀ ଡ୍ରାମାଟିକ୍ କ୍ଲବ୍ ନୁଣୁକୁଆ, ନିମସୁନ୍ଦରୀ ନାଟ୍ୟ ପରିଷଦ ଫତେପୁର ଓ ବଜ୍ର ମହାକାଳୀ ନାଟ୍ୟ ପରିଷଦ ନୂଆଗାଁ ମଧ୍ୟରେ ନାଟକ ପ୍ରତିଯୋଗିତା ହୋଇଥିଲା । ବଜ୍ରମହାକାଳୀ ନାଟ୍ୟ ପରିଷଦ ପ୍ରତିଯୋଗିତାର ନିୟମ ଅନୁସାରେ ଗାଁ ବାହାରୁ ୨ଜଣ ପୁରୁଷ କଳାକାରଙ୍କୁ ନେଇ ତାର ନାଟକ ପରିବେଷଣ କରିଥିଲା । ମାତ୍ର ସବୁ ଜାଣିଶୁଣି ମହିମା ଅଲେଖ ନାଟ୍ୟ ପରିଷଦ ଅନୁଷ୍ଠାନ ନୂଆଗାଁ ଟିମ୍‌କୁ ନାଟକ ମଞ୍ଚସ୍ଥ କରାଇଥିବା ବେଳେ ପୁରସ୍କାର ବିତରଣରେ କୌଣସି ବିଚାର ନ କରି ଅନ୍ୟ ଦୁଇ ଟିମ୍‌କୁ ନେଇ ସମସ୍ତ ପୁରସ୍କାର ଘୋଷଣା କରିଥିଲେ । ଯାହାକୁ ନେଇ ବଜ୍ର ମହାକାଳୀ ନାଟ୍ୟ ପରିଷଦ ନୂଆଗାଁର କଳାକାରମାନଙ୍କୁ ମାନସିକ ସ୍ତରରେ ଆଘାତ ଲାଗିଥିଲା । ସେମାନେ ୧ଲକ୍ଷ ୩୦ହଜାର ଟଙ୍କାର କ୍ଷତି ସହିଥିବା ପ୍ରକାଶ କରିଛନ୍ତି । ଏ ନେଇ ବଜ୍ରମହାକାଳୀ ନାଟ୍ୟ ପରିଷଦ ନୂଆଗାଁର କଳାକାର ଓ କର୍ମକର୍ତ୍ତା ମାନେ ସ୍ଥାନୀୟ ଅଭୟଚାନ୍ଦପୁର ଥାନାର ଦ୍ୱାରସ୍ଥ ହୋଇ ମହିମା ଅଲେଖ ନାଟ୍ୟ ପରିଷଦର କର୍ମକର୍ତ୍ତାମାନଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ ଯେଉଁ ମାନ ସମ୍ମାନ ହାନି ଓ କ୍ଷତିପୂରଣ ରାଶି ଫେରି ପାଇବା ପାଇଁ ଦାବି କରିଛନ୍ତି । ନୂଆଗାଁ ଅନୁଷ୍ଠାନର ସଭାପତି ତାମିଲ ପ୍ରଧାନ ପ୍ରକାଶ କରିଛନ୍ତି, ଦର୍ଶକ ପସନ୍ଦ କରିଥିବା ନାଟକର କୌଣସି କଳାକାର ପୁରସ୍କାର ନ ପାଇବା ପାଇଁ ଯେଉଁ ଚକ୍ରାନ୍ତ ହୋଇଛି, ତାର ତର୍ଜମା କରାଯିବା ସହ କ୍ଷତିପୂରଣ ରାଶି ଫେରସ୍ତ ଏବଂ ୩ ଦଳର ବିଚାରକଙ୍କ ବିଚାର ମାର୍କ ସାର୍ବଜନୀନ କରାଯାଉ । ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ ଏହାକୁ ନିନ୍ଦା କରିବା ସହ ଉକ୍ତ ପ୍ରତିଯୋଗିତା ଏକ ପ୍ରହସନରେ ପରିଣତ ହୋଇଛି ବୋଲି କହିଥିଲେ ।

● ଜେଏସ୍‌ଡବ୍ଲ୍ୟୁ ସମର୍ଥ ଯୁବ ବିକାଶ କେନ୍ଦ୍ର

# ଯୁବ ଗୋଷ୍ଠୀଙ୍କୁ ଯୋଗାଉଛି ରୋଜଗାରର ମାଧ୍ୟମ



ପାରାଦୀପ,୧୧।୨(ସମିସ): ଜଗତସିଂହପୁର ଜିଲ୍ଲା ନୂଆଗାଁଠାରେ ଜେଏସ୍‌ଡବ୍ଲ୍ୟୁ ଓ ଗୁରୁକୂଳ ଫାଉଣ୍ଡେସନ୍ ମିଳିତ ସହଭାଗିତାରେ କାର୍ଯ୍ୟ କରିଆସୁଛି । ଜିଲ୍ଲା ପ୍ରଶାସନ ସହଯୋଗରେ ନୂଆଗାଁର ଏକ ବନ୍ଦ ରହିଥିବା ପ୍ରାଥମିକ ବିଦ୍ୟାଳୟକୁ ଜେଏସଡବ୍ଲ୍ୟୁକୁ ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ଅଂଚଳର ଯୋଗ୍ୟ ଯୁବକଯୁବତୀମାନଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ପରୀକ୍ଷା, ପ୍ରାକ୍ଟିସ୍ ଟେଷ୍ଟ ଏବଂ ବ୍ୟକ୍ତିତ୍ୱ ବିକାଶର ପ୍ରଶିକ୍ଷଣ ଏହି କେନ୍ଦ୍ରରେ ପ୍ରଦାନ କରାଯାଉଅଛି । ଗ୍ରାମୀଣ ଯବକମାନଙ୍କୁ ଏଠାରେ ଦେୟମୁକ୍ତ ଶିକ୍ଷା ଦିଆଯାଉଛି । ଗତ ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରରୁ ତିନିଶହରୁ ଉର୍ଦ୍ଧ୍ୱ ଯୁବକଯୁବତୀ ଲାଭବାନ ହୋଇଥିବା ନେଇ କମ୍ପାନୀ ପକ୍ଷରୁ ସୂଚନା ମିଳିଛି । ସରକାରୀ ପରୀକ୍ଷାରେ ୨୧ ଜଣ ସଫଳ ହୋଇଥିବା ବେଳେ ଗଡକୁଜଙ୍ଗର ଜନୈକ ଛାତ୍ର ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରକଳ୍ପ ଅଞ୍ଚଳ ବ୍ୟତିତ ପ୍ରକଳ୍ପ ବାହାରରୁ ମଧ୍ୟ ଯୁବକଯୁବତୀ ଏହି କେନ୍ଦ୍ରକୁ ଆସି ପ୍ରଶିକ୍ଷଣ ନେଉଥିବା ସୂଚନା ମିଳିଛି । ନୂଆଗାଁର ଏହି ସଫଳତା ଦେଖି ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଅନ୍ୟ ବଡ଼ କମ୍ପାନୀମାନେ ଏପରି ନିଶୁଳ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସମର୍ଥ ଯୁବ ବିକାଶ କେନ୍ଦ୍ର ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ସାମାଜିକ ବିକାଶ ଦାୟିତ୍ୱବୋଧର ଅଂଶ ଭାବେ କାର୍ଯ୍ୟକରୁଥିବା ନେଇ ସୂଚନା ମିଳିଛି ।

# ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ନାଉଗାଁ,୧୧।୨(ସମିସ): ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଓଡପଏଙ୍ଗାରେ ଏକ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ହିମାଂଶୁ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓ ନାଉଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ବେହେରାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନ କରିବାର ଲକ୍ଷ୍ୟ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଏକ ସଚେତନତାର ବାର୍ତ୍ତା ପ୍ରେରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପମିତ୍ରା ମହାନ୍ତି, ଶିକ୍ଷକ ଅନନ୍ତ କୁମାର ଗୋଛାୟତ, ସହ ସଂଘମିତ୍ରା ନାୟକ, ସ୍ୱାଗତିକା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋ ଖୋ ଚାମ୍ପିଅନ୍ ଟିମ୍ ସଦସ୍ୟ ରୋହନଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ,୧୧।୨(ସମିସ): ହରିଆନା କୁରୁକ୍ଷେତ୍ରରେ ଅନୁଷ୍ଠିତ ଜାତୀୟ ସ୍ତରର ସବ୍ ଜୁନିୟର ଖୋ ଖୋ ଖେଳରେ ଓଡ଼ିଶା ଚାମ୍ପିଅନ ହୋଇଛି । ଏହି ଚାମ୍ପିଅନ ଟିମରେ ପ୍ରତିନିଧିତ୍ୱ କରିଥିବା ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ର ପିଆର୍ ରୋହନ କୁରୁକ୍ଷେତ୍ରରୁ ଘରକୁ ଫେରିଥିବା ବେଳେ ଆଜି ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କଟକ-ପାରାଦୀପ ରାସ୍ତାର ନେହେରୁ ପଡିଆ ବଜାର ଛକ ଠାରେ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଅରୁଣକାନ୍ତ ସାମନ୍ତରାୟ ଓ କ୍ରୀଡା ଶିକ୍ଷକ ଭୁବନ ମୋହନ ଦାସ, ଗୁରୁଜୀ ଗୁରୁମା' ରୋହନଙ୍କୁ ଫୁଲ ମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପରେ ରୋହନ ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା'ଙ୍କ ଗହଣରେ ଏକ ଶୋଭାଯାତ୍ରାରେ ତିର୍ତ୍ତୋଲ କଲେଜ ବଜାର ଓ ନେହେରୁ କଲୋନୀ ପରିକ୍ରମା କରି ବିଦ୍ୟାଳୟକୁ ଆସିଥିଲେ । ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରାଧାପିକା ଡ. ବିଷ୍ଣୁପ୍ରିୟା ଦାସ ସିଲ୍ ପ୍ରଦାନ କରି ସମ୍ମାନିତ କରିଥିଲେ । ରୋହନଙ୍କ ମାତା ଚିନ୍ମୟୀ ଲେଙ୍କା, ପିତା ସାରଦା ପ୍ରସନ୍ନ ଲେଙ୍କା, ବଡ଼ ବାପା ବରଦା ପ୍ରସନ୍ନ ଲେଙ୍କା, ବଡ଼ ମାଆ ସୌଦାମିନୀ ଲେଙ୍କା, ଶିକ୍ଷୟିତ୍ରୀ ବିଭୂଷିତା ଦାସ, ପରିଚାଳନା କମିଟି କୋଷାଧ୍ୟକ୍ଷ ହୃଷୀକେଶ ପରିଜାଙ୍କ ସମେତ ଗୁରୁଜୀ ଗୁରୁମା' ମାନେ ଉପସ୍ଥିତଥିଲେ ।

# ଇଫ୍‌କୋର ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୧୧।୨(ସମିସ): ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଆଜି ଭୂତମୁଣ୍ଡାଇ ଗ୍ରାମପଞ୍ଚାୟତର ବରେଇ ଗ୍ରାମ ସ୍କୁଲ ପରିସରରେ "ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଏଲ୍‌ପିଜି ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ସଡ଼କ ସୁରକ୍ଷା ସଚେତନତା' ଉପରେ ଏକ ସାମୂହିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତଥିଲା । କାର୍ଯ୍ୟକ୍ରମ ସମୟରେ, ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ବିଷୟରେ ପ୍ରଚାରପତ୍ର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ପାଇଁ ଅଗ୍ନି ନିର୍ବାପକ ଏବଂ ଶ୍ୱାସକ୍ରିୟା ଯନ୍ତ୍ର ସେଟ୍ ବ୍ୟବହାର ଉପରେ ଏକ ସିଧାପ୍ରସାରଣ ପ୍ରଦର୍ଶନ ମଧ୍ୟ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଜରୁରୀକାଳୀନ ପରିସ୍ଥିତିରେ ନିଜକୁ ଏବଂ ଅନ୍ୟମାନଙ୍କ ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା ସହିତ ସେମାନଙ୍କୁ ପରିଚିତ କରାଇବା । କୁଳମଣି ମାଝୀ, ଏମଆର ନାୟକ, ପିସି ବିଶ୍ୱାଳ, ଆର କେ ରଞ୍ଜନ ଏବଂ ଏକେ ଜେନା ଉପସ୍ଥିତ ଲୋକମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ସମ୍ପର୍କରେ ବୁଝାଇଥିଲେ ଏବଂ ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ସମ୍ପର୍କରେ ବୁଝାଇଥିଲେ ।

# କଂଗ୍ରେସରୁ ଇସ୍ତଫା ଦେଲେ ଲିଙ୍ଗରାଜ ମଲ୍ଲ



ବିରିଡି,୧୧।୨(ସମିସ): ଜଗତସିଂହପୁର ଜିଲ୍ଲାର ବରିଷ୍ଠ ନେତା ଲିଙ୍ଗରାଜ ମଲ୍ଲ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଅବିଭକ୍ତ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ସମ୍ପାଦକ, ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି, ପୂର୍ବତନ କୋଷାଧକ୍ଷ ତଥା ବିଶିଷ୍ଟ ସମବାୟବିତ ଲିଙ୍ଗରାଜ ମଲ୍ଲ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପତ୍ର ରାଜ୍ୟ କଂଗ୍ରେସ କମିଟି ଓ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପ୍ରେରଣ କରିଛନ୍ତି । ଶ୍ରୀମଲ୍ଲ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧାମିକ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ସେ ଇସ୍ତଫା ଦେଇଥିବା କଥା ତାଙ୍କ ସ୍ପଷ୍ଟୀକରଣରେ ପ୍ରକାଶ କରିଛନ୍ତି ।

# ୪ ଇଟାଭାଟିର ଜବର ଦଖଲ ଜମି ଉପରେ କାର୍ଯ୍ୟାନୁଷ୍ଠାନ

ତିର୍ତ୍ତୋଲ,୧୧।୨(ସମିସ): ଆଜି ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ତିର୍ତ୍ତୋଲର ଆଉ ୪ଟି ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ୪ଟି ଭାଟି ଗୁଡ଼ିକ ସ୍ଥିତିବାନ ଜମିରେ ଥିଲା ବେଳେ ଭାଟି ନିକଟରେ ଥିବା ସରକାରୀ ଜମି ଜବର ଦଖଲ କରି ଭାଟିର କାର୍ଯ୍ୟରେ ଉପଯୋଗ କରିଆସୁଥିଲା । ପ୍ରଥମେ ରୂପା ଇଟା ଭାଟିର ଜବର ଦଖଲରେ ଥିବା ସରକାରୀ ଜମିରେ ଥିବା ଅସ୍ଥାୟୀ ଘରକୁ ଭଙ୍ଗା ଯିବା ସହ ପୋଡ଼ା ପାଇଁ କଞ୍ଚା ଇଟାକୁ ଜେସିବି ଦ୍ୱାରା ନଷ୍ଟ କରାଯାଇଥିଲା । ପରେ ସାରଦା ଇଟାଭାଟି ଓ ଦୁର୍ଗା ଇଟା ଭାଟିର ଜବର ଦାଖଲରେ ଥିବା ସରକାରୀ ଜମିରେ କଞ୍ଚା ଇଟାକୁ ନଷ୍ଟ କରାଯାଇଥିଲା । ଶେଷରେ ପ୍ରଶାସନ ଶକ୍ତି ଇଟା ଭାଟିକୁ ଯାଇଥିବା ବେଳେ ଇଟା ଭାଟିର ମାଲିକ ଅଜୟ ସାହୁ ତାଙ୍କର ସ୍ଥିତିବାନ ଜମିରେ ଇଟାଭାଟି ଥିବା ନେଇ ପ୍ରଶାସନକୁ ଅବଗତ କରିଥିଲେ । ତାଙ୍କର ସ୍ଥିତିବାନ ଜମି ନିକଟରେ ଥିବା ୪୨ ଡେସିମିଲ ସରକାରୀ ଜାଗା ସେ ଇଟା ଭାଟିର କାର୍ଯ୍ୟରେ ଲଗାଇଥିବାରୁ ସେହି ସ୍ଥାନରେ ପ୍ରଶାସନ ପୋଡ଼ା ପାଇଁ ପ୍ରସ୍ତୁତ କଞ୍ଚା ଇଟା ଗୁଡ଼ିକ ଜେସିବି ଦ୍ୱାରା ନଷ୍ଟ କରିଥିଲା । ଏହିଁ ସରକାରୀ ଜମିରୁ ଉଚ୍ଛେଦ କାର୍ଯ୍ୟରେ ପୁଲିସ ଫୋର୍ସ ସହ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ଅମିନ ମାନେ ଉପସ୍ଥିତ ଥିଲେ ।

# ବ୍ରାଉନସୁଗର ଜବତ




ପାରାଦୀପ,୧୧।୨(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ପାରାଦୀପ ଗଡ଼ ଶନି ମନ୍ଦିର ନିକଟରୁ ଗତକାଲି ଜଣେ ବ୍ରାଉନସୁଗର ବେପାରୀକୁ ପୁଲିସ ଗିରଫ କରିଛି । ସେ ହେଲା ନିମିଡି ଗ୍ରାମର ନିରଞ୍ଜନ ସାହୁଙ୍କ ପୁଅ ଜୟରାମ ସାହୁ ଓରଫ ଗଣିଆ (୩୪) ।ଅଭିଯୁକ୍ତ ନିକଟରୁ ୧୦.୬ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି । ଅଭିଯୁକ୍ତର ବ୍ୟବସାୟ ପାରାଦୀପ ଗଡ଼ ଅଞ୍ଚଳରେ ରହିଛି । ତେବେ ଏନେଇ ଥାନାରେ ୫୩/୨୬ ଏକ ମାମଲା ରୁଜୁ କରାଯିବା ସହ ଆଜି ତାକୁ କୋର୍ଟଚାଲାଣ କରାଯାଇଛି ।

# ରଘୁନାଥପୁର ପଞ୍ଚାୟତସମିତ ଅଧିବେଶନ



ରଘୁନାଥପୁର,୧୧।୨(ସମିସ)

ରଘୁନାଥପୁର ପଞ୍ଚାୟତସମିତିର ଷଷ୍ଠତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । କେତେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଅଧାରୁ ବନ୍ଦ ପଡ଼ିଥିବା ଏବଂ ଅଧିକାଂଶ ପଞ୍ଚାୟତରେ କାର୍ଯ୍ୟର ଅଗ୍ରଗତି ହୋଇପାରୁନଥିବା ନେଇ ବୈଠକରେ ଜନପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ । ସେହିପରି ଗତ ୩ ତାରିଖରେ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଯାଇଥିବା ଘଟଣାରେ କାର୍ଯ୍ୟରତ ଡାକ୍ତରଙ୍କ ଭୂମିକାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟବସ୍ଥା ନେଇ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ କାର୍ଯ୍ୟରତ ଡାକ୍ତର ବିପ୍ଳବ ଜେନାଙ୍କୁ ତାଗିଦ କରିଥିଲେ । ଏହି ଘଟଣାକୁ ରାଜନୀତି ରୂପ ଦେଇ ସ୍ଥାନୀୟ କିଛି ବ୍ୟକ୍ତି ରାଜରାସ୍ତାକୁ ଆସି ଅବରୋଧ କରିବା ସହ ବିଧାୟକ କ୍ଷମା ମାଗନ୍ତୁ ବୋଲି ଦାବିକରି ବସିରହିଥିଲେ । ତେବେ ଜଣେ କର୍ତ୍ତବ୍ୟରତ ଡାକ୍ତର କିପରି ବେକରେ ଫୁଲମାଳ ପକେଇ ରାଜରାସ୍ତାକୁ ଆସି ଉତ୍ୟକ୍ତ ଲୋକଙ୍କ ସହ ସାମିଲ ହେଲେ ଏବଂ ଏ ନେଇ ସଂପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି କି ନାହିଁ ସେ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ତଥ୍ୟ ରଖିବାକୁ ତରିକୁନ୍ଦ ସରପଞ୍ଚ ବଳରାମ ସାହୁ ପ୍ରସ୍ତାବ ବାଢ଼ିଥିଲେ । ସେହିପରି ଅନେକ ପଞ୍ଚାୟତରେ ଏଲ୍‌ଆଣ୍ଡଟି କମ୍ପାନୀ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ପାଇପ ବିଛା କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ଏବଂ ଖୋଳି ଦିଆଯାଇଥିବା ରାସ୍ତାକୁ କଂକ୍ରିଟ କରାଯାଇନଥିବା ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଅଭିଯୋଗ କରିଥିଲେ । ସେହିପରି ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରକୁ ବିଶୁଦ୍ଧ ପାନୀୟଜଳ ପାଇଁ ଆକ୍ୱାଗାର୍ଡ ଯୋଗାଣ, ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକ ନିଯୁକ୍ତି, କେଉଁ ଗାଇଡ୍ ଲାଇନରେ ପ୍ରଧାନମନ୍ତ୍ରୀ ଆବସ ଓ ଅନ୍ତ୍ୟୋଦୟ ଯୋଜନାରେ ପକ୍କାଗୃହ ଦିଆଯାଉଛି ତାର ସବିଶେଷ ତଥ୍ୟ ପ୍ରଦାନ, ଭତ୍ତା ଓ ରାସନକାର୍ଡ ସମ୍ପର୍କରେ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ଗୁଆଳିପୁର ସରପଞ୍ଚ ମନୋଜିନି ସାହୁ, ତାରପୁର ସମିତି ସଭ୍ୟା ପୁଜାଲତା ଦାସ ଓ ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ ପ୍ରମୁଖ ପ୍ରସ୍ତାବ ରଖିଥିଲେ । ହାତଗଣତି କେତେକ ବିଭାଗ ଉପରେ ଆଲୋଚନା ଚାଲିଥିବା ବେଳେ ବିଧାୟକ ଡ. ଭୋଇ ଜରୁରୀ କାର୍ଯ୍ୟ ଦର୍ଶାଇ ବୈଠକରୁ ଚାଲିଯାଇଥିଲେ । ବୈଠକରେ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରିନାରାଣୀ ମଲ୍ଲିକ, ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଏବିଡିଓ ପାୟଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିପିଡିଓ ସୁଚିତ୍ରାନନ୍ଦ ପାଲ, କ୍ୟାସିଆର ଭବେସ କୁମାର ବେହେରାଙ୍କ ସହ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀକ୍ଷେତ୍ର ସିଟି

୧୧/୨/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୮,୪୪୫/- ସୁନା:୦୧.୧୦୦ ଗ୍ରାମ୍ ରୁପା: ୧୭.୦୦୦ ଗ୍ରାମ୍







▶ ପୁଲିସ କହି ମହିଳାଙ୍କୁ ଟାର୍ଗେଟ କରୁଥିଲେ ବି-ଟେକ୍ ଛାତ୍ର

## ଭିଡିଓ ଭାଇରାଲର ଧମକ ଦେଇ ଟଙ୍କା ଲୁଟୁଥିଲେ





୪ ଏଟିଏମ୍ କାର୍ଡ, ୫ ମୋବାଇଲ୍ ଓ ୩୪ ସିମ୍‌କାର୍ଡ ଜବତ

**ପୁରୀ,୧୧।୨(ସମିସ):** ନିଜକୁ ପୁଲିସ ଇନ୍ସପେକ୍ଟର ପରିଚୟ ଦେଉଥିଲେ। ଟଙ୍କା ଦିଅ ନଚେତ୍ ତମର ଅଶ୍ଳୀଳ ଭିଡିଓ ଭାଇରାଲ କରିଦିଆଯିବ। ଏମିତି ଧମକ ଦେଇ ମହିଳାଙ୍କୁ ଟାର୍ଗେଟ କରୁଥିଲେ ଜଣେ ବି-ଟେକ୍ ଛାତ୍ର। ପ୍ରାୟ ୨ ବର୍ଷ ପୂର୍ବରୁ ଏଭଳି ଏକ ଅଭିଯୋଗକୁ ନେଇ ତଦନ୍ତ କରୁଥିବା ପୁରୀ ସାଇବର ଥାନା ପୁଲିସ ଶେଷରେ ଅଭିଯୁକ୍ତଙ୍କୁ କାବୁ କରିଛି। ଅଭିଯୁକ୍ତ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ମୁଣ୍ଡନାନୀ ଗ୍ରାମର ମାନସ ରଞ୍ଜନ ଜେନା (୪୫) ବୋଲି ବୁଧବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ସାଇବର ଅପରାଧ ନିୟନ୍ତ୍ରଣରେ ପୁରୀ ସାଇବର ଥାନାକୁ ଏକ ବଡ଼ ସଫଳତା ମିଳିଛି। ୨୦୨୩ ସେପ୍ଟେମ୍ବର ୫ରେ ଜଣେ ମହିଳାଙ୍କୁ ଏକ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ପୁରୀ ପୁଲିସର ଜଣେ ଇନ୍ସପେକ୍ଟର ପରିଚୟ ଦେଇ ମହିଳାଙ୍କୁ ୨ଲକ୍ଷ ୭୦ ହଜାର ଟଙ୍କା ଦେବା ପାଇଁ କହିଥିଲେ। ନଚେତ୍ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାର ଧମକ ଦେଇଥିଲେ। ମହିଳା ଜଣକ ତାଙ୍କୁ ୧ଲକ୍ଷ ୩୪ ହଜାର ଟଙ୍କା ଫୋନ୍ ପେ' କରିଥିଲେ। ପରେ ଆହୁରି ଧମକାଇବା ସହିତ ଭିଡିଓ କଲ୍ କରିବା ପାଇଁ ବାଧ କରିଥିଲା ଅଭିଯୁକ୍ତ। ଏ ନେଇ ମହିଳା ଜଣକ ୨୦୨୩ ସେପ୍ଟେମ୍ବର ୧୪ରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରେ ଜଣାପଡ଼ିଥିଲା ଯେ, ସେହି ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ଯାଇଛି। ସେହି ଆକାଉଣ୍ଟର ଖୋଲତାଡ଼ ବେଳେ ତାହା ଅନ୍ୟ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ସମ୍ପୃକ୍ତ ମହିଳା ମଧ୍ୟ ଅଭିଯୁକ୍ତ ମାନସର ଶିକାର ହୋଇଥିଲେ। ତାଙ୍କୁ ମଧ୍ୟ ଭିଡିଓ ଭାଇରାଲ କରାଇଦେବାର ଭୟ ଦେଖାଇ ଟଙ୍କା ମାଗିଥିଲେ। ମହିଳା ଜଣକ କିଛି ପଇସା ମଧ୍ୟ ଦେଇଥିଲେ। ମାତ୍ର ଯେତେବେଳେ ଆଉ ଟଙ୍କା ଦେଇପାରି ନ ଥିଲେ ତେଣୁ ମାନସ ମହିଳାଙ୍କୁ ଏକ ଆକାଉଣ୍ଟ ଖୋଲି ତା'ର ଡିଟେଲ୍ସ ଦେବା ଲାଗି କହିଥିଲେ। ଏହି ଆକାଉଣ୍ଟକୁ ବ୍ୟବହାର କରି ସେ ସାଇବର ଠକେଇ କରିପାରିବେ। ସାଇବର ପୁଲିସର ତଦନ୍ତ ବେଳେ ଏହି ଦୁଇ ମହିଳାଙ୍କ ପଛରେ ପଡ଼ିଥିବା ବ୍ୟକ୍ତି ଜଣେ ବୋଲି ପୁଲିସ ସ୍ପଷ୍ଟ ହୋଇଥିଲା। ଏହାପରେ ମାନସଙ୍କୁ କାବୁ କରିଥିଲା। ସେ ବି-ଟେକ୍ ଛାତ୍ର ହୋଇଥିବାରୁ ସେ ଟେକ୍ନିକାଲ ଜ୍ଞାନକୁ ଉପଯୋଗ କରି ଏଭଳି ଠକେଇର ଜାଲ ବିଛାଇଥିଲେ। ତାଙ୍କଠାରୁ ୫ଟି ମୋବାଇଲ୍, ୪ ଏଟିଏମ୍ କାର୍ଡ, ଗୋଟିଏ ବ୍ୟାଙ୍କ ପାସ୍‌ବୁକ୍, ଗୋଟିଏ ଚେକ୍‌ବୁକ୍, ୩୪ଟି ସିମ୍‌କାର୍ଡ ଜବତ କରାଯାଇଛି।

ତେବେ ଅନ୍ୟ ମହିଳାଙ୍କୁ ଏଭଳି ଠକେଇ ଜାଲରେ ଶିକାର କରିଛି କି ନାହିଁ ତାହାର ତଦନ୍ତ ଚାଲିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ଅଭିଯୁକ୍ତ ମାନସଙ୍କ ବିରୋଧର ପୂର୍ବରୁ ୭ଟି ମାମଲା ବାଲେଶ୍ୱର, ଭୁବନେଶ୍ୱର, ବଲାଙ୍ଗିର, ଟମକା, ବ୍ରହ୍ମପୁର ଆଦି ବିଭିନ୍ନ ଅଞ୍ଚଳରେ ରହିଛି। ତାଙ୍କ ବିରୋଧରେ ସାଇବର ଆକ୍ଟ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ପୂର୍ବରୁ ଜେଲ୍ ଯାଇଛନ୍ତି। ତେବେ ମହିଳାଙ୍କୁ ସେ ଅନ୍ୟଜଣେ ବ୍ୟକ୍ତି ତାଙ୍କର ଭିଡିଓ କରିଛି। ସେହି ବ୍ୟକ୍ତିଙ୍କୁ ପଇସା ନ ଦେଲେ ସେ ଭାଇରାଲ କରିଦେବ ବୋଲି ମାନସ ମହିଳାଙ୍କୁ କହି ଟଙ୍କା ଝଡ଼ାଉଥିଲେ। କିଛି ଲୋକଙ୍କୁ ନିଜେ ଭିଡିଓ ଭାଇରାଲ କରାଇଦେବାକୁ କହି ପଇସା ନେଇଥିଲା। କିନ୍ତୁ ବାସ୍ତବରେ ଅଭିଯୁକ୍ତଙ୍କ ପାଖରେ ମହିଳାଙ୍କର ଏମିତି କିଛି ଅଶ୍ଳୀଳ ଭିଡିଓ ନ ଥିବା ତଦନ୍ତବେଳେ ଜଣାପଡ଼ିଛି। ମହିଳାମାନଙ୍କ ସାଇବର ଠକେଇ ବିଷୟରେ ଏତେଟା ଜ୍ଞାନ ନ ଥିବାରୁ ସେମାନେ ଡରିକି ଏଭଳି ଶିକାର ହେଉଛନ୍ତି। ଯଦି ଏମିତି କୌଣସି ବ୍ୟକ୍ତି ଆଚରଣ କରୁଥା'ନ୍ତି ତୁରନ୍ତ ନିକଟସ୍ଥ ଥାନା କିମ୍ବା ସାଇବର ଥାନାକୁ ଜଣାଇବାକୁ କହିଛନ୍ତି ଏସ୍‌ପି ଶ୍ରୀ ସିଂ।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୧୧।୨(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କର ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୬ଟା ୩୦ରେ ସନ୍ଧ୍ୟା ଆଳତି ବଢ଼ିଥିଲା। ଏହାପରେ ୬ଟା ୪୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଭାରତ ବନ୍ଦ ଡକରାକୁ ଜିଲ୍ଲା କଂଗ୍ରେସର ସମର୍ଥନ

**ପୁରୀ,୧୧।୨(ସମିସ):** କେନ୍ଦ୍ରୀୟ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାରତ ବନ୍ଦ ଡକରା ଦିଆଯାଇଛି। ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଦାବିକୁ ପୁରୀ ଜିଲ୍ଲା କଂଗ୍ରେସ ନିଜର ସମର୍ଥନ ଜଣାଇ ବୁଧବାର ସ୍ଥାନୀୟ ଇନ୍ଦିରା ଭବନ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୮ ଘଣ୍ଟା ବଦଳରେ ୧୦ରୁ ୧୨ ଘଣ୍ଟା କାର୍ଯ୍ୟ ସମୟ, ମହିଳାମାନଙ୍କୁ ରାତିରେ ଡ୍ୟୁଟି ଦେବା ଭଳି ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ଭାରତ ବନ୍ଦ ଡକରାକୁ ଜିଲ୍ଲା କଂଗ୍ରେସ ପ୍ରତ୍ୟକ୍ଷ ଭାବେ ସମର୍ଥନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବାବେଳେ ଅତ୍ୟାବଶ୍ୟକ ସୁବିଧା ତଥା ଜରୁରୀକାଳୀନ ସେବାରେ ଅବରୋଧ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହି ପ୍ରସ୍ତୁତି ବୈଠକରେ ସୁଜିତ୍ ମହାପାତ୍ର, ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ କୁମାର ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ଆର୍ତ୍ତତ୍ରାଣ ସାହୁ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଚେତନ ମିଶ୍ର, ବିଶ୍ୱରଞ୍ଜନ ମହାପାତ୍ର, ଆଦର୍ଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ବଲ୍ଲଭ ମଠର ନୂତନ ଟ୍ରଷ୍ଟ ବୋର୍ଡ ଗଠନ

**ପୁରୀ,୧୧।୨(ସମିସ):** ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର ଇତିହାସ ପ୍ରସିଦ୍ଧ ଜଗନ୍ନାଥ ବଲ୍ଲଭ ମଠର ନୂତନ ଟ୍ରଷ୍ଟବୋର୍ଡ ଗଠନ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନେକ ସ୍ୱତନ୍ତ୍ର ନୀତି, ପର୍ବ ଓ ନବକଳେବର ସହ ଜଡ଼ିତ ଏହି ପ୍ରସିଦ୍ଧ ମଠର ନୂତନ ଇଣ୍ଟରିମ୍ ଟ୍ରଷ୍ଟବୋର୍ଡରେ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପୁରୀ ସଦର ତହସିଲ୍‌ଦାର, ଶ୍ରୀଜଗନ୍ନାଥ ଚେତନାର ବରିଷ୍ଠ ଗବେଷକ ତଥା ଶ୍ରୀମନ୍ଦିରର ପ୍ରାକ୍ତନ ଉପ ପ୍ରଶାସକ ଡ. ଭାସ୍କର ମିଶ୍ର, ବଳାରାମ କୋଟ ମଠ ମହନ୍ତ ରଘୁବୀର ଦାସ ମହାରାଜ, ମହୀପ୍ରକାଶ ମଠର ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜ, ପୁରୀ ଟାଉନ ଥାନାର ଇନ୍ସପେକ୍ଟର ଇନ୍‌ଚାର୍ଜ, ମଣିରାମ ମଠର ଅଭିରାମ ଦାସ ପ୍ରମୁଖ ୭ ଜଣଙ୍କୁ ରାଜ୍ୟ ଦେବୋତ୍ତର କମିଶନର ଏକବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଇଣ୍ଟରିମ୍ ଟ୍ରଷ୍ଟବୋର୍ଡର ବୈଠକ ଅନୁଷ୍ଠିତ ହୋଇ ସଭାପତି ମନୋନୟନ କରାଯାଇ ଦେବୋତ୍ତର କାର୍ଯ୍ୟାଳୟକୁ ଅବଗତ କରାଯିବା ବିଷୟ ଟ୍ରଷ୍ଟବୋର୍ଡ ସଦସ୍ୟ ନିଯୁକ୍ତି ଆଦେଶପତ୍ରରେ ଉଲ୍ଲେଖ କରାଯାଇଛି।

## ନ୍ୟାୟାଳୟରେ ସଫଳ ଅଭିଯୋଗ ପରିଚାଳନାକାରୀ ସମ୍ମାନିତ

**ପୁରୀ,୧୧।୨(ସମିସ):** ନ୍ୟାୟାଳୟରେ ସଫଳ ଅଭିଯୋଗ ପରିଚାଳନା ଓ ପୀଡ଼ିତଙ୍କ ପକ୍ଷରେ ଦୃଢ଼ ଭାବେ ମାମଲା ପ୍ରସ୍ତୁତ କରି ଦୋଷୀଙ୍କୁ ଦଣ୍ଡିତ କରାଇବାରେ ଯେଉଁ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କୁ ସମ୍ମାନିତ କରିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ବୁଧବାର ପୁଲିସ ମୁଖ୍ୟାଳୟରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ୫ ଜଣ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର, ଡିଏସ୍‌ପି ତିଳୋତ୍ତମା ରାଉତଙ୍କ ସମନ୍ୱିତ ପ୍ରୟାସ ଫଳରେ ନ୍ୟାୟାଳୟରେ ଦୃଢ଼ ପ୍ରମାଣ, ଆବଶ୍ୟକ ଦଲିଲ୍‌ପତ୍ର ଓ ସାକ୍ଷ୍ୟ ସଠିକ୍ ଭାବରେ ଉପସ୍ଥାପନା କରାଯାଇଥିଲା। ଏହାର ଫଳସ୍ୱରୂପ ପୀଡ଼ିତଙ୍କୁ ନ୍ୟାୟ ମିଳିବା ସହ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏସ୍‌ପି ଶ୍ରୀ ସିଂ ସମ୍ମାନିତ ଅଧିକାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ତାଙ୍କର ବୃତ୍ତିଗତ ଦକ୍ଷତା, ଦୃଢ଼ ଆଇନ ଜ୍ଞାନ ଓ ଟିମ୍‌ୱାର୍କର ସ୍ୱୀକୃତି ଜଣାଇଥିଲେ। ସେ କହିଥିଲେ ଯେ, ଗୁଣାତ୍ମକ ତଦନ୍ତ, ସଠିକ୍ ଡକ୍ୟୁମେଣ୍ଟେସନ ଓ ପ୍ରୋସିକ୍ୟୁସନ୍ ସହ ସମନ୍ୱୟ ହେଉଛି ଦଣ୍ଡନୀତି ସଫଳତାର ମୂଳ ଚାବି। ପୁରୀ ପୁଲିସ ସଦା ପୀଡ଼ିତମାନଙ୍କୁ ନ୍ୟାୟ ଦେବା ଓ ଦୋଷୀଙ୍କୁ ଆଇନ ଅନୁସାରେ କଠୋର ଶାସ୍ତି ଦେବାରେ ପ୍ରତିବଦ୍ଧ।

● ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପ୍ରସ୍ତୁତି ବୈଠକ

## ପ୍ରଥମ ପର୍ଯ୍ୟାୟରେ ୫ ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ

**ପୁରୀ,୧୧।୨(ସମିସ):** ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ସରକାର ପ୍ରଣୟନ କରିଛନ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯୋଜନା। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଆସନ୍ତା ୧୩ ତାରିଖରେ ନବରଙ୍ଗପୁରଠାରୁ ଏହି ଯୋଜନାର ଶୁଭାରମ୍ଭ କରିବେ। ୫୦୦ ଶ୍ରଦ୍ଧାଳୁ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ଯେପରି ଶ୍ରଦ୍ଧା ଓ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ସହ ଯେପରି ଏକ ସୁଖଦ ଅନୁଭବ ନେଇ ଯିବେ ସେଥିପାଇଁ ସମସ୍ତ ବିଭାଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ। ୧୩ ତାରିଖ ସନ୍ଧ୍ୟାରେ ପ୍ରାୟ ୨୦୦ ଜଣ ଓ ଅବଶିଷ୍ଟ ୧୪ ତାରିଖ ସକାଳୁ ପହଞ୍ଚିବେ ବୋଲି କହିଥିଲେ। ୬୦ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତି ଓ ବିଧବା ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ ଓ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ସେମାନଙ୍କ ତାଲିକା ପ୍ରସ୍ତୁତ କରି ପୁରୀ ପ୍ରଶାସନକୁ ଦେବେ। ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦର୍ଶନର ବ୍ୟବସ୍ଥା କରାଇବେ। ଚଳିତ ଆର୍ôଥକ ବର୍ଷ ଶେଷ ସୁଦ୍ଧା ୫ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବେ ବୋଲି ସେ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, କମାଣ୍ଡାଣ୍ଟ ତାପସ କୁମାର ଦାସ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକ, ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ପର୍ଯ୍ୟଟନ ଉପ ସଚିବ ମନୋଜ କୁମାର ବେହେରା, ଡେପୁଟି ଉନ୍ନୟନ ପ୍ରଶାସକ ରଞ୍ଜନ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଦାସୀ ଏକ ସମର୍ପିତ ସେବା କାର୍ଯ୍ୟ



**ପୁରୀ,୧୧।୨(ସମିସ):** ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭା ଗୃହରେ ବୁଧବାର ପୂର୍ଣ୍ଣ ଦାସ ଫାଉଣ୍ଡେସନ ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ 'ଶ୍ରୀଜଗନ୍ନାଥଙ୍କ ସେବାରେ ଦେବଦାସୀ ପରମ୍ପରା' ଶୀର୍ଷକ ଆଲୋଚନା, ସମ୍ବର୍ଦ୍ଧନା ଓ ଆଧ୍ୟାତ୍ମିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧିବକ୍ତା ପୂର୍ଣ୍ଣ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ମାର୍ଗଦର୍ଶକ ରାଜକିଶୋର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ବରିଷ୍ଠ ସେବାୟତ ପୂର୍ଣ୍ଣ ଚନ୍ଦ୍ର ଗୋଚ୍ଛିକାର, ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର ଏବଂ ଶିକ୍ଷାବିତ୍ ପ୍ରଦୀପ୍ତ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆଙ୍କ ପ୍ରାଣର ପ୍ରତିଟି ସ୍ପନ୍ଦନରେ ଶ୍ରୀଜଗନ୍ନାଥ ଚେତନା ରୂପ ପାଇଥାଏ। ସେ ରାଜାଧିରାଜ ଓ ଭୋଜନ ପରେ ବିଡ଼ିଆ ପାନ ସେବାଠାରୁ ଆରମ୍ଭ କରି ଶୟନ ସମୟରେ ଦେବଦାସୀ ଗାଆଣୀ ସେବା ନୀତି ସମ୍ପାଦନ କରାଯାଏ। ଏହି ଦେବଦାସୀ ସେବା ଏକ ସମର୍ପିତ ସେବା ଓ ତାହା ବର୍ତ୍ତମାନ ବିଲୁପ୍ତ ହୋଇଯାଇଛି। ଏ ସମ୍ପର୍କରେ ପ୍ରଶାସନ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବା ଉଚିତ୍ ବୋଲି ଅତିଥିମାନେ ମତ ରଖିଥିଲେ। ଏତଦ୍‌ବ୍ୟତୀତ ଦେଶ ବିଦେଶରେ ଅଦିନିଆ ରଥଯାତ୍ରାକୁ ବନ୍ଦ ରଖିବା ପାଇଁ ଦୃଢ଼ ପ୍ରତିବାଦ ଜଣାଇଥିଲେ। ଏହି ଅବସରରେ ପଣ୍ଡିତ ସଦାଶିବ ମିଶ୍ରଙ୍କୁ 'ପୂର୍ଣ୍ଣବ୍ରହ୍ମ ସମ୍ମାନ', କବି ହରପ୍ରିୟା ସାହୁଙ୍କୁ 'ଶିଳାବ୍ରହ୍ମ ସମ୍ମାନ' ଏବଂ ବରିଷ୍ଠ ସେବାୟତ ରାଧାନାଥ ପ୍ରତିହାରୀଙ୍କୁ 'ସେବାନିଧି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସୁସାହିତ୍ୟିକ ଶିବ ସୁନ୍ଦର ମିଶ୍ର ସଞ୍ଚାଳନ କରିଥିବାବେଳେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନେକ କବି ଯୋଗଦେଇ ଆଧ୍ୟାତ୍ମିକ କବିତାପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରିଷ୍ଣା ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ, ସର୍ବାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ବିଲୁପ୍ତ ଦେବଦାସୀ ପରମ୍ପରା ସମ୍ପର୍କରେ ଆଲୋଚନା ହେବା ଉଚିତ୍**

ଘରୋଇ ବସ୍ ମାଲିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

## ଗାଁ ରାସ୍ତା ଉନ୍ନତିକରଣ ଓ ଗାଡ଼ି ଭଡ଼ା ବୃଦ୍ଧି ଦାବି



**ପୁରୀ,୧୧।୨(ସମିସ):** ସ୍ଥାନୀୟ ପୌର ସଦନଠାରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟ କେତେଜଣ ବିଧାୟକ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବସ୍ ଚାଳକ, କର୍ମଚାରୀ ଓ ମାଲିକମାନଙ୍କ ସମସ୍ୟାର ବିଭିନ୍ନ ଦିଗକୁ ନେଇ ମାନସମନ୍ଥନ କରାଯାଇଥିଲା। ରାଜ୍ୟରେ ଗଡୁଛି ୧୪ ହଜାର ଘରୋଇ ବସ୍। ୮ ହଜାର ମାଲିକ ରହିଛନ୍ତି। ଏହି ଉଦ୍ୟୋଗ ଦ୍ୱାରା ୫ ଲକ୍ଷ ପରିବାର ପ୍ରତିପୋଷଣ ହେଉଛନ୍ତି। ତେବେ ବସ୍ ଫିଟ୍‌ନେସକୁ ନେଇ ଦେଖାଦେଇପାରେ ବଡ଼ ସମସ୍ୟା। ନୂଆ ଏଟିଏସ୍ ସେଣ୍ଟର୍ ହୋଇ ନ ଥିବାବେଳେ ବାଲେଶ୍ୱର, ବାରିପଦା, ଖୋର୍ଦ୍ଧା, ଫୁଲବାଣୀ ଇତ୍ୟାଦି ସ୍ଥାନରେ ଫିଟ୍‌ନେସ୍ ବନ୍ଦ ହୋଇଯାଇଛି। ଯାହାକୁ ନେଇ ବସ୍‌ଗୁଡ଼ିକ ବନ୍ଦ ହୋଇଯିବା ଭଳି ପରିସ୍ଥିତି ଦେଖାଯିବ ବୋଲି କହିଛନ୍ତି ବସ୍ ମାଲିକ। ଅନ୍ୟପଟରେ ରାଜ୍ୟର ବହୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ରେଷ୍ଟ ଶେଡ୍ ନାହିଁ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯାତ୍ରୀମାନଙ୍କ ସୁବିଧା ପାଇଁ ସଂଘ ରେଷ୍ଟ ଶେଡ୍ ତିଆରି କରିବା ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେହିପରି ବସ୍ ମାଲିକମାନେ କହିଛନ୍ତି ଯେ, ବସ୍‌ଷ୍ଟାଣ୍ଡ ଓ ଢାବାଗୁଡ଼ିକ ସମ୍ମୁଖରେ ମଦ ଦୋକାନ ହେଉଥିବାରୁ ଘଟୁଛି ଦୁର୍ଘଟଣା। ଏଗୁଡ଼ିକୁ ବନ୍ଦ କରିବାକୁ ଦାବି କରିଛି ସଂଘ। ତେବେ ଯେଉଁ ଗାଡ଼ିଗୁଡ଼ିକ ରେଟ୍‌ଚାର୍ଟ ଲଗାଇ ନାହାନ୍ତି ସେମାନେ ଲଗାଇବାକୁ ନିଷ୍ପତ୍ତି ନିଆଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୨୦୧୬ରୁ ଭଡ଼ା ଅପରିବର୍ତ୍ତିତ ରହିଛି। କମ୍ ଦରରେ ଗାଡ଼ି ଚଳାଚଳ କରୁଛି। ସରକାର ନିଷ୍ପତ୍ତି ନ ନେଲେ ପୁରୁଣା ରେଟ୍‌ରେ ଗାଡ଼ି ଚଳାଇବା କଷ୍ଟକର ହୋଇପଡୁଛି ବୋଲି ସଂଘ କର୍ମକର୍ତ୍ତା ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗାଁ ରାସ୍ତାଗୁଡ଼ିକର ଉନ୍ନତିକରଣ ଦାବି କରିଛି ସଂଘ।

● ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ରେଷ୍ଟ ଶେଡ୍ ନିର୍ମାଣ ହେଉ
● ବସ୍‌ଷ୍ଟାଣ୍ଡ ଓ ଢାବା ସମ୍ମୁଖରେ ମଦ ଦୋକାନ ବନ୍ଦ ହେଉ

ତେବେ ଗୁରୁବାର ଭାରତ ବନ୍ଦକୁ ଘରୋଇ ବସ୍ ମାଲିକ ସଂଘ ସମର୍ଥନ କରିବ ନାହିଁ। ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ। ଆନ୍ଦୋଳନକାରୀ ବସ୍ ଅଟକାଇଲେ ଯାହା ହେବ। କିନ୍ତୁ ଆନ୍ଦୋଳନ ପାଇଁ ସଂଘର ସମର୍ଥନ ନାହିଁ ବୋଲି କହିଛନ୍ତି ସଂଘର ସଭାପତି ଲୋକନାଥ ପାଣି ଓ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ଏହି ଅବସରରେ ସଂଘର ସ୍ମରଣିକାକୁ ପରିବହନ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

ବିପର୍ଯ୍ୟୟ ପରିଚାଳନା କର୍ମଶାଳା

## ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ



**ପୁରୀ,୧୧।୨(ସମିସ):** ବିପର୍ଯ୍ୟୟ ସମୟରେ କୌଣସି ପାତରଅନ୍ତର କରାଯିବା ଉଚିତ୍ ନୁହେଁ। ତେଣୁ ବିପର୍ଯ୍ୟୟର ବହୁ ପୂର୍ବରୁ ଆମେ ଯୋଜନା ପ୍ରସ୍ତୁତ କରିବା, ବିଭିନ୍ନ ବର୍ଗ ପାଇଁ ତାଲିକା ପ୍ରସ୍ତୁତ କରିବା, ଉଦ୍ଧାର ଓ ଥଇଥାନ ପାଇଁ ଯୋଜନା ଅନୁସାରେ ରୂପରେଖ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋକପାତ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ବୁଧବାର ସର୍କିଟ୍ ହାଉସ୍‌ରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ସମୟରେ ଲିଙ୍ଗଗତ ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ମୁଖ୍ୟଧାରାରେ ପରିଣତ କରିବା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ବିପର୍ଯ୍ୟୟ ପାଇଁ ଆମେ ତିନୋଟି ପର୍ଯ୍ୟାୟକୁ ଗୁରୁତ୍ୱ ଦେଉ। ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟକୁ ନେଇ ଯୋଜନା କରନ୍ତି। କିନ୍ତୁ ମାଇକ୍ରୋପ୍ଲାନ୍‌ରେ ପୁରୁଷ, ମହିଳା, ତୃତୀୟଲିଙ୍ଗୀ, ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗଙ୍କ ତାଲିକା ପ୍ରସ୍ତୁତ, ସେମାନଙ୍କ ପାଇଁ ରହିବା ବ୍ୟବସ୍ଥା, ସୁରକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି ବୋଲି ସେ କହିବା ସହ ବିପର୍ଯ୍ୟୟ ପରିଚାଳନାର ପରିବର୍ତ୍ତିତ ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର ଆମ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଶ୍ୱସ୍ତରୀୟ ଓ ଏହାକୁ ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଏପରି କରିବା ଯେମିତି କ୍ଷତି ବହୁତ କମ୍ ହେବ ବୋଲି ସେ କହିଥିଲେ। ଆମେ କେବଳ ପ୍ରସୂତି ମା'ମାନଙ୍କ ସୁରକ୍ଷା ପାଇଁ ଚିନ୍ତା କରନ୍ତି କିନ୍ତୁ ଗର୍ଭର ପ୍ରାରମ୍ଭିକ ପର୍ଯ୍ୟାୟ ବିବିଧ ସମସ୍ୟା ପାଇଁ ଏବେ ଚିନ୍ତା କରାଯାଉଛି। ସେହିପରି ବିପର୍ଯ୍ୟୟ ପରେ ବାଲ୍ୟବିବାହ, ଡ୍ରପ୍ ଆଉଟ୍, ମାନବ ଚାଲାଣ ଇତ୍ୟାଦି ବୃଦ୍ଧିର ଆଶଙ୍କା ରହୁଥିବାରୁ ସେଥିପ୍ରତି ସତର୍କ ଓ ଯୋଜନା କରିବାକୁ ଆଲୋଚନା କରିଥିଲେ।

ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ଜିଏମ୍ ସୁବୋଧ ନାୟକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଅଧିକ କିଶୋରୀ, ମହିଳାଙ୍କୁ ବିପର୍ଯ୍ୟୟ ପରିଚାଳନାର ବିବିଧ ତାଲିମ ପ୍ରଦାନ ସମ୍ପର୍କରେ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଏଡିପିଏଚ୍ ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନିମାପଡ଼ା ବିଡିଓ ଡା. ଅଭିଜିତ୍ ଷଡ଼ଙ୍ଗୀ, ଗୋପ ବିଡ଼ିଓ ଛବିରାଣୀ ସାହୁ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜରୁରୀ ବିଭାଗର ଡିପିଓ ସୁକାନ୍ତ କୁମାର ଦାଶ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

### ଡବଲ୍ ଇଞ୍ଜିନ୍ ସରକାରଙ୍କ ବିଫଳତା

# ମିଳୁନି ଏଲ୍‌ପିଜି ଗ୍ୟାସ, 'ଉଜ୍ଜ୍ୱଳା' ଦିଗହରା

ଚୌଦ୍ୱାର,୧୧।୨(ସମିସ)

ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଏବେ ପଦାରେ ପଡୁଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଗ୍ୟାସ ଯୋଜନା କଟକ ଜିଲ୍ଲାର ଚୌଦ୍ୱାର ଅଞ୍ଚଳରେ ବାଟବଣା ହୋଇଛି। ରୋଷେଇଘରେ ମହିଳାମାନେ ପୂର୍ବଭଳି କାଠ, କୁଟା, ଘସି ଜାଳି ରୋଷେଇ କରୁଥିବା ଦେଖିବାକୁ ମିଳିଛି। ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଗ୍ୟାସର କୃତ୍ରିମ ଅଭାବ ସାଧାରଣ ପରିବାରଗୁଡ଼ିକୁ ନାହିଁ ନଥିବା ସମସ୍ୟା ଭିତରକୁ ଠେଲି ଦେଇଛି। ଚୌଦ୍ୱାର ଅଞ୍ଚଳରେ ଗ୍ୟାସ ବିତରକଙ୍କ ନିକଟରେ ଆବଶ୍ୟକ ଗ୍ୟାସ ନ ଥିବା ଯୋଗୁଁ ଏଭଳି ସମସ୍ୟା ହେଉଥିବା କୁହାଯାଉଛି। ତେବେ ଏହି ଅଭାବ କାରଣ ପ୍ଲାଣ୍ଟରୁ ଗ୍ୟାସ ବାହାରୁ ନ ଥିବା ବିତରକ ସଂସ୍ଥା ପକ୍ଷରୁ କୁହାଯାଉଛି। ଫଳରେ ଉପଭୋକ୍ତାମାନେ ୬ ଦିନ ତଳୁ ଗ୍ୟାସ ପାଇଁ ବୁକିଂ କରିଥିଲେ ବି ଗ୍ୟାସ ନ ଥିବା ଯୋଗୁଁ ଦିଆଯାଇ ପାରିବ ନାହିଁ ବୋଲି କୁହାଯାଉଛି। କିନ୍ତୁ ବିଭିନ୍ନ ବ୍ୟବସାୟିକ ସଂସ୍ଥାକୁ ଘରୋଇ ଗ୍ୟାସ କେଉଁଠୁ ଆସୁଛି ବୋଲି ପ୍ରଶ୍ନ ଉଠିଛି। ଏପରିସ୍ଥଳେ ଜିଲ୍ଲା ଯୋଗାଣ ବିଭାଗ ମଧ୍ୟ ସବୁ ଜାଣି ଚୁପ ବସିଯାଉଥିବା ଯୋଗୁଁ ଏଥିରେ ମଧ୍ୟ ମୁନାଫା କାରବାର ହେଉଥିବା କୁହାଯାଉଛି। ବର୍ତ୍ତମାନ ସରକାରରେ ସମସ୍ତ ସରକାରୀ ଅଧିକାରୀମାନେ ଦଳୀୟ ଲୋକଙ୍କୁ ସୁହାଇବା ଭଳି କାମ କରିବା ଯୋଗୁଁ ରାଜ୍ୟରେ ଦିନକୁ ଦିନ ଅରାଜକତା ବଢ଼ିବାରେ ଲାଗିଛି। ଯାହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସେହିଭଳି ଗ୍ୟାସ ବିତରକ ଜଣକ ଶାସକ ଗୋଷ୍ଠୀର ଛତ୍ରଛାୟା ତଳେ ଥିବାରୁ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଯାହା ଶାସକ ଦଳ ଏଭଳି କରାଉଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଯଦି ଜିଲ୍ଲା ଯୋଗାଣ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡୁଛି ତେବେ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି।

## କଲେଜର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ନିଶ୍ଚିନ୍ତକୋଇଲି,୧୧।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ୪୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ଡ.ସୁପ୍ରଭା ପରିଡାଙ୍କ ପୌରହିତ୍ୟରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ମୁଖ୍ୟ ବକ୍ତାଭାବେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ କଥାକାର ତରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ମନମୋହନ ଖଟୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ସିଲ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ ନରୋତ୍ତମ ବଳ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନ୍ଧୁକ ମୁନରେ ସଶସ୍ତ୍ର ଡକାୟତି

ତିଗିରିଆ,୧୧।୨(ସମିସ): ତିଗିରିଆ ଥାନା ଅଧୀନ ନୂଆପାଟଣା ବିଦ୍ୟାନଗରୀ ଗ୍ରାମରେ ମଙ୍ଗଳବାର ରାତିରେ ଏକ ସଶସ୍ତ୍ର ଡକାୟତି ସଂଘଟିତ ହୋଇଛି। ଗ୍ରାମର ପ୍ରମିଳା ଦେବତା ରାତି ପ୍ରାୟ ୮ଟା ୪୦ରେ ଘରେ ଏକୁଟିଆ ଥିବାବେଳେ ୩ ଜଣ ଦୁର୍ବୃତ୍ତ କଲିଂ ବେଲ୍ ବଜାଇ ଘର ଭିତରକୁ ପଶି ଆସିଥିଲେ। ପ୍ରମିଳାଙ୍କ ମୁଣ୍ଡରେ ବନ୍ଧୁକ ଓ ବେକରେ ଛୁରି ଲଗାଇ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ନଗଦ ୩୦ ହଜାର ୫୦୦ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ହୋଇଥିବା ସାମଗ୍ରୀ ମଧ୍ୟରେ ୬୪ ଗ୍ରାମରୁ ଅଧିକ ସୁନା ଅଳଙ୍କାର (କାନଫୁଲ, ପେଣ୍ଡିଫୁଲ, ହାର ଓ ମାଳ) ଏବଂ ପ୍ରାୟ ୩୫୦ ଗ୍ରାମର ରୁପା ଅଳଙ୍କାର ସାମିଲ ରହିଛି। ପ୍ରମିଳାଙ୍କ ପୁଅ ଓ ସ୍ୱାମୀ ଅନ୍ତର୍ଯ୍ୟାମୀ ଘରକୁ ଫେରିବା ପରେ ଏ ସମ୍ପର୍କରେ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନୂଆପାଟଣା ଭଳି ଏକ ବ୍ୟସ୍ତବହୁଳ ଅଞ୍ଚଳରେ ଏଭଳି ଡକାୟତି ପୁଲିସର ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

## ଉଦ୍ୟାନ କୃଷି କ୍ଷେତ୍ର ପରିଦର୍ଶନ କଲେ ଡ୍ରିମ୍‌ସ ଅଧ୍ୟକ୍ଷ



କଟକ,୧୧।୨(ସମିସ): ଛାତ୍ରଛାତ୍ରୀଙ୍କ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ନିମନ୍ତେ 'ଡ୍ରିମ୍‌ସ ସ୍କୁଲ ଅଫ ଏଗ୍ରିକଲଚର' ପକ୍ଷରୁ ଉଛପଦା ପଞ୍ଚାୟତର ଦମକାଠାରେ ଥିବା ଫାର୍ମ ହାଉସ କ୍ଷେତ୍ର ପରିଦର୍ଶନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଅଧିକ ସଂପ୍ରସାରଣ ଓ ବିକଶିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପରିଦର୍ଶନରେ ସାମିଲ ଥିବା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ କୃଷି ବିଜ୍ଞାନୀ ଓ କର୍ମଚାରୀଙ୍କ ସହ ଉତ୍ପାଦିତ ପନିପରିବାର ମାନ ଓ ଗୁଣବତ୍ତା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରାଧ୍ୟାପକ ତଥା କୃଷି ବିଜ୍ଞାନୀ ଡ. ମନୋରଞ୍ଜନ ମହାପାତ୍ର, ଡ. ପ୍ରତିକ ରଞ୍ଜନ ବେହେରା, ସହକାରୀ ପ୍ରାଧ୍ୟାପକ ଅନୀଲ ଜେନା, ସ୍ୱାଗତ ଶୁଭଦର୍ଶିନୀ, ପ୍ରଶାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୧୧।୨(ସମିସ): ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୧ ମାଟ୍ରିକ ବ୍ୟାଚର ଏକ ସମାବେଶ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ଛାତ୍ର ଅଶୋକ ସାହୁ, ପ୍ରହଲ୍ଲାଦ ଦାସଙ୍କ ସଂଯୋଜନାରେ ପ୍ରଥମେ ଶିକ୍ଷକ ରାଜକିଶୋର ପରିଡା, କାହ୍ନୁଚରଣ ରଥ, ପଣ୍ଡିତ ସୁକଦେବ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିପ୍ରସାଦ ରାଉତରାୟ, ଦେବରଞ୍ଜନ ସ୍ୱାଇଁ, ଜ୍ୟୋତି ପ୍ରକାଶ ସ୍ୱାଇଁ, ବିଜୟ ସାହୁ, ରଞ୍ଜନ ରାୟ, ମନୋରଞ୍ଜନ ସାହୁ, କମଳାକାନ୍ତ ନନ୍ଦ, ଶିବାନୀ ପ୍ରସାଦ ମହାନ୍ତି, ଇତିଶ୍ରୀ ରଥ, ମାନସୀ ଦାସ, ପ୍ରତିମା ପଣ୍ଡା, ଉର୍ମିଳା ସାମଲ, ଆରତୀ ମହାକୁଡ, ଅନ୍ନପୂର୍ଣ୍ଣା ସିଂ, ସ୍ନିଗ୍ଧା ଦାସ, ବିଜୟ ମହାନ୍ତି, ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶକ୍ତି ଶେଖର ଭଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ନେମାଳ,୧୧।୨(ସମିସ): ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବିଶିଷ୍ଟ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଡ. ଅନୁରାଧା ପାଣିଗ୍ରାହ. ସମ୍ମାନିତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ରୋଜୀ ସେଠୀ ଯୋଗଦେଇଥିଲେ। ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟ ଓ କଳା ବିଭାଗରେ ଶ୍ରେଷ୍ଠ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ବିଶ୍ୱନିଗମ ଦାସ, ବିଶ୍ୱରଞ୍ଜନ ଜେନା ଏବଂ ଛାତ୍ର ସିପିଏଲ୍ ହରେକୃଷ୍ଣ ଗୋଛାୟତଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ପ୍ରାଧ୍ୟାପକ ଗଗନ ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ପ୍ରାଧ୍ୟାପକ ବିପିନ ବିହାରୀ ଦାସ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଡ. ଦିପ୍ତିମୟୀ ବେହେରା ବିବରଣୀ ପାଠ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧାଂଶୁଶେଖର ସ୍ୱାଇଁ, ଏନସିସି ଲେଫ୍ଟନାଣ୍ଟ ଅଧ୍ୟାପକ ସୁଶାନ୍ତ ସାହୁ, ଅଧ୍ୟାପକ ବିବେକାନନ୍ଦ ଜେନା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ. ବିନୟ ଦାସ ଧନ୍ୟବାଦ ଦେଇଥିଲେ।

## ଆଠଗଡ଼ ପଞ୍ଚାୟତସମିତିର ସାଧାରଣ ବୈଠକ



ଆଠଗଡ଼,୧୧।୨(ସମିସ): ଆଠଗଡ଼ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ସମିତିର ୧୨ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଶେଷ କରି ଅଧପନ୍ତରିଆ ଭାବେ ପଡ଼ିରହିଥିବା ୨୩ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିଷ୍ପକ୍ଷ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଡିଓ ଆକାଶ ପଣ୍ଡା, ଆଠଗଡ଼ ଏନଏସି ଅଧ୍ୟକ୍ଷା ମିନତୀ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାଲୋଙ୍କ ସମେତ ବ୍ଲକର ବହୁ ନିର୍ବାଚିତ ଜନପ୍ରତିନିଧି ଓ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ନୂତନ ପ୍ରକଳ୍ପ ଓ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଦଧିବାମନଜୀଉଙ୍କ ମହାଯଜ୍ଞ ପୂର୍ଣ୍ଣାହୁତି



ନିଶ୍ଚିନ୍ତକୋଇଲି,୧୧।୨(ସମିସ): ଅସୁରେଶ୍ୱର ପଞ୍ଚାୟତ କୋଇଲୋ ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ୩ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ପଣ୍ଡିତ ଶ୍ରୀକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତାଙ୍କ ସହଯୋଗୀମାନେ ଯଥାବିଧି ଯଜ୍ଞକର୍ମ କରିଥିଲେ। କେନ୍ଦ୍ରାପଡାର ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ, ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ଅଚ୍ୟୁତସେନାର ସଭାପତି ଦେବେନ୍ଦ୍ରନାଥ ବସ୍ତିଆ, ସରପଞ୍ଚ ଗୌତମୀ ଦାସ, ଆଇନଜୀବୀ ଭାସ୍କର ବେହେରା, ସମାଜସେବୀ ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ପରିଚାଳନା କମିଟିର ସଭାପତି ଗଣେଶ ପ୍ରସାଦ ଚାନ୍ଦଙ୍କ ସଂଯୋଜନାରେ ସ୍ଥାନୀୟ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

## ନିଶାମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



କଟକ,୧୧।୨(ସମିସ): କଟକ ମହାନଗର ନିଗମ ୫୭ ନମ୍ବର ୱାର୍ଡ ଅନ୍ତର୍ଗତ ବାଲିକୁଦା ପରିଡାସାହିରେ ମା'ନିଶାମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହେଉଛି। ଚାରିଦିନିଆ ଏହି କାର୍ଯ୍ୟକ୍ରମରେ ମା'ଙ୍କୁ ଏକ ସୁସଜ୍ଜିତ ରଥରେ ଗ୍ରାମର ଶତାଧିକ ମହିଳା, ଯୁବକ, ଯୁବତୀ, ଛୋଟ ପିଲା ସବୁ ଟାଣିଟାଣି ବିଭିନ୍ନ ଗ୍ରାମ ପରିକ୍ରମା କରିସାରିବା ପରେ ମୂର୍ତ୍ତିକୁ ମନ୍ଦିରରେ ସ୍ଥାପନା କରଯାଇଥିଲା। ଗୁରୁବାର ମା'ଙ୍କ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଭଜନ କୀର୍ତ୍ତନ ଅନୁଷ୍ଠିତ ହେଉଥିଲା ବେଳେ ସହସ୍ରାଧିକ ଲୋକଙ୍କ ସମାଗମ ହେଉଛି।

## ଗୋପବନ୍ଧୁ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ

ଆଠଗଡ଼,୧୧।୨(ସମିସ): ଆଠଗଡ଼ର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଗୋପବନ୍ଧୁ ବିଜ୍ଞାନ କଲେଜର ୭୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଯୋଗ ଦେଇଥିଲେ। ଛାତ୍ର ସଂସଦ ଓ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ କଲେଜର ଅଧ୍ୟକ୍ଷ ଡ.ଲୋକନାଥ ସାହୁ ପୌରୋହିତ୍ୟ କରିଥିଲେ। ଛାତ୍ର ସଂସଦ ଉପସଭାପତି ତଥା ଉପଦେଷ୍ଟା ଅଧ୍ୟାପକ ଡ. ଚିତ୍ତରଞ୍ଜନ ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିଲେ। କଲେଜର ମୁଖପତ୍ର 'ଉତ୍କଳମଣି' ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠତ୍ୱ ପାଇଁ +୨ ଛାତ୍ରୀ ଶୁଭଶ୍ରୀ ନାୟକ ଓ +୩ ଛାତ୍ର ଉମାଶଙ୍କର ଶତପଥୀଙ୍କ ସମେତ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦାନ ଅର୍ଥରେ +୨ରେ ସର୍ବୋଚ୍ଚ ନମ୍ବର ରଖିଥିବା ଏବଂ ଅନ୍ୟ ବିଭାଗରେ କୃତୀ ବିଦ୍ୟାର୍ଥୀଙ୍କୁ ଅର୍ଥରାଶି ସ୍ମାରକୀ ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ନାଟ୍ୟ ସଂସଦର ଉପସଭାପତି ପ୍ରାଧ୍ୟାପିକା ଛାୟା ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାଗୁରାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଟାଙ୍ଗୀ,୧୧।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମାଗୁରା ଧାନମଣ୍ଡଳ ପଞ୍ଚାୟତ ମାଗୁରା ମା' ରାମଚଣ୍ଡୀ ନାଟ୍ୟକଳା ପରିଷଦ ଆନୁକୂଲ୍ୟରେ ଦୁଇଦିନିଆ ଡ୍ରାମା ଉଦଯାପିତ ହୋଇଯାଇଛି। ଶିକ୍ଷାବିତ ଅକ୍ଷୟ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ, ବରିଷ୍ଠ ନାଗରିକ ନକୁଳ ରାଉତ, ସମାଜସେବୀ ଅଶୋକ ବାଇ ଓ ଅମନ ବେଉରା ଯୋଗ ଦେଇଥିଲେ। ଏହି ଅବସରରେ କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ପରିଷଦର ସମ୍ପାଦକ ସନ୍ତୋଷ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ବିପୁଳ ଦେଶୀ ମଦ ଜବତ

ଆଠଗଡ଼,୧୧।୨(ସମିସ): ବୁଧବାର ଖୁଣ୍ଟୁଣୀ ଥାନା ଢ଼ାଲୁଅ, କଂସର, ମାଗଧପଡ଼ିଆ, ବାଉଁଶ ଟଙ୍ଗୋର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭଗ ଏବଂ ସଦର-୩ ଅବକାରୀ ଥାନା ସହିତ ଏକ ମିଳିତ ଚଢ଼ଉ କରି ମୋଟ ୧୭୮୫ ଲିଟର ଦେଶୀ ମଦ ଜବତ କରାଯାଇଛି। ୨୦ହଜାର ୧୨୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ନଷ୍ଟ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇଛି।

## ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ତାଲିମ

ତିଗିରିଆ,୧୧।୨(ସମିସ): ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ପ୍ରବୋଧନକୁ ନେଇ ଚାଲିଥିବା ତାଲିମ ଶିବିର ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ଅଧ୍ୟକ୍ଷତା ଏବଂ ସମ୍ବଳ ଶିକ୍ଷକ ଜ୍ଞାନଦୋୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ଅମର ମହାରଣା, ଅନ୍ୟତମ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଭାବେ ସୁଶାନ୍ତ ସାହୁ, ସନାତନର ବର ଏବଂ ମହେଶ୍ୱର ସେଠୀ, ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ଅଶୋକ ଦାସ, ଉମାଶଙ୍କର ରାଉତ, ପ୍ରଶାନ୍ତ ଘଡାଇ ଏବଂ ନିଶାକର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ତୃତୀୟ ତଥା ଶେଷ ତାଲିମ ଶିବିରକୁ ମିଶାଇ ମୋଟ ୨୬୨ ଜଣ ଶିକ୍ଷକ ଶିକ୍ଷିକା ଏହି ତାଲିମ ନେଇଥିବା ସୂଚନା ଦିଆଯାଇଛି।

## ଅଚଳ ପଡ଼ିଛି ୧୦୮ ଆମ୍ବୁଲାନ୍ସ



ନରସିଂହପୁର,୧୧।୨(ସମିସ): ନରସିଂହପୁର ବ୍ଲକରେ ଆମ୍ବୁଲାନ୍‌ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୦ ଦିନ ହେବ ବାଲିସାହି ପଞ୍ଚାୟତସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଏକ ୧୦୮ ଆମ୍ବୁଲାନ୍ସ ଗାଡ଼ି ଅଚଳ ହୋଇ ପଡ଼ିରହିଛି। ଏହାର ମରାମତି କରି କାର୍ଯ୍ୟକ୍ଷମ କରିବାରେ ନରସିଂହପୁର ସ୍ୱାସ୍ଥ୍ୟ ବିଭାଗ କୌଣସି ତତ୍ପରତା ପ୍ରକାଶ କରୁନାହିଁ। ଫଳରେ ଜରୁରିକାଳୀନ ସ୍ଥିତିରେ ରୋଗୀଙ୍କୁ ମେଡିକାଲ ପହଞ୍ଚାଇବା ପାଇଁ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଜନହିତକର ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାଭାବିକ କରିବା ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

### ଜବରଦଖଲରେ ଗ୍ରାମ୍ୟ ରାସ୍ତା

# ପହଞ୍ଚି ପାରିଲାନି ଆମ୍ବୁଲାନ୍ସ; ଷ୍ଟ୍ରେଚର୍‌ରେ ବୁହାହେଲେ ରୋଗୀ

ନିଶ୍ଚିନ୍ତକୋଇଲି,୧୧।୨(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବାଲିଆପଦା ପଞ୍ଚାୟତ ୫ ନମ୍ବର ୱାର୍ଡ ଖଉଡା ସାହି ଗ୍ରାମ୍ୟ ରାସ୍ତା ଦୀର୍ଘ ଦିନ ହେବ ଜବରଦଖଲରେ ରହିଛି। ଫଳରେ ରାସ୍ତାଟି ଅଣଓସାରିଆ ହୋଇଯାଇଥିବାରୁ ସେହିବାଟ ଦେଇ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଯାତାୟାତ କରିପାରୁନାହିଁ। ଏଭଳି ସ୍ଥିତିରେ ଗତ ମଙ୍ଗଳବାର ଏଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମ୍ୟ ରାସ୍ତା ଜବରଦଖଲ ହେତୁ ଏହି ବାଟଦେଇ ରୋଗୀ ଆଣିବା ପାଇଁ ଆମ୍ବୁଲାନ୍ସ ନ ଯାଇ ପାରିବାରୁ ଏକ ଷ୍ଟେଚରରେ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ଆଣିବାକୁ ପଡିଥିଲା। ଏହି ଗ୍ରାମର ଜୁତିକା ମହାରଣା (୯୦) ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଡାକ୍ତରଖାନାକୁ ନେବା ନିମନ୍ତେ ପରିବାର ତରଫରୁ ୧୦୮ ଆମ୍ବୁଲାନ୍ସକୁ ଡକାଯାଇଥିଲେ ମଧ୍ୟ ରାସ୍ତା ସଂକୀର୍ଣ୍ଣ ହେତୁ ୧୦୮ ଆମ୍ବୁଲାନ୍ସ ରୋଗୀ ଘର ନିକଟକୁ ଆସିପାରି ନ ଥିଲା। ମୁଖ୍ୟ ରାସ୍ତାରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ସମ୍ପୃକ୍ତ ରୋଗୀକୁ ଅଣାଯାଇ ପ୍ରଥମେ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଭଳି ଘଟଣାକୁ ନେଇ ଏହି ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଗ୍ରାମ୍ୟ ରାସ୍ତା ଜବରଦଖଲ ହେତୁ ଗ୍ରାମକୁ ଆମ୍ବୁଲାନ୍ସ ଯାଇ ନ ପାରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାର କିଛି ଅଂଶ ବ୍ୟକ୍ତିଗତ ମାଲିକାନାରେ ରହିଥିବାରୁ ଏହି ରାସ୍ତାକୁ ଢଳେଇ କରାଯାଇପାରୁନାହିଁ। ଫଳରେ ଅନେକ ସମୟରେ ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ଗାଡି ଯା ଆସ କରିପାରୁ ନ ଥିବାରୁ ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ତଳେ ଏ ସଂକ୍ରାନ୍ତରେ ଗ୍ରାମବାସୀ ତହସିଲଦାରଙ୍କୁ ଅବଗତ କରାଇବାରୁ ରାସ୍ତା ମାପଚୁପ କରାଯାଇଥିଲା। ହେଲେ ଜବରଦଖଲକାରୀମାନେ ଏହି ମାପ ଅନୁଯାଇ ରାସ୍ତା ଛାଡୁ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ଧାନ କିଣାରେ ଅବ୍ୟବସ୍ଥା

# ମଣ୍ଡିରେ ପଡ଼ିଛି ଶହଶହ ବସ୍ତା ଧାନ



ଅସୁରାଳି, ୧୧।୨ (ସମିସ): ଧାମନଗର ଅନ୍ତର୍ଗତ ବରଗଡ଼ା ସେବା ସମବାୟ ସମିତିରେ ଧାନ କିଣାରେ ଗୁରୁତର ଅସୁବିଧା ସୃଷ୍ଟି ହୋଇଛି। ମଣ୍ଡିରେ ଚାଷୀଙ୍କ ଶହଶହ ବସ୍ତା ଧାନ ପଡ଼ି ରହିଛି। କିନ୍ତୁ ଉଠାଇବାରେ ବିଳମ୍ବ ହେଉଛି। ଫଳରେ ଚାଷୀମାନେ ଦିନରାତି ଏହାକୁ ଜଗି ରହିଛନ୍ତି। ଟୋକନ୍ ଦିଆଯାଇଥିଲେ ମଧ୍ୟ ଧାନ ଉଠୁ ନ ଥିବାରୁ ବସ୍ତା ବସ୍ତା ଧାନ ଗଦା ହୋଇ ରହିଛି।

ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲରମାନେ ମନଇଚ୍ଛା ଧାନର କଟ୍‌ନୀଛଟ୍‌ନୀ କରୁଛନ୍ତି। ଅନ୍ୟପକ୍ଷରେ ଗୋଦାମର ଅଭାବ, ଧାନ ରଖିବାକୁ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ମିଲରମାନେ ଧାନ ଉଠାଇବାକୁ ନାରାଜ। ଚାଷୀମାନଙ୍କ କହିବା ଅନୁସାରେ, ଧାନ ବୁଣିବାରୁ ଆରମ୍ଭ କରି ମଣ୍ଡିରେ ଦେବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପରେ ଅସୁବିଧା। ଧାମନଗରରେ ୧୨ ସେବା ସମବାୟ ସମିତି, ୨ ସ୍ୱୟଂ ସହାୟକ ଗୋଷ୍ଠୀ କିଣୁଛନ୍ତି ଧାନ। ଟୋକନ୍ ମିଳିବାରୁ ଚାଷୀ ସମ୍ପୃକ୍ତ ମଣ୍ଡିରେ ଧାନ ନେଇ ଗଦା କରିଛନ୍ତି। କିନ୍ତୁ ମିଲରମାନେ ଧାନ ଉଠାଇବାରେ ନାଁ ଧରୁନାହାନ୍ତି। ପର୍ଯ୍ୟାପ୍ତ ପରିମାଣରେ ଧାନ ଟାର୍ଗେଟ ଆସିଥିଲେ ମଧ୍ୟ ମଣ୍ଡିରେ ପଡ଼ି ରହୁଛି ଧାନ। କେବଳ ସେଠାରେ ନୁହଁ ଧୂଷୁରୀ, ଚୂଡ଼ାକୁଟି, ବରଗଡ଼ା, କାଟସାହିରେ କଟ୍‌ନୀଛଟ୍‌ନୀକୁ ନେଇ ରଜରାସ୍ତାକୁ ଓହ୍ଲାଇବେ ଚାଷୀ। ସାରା ରାଜ୍ୟରେ ଏଭଳି ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ପୂର୍ବରୁ ଗଚ୍ଛିତ ଚାଉଳ ଉଠାଇବାରେ ବିଳମ୍ବ ହେବାରୁ ନୂଆ ଧାନ କିଣାରେ ଅସୁବିଧା ବଢ଼ିଛି ବୋଲି ମିଲର କହୁଛନ୍ତି। ଏହି ପରିପ୍ରେକ୍ଷୀରେ ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ଉମେଶ ତ୍ରିପାଠୀ, ଜଗନ୍ନାଥ ମଲ୍ଲିକ, ଅକ୍ଷୟ ନାୟକ, ଉମେଶ ମହାନ୍ତି, ଅଜୟ ମଲ୍ଲିକ, ଗଗନ ଜେନା ପ୍ରମୁଖ ଉକ୍ତ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ନଚେତ୍ ଆଗାମୀ ଦିନରେ ଗଣଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

'ସକାଳ' ପ୍ରଭାବ

## ମଞ୍ଜୁଲତା ଓ ଯମୁନାଙ୍କୁ ମିଳିଲା ଦରମା

ଦୋଳସାହି,୧୧।୨(ସମିସ): ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଏକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକାଙ୍କୁ ୧୫ ମାସ ଧରି ଦରମା ମିଳୁ ନ ଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ ସେମାନଙ୍କ ଦରମା ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ତିହିଡ଼ି ବ୍ଲକ୍ ଅଧୀନ



ତାଳପଦା ପଞ୍ଚାୟତର ହରିଜନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଯମୁନା ଜେନା ଓ ମଞ୍ଜୁଲତା ଜେନାଙ୍କୁ ୧୫ ମାସ ଧରି ଦରମା ମିଳୁ ନ ଥିଲା। ଏହି ଦରମା ମିଳିବା ପରେ ଏହି ୨ ପାଚିକା 'ସକାଳ'କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

● କାହା ସ୍ୱାର୍ଥରେ ଧାମନଗର ପଞ୍ଚାୟତ ସମିତି ପ୍ରତିନିଧିଙ୍କ ବିଶ୍ରାମ ଗୃହ

## ଦୀର୍ଘ ବର୍ଷ ହେଲା ଝୁଲୁଛି ତାଲା

ଧାମନଗର,୧୧।୨(ସମିସ): ୨୦୧୬ ଡିସେମ୍ବର ୨୬ ତାରିଖରେ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ କରକମଳରେ ଧାମନଗର ବ୍ଲକ୍ ପରିସରରେ ନିଜ ପଞ୍ଚାୟତର ଲୋକମାନଙ୍କ ବିଭିନ୍ନ ସମସ୍ୟା ଓ ଆଞ୍ଚଳିକ ଉନ୍ନୟନ ନେଇ ବ୍ଲକ୍‌କୁ ଆସୁଥିବା ପଞ୍ଚାୟତ ସମିତି ପ୍ରତିନିଧିଙ୍କ ନିମନ୍ତେ ବିଶ୍ରାମ ଗୃହ ଉଦ୍‌ଘାଟନ ହୋଇଥିଲା। ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଲକ୍ଷ୍ମୀନାରାୟଣ ମିଶ୍ର, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଉପାଧ୍ୟକ୍ଷା ଉର୍ମିଳା ବିଶ୍ୱାଳ ଓ ବିଡିଓ ଡ. ନରହରି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାତ୍ର ପଞ୍ଚାୟତ ସମିତି ପ୍ରତିନିଧିଙ୍କ ବିଶ୍ରାମ ପାଇଁ ଉଦ୍ଦିଷ୍ଟ ଏହି ଗୃହରେ ଦୀର୍ଘ ବର୍ଷ ହେବ ତାଲା ଝୁଲୁଛି। ଏ ସମ୍ପର୍କରେ ବିଗତ ବର୍ଷରେ ବିଡିଓଙ୍କୁ ପଚାରିବାରେ ସେଥିରେ ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ଥିବା କହି କଥାକୁ ଏଡ଼ାଇ ଯାଇଥିଲେ। ଆଉ କେଇ ମାସ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ।

ମାତ୍ର ଏଯାଏଁ ଏହି ଘରେ ତାଲା ଝୁଲୁଥିବା ଦେଖାଯାଉଛି। ଏ ସମ୍ପର୍କରେ ଆମ ପ୍ରତିନିଧି ସୁଧାକର ଦାଶ ବ୍ଲକ୍ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ପଚାରିବାରେ କହିଥିଲେ ଯେ, ଗତ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ନଷ୍ଟ ହୋଇଥିଲେ ମଧ୍ୟ ଯେଉଁ ପଞ୍ଚାୟତ ପ୍ରତିନିଧିଙ୍କ ଉପରେ ନିର୍ବାଚନ ସମ୍ବନ୍ଧୀୟ ମାମଲା କୋର୍ଟରେ ବିଚାରାଧୀନ ଥିଲା। ସେହି ପଞ୍ଚାୟତର କାଗଜପତ୍ର ଏହି ଘରେ ମହଜୁଦ ଅଛି। ତାକୁ ମଧ୍ୟ ନଷ୍ଟ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ଗତ ୨ ତାରିଖ ପତ୍ର ସଂଖ୍ୟା ୨୩୯ ଆଧାରରେ ଭଦ୍ରକ ଜିଲ୍ଲାପାଳ ଗତ ୪ ତାରିଖ ତାଙ୍କ ପତ୍ର ସଂଖ୍ୟା ୮୭ରେ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ବିଡିଓ ଏବଂ ତହସିଲ୍‌ଦାରଙ୍କ ଉପସ୍ଥିତିରେ ଆସନ୍ତା ୧୩ ତାରିଖରେ ବ୍ଲକ୍ ତରଫରୁ ସେହି ଘର ଖୋଲାଯାଇ ଅଦାଲତ ପାଇଁ ମହଜୁଦ ଥିବା ଅବଶିଷ୍ଟ କାଗଜପତ୍ର ନଷ୍ଟ କରାଯିବ ବୋଲି ସୂଚନା ଦେଇଥିଲେ।

## ଆଦାନୀ ଡିଏଭି ସ୍କୁଲରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




ଭଦ୍ରକ, ୧୧।୨ (ସମିସ): ଧାମରା କୁଆଁମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲରେ 'ଶ୍ରେଣୀଗୃହରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର' ଉପରେ ଏକ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ, ଭୁବନେଶ୍ୱର ପୋଖରୀପୁଟ ଆଦାନୀ ଡିଏଭି ସ୍କୁଲର ପିଜିଟି-କମ୍ପ୍ୟୁଟର ସାଇନ୍ସର ଗୀତାଞ୍ଜଳି ହୋତା ଏବଂ ଭୁବନେଶ୍ୱର ବିଜେଇଏମ୍ ସ୍କୁଲ ଟିଜିଟି-କମ୍ପ୍ୟୁଟର ସାଇନ୍ସ ଶୁଭଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଶ୍ରୀମତୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେବା ସହ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କୃତ୍ରିମ ବୁଦ୍ଧିମତାର ବିଭିନ୍ନ ଏବଂ ବ୍ୟାବହାରିକ ଶ୍ରେଣୀଗୃହ ପ୍ରୟୋଗ ସମେତ ଅନ୍ତର୍ନିହିତ ତତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ଦିଗ, ଅବଧାରଣା, ଆବଶ୍ୟକତା, ପରିସର, ଗୁରୁତ୍ୱ, ଉପକରଣ ପାରସ୍ପରିକ କ୍ରୀୟାତ୍ମକ ଏବଂ ବାସ୍ତବ ଜୀବନର ଉଦାହରଣ ଆଦି ସାମିଲ୍ ଥିଲା। ଭଦ୍ରକ ଓ ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ୍ ୪୦ ଜଣ ଶିକ୍ଷକ ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତିଥି ତଥା ଅଂଶଗ୍ରହଣକାରୀ ଉଭୟ ସକ୍ରିୟ ଭାବରେ ସେମାନଙ୍କର ମୂଲ୍ୟବାନ ମତାମତ ଏବଂ ଅଭିଜ୍ଞତା ବାଣ୍ଟି କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷା ସମସ୍ତ ଅତିଥିଙ୍କୁ ଉପହାର ଦେଇ ସମ୍ମାନିତ କରିଥିଲାବେଳେ ଆକାଶଦୀପ ବାନାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମହୁ ଚାଷ ସମ୍ପର୍କିତ କର୍ମଶାଳା



ବାରିକପୁର,୧୧।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଫତେପୁରଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମହୁ ଚାଷ ସମ୍ପର୍କରେ ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶୀ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନେକ ଚାଷୀ ଯୋଗଦେଇଥିଲେ। ଏଥିରେ ଚାନ୍ଦବାଲି ଉଦ୍ୟାନ କୃଷି ଅଧିକାରିଣୀ ସାଧନା ପଣ୍ଡା, ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ଦାସ, କୃଷି ଅଧିଦର୍ଶକ କଲ୍ୟାଣ ପାଣିଗ୍ରାହୀ, ଅବିନାଶ ଦାସ, ଅବକାଶ ନାୟକ, ଚିତ୍ତରଞ୍ଜନ କର ପ୍ରମୁଖ ଯୋଗଦେଇ ଫଳ ଓ ପନିପରିବା ଚାଷ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ କରି ମହୁ ଚାଷ ସମ୍ପର୍କରେ ଅଧିକାରୀମାନେ ମତ ଉପସ୍ଥାପନ କରିଥିଲେ। ସଫଳ ମହୁ ଚାଷୀ ଚକ୍ରଧର ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ପାଟୁଳି, ନେରଡା, ତେସିଙ୍ଗା, ରାଜେନ୍ଦ୍ରପୁର, ନାଆମୀ, ବନ୍ଦାଳ ମଢ଼ିଆଳୀ, ଦକ୍ଷିଣବାଡ଼ ପ୍ରମୁଖ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଯୋଗଦେଇଥିଲେ।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି

ଧର୍ମଶାଳା,୧୧।୨(ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତସ୍ଥିତ ବିଜେପି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ପାଳନ କରାଯାଇଛି। ଏହି ଉପଲକ୍ଷେ ବିଜେପି ନେତା କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ମୁଖ୍ୟ ଅତିଥି, ଯାଜପୁରର ପୂର୍ବତନ ସାଂସଦ ରୀତା ତରେଇ ଓ ସମାଜସେବୀ ମିନତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ହିମାଂଶୁ ଶେଖହର ସାହୁଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବିଜେପି ପକ୍ଷରୁ ଏକ ହଜାରରୁ ଊର୍ଦ୍ଧ୍ୱ ଗରିବ ମହିଳାମାନଙ୍କୁ ନୂତନ ଶାଢ଼ି ପ୍ରଦାନ କରାଯିବା ସହ ଅନେକଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

ଯାଜପୁର,୧୧।୨(ସମିସ): ଯାଜପୁର ସଦର ବ୍ଲକ ଚଇନପୁର ପଞ୍ଚାୟତ ସ୍ଥିତ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ୍ସ କ୍ୟାମ୍ପୋରୀ ୨୦୨୬ର ଉଦ୍‌ଯାପିତ ହୋଇଯାଇଛି। ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଭାରତ ସ୍କାଉଟ ଓ ଗାଇଡ୍ସର ଜାତୀୟ ସହକାରୀ ଜିଲ୍ଲାପାଳ କୁଳମଣି ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କ୍ୟାମ୍ପୋରୀ ସଂଗଠନର ସମ୍ପାଦକ ଆଲୋକ କୁମାର ବନ୍ଧ, ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ତଥା ଜିଲ୍ଲା କମିଶନର ଦେବୀଲାଲ୍ ମଲ୍ଲିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଲ୍ଲିକ, ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ସବିତା ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିରଞ୍ଜନ ସାମଲ ସଭା ପରିଚାଳନା କରିଥିଲେ। ଏହି ତିନି ଦିନିଆ କାର୍ଯ୍ୟ କ୍ରମରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ




ଉପସଭାପତି ତଥା ମୁଖ୍ୟ ରାଜ୍ୟ କମିଶନର ଓଡ଼ିଶା ମୁଖ୍ୟ ଅତିଥି ଭାବେ ଡ. କାଳୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡ଼ା, ତଥା ଜିଲ୍ଲା ଗାଇଡ୍ କମିସନର ସୁପ୍ରଭା ପରିଡ଼ା, ଜିଲ୍ଲା କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ ଜିଲ୍ଲା କମିସନର ସ୍କାଉଟ ରବି ପ୍ରସାଦ ସାମଲ, ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନ ପାତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜାହିରୁଦ୍ଦିନ ଖାନ୍, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ଥିଲେ।

## ଘରେ ପଶି କଳାକନା ବୁଲାଇଲେ ଚୋର

ଭଦ୍ରକ,୧୧।୨(ସମିସ): ଗାଁରେ ଯାତ୍ରା ଦେଖୁଥିଲେ ପରିବାର ଲୋକେ। ଘରେ ପଶି କଳାକନା ବୁଲାଇଲେ ଚୋର। ଚୋରି ସାରି ଘରୁ ବାହାରୁଥିବା ବେଳେ ଜଣକୁ କାବୁ କଲେ ଗ୍ରାମବାସୀ। ସୁନା ଗହଣା, ଟଙ୍କା ଧରି ଅନ୍ୟ ୩ ଚୋର ଛୁ ମାରିଛନ୍ତି। ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଅଗରପଡ଼ା ଥାନାରେ ଆଡ଼ିଆ ଗାଁରେ। ମଙ୍ଗଳବାର ରାତିରେ ଗାଁର ନିରଞ୍ଜନ ମଲ୍ଲିକଙ୍କ ପରିବାର ଲୋକେ ଘର ତାଲା ପକାଇ ଯାତ୍ରା ଦେଖିବାକୁ ଯାଇଥିଲେ। ନିରଞ୍ଜନଙ୍କ ପୁଅ ଆଶୁତୋଷ ଯାତ୍ରା ମଝିରେ ଘରଆଡ଼େ ବୁଲି ଯାଇଥିଲାବେଳେ ତାଙ୍କ ଘର ଭିତରୁ ୨ ଜଣ ଲୁଟେରା ବାହାରି ଦୌଡ଼ି ପଳାଇଥିଲେ। ଖସି ଯାଉଥିବାବେଳେ ଜଣକୁ କାବୁ କରିନେଇଥିଲେ ଆଶୁତୋଷ। ଲୁଟେରା ଜଣକ ଏକ ସ୍କ୍ରୁ ଡାଇଭରରେ ଆଶୁତୋଷଙ୍କ ବେକକୁ ଆକ୍ରମଣ କରିଥିଲା। ଗୁରୁତର ଆହତ ହୋଇଥିଲେ ମଧ୍ୟ ଲୁଟେରାକୁ ଛାଡ଼ି ନ ଥିଲେ। ପରେ ଗ୍ରାମବାସୀ ପହଞ୍ଚି ଉକ୍ତ ଲୁଟେରାକୁ ମାଡ଼ମାରି ଘର ଭିତରେ ଅଟକ ରଖିଥିଲେ। ଲୁଟେରା ଯୁବକଙ୍କ ଘର ଧାମନଗର ଥାନା ଅଧୀନରେ ବୋଲି ପୁଲିସ ଆଗରେ କହିଥିବା ସୂଚନା ମିଳିଛି। ଚୋରର ମୋବାଇଲ୍ କଲ୍ ଲିଷ୍ଟରୁ ଚୋରିରେ ସମ୍ପୃକ୍ତ ଥିବା ସନ୍ଦେହରେ ଅନ୍ୟ ଆଗରପଡ଼ା ପୁଲିସ ଅନ୍ୟ ୩ ଯୁବକଙ୍କୁ ମଧ୍ୟ ଅଟକ ରଖିଛି। ନିରଞ୍ଜନଙ୍କ ଘର ଆଲମିରା ଲକର ଭାଙ୍ଗି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ସୁନା ରୁପା ଅଳଙ୍କାର ସହ ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଚାଷୀଙ୍କୁ ମୁଗ, ବିରି ବିହନ ବଣ୍ଟନ

ଦୋଳସାହି,୧୧।୨(ସମିସ): ତିହିଡ଼ି ବ୍ଲକ୍ କୃଷି ବିଭାଗ ପକ୍ଷରୁ ବାରୋ ଗୁଆମାଳ ଓ ତଳଗୋପବିନ୍ଧା ପଞ୍ଚାୟତରେ ଚାଷୀଙ୍କୁ ମୁଗ, ବିରି, ଧଣିଚା ଚାଷୀଙ୍କୁ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ, ବାରୋ ପଞ୍ଚାୟତରେ ୨୫୦ ହେକ୍ଟର ଛୋଟ ବଡ଼ ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମୁଗ ବିହନ ପ୍ରଦାନ କରାଯାଇଥିଲା ବେଳେ ୫୦ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ବିରି ବିହନ ପ୍ରଦାନ କରାଯାଇଛି। ତଳଗୋପବିନ୍ଧା ପଞ୍ଚାୟତରେ ୧୦୦ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମୁଗ ବିହନ ପ୍ରଦାନ କରାଯାଇଥିଲା ବେଳେ ୫୦ ହେକ୍ଟର ଛୋଟ ବଡ଼ ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ବିରି ବିହନ ପ୍ରଦାନ କରାଯାଇଛି। ଗୁଆମାଳ ପଞ୍ଚାୟତରେ ୧୫୦ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମୁଗ ବିହନ ଓ ୨୫ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ବିରି ବିହନ ମାଗଣାରେ ପ୍ରଦାନ କରାଯାଇଛି। ଏହି ଛୋଟ ବଡ଼ ଚାଷୀଙ୍କୁ ସରକାରଙ୍କ ସହ ବାହାର ସ୍ୱୀକୃତିପ୍ରାପ୍ତ ଡିଲରଙ୍କଠାରୁ ଏହି ଚାଷ ନିମନ୍ତେ ପ୍ରୟୋଜନ ବିଷ, ଅଣୁସାର ଅନ୍ୟାନ୍ୟ ସାମଗ୍ରୀ ଯେତିକି ଟଙ୍କାରେ କିଣିବେ ସେତିକି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ସରକାର ଫେରସ୍ତ କରିବେ ବୋଲି ଜଣାଯାଇଛି।

## ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର

ଦୋଳସାହି,୧୧।୨(ସମିସ): ତିହିଡ଼ି ପୁରୁଣା ହାଟଠାରୁ କଲେଜ ଛକ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସହ ଅଙ୍କାବଙ୍କା ନିର୍ମାଣ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ସୂଚନା ମୁତାବକ, ଭଦ୍ରକ-ଚାନ୍ଦବାଲି ରାଜପଥ ରାସ୍ତାର ତିହିଡ଼ି ପୁରୁଣା ହାଟଠାରୁ କଲେଜ ଛକ ପର୍ଯ୍ୟନ୍ତ ୬କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାଯାଇଥିଲା ବେଳେ ଏହି ନିର୍ମାଣ କାର୍ଯ୍ୟ ନିମ୍ନମାନର ସହ ଅଙ୍କାବଙ୍କା ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ଏହି ଡ୍ରେନେଜ୍ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗତ କିଛିଦିନ ତଳେ ତିହିଡ଼ି ବ୍ଲକ୍ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। କାର୍ଯ୍ୟ ନିମ୍ନମାନର ନେଇ ସମସ୍ତ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲାବେଳେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଅଙ୍ଗନବାଡ଼ି କର୍ମୀ ଶୁଭଲକ୍ଷ୍ମୀ ସମ୍ମାନିତ

ସୁକିନ୍ଦା,୧୧।୨(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ବର୍ତ୍ତଣ୍ଡା ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଶୁଭଲକ୍ଷ୍ମୀ ମହାନ୍ତିଙ୍କୁ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଛି। ସୁକିନ୍ଦା ବ୍ଲକ ଅଧୀନ ୨୮ ୫ଟି ଅଙ୍ଗନବରଡି କେନ୍ଦ୍ର ମଧ୍ୟରୁ ବର୍ତ୍ତଣ୍ଡା-୧



ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଶୁଭଲକ୍ଷ୍ମୀ ମହାନ୍ତି ନିଜର ଉତ୍ତମ କାର୍ଯ୍ୟଶୈଳୀ, ଦାୟିତ୍ୱବୋଧ ଓ ସମର୍ପଣ ଭାବନା ପାଇଁ ଏହି ସମ୍ମାନରେ ସମ୍ମାନିତ ହୋଇଥିବା ଜଣାପଡିଛି। ଦାନଗଦି ବ୍ଲକ ଅନ୍ତର୍ଗତ ମହାପାଟ ପଡିଆ ଠାରେ ଅନୁଷ୍ଠିତ ସୁକିନ୍ଦା ଶିଳ୍ପ ମହୋତ୍ସବରେ ଶୁଭଲକ୍ଷ୍ମୀଙ୍କୁ ସମ୍ମାନିତ କରାଯାଇଛି। ମହୋତ୍ସବ ମଞ୍ଚରେ ସୁକିନ୍ଦା ବ୍ଲକ ବିଡ଼ିଓ ପ୍ରଜ୍ଞାପରମିତା ପୃଷ୍ଟି, ଦାନଗଦି ବ୍ଲକ ବିଡ଼ିଓ ପ୍ରଦୀପ କୁମାର ସେଠୀ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସୁଜାତା ମହାପାତ୍ର, ସମାଜସେବୀ ରମଣୀ ରଞ୍ଜନ ବଳସାମନ୍ତ ଓ ଓଡ଼ିଶା ମାଇନିଂ ୱାର୍କର ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ଶୁଭଲକ୍ଷ୍ମୀଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହ ଓ ପ୍ରେରଣା ଦେବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

## ସମାଜସେବୀଙ୍କ ପରଲୋକ

ଅସୁରାଳି,୧୧।୨(ସମିସ): ହସନାବାଦ ପଞ୍ଚାୟତ ପଣ୍ଡା ସାହି ଗ୍ରାମର ସମାଜସେବୀ ତଥା ଅନୁକମ୍ପା ମହିଳା ସଂଗଠନର ଉପସଭାପତି ନମିତା ପଣ୍ଡାଙ୍କ ପିତା ମହେନ୍ଦ୍ର ପଣ୍ଡାଙ୍କର ୭୬ ବର୍ଷ ବୟସରେ ପରଲୋକ ହୋଇଛି। ଦୀର୍ଘ ୬ ବର୍ଷ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଘରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ଅନେକ ନେତା, ସମାଜସେବୀ ତଥା ଧୂଷୁରୀ ପ୍ରେସ୍ ୟୁନିୟନର ସଭାପତି ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ



ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ, ରମାକାନ୍ତ କୁଅଁର, ତନ୍ମୟ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଆଶିଷ ଜେନା, ଚତୁର୍ଭୁଜ ନାୟକ, ଧୂଷୁରୀ ପ୍ରେସ୍ ୟୁନିୟନ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଳ ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ମୁଖାଗ୍ନି ଦେଇଥିଲେ ମଧ୍ୟମ ପୁତ୍ର ପ୍ରମୋଦ ପଣ୍ଡା। ବଡ଼ ପୁତୁରା ଦେବେନ୍ଦ୍ର ପଣ୍ଡା, ସାନ ପୁଅ ପ୍ରିୟବ୍ରତ ପଣ୍ଡା ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ହରିହର ଭେଟ ପ୍ରସ୍ତୁତି

ଭଦ୍ରକ, ୧୧।୨ (ସମିସ): ଭଦ୍ରକ ଶ୍ରୀବାଳଗୋପାଳ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥଙ୍କ ସ୍ତୁତିପାଠ ପୂର୍ବକ ବାର୍ଷିକ ପ୍ରତିଷ୍ଠା ସମାରୋହର ଆୟବ୍ୟୟ ପାଠ କରାଯାଇ ଗୃହୀତ ହୋଇଥିଲା। ଏଥିରେ ଆସନ୍ତା ୧୫ ତାରିଖ ମହାଶିବରାତ୍ରୀ ଜାଗର ସମାରୋହରେ ଭଦ୍ରକର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଶ୍ରୀ ଆଖଣ୍ଡଳମଣି ପୀଠରେ ପତ୍ର ସମିତି ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ହରିହରଙ୍କ ସ୍ତୁତି, ଭଜନ, କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟ ଏକ ପ୍ରସ୍ତାବରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି କରାଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିବାରୁ ସମିତି ପକ୍ଷରୁ ଏହାକୁ ଘୋର୍ ବିରୋଧ କରାଯିବା ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଓ ସଭାପତି ଠାକୁର ରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବ ମହାରାଜ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିବା, ମୋବାଇଲ୍ ବ୍ୟବହାର କରା ନ ଯିବାକୁ ଦୃଢ଼ ଦାବି କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଆବାହକ ଶରତ କୁମାର କର, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ, କାଳନ୍ଦି ଚରଣ ପାଣିଗ୍ରାହୀ, ବାବୁଲାଲ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

